

ଅକ୍ଷର ପଟେଲ୍ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ହେବେ ପୃଷ୍ଠା ୬


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 204 | ଭାଗ ୩୨ | ସଂଖ୍ୟା୨୦୪ Bhubaneswar | Friday 18 October 2024 | Page 8 Rs. 4.00 ଭୁବନେଶ୍ୱର | ଶୁକ୍ରବାର ୧୮ ଅକ୍ଟୋବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


### କ୍ରୀତଦାସଙ୍କ ଫତୁଆ

# ସନ୍ୟାସୀଙ୍କ ନାଁରେ କହିଲେ ଚଉଦ ପୁରୁଷ ଉଦ୍ଧାର

**ଭଣ୍ଡ ସନ୍ୟାସୀଙ୍କ ଢାଲ ସାଜୁଛନ୍ତି ବିଜେଡି ନେତା**

**ନବୀନଙ୍କୁ ମାରୁଛନ୍ତି ତେରେଛା ବାଣ**

**ବିଜେଡିକୁ ସନ୍ୟାସୀ କଲେଣି ଦୁଇ ଫାଳ**

**ଭୁବନେଶ୍ୱର,୧୭।୧୦ (ସଂଚାର ବ୍ୟୁରୋ):** ଭଣ୍ଡ ସନ୍ୟାସୀଙ୍କ ସୁରକ୍ଷା ପାଇଁ ବିଜେଡିର ଗୋଟିଏ ଗୋଷ୍ଠି ଏବେ ଢାଲ ସାଜିଛନ୍ତି । ସନ୍ୟାସୀଙ୍କ ଆଡକୁ କିଏ ପଦୁଟିଏ ସମାଲୋଚନା ବାକ୍ୟ ଫୋପାଡିଲେ ଏମାନେ ତାଙ୍କୁ ଦଳରୁ ତଡିବାପାଇଁ ଭିଡି ଯାଉଛନ୍ତି । ଭଣ୍ଡ ସନ୍ୟାସୀଙ୍କ ପାଇଁ ବିଜେଡିର ଗୋଟିଏ ଗୋଷ୍ଠି ହଟାତ୍ ଏଭଳି ରକ୍ତମୁଖା ସାଜିବା ଏବେ ଦଳରେ ଅନେକଙ୍କୁ ଖାଲି ଆଶ୍ଚର୍ଯ୍ୟ କରିନାହିଁ ରାଜ୍ୟ ରାଜନୀତିକୁ ଆଲୋଚନାର ଖୋରାକ ଯୋଗାଇଛି।

ବିଜେଡି ନିର୍ବାଚନ ହାରିବାପରେ ନିଜକୁ ଦଳର ସର୍ବେସର୍ବା କହୁଥିବା ଭି କେ ପାଣ୍ଡିଆନ ରାଜନୀତିରୁ ସନ୍ୟାସ ଘୋଷଣା କରିଥିଲେ। କିଛି ଦିନ ନିରବ ରହିବାପରେ ସିଏ ଏବେ ଧିରେ ଧିରେ ବିଜେଡିର ମାର୍ଗଦର୍ଶକ ସାଜିବାରେ ଲାଗିଛନ୍ତି । ପରଦା ପଛରେ ରହି ପୂର୍ବଭଳି ଗୋଟି ଚଳାଉଛନ୍ତି । ଦଳୀୟ ନେତାଙ୍କୁ ଉଠବସ୍ କରୁଛନ୍ତି। ନେତାମାନେ ବି ଗଦ ଶୁଙ୍ଘିଲା ଭଳି ଆଚରଣ କରୁଛନ୍ତି । ସନ୍ୟାସ ଘୋଷଣା ପରେ ତାଙ୍କର ଏଭଳି କ୍ଷମତା ଲୋଭ ଦେଖି ଖୋଦ୍ ବିଜେଡି କର୍ମୀମାନେ ତାଙ୍କୁ ଭଣ୍ଡ ସନ୍ୟାସୀ ବୋଲି କହିବାକୁ ପଛାଉନାହାନ୍ତି।

ତେବେ ଗତ କିଛି ଦିନ ହେଲା ବିଜେଡିର ପରାଜୟ ପାଇଁ ପ୍ରସନ୍ନ ପାଟଶାଣୀ ଓ ଅମର ଶତପଥୀଙ୍କ ଭଳି କିଛି ନେତା ଏହି ଭଣ୍ଡ ସନ୍ୟାସୀଙ୍କ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରିବାପରେ ବିଜେଡିର ଗୋଟିଏ ଗୋଷ୍ଠି ରକ୍ତମୁଖା ହୋଇପଡିଛନ୍ତି । ଘଇତା ପଛେ ମରୁ..ସଉତୁଣି ରାଣ୍ଡ ହେଉ ନ୍ୟାୟରେ ଏବେ ଦଳର ପ୍ରତିଷ୍ଠାତା ସଦସ୍ୟ, ବରିଷ୍ଠ ନେତାମାନଙ୍କୁ ଅତି କଟୁ ଭାଷାରେ ଗାଳି ଗୁଲଜ କରୁଛନ୍ତି । ଦଳ ଛାଡିବାକୁ କହୁଛନ୍ତି । ସେମାନଙ୍କର ହାବଭାବରୁ ଯାହା ଜଣାପଡୁଛି ଯାହାକୁ ଯାହା କହୁଛ କୁହ, ହେଲେ ସନ୍ୟାସୀଙ୍କ ବାବଦରେ ମୁହଁ ଖୋଲନି।

କାରଣ ବିଜେଡି ହାରିବାପରେ କିଛି ନେତା ହାରିବାର କାରଣ ଖୋଜିବାପାଇଁ ଦାବି କରିବା ସହିତ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ସମାଲୋଚନା କରିବାକୁ ପଛାଇନଥିଲେ। ହେଲେ ଏବେ ସନ୍ୟାସୀଙ୍କ ସୁରକ୍ଷାରେ ବାହାରୁଥିବା ଜଣେ ହେଲେ କେହି ନବୀନଙ୍କ ସୁରକ୍ଷାରେ ଏଭଳି ଭାବେ ଆଗକୁ ଆସିନଥିଲେ । ଯିଏ ମୁହଁ ଖୋଲୁଛ ସିଏ ଦଳରୁ ତୁରନ୍ତ ବାହାରିଯାଅ। ସେହିଭଳି କ୍ୱାର୍ଟର୍ସ ମାମଲାକୁ ନେଇ ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସମାଲୋଚନାର ଶରବ୍ୟ ହୋଇଥିବାବେଳେ ତାଙ୍କ ପାଇଁ ବି ପଦୁଟିଏ ହେଲେ କେହି କହିବାକୁ ବାହାରିନଥିଲେ। ଏବେ ତ ଅବସ୍ଥା ଏଭଳି ହୋଇଛି ଯେ ସନ୍ୟାସୀଙ୍କ ସୁରକ୍ଷା ପାଇଁ ତାଙ୍କର କିଛି ଭକ୍ତ ନବୀନଙ୍କୁ କାଠଗଡାରେ ଛିଡା କରାଇବାକୁ ପଛାଉନାହାନ୍ତି। ସାଂସଦ ଦେବାଶିଷ ସାମନ୍ତରାୟ ସିଧାସଳଖ କହିଛନ୍ତି ଯାହା କହିବାର ଅଛି ନବୀନଙ୍କୁ କୁହ, ପାଣ୍ଡିଆନଙ୍କୁ କୁହନାହିଁ। କାରଣ ସିଏ ଆମ ନେତା ନଥିଲେ । ହେଲେ ବାସ୍ତବତା ଟି କ'ଣ ଓ କିଏ ନେତା ସାଜି ବିଜେଡିକୁ ବାଟ ଦେଖାଉଥିଲା ତାହା ଦେବାଶିଷଙ୍କ ସମେତ ଦଳର ପ୍ରାୟ ସମସ୍ତେ ଜାଣିଛନ୍ତି।

ତେବେ ନିର୍ବାଚନ ହାରିବାର ଚାରି ମାସ ପରେ ସନ୍ୟାସୀଙ୍କୁ ନେଇ ବିଜେଡି ଯେଭଳି ଦୁଇଫାଳ ➣ପୃଷ୍ଠା-୬



ଉଜ୍ଜୈନ ବାସିନ୍ଦା ନିକିତା ପୋରୱାଲଙ୍କ ଫେମିନା ମିସ୍ ଇଣ୍ଡିଆ-୨୦୨୪ ଟାଇଟଲ୍ ହାସଲ। ଫେମିନା ମିସ୍ ଇଣ୍ଡିଆ ୨୦୨୩ର ବିଜେତା ନନ୍ଦିନୀ ଗୁପ୍ତା ନିକିତାଙ୍କୁ ମୁକୁଟ ପିନ୍ଧାଇଥିଲେ। ଏହା ମୁମ୍ବାଇର ୱର୍ଲିରେ ଅନୁଷ୍ଠିତ ହୋଇଥିଲା।

## ଏବେ ନାହିଁ ବାତ୍ୟା ଭୟ

**ଭୁବନେଶ୍ୱର ୧୭।୧୦ (ସଂଚାର ବ୍ୟୁରୋ):** ଓଡ଼ିଶାରେ ବାତ୍ୟା ଆସିବା ନେଇ ଚର୍ଚ୍ଚା ହେଉଛି। ହେଲେ ଭାରତୀୟ ପାଣିପାଗ(ଆଇଏମ୍‌ଡି) ପକ୍ଷରୁ କୁହାଯାଇଛି, ବାତ୍ୟା ନେଇ ଏପର୍ଯ୍ୟନ୍ତ କିଛି ଆକଳନ କରାଯାଇନି। ଅବପାତ ନେଇ ପୂର୍ବାନୁମାନ କରାଯାଇଛି। ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର



କହିଛନ୍ତି, ଆସନ୍ତା ୨୦ ତାରିଖ ସୁଦ୍ଧା ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାକୁ ଯାଉଛି। ୨୨ ତାରିଖ ବେଳକୁ ଏହା କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପରେ ପରିଣତ ହେବ। କ୍ରମେ ଲଘୁଚାପ କ୍ଷେତ୍ର ଉତ୍ତର ପଶ୍ଚିମ ➣ପୃଷ୍ଠା-୬

## ମା'ଙ୍କ ଶରଣରେ ଏକାମ୍ର ନେତା

**ଭୁବନେଶ୍ୱର,୧୭।୧୦ (ସଂଚାର ବ୍ୟୁରୋ):** ଏକାମ୍ର ନିର୍ବାଚନମଣ୍ଡଳୀର ଦୁଇ ନେତା ଏବେ ମା'ଙ୍କ ଶରଣରେ । ଜଣେ ଆସାମ ଯାଇ କାମାକ୍ଷା ଦେବୀଙ୍କ ନିକଟରେ ପୂଜାପାଠ ଚଳାଇଥିବାବେଳେ ଆଉ ଜଣେ ଉଗ୍ରତାରା ପୀଠରେ ଶରଣ ପଶିଛନ୍ତି । ଗତ କିଛିଦିନ ହେଲା ଏହି ଦୁଇ ନେତା ମୁହାଁମୁହିଁ ହେବାପରେ ବରିଷ୍ଠ ନେତା ଜଣଙ୍କ ଆସାମ ଗସ୍ତକରି ଶତ୍ରୁନାଶ ପାଇଁ କାମାକ୍ଷାଙ୍କ ନିକଟରେ ପୂଜାପାଠ କରୁଛନ୍ତି । ତେବେ ଏହାର ସୂଚନା ପାଇଲା ପରେ ଏକାମ୍ରର କନିଷ୍ଠ ନେତା ତୁରନ୍ତ ହାତ ପାଆନ୍ତାରେ ଥିବା ଉଗ୍ରତାରା ପୀଠରେ ପୂଜାର୍ଚ୍ଚନା ଚଳାଇଛନ୍ତି। କାମାକ୍ଷା ପୀଠରେ ଚାଲିଥିବା ପୂଜାପାଠ କାଳେ କିଛି ଅନିଷ୍ଟ କରିବ ସେହି ଭୟରେ କନିଷ୍ଠ ନେତା ଜଣଙ୍କ ଉଗ୍ରତାରା ପୀଠରେ ଏକାଗ୍ର ଚିତ୍ତରେ ପୂଜା କରୁଥିବାବେଳେ କାମାକ୍ଷା ସଂକ୍ରାନ୍ତରେ କିନ୍ତୁ ଖବର ସଂଗ୍ରହ କରୁଛନ୍ତି। ତେଣେ କାମାକ୍ଷାପୀଠରେ ପୂଜାପାଠ ଚଳାଇଥିବା ବରିଷ୍ଠ ନେତାଙ୍କ ନିକଟରେ ଉଗ୍ରତାରା ପୀଠର ଖବର ପହଁଚିବାପରେ ସିଏ କୁଆଡେ ପୂଜା ବିଧିରେ କେତେକ ପରିବର୍ତ୍ତନ କରିଥିବାର ସୂଚନା ଆସି ପହଁଚିଛି । ତେବେ ଗତ କିଛିଦିନ ହେଲା ବୟାନବାଜିରେ ମାତିଥିବା ଏକାମ୍ରର ଦୁଇ ନେତା ହଠାତ୍ ମା'ଙ୍କ ଶରଣରେ ପଶିବା ଏବେ ରାଜଧାନୀରେ ଚର୍ଚ୍ଚାର ବିଷୟ ପାଲଟିଛି ।

## ଜଷ୍ଟିସ ସଞ୍ଜୀବ ଖାନ୍ନା ହେବେ ସିଜେଆଇ



**ନୂଆଦିଲ୍ଲୀ, ୧୭।୧୦:** ଜଷ୍ଟିସ ସଞ୍ଜୀବ ଖାନ୍ନା ହେବେ ସୁପ୍ରିମକୋର୍ଟର ପରବର୍ତ୍ତୀ ପ୍ରଧାନ ବିଚାରପତି। ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡଙ୍କ ଅବସର ପରେ ସେ ସର୍ବୋଚ୍ଚ ନ୍ୟାୟାଳୟର ୫୧ତମ ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ନେବେ। ଏନେଇ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ସୁପାରିସ କରିଛନ୍ତି ପ୍ରଧାନ ➣ପୃଷ୍ଠା-୬

## ପ୍ରଭାତ ସାମନ୍ତରାୟଙ୍କ ପରଲୋକ



**ଭୁବନେଶ୍ୱର,୧୭।୧୦ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଲୋକସଭା ନିର୍ବାଚନମଣ୍ଡଳୀର ପୂର୍ବତନ ସାଂସଦ ପ୍ରଭାତ ସାମନ୍ତରାୟଙ୍କ ପରଲୋକ ଘଟିଛି। ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ସେ ବାର୍ଦ୍ଧକ୍ୟ ଜନିତ କାରଣରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ପ୍ରଭାତଙ୍କ ଦେହାନ୍ତ ସମ୍ପର୍କରେ ସାନ ପୁଅ ସିଦ୍ଧାର୍ଥ ସାମନ୍ତରାୟ ସୂଚନା ଦେଇଛନ୍ତି। ବ୍ରେନଷ୍ଟ୍ରୋକ୍‌ରେ ପରଲୋକ ଘଟିଥିବା ପରିବାର ଲୋକେ ସୂଚନା ଦେଇଛନ୍ତି। ତାଙ୍କ ପରଲୋକ ଖବର ପାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଅନ୍ତର୍ଗତ ଶାସନିପଡ଼ାରେ ୨୨ ଏପ୍ରିଲ ୧୯୫୦ରେ ଜନ୍ମ ଗ୍ରହଣ କରିଥିବା ପ୍ରଭାତ କୁମାର ସମାନ୍ତରାୟ ନିଜ ରାଜନୈତିକ ଜୀବନ ➣ପୃଷ୍ଠା-୬




## 'ବିକାଶ' ଏକମାତ୍ର ଏଜେଣ୍ଡା

**ଏନଡିଏ ମୁଖ୍ୟମନ୍ତ୍ରୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା**

**ନୂଆଦିଲ୍ଲୀ,୧୭।୧୦ (ଏଜେନ୍ସି):** ଏନଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ସହ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ବିଭିନ୍ନ କ୍ଷେତ୍ରରେ ବିକାଶକୁ ନେଇ ଆଲୋଚନା କରିଛନ୍ତି। ଆର୍ଥିକ ଅନଗ୍ରସର ଲୋକଙ୍କ ଉତଥାନ ସହ ରାଜ୍ୟରେ କିଭଳି ଭାବେ ବିକାଶମୂଳକ ଯୋଜନାର ସଫଳ ରୂପାୟନ ହୋଇପାରିବ ସେନେଇ ପ୍ରଧାନମନ୍ତ୍ରୀ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରିଛନ୍ତି। ଜାତୀୟ ସ୍ତର ସହ ରାଜ୍ୟଗୁଡିକର ସମତୁଲ ବିକାଶକୁ ପ୍ରାଧାନ୍ୟ ଦେଇଛନ୍ତି ପ୍ରଧାନମନ୍ତ୍ରୀ। ନିର୍ବାଚନ ସମୟରେ ଏନଡିଏ ଦେଇଥିବା ସବୁ ପ୍ରତିଶ୍ରୁତି କିଭଳି କାର୍ଯ୍ୟକାରୀ ହେବ ସେନେଇ ରାଜ୍ୟର ଶାସନ ମୁଖ୍ୟମାନେ ଗୁରୁତ୍ୱ ଦେବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସବୁ ସ୍ତରର ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶ ଏନଡିଏର ଆଭିମୁଖ୍ୟ। ସେହିଭଳି ରାଜ୍ୟଗୁଡିକ ଦେଶର ସାମଗ୍ରିକ ବିକାଶରେ ସହଭାଗୀ ହେବା ଉପରେ ମଧ୍ୟ ମୋଦି ଗୁରୁତ୍ୱ ଦେଇଛନ୍ତି।

### ଦିଲ୍ଲୀରେ ଓଡ଼ିଆ ଝିଅ ବଳାତ୍କାର ମାମଲା

## ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୭।୧୦ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀ ଗସ୍ତ ସମୟରେ ଦିଲ୍ଲୀରେ ଓଡ଼ିଆ ଯୁବତୀଙ୍କୁ ଦୁଷ୍କର୍ମ ଘଟଣାର ବିଭିନ୍ନ ଦିଗ ସମ୍ପର୍କରେ ସମୀକ୍ଷା କରିଛନ୍ତି। ପୀଡିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ସୁସ୍ଥତା, ଦିଲ୍ଲୀ ପୋଲିସ ଦ୍ୱାରା ଚାଲିଥିବା ତଦନ୍ତର ଅଗ୍ରଗତି ଆଦି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଛନ୍ତି। ଏହି ଅବସରରେ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ଏସ୍ ସାଇନି ଏହି ମାମଲାର ଅଗ୍ରଗତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ସମସ୍ତ ସୂଚନା ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାରଙ୍କ ସହଯୋଗରେ ପୀଡିତାଙ୍କ ପରିବାର ସଦସ୍ୟ ସେଠାରେ ଉପସ୍ଥିତ ରହିଛନ୍ତି। ଉକ୍ତ ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଚିହ୍ନଟ କରାଯିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଓଡ଼ିଶା ପୋଲିସର ବରିଷ୍ଠ ପୋଲିସ ଅଧିକାରୀଗଣ ଦିଲ୍ଲୀ ପୋଲିସ ସହ ଯୋଗାଯୋଗରେ ଅଛନ୍ତି।

## ହମାସ୍ ମୁଖ୍ୟ ସିନୱାର ନିହତ!



**ଜେରୁଜେଲମ, ୧୭।୧୦:** ହମାସ ଉପରେ ଇସ୍ରାଏଲ୍ ଭୟଙ୍କର ପ୍ରତିଶୋଧ ନେଇଛି। ଇସ୍ରାଏଲ୍ ସେନା (ଆଇଡିଏଫ୍) ପକ୍ଷରୁ ଗାଜା ଷ୍ଟ୍ରିପରେ ଏୟାର ଷ୍ଟ୍ରାଇକ ସମୟରେ ହମାସ ମୁଖ୍ୟ ୟାହ୍ୟା ସିନୱାର ନିହତ ହୋଇଥିବା ଆଶଙ୍କା କରାଯାଇଛି। ହେଲେ ସିନୱାର ମୃତ୍ୟୁ ସଂପର୍କରେ ହମାସ ପକ୍ଷରୁ ତୁରନ୍ତ କିଛି ପ୍ରତିକ୍ରିୟା ପ୍ରକାଶ ପାଇନି। ଆଇଡିଏଫ୍ ପକ୍ଷରୁ ଏକ୍ସରେ କୁହାଯାଇଛି, ଅପରେସନ୍ ବେଳେ ୩ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ସିନୱାର ଭଳି ମନେ ହେଉଛି। ମୃତ୍ୟୁ ସଂପର୍କରେ ନିର୍ଦ୍ଦିଷ୍ଟ ଭାବେ କିଛି ଜଣାପଡୁ ନ ଥିଲେ ସୁଦ୍ଧା ଆଇଡିଏଫ୍ ଏବଂ ଆଇଏସ୍‌ଏ ପକ୍ଷରୁ ଯାଞ୍ଚ କରାଯାଉଛି। ଯେଉଁ ଅଟ୍ଟାଳିକାରେ ଆକ୍ରମଣ କରାଯାଇଥିଲା, ➣ପୃଷ୍ଠା-୬

## ଲୋକମାନ୍ୟ ତିଳକ ଲାଇନଚ୍ୟୁତ

**ନୂଆଦିଲ୍ଲୀ,୧୭।୧୦:** କିଛି ମାସ ହେଲା କ୍ରମାଗତ ଭାବେ ଟ୍ରେନ ଦୁର୍ଘଟଣା ଘଟିଚାଲିଛି। ଗୁରୁବାର ଅପରାହ୍ଣରେ ଅଗରତାଲା-ମୁମ୍ବାଇ ଲୋକମାନ୍ୟ ତିଳକ ଟର୍ମିନସ ଏକ୍ସପ୍ରେସ୍ ଆସାମର ଦିମା ହାସାଓ ଜିଲ୍ଲା ଦିବଲଙ୍ଗ ଷ୍ଟେସନରେ ଲାଇନ୍‌ଚ୍ୟୁତ ହୋଇଛି। ଉତ୍ତର ପୂର୍ବ ସୀମାନ୍ତ ରେଳବାଇର ସିପିଆର୍‌ଓଙ୍କ ସୂଚନା ଅନୁଯାୟୀ, ଅପରାହ୍ଣ ପ୍ରାୟ ୪ଟାରେ ରେଳରେଲଓ୍ୱେର ସୂଚନା ଅନୁଯାୟୀ, ଅଗରତାଲା-ଲୋକମାନ୍ୟ ତିଳକ ଟର୍ମିନସ ଏକ୍ସପ୍ରେସ୍‌ର ୮ଟି ବଗି ଲାଇନଚ୍ୟୁତ ହୋଇଛି। ତେବେ କେହି ମୃତାହତ ହୋଇଥିବା ସୂଚନା ମିଳିନାହିଁ। ଗୁରୁବାର ସକାଳେ ୧୨୫୨୦ ଅଗରତାଲା - ମୁମ୍ବାଇ ଲୋକମାନ୍ୟ ତିଳକ ଟର୍ମିନାସ ଅଗରତାଲା ଛାଡିଥିଲା। ଏହା ଲୁମଡିଙ୍ଗ ଡିଭିଜନ ଅନ୍ତର୍ଗତ ଡିବଲୋଙ୍ଗ ଷ୍ଟେଶନର ଲୁମଡିଙ୍ଗ- ବଦରପୁର ହିଲ ସେକ୍ସନରେ ଲାଇନଚ୍ୟୁତ ହୋଇଥିଲା। ସହାୟତା ପାଇଁ ରିଲିଫ ଓ ମେଡିକାଲ ଟ୍ରେନ ଏବଂ ବରିଷ୍ଠ ରେଳବାଇ ଅଧିକାରୀ ଘଟଣାସ୍ଥଳକୁ ଯାଇଛନ୍ତି। ଲୁମଡିଙ୍ଗ-ବଦରପୁର ସିଙ୍ଗଲ ଲାଇନରେ ଟ୍ରେନ ଚଳାଚଳ ସ୍ଥଗିତ ରଖାଯାଇଛି। ରେଳବାଇ ପକ୍ଷରୁ ହେଲ୍ପଲାଇନ ନମ୍ବର- ୦୩୬୭୪ ୨୬୩୧୨୦, ୦୩୬୭୪ ୨୬୩୧୨୬ ଜାରି କରାଯାଇଛି।



## ବଦଳିଲା ଟ୍ରେନ ଟିକେଟ ବୁକିଂ ନିୟମ

**୬୦ ଦିନକୁ କମିଲା ଆଗୁଆ ସଂରକ୍ଷଣ**

**ନୂଆଦିଲ୍ଲୀ, ୧୭।୧୦:** ବଦଳିଲା ଟ୍ରେନ ଟିକେଟ ବୁକିଂ ନିୟମ। ୪ ମାସ ପୂର୍ବରୁ ଏଣିକି ଆଉ ବୁକିଂ ହୋଇପାରିବନି। ଆଗୁଆ ବୁକିଂ କେବଳ ୨ ମାସ ପୂର୍ବରୁ ହିଁ ହୋଇପାରିବ । ଅର୍ଥାତ ୬୦ ଦିନ ପୂର୍ବରୁ ଖୋଲିବ ରିଜର୍ଭେସନ ୱିଣ୍ଡୋ। ପୂର୍ବରୁ ଏହି ସମୟ ସୀମା ୧୨୦ ଦିନ ଥିବାବେଳେ, ଏହାକୁ ହ୍ରାସ କରାଯାଇ ୨ ମାସ ରଖାଯାଇଛି।

ରେଳ ମନ୍ତ୍ରାଳୟ ତରଫରୁ ଦିଆଯାଇଥିବା ସୂଚନା ଅନୁସାରେ କେହି ଯାତ୍ରୀ ଆଗୁଆ ଟ୍ରେନ ଟିକେଟ୍ ବୁକିଂ କରିବାକୁ ଚାହୁଁଥିଲେ ସେ ଯାତ୍ରାର ୨ ମାସ ପୂର୍ବରୁ ଟିକେଟ୍ ଆଡଭାନ୍ସ ବୁକ୍ କରିପାରିବେ। ପୂର୍ବରୁ ୪ ମାସ ଆଗରୁ ବୁକିଂ ହୋଇପାରୁଥିଲା । ହେଲେ ଏବେ ଏହି ନିୟମରେ ପରିବର୍ତ୍ତନ କରାଯାଇଥିବା ନେଇ ରେଳ ମନ୍ତ୍ରାଳୟ ପକ୍ଷରୁ ନୋଟିସ ଜାରି କରାଯାଇଛି। ନଭେମ୍ବର ପହିଲାରୁ ନୂଆ ନିୟମ ଲାଗୁ ହେବ। ଅକ୍ଟୋବର ଶେଷ ପର୍ଯ୍ୟନ୍ତ ୧୨୦ ଦିନ ଏଆର୍‌ପି ଅଧୀନରେ କରାଯାଇଥିବା ସମସ୍ତ ବୁକିଂ ଅକ୍ଷୁଣ୍ଣ ରହିବ। ସେହିପରି ପର୍ଯ୍ୟଟମାନେ ବର୍ଷକ ପୂର୍ବରୁ ଆଡଭାନ୍ସ ବୁକିଂ କରିପାରିବେ ।

ଆଗକୁ ଦୀପାବଳି ଓ ଛଟ୍ ପୂଜା ରହିଥିବାବେଳେ ଟ୍ରେନ ଟିକେଟ ମିଳିବାରେ ସମସ୍ୟା ଉପୁଜିବାରେ। ଏହି ସମୟରେ ଛୁଟି ରହିଥିବାରୁ ଅଧିକାଂଶ ଲୋକ ଘରକୁ ଫେରିଥାନ୍ତି। ଏପରି ସ୍ଥଳେ ପ୍ରବଳ ଭିଡ଼ ଯୋଗୁ ଟିକେଟ ମିଳିବାରେ ସମସ୍ୟା ଦେଖାଦିଏ । ଏମିତିକି ପୂର୍ବରୁ ଯାତ୍ରୀମାନେ ଅଭିଯୋଗ ଆଣିଥିଲେ ଯେ ବୁକିଂ ଆରମ୍ଭରୁ ହିଁ ଏଜେଣ୍ଟମାନେ ସିଟ୍ କବ୍‌ଜା କରନିଅନ୍ତି। ଫଳରେ ଟିକେଟ୍ ମିଳିବାରେ ବାଧା ଦେଖାଦିଏ । ଏସବୁକୁ ନଜରରେ ରଖି ନିୟମ ପରିବର୍ତ୍ତନ କରିଛି ଭାରତୀୟ ରେଳବାଇ ।

## ଜାତୀୟ ଶିକ୍ଷା ନୀତି ଗଠନ ହେଲା ୬ ସବ୍‌କମିଟି



**ଭୁବନେଶ୍ୱର,୧୭।୧୦ (ସଂଚାର ବ୍ୟୁରୋ):** ଜାତୀୟ ଶିକ୍ଷା ନୀତି-୨୦୨୦କୁ ଓଡ଼ିଶାରେ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏଥିପାଇଁ ଆଜି ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଟାସ୍କଫୋର୍ସ ପୁନର୍ଗଠନ ସହ ୬ ଥିମେଟିକ୍ ସବ୍‌କମିଟି ଗଠନ କରାଯାଇଛି। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଜାତୀୟ ଶିକ୍ଷା ନୀତି-୨୦୨୦କୁ ରାଜ୍ୟରେ କାର୍ଯ୍ୟକାରୀ କରିବା ନିମନ୍ତେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ପୁର୍ନଗଠିତ ଟାସ୍କଫୋର୍ସରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ସଚିବ, ଅନୁସୂଚିତ ଜାତି ଓ ଜନଜାତି ବିଭାଗର ପ୍ରମୁଖ ସଚିବ, ପଂଚାୟତିରାଜ ବିଭାଗର ପ୍ରମୁଖ ସଚିବ, ଅର୍ଥ ବିଭାଗର ପ୍ରମୁଖ ସଚିବ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ସଚିବ, କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗର ପ୍ରମୁଖ ସଚିବ, ଉଚ୍ଚଶିକ୍ଷା ବିଭାଗର ସଚିବ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଭୁବନେଶ୍ୱରସ୍ଥିତ ରିଜିଓନାଲ ଇନଷ୍ଟିଚ୍ୟୁଟ୍ ଅଫ ଏଡୁକେସନର ପ୍ରିନ୍ସିପାଲଙ୍କୁ ଏକ୍ସଅଫିସିଓ ସଦସ୍ୟ ➣ପୃଷ୍ଠା-୬

# ଠିକା କର୍ମଚାରୀଙ୍କ ହାତରେ ଚିଲିକା ସୁରକ୍ଷା

**● ଅସୁରକ୍ଷିତ କର୍ମଚାରୀ ଧରିଛନ୍ତି ମଙ୍ଗ**

**● ଜଙ୍ଗଲ ବିଭାଗର ଜଙ୍ଗଲୀ ଶାସନ**

**ଭୁବନେଶ୍ୱର,୧୭।୧୦ (ସଂଚାର ବ୍ୟୁରୋ):** ବିଶ୍ୱ ପ୍ରସିଦ୍ଧ ଚିଲିକା ହ୍ରଦର ସୁରକ୍ଷା ପାଇଁ ରାଜ୍ୟ ସରକାର ଗଠନ କରିଥିଲେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ। ଖୋଦ୍ ମୁଖ୍ୟମନ୍ତ୍ରୀ ଏହାର ମୁଖିଆ । ତେବେ ଏହି ସଂସ୍ଥା ଆରମ୍ଭ ଠାରୁ ଠିକା କର୍ମଚାରୀଙ୍କ ହାତରେ ଚାଲିଛି । ଶହ ଶହ ଠିକା କର୍ମଚାରୀ ନିଜେ ଅସୁରକ୍ଷିତ ଜୀବନ ଯାପନ କରୁଥିବାବେଳେ ଚିଲିକାର ସୁରକ୍ଷା ଭାର ରହିଛି ଏମାନଙ୍କ ହାତରେ।

ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଅଧିନରେ ରହିଛି ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ। ତେବେ ଏଠାରେ କାର୍ଯ୍ୟ କରୁଥିବା ପ୍ରାୟତଃ ସମସ୍ତ କର୍ମଚାରୀ ହେଉଛନ୍ତି ଠିକା । ଜଙ୍ଗଲ ସେବାର ଯେଉଁ ବରିଷ୍ଠ ଅଧିକାରୀମାନଙ୍କୁ ଏଠାକାର ଦାୟିତ୍ୱରେ କିଛିଦିନ ପାଇଁ ପଠାଯାଏ ସେମାନେ ଅତିରିକ୍ତ ଭାବେ ଦାୟିତ୍ୱ ସମ୍ପାଦନ କରି ଚାଲିଯାନ୍ତି। ଠିକା କର୍ମଚାରୀ ନିୟମିତ ହେବେ କି ଠିକାରେ କେତେଦିନ କାମ କରିବେ ତାହା ବୁଝିବାକୁ ସେମାନଙ୍କ ନିକଟରେ ସମୟ ନଥାଏ।

ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ସରକାର ଜମି ଯୋଗାଇଦେବା ସହିତ ଚକ ଚକିଆ ଦପ୍ତର ବି ତିଆରି ହୋଇଛି। ଦପ୍ତରରେ ବଡ ବାବୁମାନଙ୍କ ପାଇଁ ସମସ୍ତ ପ୍ରକାର ସୁଖ ସ୍ୱାଚ୍ଛନ୍ଦର ବ୍ୟବସ୍ଥା କରାଯାଇଛି । ଏ ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଛି । ହେଲେ ଏହି ଦପ୍ତର ଓ ଏହା ଅଧିନରେ ଚିଲିକା ଓ ଅନ୍ୟାନ୍ୟ ସ୍ଥାନରେ ଥିବା ଦପ୍ତରର କର୍ମଚାରୀମାନେ କିଭଳି କାଳାତିପାତ କରୁଛନ୍ତି ସେଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ସରକାରୀ ନିୟମ ଅନୁଯାୟୀ କୌଣସି ସରକାରୀ ସଂସ୍ଥାରେ ୬ବର୍ଷ ଠିକାରେ କାର୍ଯ୍ୟ କରିବାପରେ କର୍ମଚାରୀମାନେ ଛାଏଁ ଛାଏଁ ନିୟମିତ ହେବାକଥା। ହେଲେ ସେ ଆଇନ୍‌ଟି ଏଠାରେ ବାଟ ଭାଙ୍ଗି ଚାଲିଯାଇଛି। କାଳେ ଠିକା କର୍ମଚାରୀମାନେ ଏକାଠି ହୋଇଯିବେ ସେଥିପାଇଁ କର୍ତ୍ତୃପକ୍ଷ କାଇଦାକରି କିଛି କର୍ମଚାରୀଙ୍କୁ ଆଉଟସୋର୍ସିଂ ତାଲିକାରେ ଭର୍ତ୍ତିକରି ଦେଇଛନ୍ତି । ସେମାନଙ୍କୁ ସବୁବେଳେ ନାଲିଆଖି ଦେଖାଉଛନ୍ତି।

ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛନ୍ତି ଚିଲିକାର ସୁରକ୍ଷା ପାଇଁ କର୍ତ୍ତୃପକ୍ଷ ଏକାଧିକ ଜାତୀୟ ଓ ଆର୍ନ୍ତଜାତୀୟ ପୁରସ୍କାର ପାଇବା ସହିତ ସରକାରଙ୍କ ପାଇଁ ସୁନାମ ଆଣିଛନ୍ତି । ହେଲେ ଯେଉଁମାନଙ୍କ ପାଇଁ ଏହି ସୁନାମ ମିଳିଛି ସେମାନଙ୍କ କଥା ଗତ ସରକାର ୨୫ବର୍ଷର ଶାସନକାଳ ମଧ୍ୟର ଥରୁଟିଏ ହେଲେ ବୁଝିପାରିଲେ ନାହିଁ। ଏହି ସଂସ୍ଥାକୁ କେନ୍ଦ୍ର ସରକାର, ରାଜ୍ୟ ସରକାର, ବହୁ ବିଦେଶୀ ସଂସ୍ଥା ବିପୁଳ ପରିମାଣରେ ଅନୁଦାନ ଓ ସହାୟତା ଯୋଗାଇ ଦେଉଥିବାବେଳେ ➣ପୃଷ୍ଠା-୬



# ଧରାପୃଷ୍ଠକୁ ମା' ଧନଦାତ୍ରୀଙ୍କ ଆଗମନ

**ଖୋର୍ଦ୍ଧା, ୧୭।୧୦ (ସଂଚାର ବ୍ୟୁରୋ) :** ପାର୍ବଣ ଋତୁରେ ଖୋର୍ଦ୍ଧା ସହର ହୋଇ ଉଠିଛି ଚଳଚଂଚଳ । ଆରମ୍ଭ ହୋଇଛି ଖୋର୍ଦ୍ଧାର ଭାଇଚାରା ପର୍ବ ଗଜଲକ୍ଷ୍ମୀ ପୂଜା । ଧରାପୃଷ୍ଠକୁ ଆଗମନ କରିଛନ୍ତି ମା ଗଜଲକ୍ଷ୍ମୀ । ମା ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତିକୁ ଚକ୍ଷୁଦାନ ସହ ମନ୍ତ୍ରଧ୍ୱନୀରେ ଆବାହନ କରାଯିବା ପରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି ବିଭିନ୍ନ ମଣ୍ଡପରେ। ମା'ଙ୍କୁ ଦର୍ଶନ କରିବା ପାଇଁ ପୂଜା ମଣ୍ଡପ ମାନଙ୍କରେ ଶ୍ରଦ୍ଧାଳୁ ମାନଙ୍କର ଭିଡ଼ ପରିଲକ୍ଷିତ ହୋଇଛି । ଖୋର୍ଦ୍ଧା ସହରର ୩୨ ଗୋଟି ମଣ୍ଡପରେ ମା' ଧନଧାତ୍ରୀ ପୂଜା ପାଉଛନ୍ତି । ରଙ୍ଗୀନ ଆଲୋକମାଳାରେ ପୂଜା ମଣ୍ଡପ ଗୁଡିକ ଆଲୋକିତ ହୋଇଛି ।

ପରମ୍ପରା ଅନୁଯାୟୀ ଏହି ପୂଜା ୭ ଦିନ ବ୍ୟାପି ଏଠାରେ ଅନୁଷ୍ଠିତ ହେବ । ମା' ଙ୍କ ପୂଜାକୁ ସରସ ସୁନ୍ଦର ସହ ଅଧିକ ଆକର୍ଷଣୀୟ କରିବା ପାଇଁ ବାଣିଜ୍ୟ ପ୍ରତିଷ୍ଠାନ ମଧ୍ୟରେ ଲାଗିଛି ଏକ ପ୍ରକାର ପ୍ରତିଯୋଗିତା । ଆୟୋଜକ ମାନଙ୍କ ପକ୍ଷରୁ ପୂଜାମଣ୍ଡପ ନିକଟରେ ସନ୍ଧ୍ୟାରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶ୍ରଦ୍ଧାଳୁମାନେ ମନଭରି ଉପଭୋଗ କରୁଛନ୍ତି । ଗଜଲକ୍ଷ୍ମୀ ପୂଜା ଅବସରରେ ସାର୍ବଜନୀନ ପୂଜା କମିଟି ଓ ଇଗଲ କ୍ଲବ ପକ୍ଷରୁ ଆୟୋଜିତ ୫୧ତମ କୁମାର ଉତ୍ସବ ( ନୂପୁର ) କାର୍ଯ୍ୟକ୍ରମରେ ବହୁସଂଖ୍ୟକ ଦର୍ଶକଙ୍କ ସମାଗମ ଦେଖିବାକୁ ମିଳିଛି । ମା' ଗଜଲକ୍ଷ୍ମୀ ପୂଜା ପାଉଥିବା ଅନୁଷ୍ଠାନ ଗୁଡିକ ମଧ୍ୟରେ ମାରୱାଡ଼ି ପଟି ବ୍ୟବସାୟୀ ସଙ୍ଘ, ପଞ୍ଚସଖା ବଣିକ ସଙ୍ଘ,ପୁରୁଣା ବସଷ୍ଟାଣ୍ଡ ନବଜ୍ୟୋତି ପୂଜା କମିଟି, ନୂଆ ବସଷ୍ଟାଣ୍ଡ ବଣିକ ସଙ୍ଘ , ମଧୁସୂଦନ ମାର୍ଗ , ଦ୍ୱାରିକା ନଗର ଗୁରୁଜଙ୍ଗ , ଗାନ୍ଧୀ ମାର୍କେଟ, ମହାବୀର ଟ୍ୟାକ୍ସି ଷ୍ଟାଣ୍ଡ ,ନୟାଗଡ଼ ରୋଡ଼ ବ୍ୟବସାୟ ସଙ୍ଘ,ପୁରୁଣା ମେଡ଼ିକାଲ ରୋଡ଼ ବଣିକ ସଙ୍ଘ,ଗୋପବନ୍ଧୁ ବାଣିଜ୍ୟ ପରିଷଦ , ଅଟୋ ଆସୋସେସନ ମେନ ରୋଡ଼ ,ମହାଲକ୍ଷ୍ମୀ ପରିବା ବ୍ୟବସାୟୀ ସଂଘ ,ବାପୁଜୀ ବ୍ୟବସାୟୀ ସଂଘ, ଶ୍ରୀରାମ ନଗର ୟୁଥ କ୍ଲବ,ଶାନ୍ତି କମିଟି ବ୍ୟବସାୟ ସଙ୍ଘ , ଉପରସାହି ଯୁବକ ସଙ୍ଘ , ଦୁଲଣ ସାହି ମା ସାଗରଲକ୍ଷ୍ମୀ ପୂଜା କମିଟି ସହ ଅନ୍ୟ କେତେକ ସ୍ଥାନରେ ବହୁ ଆଡମ୍ବରରେ ପୂଜା ଅନୁଷ୍ଠିତ ହେଉଛି। ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶାସନ ପକ୍ଷରୁ ପ୍ରତି ପୂଜା ମଣ୍ଡପରେ ପୁଲିସ ମୁତୟନ କରାଯାଇଛି । ବିଭିନ୍ନ ପୂଜା ମଣ୍ଡପ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଚଳିତ ମାସ ୨୩ ତାରିଖ (ବୁଧବାର) ଭସାଣି ପର୍ବ ଅନୁଷ୍ଠିତ ହେବ ।

# ପୁନର୍ବାସ ପକ୍ଷରୁ ଭିନ୍ନକ୍ଷମ ଯୁବ ଉଦ୍ୟୋଗୀଙ୍କୁ କମ୍ପ୍ୟୁଟର ପ୍ରଦାନ

**କେନ୍ଦ୍ରାପଡ଼ା,୧୭।୧୦(ସଂଚାର ବ୍ୟୁରୋ):** ପୁନର୍ବାସ ପକ୍ଷରୁ ଛୋଟ ଛୋଟ ଉଦ୍ୟୋଗ କରି ନିଜ ନିଜକୁ ସ୍ୱାବଲମ୍ବୀ କରିବାକୁ ପ୍ରୟାସ ଜାରି ରଖିଥିବା ୪ ଜଣ ଯୁବ ଭିନ୍ନକ୍ଷମ ଉଦ୍ୟୋଗୀଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କମ୍ପ୍ୟୁଟର ଓ ସହାୟକ ଉପକରଣ ପ୍ରଦାନ କରାଯାଇଛି। କୌଣସି କାରଣ ବଶତଃ ଦୁର୍ଘଟଣାଗ୍ରସ୍ତ ହୋଇ ଅଥବା ଜନ୍ମରୁ ଭିନ୍ନକ୍ଷମତାର ଶିକାର ହୋଇଥିବା ପଲ୍ଲୀ ରଘୁନାଥପୁରର ସଚିକାନ୍ତ ମଲ୍ଲିକ, ହରିଅଙ୍କର ବଳରାମ ସ୍ୱାଇଁ, କେନ୍ଦ୍ରାପଡା ସହର ଦିଲୱାରପୁରର ସୟଦ ଅଲ୍ଲୀ ଓ ମାର୍ଶାଘାଇ ଆଠବାଟିଆର ଅର୍ଜୁନ କୁମାର ନାୟକଙ୍କୁ ସମ୍ମାନଜନକ ଆତ୍ମନିର୍ଭରଶୀଳ ଜୀବନ ନିର୍ବାହ ନିମନ୍ତେ ଅନୁଷ୍ଠାନ ପକ୍ଷରୁ ପ୍ରଦାନ କରାଯାଇଛି।




ପୁନର୍ବାସର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ସଞ୍ଚାଳନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ଅର୍ବାନ୍ କୋପରେଟିଭ ବ୍ୟାଙ୍କର ସଭାପତି ଗୁରୁ ପ୍ରସାଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ଉପଆରକ୍ଷୀ ଅଧିକ୍ଷକ ଶାନ୍ତା ନୂତନ ସମଦ, ବିଶିଷ୍ଟ ସମାଜସେବୀ ଗାୟତ୍ରୀ ମହାନ୍ତି ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମମାନଙ୍କ ମଧ୍ୟରେ ଦୃଢ ମନୋବଳ ସେମାନଙ୍କୁ କେବଳ ସଫଳ କରାଇବାରେ ସମର୍ଥ କରି ନ ଥାଏ ବରଂ ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣାଦାୟୀ କାହାଣୀ ସୃଷ୍ଟି କରିଥାଏ ବୋଲି ମତ ପ୍ରକାଶ କରିଥିଲେ । ଏହି ଅବସରରେ କେନ୍ଦ୍ରାପଡା ଜିଲ୍ଲାର ଏହିପରି ଭିନ୍ନକ୍ଷମ ଯୁବ ଉଦ୍ୟୋଗୀମାନଙ୍କୁ ଅର୍ବାନ ବ୍ୟାଙ୍କ୍ ତରଫରୁ ସ୍ୱଳ୍ପ ସୁଧରେ ଋଣ ଯୋଗାଇଦେବାକୁ ଶ୍ରୀ ରାଉତରାୟ ମୁଖ୍ୟ ଅତିଥିଙ୍କୁ ଅନୁରୋଧ କରିଥିଲେ। ବ୍ୟାଙ୍କ ଏ ଦିଗରେ ସହୃଦୟତାର ସହ ବିଚାର କରି ଆବଶ୍ୟକ ସହାୟତା ପ୍ରଦାନ କରିବାକୁ ପ୍ରୟାସ କରିବ ବୋଲି ଶ୍ରୀଯୁକ୍ତ ମହାନ୍ତି ଆଶ୍ୱାସନା ପ୍ରଦାନ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ରାଜନଗରର ପାରାପ୍ଲେଜିକ୍ ନିର୍ମଳ ଧଳ, କୋରର ଅମରେଶ ଜେନା ଓ ଇଚ୍ଛାପୁରର ଅମିୟ ବିଶ୍ୱାଳ ପ୍ରମୁଖ ଯୋଗଦେଇ ନିଜ ନିଜର କ୍ଷୁଦ୍ର ସଂଘର୍ଷମୟ ସଫଳ ଜୀବନର କାହାଣୀ ବର୍ଣ୍ଣନା କରିଥିଲେ। ପୁନର୍ବାସର କାର୍ଯ୍ୟକର୍ତ୍ତା ସ୍ୱପ୍ନାଂଶୁ କୁମାର ଦାସ, ଶେଷଦେବ ପ୍ରସାଦ ଦାସ, ନୃସିଂହ ତ୍ରିପାଠୀ, ଲକ୍ଷ୍ମୀକାନ୍ତ ନାୟକ, କ୍ଷୀରୋଦ କର, ସଂଜୟ କୁମାର ଜେନା, ଗୌତମ୍ ସାହୁ, ସଂଜୀବ କୁମାର ଜେନା, ମନୋଜ କୁମାର ବିଶ୍ୱାଳ, ମିହିର ବାରିକ, ଦୀପକ ସାହୁ ଓ ଗାୟତ୍ରୀ ପୃଷ୍ଟି ପ୍ରମୁଖ ଯୋଗ ଦେଇ ସହଯୋଗ ଓ ପରିଚାଳନା କରିଥିଲେ । ସର୍ବଶେଷରେ ଅନୁଷ୍ଠାନର ସହ ସମ୍ପାଦକ ବଂଶୀଧର ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥିଲେ ।

# କର୍କଟ ପୀଡିତାଙ୍କୁ ଆର୍ଥିକ ସହାୟତା ପ୍ରଦାନ



**କେନ୍ଦ୍ରାପଡ଼ା,୧୭।୧୦(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକର ବଗଡା ପଞ୍ଚାୟତ ଅନ୍ତର୍ଗତ କଚେରୀପଡା ନିବାସୀ ମାଗୁଣୀ ଚରଣ ତ୍ରିପାଠୀ(୭୧)ଙ୍କ ଧର୍ମପତ୍ନୀ ଶଶୀରେଖା ତ୍ରିପାଠୀ(୬୬) ଦୀର୍ଘଦିନ ଧରି କର୍କଟ ରୋଗରେ ଶଯ୍ୟାଶାୟୀ ହୋଇ ଚିକିତ୍ସିତ ହେଉଛନ୍ତି । ଖବର ପାଇ ଆଜି କେନ୍ଦ୍ରାପଡା କ୍ରେଡିଟ୍-କୋଅପରେଟିଭ ସୋସାଇଟି ଲିଃ ମୁଖ୍ୟଶାଖା ପକ୍ଷରୁ ଚିକିତ୍ସା ସହାୟତା ପ୍ରଦାନ କରାଯାଇଛି । ସୂଚନା ଯୋଗ୍ୟ ଯେ, ସମିତିର ସଭାପତି ପ୍ରମୋଦ ସାହୁ ପୀଡିତାଙ୍କ ଘରକୁ ଯାଇ ରୋଗ ଓ ଚିକିତ୍ସା ସମ୍ପର୍କରେ ସମସ୍ତ କଥା ପଚାରି ବୁଝିବା ପରେ ମୁଖ୍ୟ ଶାଖା ବରିଷ୍ଠ ପରିଚାଳକ ପଙ୍କଜ ମଲ୍ଲିକ ଓ ଦୈନିକ ଜମା ସଂଗ୍ରହକାରୀ ରଣଜିତ୍ ଦାସଙ୍କ ଉପସ୍ଥିତିରେ ପୀଡିତା ଶଶୀରେଖାଙ୍କ ହାତରେ ଦଶ ହଜାର ଟଙ୍କା ଚିକିତ୍ସା ସହାୟତା ପ୍ରଦାନ କରିଥିଲେ । ଏହି ସହାୟତା ପ୍ରଦାନ ସମୟରେ ସ୍ଥାନୀୟ ଗ୍ରାମବାସୀଙ୍କ ସମେତ ପଣ୍ଡିତ କ୍ଷୀରୋଦ ପଣ୍ଡା ଓ ୱାର୍ଡ ମେମ୍ବର କୁଳମଣି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସମିତି ଦ୍ୱାରା ଅସହାୟ ରୋଗୀମାନଙ୍କୁ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଓ ଉଚ୍ଚଶିକ୍ଷା କ୍ଷେତ୍ରରେ ମେଧାବୀ ତଥା ଗରିବ ଛାତ୍ରଛାତ୍ରୀମାନଙ୍କୁ ପଢିବା ପାଇଁ ସାହାଯ୍ୟ କରିଥାଏ । ସେହିଭଳି ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପନ୍ନମାନଙ୍କୁ ରିଲିଫ୍ ସହାୟତା ଦେବା ଏବଂ ଜାତୀୟ, ଆନ୍ତର୍ଜାତୀୟ ତଥା ରାଜ୍ୟସ୍ତରରେ କୃତୀ ଖେଳାଳିମାନଙ୍କୁ ପ୍ରୋତ୍ସାହନ ଓ ସମ୍ବର୍ଦ୍ଧିତ କରିଥାଏ।

# ନଭେମ୍ବର ୨୧ରେ ଆଶାକର୍ମୀଙ୍କ ଆନ୍ଦୋଳନ

**କେନ୍ଦ୍ରାପଡ଼ା, ୧୭।୧୦ (ସଂଚାର ବ୍ୟୁରୋ) :** ନିଖିଳ ଓଡିଶା ଆଶାକର୍ମୀ ସଙ୍ଘ, କେନ୍ଦ୍ରାପଡା ଜିଲ୍ଲା କମିଟିର ଏକ ବୈଠକ ଗୋପଛକ ନିକଟରେ ସାଥି ବିକାଶ ଚନ୍ଦ୍ର ବେଉରାଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମହାକାଳପଡା ସିଏଚସି ସଭାପତି ସାଥି ରଞ୍ଜୁ ବେହେରା ଶୋକ ପ୍ରସ୍ତାବ ଆଗତ କରିଥିଲେ । ଏହାପରେ ଜିଲ୍ଲା ସମ୍ପାଦିକା ସାଥି କାନ୍ତିପ୍ରଭା ନାୟକ ବିଗତ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ ସହିତ ଆଗାମୀ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତାବ ଆଗତ କରିଥିଲେ । ଏଆଇଟିୟୁସି ନେତା ସାଥି ରମଣୀରଞ୍ଜନ ରାଉତରାୟ ତୁରନ୍ତ ନୂତନ ସରକାର ଆଶାକର୍ମୀଙ୍କ ଦୁଃଖ ଶୁଣି ସେମାନଙ୍କ ପାରିଶ୍ରମିକ ବୃଦ୍ଧି କରିବା, କାର୍ଯ୍ୟ ସମୟରେ ମୃତ୍ୟୁବରଣ କଲେ ସେମାନଙ୍କ ପରିବାରରୁ ଜଣଙ୍କୁ ନିଯୁକ୍ତି ଦେବା, ନର୍ସିଂହୋମରେ ପ୍ରସବ ହେଲେ ସେମାନଙ୍କୁ ପାରିଶ୍ରମିକ ପ୍ରଦାନ କରାଯିବା, ଜେଏସୱାଇ ୩ଶହ ଟଙ୍କା ବଦଳରେ ଏକ ହଜାର ପ୍ରଦାନ କରାଯିବା, ଆଶାଗୃହରେ ଦିନକୁ ୨ଶହ ଟଙ୍କା ପରିବର୍ତ୍ତେ ୫ଶହ ଟଙ୍କା ଦିଆଯିବା, ମମତା ଦିବସରେ ଦିନକୁ ୨ଶହ ବଦଳରେ ୫ଶହ ଟଙ୍କା ଦିଆଯିବା, ଟୀକାକରଣରେ ଆଶାକର୍ମୀମାନଙ୍କୁ ୭୫ଟଙ୍କା ବଦଳରେ ଏକହଜାର ଟଙ୍କା ପ୍ରଦାନ କରାଯିବା, ପ୍ରତି କାର୍ଯ୍ୟ ପାଇଁ ଆଶାକର୍ମୀମାନଙ୍କୁ ରେଜିଷ୍ଟର ଯୋଗାଇ ଦିଆଯିବା ପ୍ରଭୃତି ବିଷୟ ଉପରେ ଆଲୋଚନା କରିବା ସହ ସରକାରଙ୍କ ନିକଟରେ ଦାବି କରିଥିଲେ ।

ଏହି ବୈଠକରେ ଜିଲ୍ଲା ଉପସଭାପତି ସାଥି ଭଜହରି ପ୍ରଧାନ, ଏଆଇଟିୟୁସି ନେତା ଅଜୟ ସାମଲ, ଅକ୍ଷୟ ମଲ୍ଲିକ, ଇନ୍ଦୁପୁର ସିଏଚସି ଉପସଭାପତି ଜୟନ୍ତୀ ବାରିକ, ଜିଲ୍ଲା କୋଷାଧ୍ୟକ୍ଷ ନନ୍ଦିନୀ ସ୍ୱାଇଁ, ମାର୍ଶାଘାଇ ସିଏଚସି ସମ୍ପାଦିକା ନମିତା ଦାସ, ରାଜନଗର ସିଏଚସିର କବିତା ରାଉତ, ଉପସଭାପତି ବିଜୟାଲକ୍ଷ୍ମୀ, ରାଜକନିକା ସମ୍ପାଦିକା କବିତା ସାମଲ, ମିନତୀ ସାମଲ, ପଟ୍ଟାମୁଣ୍ଡାଇ ସିଏଚସି ନୟନା ନନ୍ଦୀ, ଗରଦପୁର ସିଏଚସି ସଭାପତି ସୁମିତ୍ରା ଜେନା, ଜିଲ୍ଲା ଉପସଭାପତି ରୀନାରାଣୀ ଦାସ, ମାନିନୀ ମଳିକ, ସସ୍ମିତା ବାରିକ, ରେଣୁବାଳା ସେଣ, ଏଆଇଟିୟୁସି ନେତା ଆଦିକନ୍ଦ ରାଉଳ, ସୀତାକାନ୍ତ ନାୟକ, ସୁଲୋଚନା ନନ୍ଦୀ, ସଂଯୁକ୍ତା ସେଠୀ, ସୁବର୍ଣ୍ଣପ୍ରଭା ସାହୁ, ବିଜୟଲକ୍ଷ୍ମୀ ନାଥଶର୍ମା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଆସନ୍ତା ୨୧ନଭେମ୍ବରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ସମାବେଶ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି । ଏଥିସହିତ ଆସନ୍ତା ଡିସେମ୍ବର ୨୫ତାରିଖରେ ମହାକାଳପଡାର ରାମଚଣ୍ଡି ଠାରେ ଜିଲ୍ଲା ସମ୍ମିଳନୀ କରାଯିବାକୁ ସ୍ଥିର କରାଯାଇଥିଲା ।




# ସୂଚନାକେନ୍ଦ୍ର ଉଦ୍‌ଘାଟିତ

**ଟାଙ୍ଗୀ-ଚୌଦ୍ୱାର, ୧୭।୧୦ (ସଂଚାର ବ୍ୟୁରୋ) :** ଚୌଦ୍ୱାର ପ୍ରସିଦ୍ଧ ରୂପଯାତ୍ରା ଆରମ୍ଭ ହେବା ସହିତ ଚୌଦ୍ୱାର ଅଞ୍ଚଳ ଉତ୍ସବ ମୁଖର ହୋଇଛି। ଗୁରୁବାର ଦିନରୁ ତିନିକୋଣିଆସ୍ଥିତ ଯାତ୍ରା ପଡ଼ିଆରେ କିଣାବିକା ପାଇଁ ଯାତ୍ରୀ ମାନଙ୍କ ଭିଡ଼ ଜମିବା ଆରମ୍ଭ କଲାଣି।ଯାତ୍ରୀ ମାନଙ୍କ ସୁବିଧା ପାଇଁ ରୂପଯାତ୍ରା କମିଟି ତରଫରୁ ଯାତ୍ରାପଡ଼ିଆରେ ପ୍ରତିଷ୍ଠିତ ସୂଚନାକେନ୍ଦ୍ରର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି।କମିଟି ସଭାପତି ସୁବୋଧ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ସମାଜସେବୀ ମୀରା ପରିଡ଼ା, ରୋଜାଲିନ୍ ପାଟ୍ଟଶାଣୀ ମିଶ୍ର, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସୂଚନାକେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଜେଡ଼ି ଜିଲା ଉପସଭାପତି ପ୍ରେମଚାନ୍ଦ ନାୟକ, କାଉନସିଲର ସୁବ୍ରତ ସାମଲ, କାର୍ଯ୍ୟକାରୀ ସଭାପତି ପ୍ରଦୀପ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଯାତ୍ରା କମିଟି ସମ୍ପାଦକ ନାରାୟଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଲୁଲୁ ଜେନା, ପ୍ରଭାନନ୍ଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁରୁବାର ସଂଧ୍ୟାରେ ବିରାଟ ବଜାର, ଗାନ୍ଧୀଛକ, ମୁଣ୍ଡମାଳ ଆଦି ମେଢ଼ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

# ପ୍ରେମ୍ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା

**କଟକ, ୧୭।୧୦ (ସଂଚାର ବ୍ୟୁରୋ) :** ସାମାଜିକ ସଂଗଠନ ପ୍ରେମ୍ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଅଧ୍ୟକ୍ଷ ଡକ୍ଟର ମନୋଜ ବଳଙ୍କ ନିର୍ଦ୍ଦେଶ କ୍ରମେ ବରିଷ୍ଠ ନାଗରିକ ତଥା ଦକ୍ଷ ସଙ୍ଗଠକ ଲକ୍ଷ୍ମୀଧର ଦାସଙ୍କୁ ତାଙ୍କ ୯୩ ତମ ଜନ୍ମ ଜୟନ୍ତୀରେ ଶୁଭେଚ୍ଛା ଜଣାଇବା ସହ ସମାଜସେବା ଏବଂ ଆଧ୍ୟାତ୍ମିକ ସେବା ଦିଗରେ ପ୍ରଶଂସନୀୟ ଅବଦାନ ନେଇ ସମ୍ବର୍ଦ୍ଧିତ କରାଯାଇଛି । ଟ୍ରଷ୍ଟ ସହ ସମ୍ପାଦକ ପ୍ରାବନ୍ଧିକ ଇଂ.ସେବକ ଶ୍ରୀକାନ୍ତ,



ରକ୍ତଦାତା ହେମନ୍ତ ଦାସ, ଇଂ. ହରେକୃଷ୍ଣ ବହିଦାର, ସମାଜସେବୀ ଆଶୋକ ସେଠୀ ପ୍ରମୁଖ ମାନ୍ୟବର ଦାସଙ୍କ ବାସଭବନରେ ପହଂଚି ସମାଜ ସଂସ୍କାର,ସମାଜ ଓ ଯୁବ ପିଢ଼ୀଙ୍କ ଭାବଧାରା,ଆଧ୍ୟାତ୍ମିକବାଦ ଉପରେ ଆଲୋଚନା ସହ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ ଶ୍ରୀଯୁକ୍ତ ଦାସ ମହୋଦୟ ଗଣି ଦାସ ଓ ଝୁଲଣା ଦେବୀଙ୍କ ସୁପୁତ୍ର ଆଳି ବ୍ଲକ୍ ଅଳପୁଆ ଗ୍ରାମରେ ଜନ୍ମ ଗ୍ରହଣ କରି ଯାଦବ ସମିତି, ଗ୍ରାମ୍ୟ କମିଟି ସହ ମଠ ମନ୍ଦିର ପୁନରୁଦ୍ଧାର ଏବଂ ବିଭିନ୍ନ ଧାର୍ମିକ କାର୍ଯ୍ୟରେ ଯୋଗଦାନ କରି ସମାଜ ଗଠନ, ସାହିତ୍ୟ ସଂସ୍କୃତି ପ୍ରଚାର ପ୍ରସାର, ବିକାଶ ପାଇଁ ମହତ୍ କାର୍ଯ୍ୟ କରି ଖୁବ୍ ପ୍ରତିଷ୍ଠା ଲାଭ କରିଛନ୍ତି ।

# ନବୀନଙ୍କ ଜନ୍ମଦିନରେ ୮୧ୟୁନିଟ ରକ୍ତ ସଂଗ୍ରହ

**ପଟ୍ଟାମୁଣ୍ଡାଇ, ୧୭।୧୦ (ସଂଚାର ବ୍ୟୁରୋ):** ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ବର୍ତ୍ତମାନର ବିରୋଧୀଦଳ ନେତା ବିଜେଡି ସୁପ୍ରିମୋ ନବୀନ ପଟନାୟକଙ୍କ ଜନ୍ମ ଦିବସକୁ ନିଆରା ଢଙ୍ଗରେ ପାଳନ କରିଛି ପଟ୍ଟାମୁଣ୍ଡାଇ ବିଜୁ ଯୁବ ଛାତ୍ର ଜନତା ଦଳ । ଯୁବ ବିଜେଡି ଓ ଛାତ୍ର ବିଜେଡି ପକ୍ଷରୁ ଏଇ ଅବସରରେ ଏକ ରକ୍ତଦାନ ଶିବିର ଡିଭାଇନ ପ୍ୟାଲେସ ଠାରେ ଅନୁଷ୍ଠିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ନଗର ଯୁବବିଜେଡି ସଭାପତି ଅଶୋକ ଧଳ ଙ୍କ ନେତୃତ୍ୱରେ ଆୟୋଜିତ ରକ୍ତଦାନ ଶିବିରରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ରାଜନଗର ବିଧାୟକ ଧ୍ରୁବ ସାହୁ,ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ଜିଲ୍ଲା ପରିଷଦ ଅଧକ୍ଷ ଲିଳିତା ଦାସ, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ରାଜ୍ୟ ବିଜେଡି ସମ୍ପାଦକ ମିଟୁ ଦାଶ, ଜିଲ୍ଲା ଜୀବନବିନ୍ଦୁ ସଂଯୋଜକ ହିରଣ୍ୟ ପଣ୍ଡା,ଜିଲ୍ଲା ବିଜେଡି ସାଧାରଣସମ୍ପାଦକ ଶ୍ରୀକାନ୍ତ ରାଉତ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ନଗର ମହିଳା ବିଜେଡି ସଭାନେତ୍ରୀ ଲାସ୍ୟମୟୀ ସାହୁ,ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ଛାତ୍ର ବିଜେଡି ସଭାପତି ଦେବାଶିଷ ନାୟକ,କାଉନସିଲର ପ୍ରଶାନ୍ତ ବାରିକ, ମୃତ୍ୟୁଞ୍ଜୟ ପାଢ଼ୀ, ଲକ୍ଷ୍ମୀପ୍ରିୟା ସାହୁ,ସରପଞ୍ଚ ସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ସରପଞ୍ଚ ସନ୍ତୋଷ ସେଠୀ, ବୁଦ୍ଧିରାମ ବେହେରା, ରଂଜିତା ସାହୁ,ବନୋଜ ସେଠୀ, ପ୍ରିୟବ୍ରତ ଓଝା, ବସନ୍ତ ନାଥ,ପୂର୍ବତନ ସରପଞ୍ଚ ବିଜୟ ରାଉତ, କଳାକାର ପ୍ରଧାନ, ସମିତିସଭ୍ୟ ଅଭୟ ସ୍ୱାଇଁ, ସୁମିତ୍ରା ସାହୁ, ଶଶାଙ୍କ ବିଶ୍ୱାଳ, ନିରଞ୍ଜନ ବାରିକ, ସୁରେଶ ଜେନା, ମାନସ ମଲିକ,ଦିଗାମ୍ବର ମିଶ୍ର,ଉତ୍ତମ ଖୁଣ୍ଟିଆ,ସର୍ବେଶ୍ୱର ମହାନ୍ତି, ଯୁବ ନେତା ଅଭିନାଶ ଲେଙ୍କା, ଅମୂଲ୍ୟ ପ୍ରଧାନ,ନିରାକାର ସାହୁ ନୟନ ଗିରି, ଯୁବନେତା ସଂଗ୍ରାମ ସ୍ୱାଇଁ, ଶଶିକାନ୍ତ ପଣ୍ଡା, ଅଭିରାମ ସ୍ୱାଇଁ,ପ୍ରେମାନନ୍ଦ ସେଠୀ, ଖୋକନ ବିଶ୍ୱାଳ, ନଟବର ସେଠୀ, ହରିହର ସାହୁ ପ୍ରମୁଖ ବହୁ ବିଜେଡି ନେତା ଓ କର୍ମକର୍ତ୍ତା ଯୋଗ ଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଏହି ରକ୍ତଦାନ ଶିବିରରେ ୮୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସମସ୍ତ ରକ୍ତ ଦାତାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।

## ବ୍ଲକ ପରିସରରେ ମଦ୍ୟପାନ ଘଟଣା

# ରବୀନ୍ଦ୍ରଙ୍କୁ ବଦଳି କରି ରହିଗଲା ପ୍ରଶାସନ

**କେନ୍ଦ୍ରାପଡ଼ା, ୧୭।୧୦ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡ଼ା ବ୍ଲକ କାର୍ଯ୍ୟାଳୟରେ ଥିବା ଓଡ଼ିଶା ଜୀବିକା ମିଶନ କର୍ମଚାରୀ ରବୀନ୍ଦ୍ର ପ୍ରତିହାରୀ ନିଜ ଅଫିସ୍ ମଧ୍ୟରେ ଟେବୁଲ୍ ଉପରେ ମଦ ବୋତଲ ସାଙ୍ଗକୁ ସାଙ୍ଗରେ ଚାଖଣା ରଖି ମଦ୍ୟପାନ କରିଥିବା ଦୃଶ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲା । ଏହି ଘଟଣା ପ୍ରଥମେ "ସଂଚାର"ରେ ପ୍ରକାଶ ପାଇଥିଲା । ବାରମ୍ବାର ଏନେଇ ଖବର ପ୍ରକାଶିତ ହେବା ପରେ ମଧ୍ୟ ଉକ୍ତ କର୍ମଚାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିଲେ ଯାହା ଫଳରେ ଏନେଇ ଅନେକ ପ୍ରଶ୍ନ ଉଠିଥିଲା।



ପୂର୍ବରୁ ଏନେଇ ବ୍ଲକ ବିଡ଼ିଓ ଏବଂ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଶ୍ନ କରିଥିଲେ ମଧ୍ୟ କୌଣସି ଉତ୍ତର ମିଳୁନଥିଲା। ବିବାଦକୁ ଆସିଥିବା ରବୀନ୍ଦ୍ରଙ୍କ ବିରୁଦ୍ଧରେ ଆଜି କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ତାଙ୍କୁ କେବଳ ବଦଳି କରି ଏତିକିରେ ରହିଯାଇଛି ଜିଲ୍ଲା ପ୍ରଶାସନ । ରବୀନ୍ଦ୍ର ପ୍ରତିହାରୀଙ୍କୁ କେନ୍ଦ୍ରାପଡ଼ାରୁ ରାଜକନିକା ବ୍ଲକକୁ ବଦଳି କରି ତାଙ୍କ ବଦଳରେ ରାଜକନିକାରେ ଥିବା କର୍ମଚାରୀଙ୍କୁ ଅବସ୍ଥାପିତ କରିଛନ୍ତି ଜିଲ୍ଲାପାଳ । କେବଳ ବଦଳିରେ ସୀମିତ ରଖି ଘଟଣାରୁ ଦୂରେଇ ରହୁଥିବା ଉଚ୍ଚପଦସ୍ଥ ଅଧିକାରୀଙ୍କ ଉପରେ ଉଠିଛି ବଡ଼ ପ୍ରଶ୍ନ ।

# ଉନ୍ମତ୍ତ ଯୁବକର ଛୁରାମାଡ଼ରେ ଜଣେ ଆହତ

**ବାଲିଚନ୍ଦ୍ରପୁର, ୧୭।୧୦ (ସଂଚାର ବ୍ୟୁରୋ):** ବାଲିଚନ୍ଦ୍ରପୁର ଥାନା ଅଧିନ ବରଦା ପଞ୍ଚାୟତସ୍ଥିତ ହେଣ୍ଡାଳିଆ ପଡ଼ିଆ ଛକ ଠାରେ ଉନ୍ମତ୍ତ ଯୁବକଙ୍କ ଛୁରାମାଡ଼ରେ ଜଣେ ବ୍ୟକ୍ତି ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ବରଦା ଗ୍ରାମ ସେଠୀ ସାହିର ରଙ୍କନିଧି ସେଠୀଙ୍କୁ ଧଳସାହିର ହଗୁରୀ ଧଳଙ୍କ ପୁଅ ସାଲୁଆ ଧଳ ଛୁରାମାଡ଼ କରିଥିବା ଅଭିଯୋଗ ହୋଇଛି। କୌଣସି କାରଣରୁ ବୁଧବାର ଅପରାହ୍ନରେ ଉଭୟଙ୍କ ମଧ୍ୟରେ ବଚସା ହେବାରୁ ସାଲୁଆ ଧଳ ଉତକ୍ଷୀପ୍ତ ହୋଇପଡ଼ିଥିଲେ। ରଙ୍କନିଧି ସେଠୀ ଦଳିତ ଶ୍ରେଣୀର ହୋଇଥିବାରୁ ସାଲୁଆ ରଙ୍କନିଧିଙ୍କ ବାକ୍ୟ ସହିନପାରି ଏଭଳି କାଣ୍ଡ ଘଟାଇଥିବା ଶୁଣିବାକୁ ମିଳୁଛି।

ଛୁରାମାଡ଼ରେ ଆହତ ରଙ୍କନିଧିଙ୍କୁ ପ୍ରଥମେ ଗୋପାଳପୁର କ୍ଷେତ୍ରୀୟ ଚିକିତ୍ସାଳୟ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ରକ୍ତଶ୍ରାବ ବନ୍ଦ ନହେବାରୁ ତାଙ୍କୁ ବଡ଼ଚଣା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଦିଆଯାଇଥିଲା। ଅବସ୍ଥା ଗୁରୁତର ଅନୁଭବ କରି ବଡ଼ଚଣା ଡାକ୍ତର ରଙ୍କନିଧିଙ୍କୁ କଟକ ବଡ଼ମେଡ଼ିକାଲକୁ ପଠାଇଦେଇଥିଲେ। ଗୋଟିଏ ଦିନ ବଡ଼ ମେଡ଼ିକାଲରେ ଚିକିତ୍ସା ହେବା ପରେ ରଙ୍କନିଧି ଗୁରୁବାର ଡାକ୍ତରଖାନାରୁ ଫେରି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଥାନା ପକ୍ଷରୁ ୪୮୪/୨୪ରେ ମାମଲା ରୁଜୁ କରାଯାଇଛି। ଘଟଣାର ତଦନ୍ତ ଭାର ଡ଼ିଏସପି ହେଡ଼କ୍ୱାଟର ସବିତା ମାଝୀ ନେଇଛନ୍ତି ବୋଲି ଥାନାଧିକାରୀ ସମରଜିତ୍ ନାୟକ ସୂଚନା ଦେଇଛନ୍ତି। ତେବେ ଘଟଣାଟି ଗତ କାଲିଠାରୁ ଘଟିଥିଲେ ମଧ୍ୟ ବାଲିଚନ୍ଦ୍ରପୁର ପୋଲିସ ରିପୋର୍ଟ ପାଇନଥିବାରୁ ଆମେ ତଦନ୍ତ କରିନାହୁଁ ବୋଲି ମତରଖିଥିଲେ। ଆଜି ଲିଖିତ ଅଭିଯୋଗ ପରେ ତଦନ୍ତ ଆରମ୍ଭ କରାଯାଇଥିବା ଥାନାଧିକାରୀ କହିଛନ୍ତି।

# ଅସହାୟ ପରିବାର ପାଖରେ କୁମାର ପୂର୍ଣ୍ଣିମା ଭାର ପହଁଞ୍ଚାଇଲେ ଜଗନ୍ନାଥ ଟ୍ରଷ୍ଟର କର୍ମକର୍ତ୍ତା

**କେନ୍ଦ୍ରାପଡ଼ା, ୧୭।୧୦ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ପରକୁଳା ଗ୍ରାମର ରୋଗାକ୍ରାନ୍ତରେ ପ୍ରୀଡ଼ିତ ଥିବା ଘରର ମୁଖ୍ୟ କୈଳାସ ବେହେରା କିଛି ଦିନ ହେବ ରୋଗାକ୍ରାନ୍ତ ଲାଗି ରୋଜଗାର ହରାଇଛନ୍ତି । ଗତ ଦୁଇବର୍ଷ ପୂର୍ବେ ଉକ୍ତ ପରିବାରଟି ବହୁ ହସ ଖୁସୀ ରେ ଚାଲୁଥିଲା। କିନ୍ତୁ ବିଧିର ବିଧାନ ଆଗରେ ସବୁ କିଛି ବିଚିତ୍ର ହୋଇପଡ଼ିଲା।



କୈଳାସ କିଛି ଦିନ ହେବ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ହୋଇପଡିଛନ୍ତି। ଛୋଟ ଛୋଟ ଦୁଇଟି ଝିଅ ଗୋଟିଏ ଛୋଟ ପୁଅ ଯାହାର ବୟସ ଏକ ବର୍ଷ। ଛୋଟ ପୁଅଟି ତାର କୁନି କୁନି ଓଠରେ ବାପା ଡାକିବା ବେଳକୁ ବାପା ତାର କିନ୍ତୁ କ୍ୟାନ୍ସର ପୀଡ଼ିତ। ଛୋଟ ଦୁଇଟି ଝିଅ କିପରି ପାଠ ପଢିବେ, ଘର କିପରୀ ଚାଲିବ ଚିନ୍ତା ରେ କୈଳାସଙ୍କ ସ୍ତ୍ରୀ ସସ୍ମିତା । ପୁଅ ର କଥା ଚିନ୍ତା କରି ବୁଢ଼ୀ ମା ଟି ଖାଲି ଭଗବାନ କୁ ଡାକୁଛି। ପ୍ରଶାସନିକ ଅବହେଳା ପାଇଁ ନା ତାଙ୍କର ଘର ଅଛି ନା ଅଛି ଆଧାର କାର୍ଡ। ଏହି ସମସ୍ୟା ପରକୁଳା ଗ୍ରାମ ପାଇଁ ଚିନ୍ତା ର ବିଷୟ ହୋଇଛି। କିଛି ସାମାଜିକ ବନ୍ଧୁ ଙ୍କ ଠାରୁ ଖବର ପାଇବା ପରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତା ମାନେ ପହଞ୍ଚିଥିଲେ ଏହି ପରିବାର ପାଖରେ। କୁନି ଝିଅଙ୍କ ପାଇଁ କୁମାର ପୁର୍ଣିମା ର ସାମଗ୍ରୀ ଓ ପରିବାର ପାଇଁ ରାସନ ଦେଇଥିଲେ। ପରିବାରର ସମସ୍ତଙ୍କ ପାଇଁ ପୋଷାକ ଯେପରିକି ଶାଢ଼ୀ, ଲୁଙ୍ଗୀ, ଗାମୁଛା ଓ ଅନ୍ୟାନ୍ୟ ପୋଷାକ ଯୋଗାଇ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଟ୍ରଷ୍ଟର ଉପଦେଷ୍ଟା ବିଷ୍ଣୁ ଚରଣ ମହାପାତ୍ରଙ୍କ ପୁରୋହିତ ରେ ଆୟୋଜନ ହେଇଥିବା ବେଳେ ସଭାପତି ଦମନ ମହାନ୍ତି, କାଳନ୍ଦୀ ମଲ୍ଲିକ, ଜୟନ୍ତ ମଲ୍ଲିକ, ତପନ କୁମାର ନାଥ,ଜଗନ୍ନାଥ ବେହେରା, ମନୋଜ କୁମାର ରାଉତ ଓ ଚନ୍ଦନ କୁମାର ଲେଙ୍କା ଉପସ୍ଥିତ ରହି ସହଯୋଗ ଯୋଗାଇଦେଇଥିଲେ।

# ଅଭିଶାପ ପାଲଟିଛି ଟ୍ରାଫିକ୍ ସମସ୍ୟା

## ନୋ-ଏଣ୍ଟ୍ରି ନିୟମକୁ ଫୁଁ', ବୁଲୁଛି ଭାରିଯାନ

**ବ୍ରହ୍ମପୁର, ୧୭।୧୦ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ସହରରେ ଟ୍ରାଫିକ୍ ସମସ୍ୟା ଶତାବ୍ଦୀର ଶୋଷ ପାଲଟିଛି। କହିବାକୁ ଗଲେ ଟ୍ରାଫିକ ପୁଲିସ ବ୍ୟବସ୍ଥା ସଂପୂର୍ଣ୍ଣ ଭାବେ ଭୁଷୁଡ଼ି ପଡ଼ିଛି। ଯୁଆଡ଼େ ଦେଖିବ, ସିଆଡେ ଟ୍ରାଫିକ ସମସ୍ୟା। ବିଶେଷ କରି କଟକଣା ସତ୍ତ୍ୱେ ଭାରିଯାନ ଗୁଡିକ ସହର ମଧ୍ୟରେ ଏଣ୍ଟ୍ରି କରିବା ଟ୍ରାଫିକ୍ ସମସ୍ୟାକୁ ଆହୁରି ଦ୍ୱିଗୁଣିତ କରି ଦେଉଛି। ଟ୍ରାଫିକ୍ କର୍ମଚାରୀମାନେ ମୁତୟନ ଥିଲେ ମଧ୍ୟ ଏହାର ସୁଫଳ ଦେଖିବାକୁ ମିଳୁନି। ସକାଳୁ ରାତି ଯାଏଁ ସହରରେ ଟ୍ରାଫିକ ସମସ୍ୟା ଲାଗି ରହୁଛି। ଗେଟ୍‌ବଜାର ଠାରୁ ପାଣି ଟାଙ୍କି ହେଉ ଅବା ଫାଷ୍ଟଗେଟ୍ ଠାରୁ ଗେଟ୍‌ବଜାର, କମାପଲ୍ଲୀ ହେଉ କି ନୂଆ ବସଷ୍ଟାଣ୍ଡ ରୋଡ, ସବୁଆଡ଼େ ଦିନ ତମାମ ଟ୍ରାଫିକ ଜାମ୍ ଦେଖିବାକୁ ମିଳୁଛି। କେବଳ ଏତିକି ନୁହଁ, ସହରର ପ୍ରମୁଖ କେତେକ ଛକରେ ପୁଲିସ ମୁତୟନ ହୋଇଥିଲେ ମଧ୍ୟ ନୋ-ଏଣ୍ଟ୍ରି କଟକଣା ସମୟରେ ଭାରିଯାନ ଅନାୟାସରେ ବୁଲୁଛି।

ବହୁ ବର୍ଷ ହେଲା ସହରରେ ଭାରିଯାନ ଚଳାଚଳ ନେଇ କଟକଣା ଲାଗୁ କରାଯାଇଛି। ନିୟମ କହୁଛି- ଦିନରେ ୪ ପ୍ରକାର ସମୟ ନିର୍ଦ୍ଧାରଣ କରାଯାଇଛି। ସକାଳ ୮ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଆମ୍ବ ମାର୍କେଟ ପଟରୁ ପୁରୁଣା ବ୍ରହ୍ମପୁର ବା ତଳ ମେଣ୍ଟୁଛକ, ବାଲୁଙ୍କେଶ୍ୱର ମନ୍ଦିର, ମେଣ୍ଟୁ ଛକ ହୋଇ



ହରିଡ଼ାଖଣ୍ଡି ଆଡ଼କୁ ଭାରିଯାନଗୁଡ଼ିକ ବାହାରିବ। ସେହି ଅନୁଯାୟୀ ହିଂଜିଳି ରାସ୍ତା କିମ୍ବା ଦିଗପହଣ୍ଡି ରାସ୍ତା ହୋଇ ସହର ବାହାରକୁ ଗାଡ଼ି ଚାଲିଯିବ। ଆଉ ଗୋଟିଏ ସମୟ ହେଲା, ମଧ୍ୟାହ୍ନ ୧୨ଟା ପରେ ହରିଡ଼ାଖଣ୍ଡି ଛକ ପଟରୁ ମେଣ୍ଟୁଛକ, ବାଲୁଙ୍କେଶ୍ୱର ମନ୍ଦିର, ତଳମେଣ୍ଟୁ ଛକ, ପୁରୁଣା ବ୍ରହ୍ମପୁର ଏବଂ ଆମ୍ବ ମାର୍କେଟ ହୋଇ ଅନ୍ଧପସରା ରାସ୍ତାରେ ସହର ବାହାରକୁ ଗାଡ଼ିଗୁଡ଼ିକ ବାହାରିବ। ଏତଦ୍ ବ୍ୟତିତ ଅପରାହ୍ନ ୪ରୁ ରାତି ୧୦ଟା ପର୍ଯ୍ୟନ୍ତ ପୁନଃ ଆମ୍ବ ମାର୍କେଟରୁ ହରିଡ଼ାଖଣ୍ଡି ଛକ ଆଡ଼କୁ ଭାରିଯାନ ଚଳାଚଳ କରିବ। ସହର ଭିତରକୁ ଗାଡ଼ି ପ୍ରବେଶ ନେଇ ମଧ୍ୟ ନିର୍ଦ୍ଦିଷ୍ଟ ସମୟ ରହିଛି। ରାତି ୧୦ ପରେ ସହର ଭିତରକୁ ସମସ୍ତ ପ୍ରକାର ଭାରିଯାନ ପ୍ରବେଶ ଏବଂ ପ୍ରସ୍ଥାନ କରିପାରିବ। କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ପୁଲିସ ତରଫରୁ ଆନ୍ତରିକତା ରହୁନଥିବା ଜଣାପଡିଛି।

ସହରର ଅନେକ ସ୍ଥାନରେ କଟକଣା ବା ନୋ-ଏଣ୍ଟ୍ରି ସମୟରେ ଗାଡ଼ି ଚଳାଚଳ କରୁଛି। ହେଲେ ବଡ଼ବଜାର, ସାନବଜାର ଠାରୁ ଧାନମେରା ସାହି ଛକ ପର୍ଯ୍ୟନ୍ତ ରାସ୍ତାରେ ଏହି କଟକଣା ସଠିକ ଭାବେ ପାଳନ କରାଯାଉ ନାହିଁ। ଦିନ ୧୧ଟା ପର୍ଯ୍ୟନ୍ତ ନୋ-ଏଣ୍ଟ୍ରି ସମୟରେ ଟ୍ରକ୍ ଯିବାଆସିବା କରୁଛି। ଯାହା ଫଳରେ ପରିସ୍ଥିତି ଜଟିଳ ହୋଇପଡୁଛି।

ସୂଚନା ଯୋଗ୍ୟ ଯେ, ନୋ-ଏଣ୍ଟ୍ରି ସମୟରେ ଭାରିଯାନ ଚଳାଚଳ କରୁଥିବା ଦେଖିବାକୁ ମିଳୁଛି। ଏହି ରାସ୍ତାର ପ୍ରମୁଖ ଛକଗୁଡ଼ିକରେ ଟ୍ରାଫିକ ପୁଲିସ ମୁତୟନ ହୋଇଛନ୍ତି। କିନ୍ତୁ ଗାଡ଼ିଗୁଡ଼ିକ ଅଟକା ଯାଉନାହିଁ କିମ୍ବା ସେଗୁଡ଼ିକ ଠାରୁ ଜୋରିମାନା ଆଦାୟ ହେଉନାହିଁ। ଗୋଟିଏ ପଟେ ସହରରେ ଗାଡ଼ି ସଂଖ୍ୟା ବଢୁଥିବା ବେଳେ ଅପରପକ୍ଷେ ନୋ-ଏଣ୍ଟ୍ରି ସମୟରେ ମଧ୍ୟ ଗାଡ଼ି ଚାଲିବା ଫଳରେ ଟ୍ରାଫିକ ସମସ୍ୟା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ବିଗତ ଦିନରେ ସହରରେ ଅନେକ ଦୁର୍ଘଟଣା ଏହି ନୋ-ଏଣ୍ଟ୍ରି ସମୟରେ ଘଟିଛି। ଅନେକ ଜୀବନ ହାନୀ ହୋଇଛି। କେବଳ ଏତିକି ନୁହଁ, ସହରରେ ଦିନ ତମାମ୍ ଦୁଇ ଚକିଆ ଏବଂ ଚାରି ଚକିଆ ଚଳାଚଳ କରିଥାଏ। ହେଲେ ଭାରିଯାନ ଚାଲିବା ଦ୍ୱାରା ଦୁଇ ଚକିଆ ଗାଡ଼ି ଚାଳକମାନେ ମଧ୍ୟ ରାସ୍ତାକୁ ଓହ୍ଲାଇବାକୁ ଭୟ କରୁଛନ୍ତି। ଏଣୁ ନୋ-ଏଣ୍ଟ୍ରିକୁ କଡ଼ାକଡ଼ି ପାଳନ କରିବାକୁ ଦାବି ହୋଇଛି।

# ପ୍ରୋତ୍ସାହିତ କରୁଛି ପିଏମ୍ ଇଣ୍ଟର୍ଣ୍ଣସିପ୍ ଯୋଜନା



**ନୂଆଦିଲ୍ଲୀ,୧୭।୧୦:** ବିଶ୍ୱର ଅନ୍ୟତମ ଯୁବ ଏବଂ ସକ୍ରିୟ ଜନସଂଖ୍ୟା ଦ୍ୱାରା ପରିଚାଳିତ ଭାରତ ଏକ ଯୁଗାନ୍ତକାରୀ ଯାତ୍ରାର ଦ୍ୱାରଦେଶରେ ଅଛି। ବିଶ୍ୱ ଅର୍ଥବ୍ୟବସ୍ଥା ଦ୍ରୁତ ଗତିରେ ବିକଶିତ ହେଉଥିବାରୁ ଦକ୍ଷ କର୍ମଚାରୀଙ୍କ ଚାହିଦା ଖୁବ୍ ଦ୍ରୁତ ବେଗରେ ବୃଦ୍ଧି ପାଉଛି। ଏହାକୁ ସ୍ୱୀକାର କରି ଭାରତ ସରକାର ଏହାର ମାନବ ପୁଞ୍ଜିକୁ ନିଯୁକ୍ତିଯୋଗ୍ୟ, ଶିଳ୍ପ-ପ୍ରସ୍ତୁତ ଦକ୍ଷତା ସହ ବିକଶିତ କରିବା ଉଦ୍ଦେଶ୍ୟରେ ଅନେକ ପରିବର୍ତ୍ତନମୂଳକ ପଦକ୍ଷେପ ଆରମ୍ଭ କରିଛନ୍ତି। ଏକ ସମାବେଶୀ, ଗତିଶୀଳ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରି ଭାରତ କେବଳ ଏହାର ବୃଦ୍ଧି ପାଉଥିବା କର୍ମଚାରୀଙ୍କ ଆବଶ୍ୟକତାକୁ ପୂରଣ କରୁନାହିଁ ବରଂ ବିଶ୍ୱର ଦକ୍ଷତା ବିକାଶ ରାଜଧାନୀ ହେବା ଦିଗରେ ମଧ୍ୟ ପଥ ପ୍ରଶସ୍ତ କରୁଛି। ଏହି ନିଯୁକ୍ତି ଅଭିବୃଦ୍ଧିର ପ୍ରମୁଖ ପଦକ୍ଷେପ ଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ପ୍ରଧାନମନ୍ତ୍ରୀ ଇଣ୍ଟର୍ଣ୍ଣସିପ୍ ସ୍କିମ୍ (ପିଏମଆଇଏସ)। ଏହି ଯୋଜନା ୨୦୨୪ କେନ୍ଦ୍ର ବଜେଟର ଅଂଶ ଭାବରେ ଆରମ୍ଭ ହୋଇଥିଲା। ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ୧୦ ନିୟୁତ ଯୁବକଯୁବତୀଙ୍କୁ ଇଣ୍ଟର୍ନସିପ୍ ପ୍ରଦାନ କରିବା ର ଲକ୍ଷ୍ୟ ରଖି ଏହି ଯୋଜନା ଶିକ୍ଷାଗତ ଜ୍ଞାନ ଏବଂ କାର୍ଯ୍ୟକ୍ଷେତ୍ରର ଶିଳ୍ପ ଦକ୍ଷତା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ଦିଗରେ ଏକ ପରିବର୍ତ୍ତନଶୀଳ ଆଭିମୁଖ୍ୟର ପ୍ରତିନିଧିତ୍ୱ କରୁଛି। କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟର ନେତୃତ୍ୱରେ ପିଏମଆଇଏସ ଭାରତର ଶ୍ରେଷ୍ଠ ୫୦୦ କମ୍ପାନୀ ସହିତ ୧୨ ମାସର ଇଣ୍ଟରନସିପ୍ ରେ ଯୁବକଯୁବତୀମାନଙ୍କୁ ନିୟୋଜିତ କରିବାକୁ ଲକ୍ଷ୍ୟ ରଖିଛି, ଯାହା ସେମାନଙ୍କୁ ବାସ୍ତବ ଦୁନିଆର ବ୍ୟବସାୟିକ ପରିବେଶ ସହିତ ଯୋଡ଼ିପାରିବ। ଏହି ଯୋଜନା ବର୍ତ୍ତମାନର ଅନ୍ୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମଠାରୁ ସ୍ୱାଧୀନ ଭାବରେ କାର୍ଯ୍ୟ କରିବ ଏବଂ ଏଥିରେ କାର୍ଯ୍ୟ ଅଭିଜ୍ଞତା ମାଧ୍ୟମରେ ନିଯୁକ୍ତି ଦକ୍ଷତା ବୃଦ୍ଧି ଉପରେ ଧ୍ୟାନ ଦିଆଯାଇଛି। ସିଏସଆର ପାଣ୍ଠି ଜରିଆରେ ଉଭୟ ସରକାରୀ ଓ କର୍ପୋରେଟ୍ କ୍ଷେତ୍ରର ସହାୟତାରେ ଏହି ଅଭିଯାନ ମାସିକ ୫, ୦୦୦ ଟଙ୍କା ଷ୍ଟାଇପେଣ୍ଡ ପ୍ରଦାନ କରିଥାଏ, ଯାହା ଦ୍ୱାରା ବିଭିନ୍ନ ପୃଷ୍ଠଭୂମିର ଇଣ୍ଟର୍ଣ୍ଣମାନେ ଏଥିରେ ଅଂଶଗ୍ରହଣ କରିପାରିବେ। ଏହାବ୍ୟତୀତ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ମଡେଲ, ଯେଉଁଥିରେ ଆନୁସଙ୍ଗିକ ଖର୍ଚ୍ଚ ଏବଂ ବ୍ୟାପକ ବୀମା କଭରେଜ୍ ପାଇଁ ଏକକାଳୀନ ୬, ୦୦୦ ଟଙ୍କାର ଅନୁଦାନ ଅନ୍ତର୍ଭୁକ୍ତ, ଏହି ଯୋଜନାକୁ ବ୍ୟାପକ ଭାବେ ବହୁସଂଖ୍ୟକ ଆଶାୟୀଙ୍କ ପାଇଁ ଆର୍ଥିକ ଦୃଷ୍ଟିରୁ ଉପଲବ୍ଧ କରାଇଛି।

# କମ ଜମି ଥିବା ଚାଷୀଙ୍କୁ ଲାଭଜନକ ଆଦର୍ଶ କୃଷି ପଦ୍ଧତିର ପ୍ରଶିକ୍ଷଣ



**ନୂଆଦିଲ୍ଲୀ,୧୭।୧୦:** କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଆଜି ନୂଆଦିଲ୍ଲୀରେ କୃଷକ, କୃଷକ ସଂଗଠନ ଏବଂ ବିଭିନ୍ନ ରାଜ୍ୟର କୃଷକ, ସଦସ୍ୟ ଏବଂ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଛନ୍ତି। ଚୌହାନ କହିଛନ୍ତି ଯେ କୃଷକମାନଙ୍କ ସହିତ କୃଷି ସମ୍ବନ୍ଧୀୟ ଅନେକ ପ୍ରସଙ୍ଗ ଉପରେ ଗମ୍ଭୀରତାର ସହ ଆଲୋଚନା କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କରାଯାଇଥିବା ସମସ୍ତ ପ୍ରୟାସ ସହିତ ରବି ଫସଲର ଏମଏସପି ବୃଦ୍ଧି ପାଇଁ ଗତକାଲି କ୍ୟାବିନେଟର ନିଷ୍ପତ୍ତି ବିଷୟରେ ସେ କୃଷକମାନଙ୍କୁ ଅବଗତ କରାଇଥିଲେ। କୃଷକ ସଂଗଠନ ଗୁଡ଼ିକ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରିବା ସହ ଅନେକ ଗଠନମୂଳକ ପରାମର୍ଶ ଦେଇଥିଲେ। ଏକ, ଦୁଇ କିମ୍ବା ଅଢ଼େଇ ଏକର ଜମି ଥିବା କୃଷକମାନେ କିପରି ଚାଷ କରିବେ ଏବଂ ଏଥିରେ କିପରି ଲାଭଦାୟକ ଚାଷ କରିବେ ସେ ନେଇ ଆଦର୍ଶ କୃଷି କରିବା ପାଇଁ ସୂଚନା ଦିଆଯିବା ଦରକାର ବୋଲି କୃଷକମାନେ କହିଛନ୍ତି। ଏକ ଏକର ଚାଷ ଜମିରେ କୃଷକମାନେ ଲାଭଜନକ ଚାଷ କରୁଥିବାର ଉଦାହରଣ ମଧ୍ୟ ଦେଇଛନ୍ତି ଚାଷୀ। ଜଳ ଯୋଗାଣ, ସାର ବ୍ୟବହାର, ମାଟିକୁ ସୁସ୍ଥ କରିବା, ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷୟକ୍ଷତି, ଚିନିକଳ ବନ୍ଦ, ବୁଲା ପଶୁଙ୍କ ସମସ୍ୟା ଆଦି ବିଷୟରେ ଚାଷୀମାନେ ଆଲୋଚନା କରିଥିଲେ। ବାଜରା/ଶ୍ରୀ ଅନ୍ନକୁ ପ୍ରୋତ୍ସାହନ ଦେବା ନେଇ ମଧ୍ୟ ଚାଷୀମାନେ ପରାମର୍ଶ ଦେଇଛନ୍ତି।

## ପୂର୍ବତଟ ରେଳବାଇ ସତର୍କତା ସଚେତନତା ଅଭିଯାନ




**ଭୁବନେଶ୍ୱର,୧୭।୧୦(ସଂଚାର ବ୍ୟୁରୋ):** ପୂର୍ବତଟ ରେଳପଥ ଗତ ଅଗଷ୍ଟ ମାସ ୨୪ ତାରିଖ ଠାରୁ ତିନି ମାସ ପର୍ଯ୍ୟନ୍ତ ସତର୍କତା ସଚେତନତା ଅଭିଯାନ ଆରମ୍ଭ କରିଛି। କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ଙ୍କ ନିର୍ଦ୍ଦେଶନାମା ଅନୁଯାୟୀ "ସଂସ୍କୃତିର ଅଖଣ୍ଡତା ପାଇଁ ରାଷ୍ଟ୍ରର ସମୃଦ୍ଧତା" ବିଷୟବସ୍ତୁ ଆଧାରରେ ଏହି ଅଭିଯାନ ଆରମ୍ଭ କରାଯାଇଅଛି । ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ପୂର୍ବତଟ ରେଳପଥ ଜୋନ ମଧ୍ୟରେ ବିଭିନ୍ନ ପ୍ରକାରର କାର୍ଯ୍ୟକଳାପ ଆୟୋଜନ କରି ରେଳ କର୍ମଚାରୀ ଏବଂ ଜନସାଧାରଣଙ୍କ ମଧ୍ୟରେ ଅଖଣ୍ଡତାର ସଂସ୍କୃତି ବୃଦ୍ଧି କରାଇବା ।

# ଆସିବ ୧୬୦୦ ମେଟ୍ରିକ ଟନ୍ ପିଆଜ




**ନୂଆଦିଲ୍ଲୀ,୧୭।୧୦:** ଭାରତ ସରକାରଙ୍କ ଖାଉଟି ବ୍ୟାପାର ବିଭାଗ ପକ୍ଷରୁ ମୂଲ୍ୟ ସ୍ଥିରତା ପାଣ୍ଠି ଅଧୀନରେ ଭାରତୀୟ ଜାତୀୟ ସମବାୟ ଉପଭୋକ୍ତା ମହାସଂଘ ଲିମିଟେଡ୍ (ଏନସିସିଏଫ୍) ଦ୍ୱାରା କ୍ରୟ କରାଯାଇଥିବା ୧୬୦୦ ମେଟ୍ରିକ୍ ଟନ୍ (୪୨ ବିସିଏନ୍ ୱାଗନ୍ ଅର୍ଥାତ୍ ପାଖାପାଖି ୫୩ ଟ୍ରକ୍) ପିଆଜ ନାସିକରୁ ଦିଲ୍ଲୀ ଏନସିଆରକୁ କାଣ୍ଡା ଫାଷ୍ଟ ଟ୍ରେନ୍ ଯୋଗେ ରେଳରେ ପଠାଯାଉଛି ବୋଲି ଘୋଷଣା କରାଯାଇଛି। ପ୍ରଥମ ଥର ପାଇଁ ମୂଲ୍ୟ ସ୍ଥିରତା ହସ୍ତକ୍ଷେପ ଅଧୀନରେ ରେଳ ରେକ୍ ମାଧ୍ୟମରେ ପିଆଜର ବ୍ୟାପକ ପରିବହନ କରାଯାଇଛି। ୨୦ ଅକ୍ଟୋବର, ୨୦୨୪ ସୁଦ୍ଧା ରପ୍ତାନି ପିଆଜ ଆସିବାର କାର୍ଯ୍ୟକ୍ରମ ରହିଛି ଏବଂ ଏହି ଷ୍ଟକ୍ ଦିଲ୍ଲୀ- ଏନସିଆରରେ ବଜାରରେ ଉପଲବ୍ଧ ହେବ, ଯାହା ଏହି ପାର୍ବଣ ଋତୁରେ ଉପଭୋକ୍ତାଙ୍କ ପାଇଁ ଉପଲବ୍ଧତାକୁ ଯଥେଷ୍ଟ ବୃଦ୍ଧି କରିବ। ଭାରତ ସରକାରଙ୍କ ଖାଉଟି ବ୍ୟାପାର ବିଭାଗର ସଚିବ ନିଧି ଖାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଯେ ପିଆଜ ପରିବହନର ଏକ ମାଧ୍ୟମ ଭାବରେ ରେଳବାଇ ଗୁରୁତ୍ୱ ବହନ କରିବ କାରଣ ନିଷ୍କାସନର ଗତିକୁ ସୁଦୃଢ଼ କରିବା ପାଇଁ ଅଧିକ ଗନ୍ତବ୍ୟ ସ୍ଥଳ ସଂଯୋଗ କରାଯାଉଛି। ଆସନ୍ତା କିଛି ଦିନ ମଧ୍ୟରେ ଲକ୍ଷ୍ନୌ ଏବଂ ବାରାଣସୀକୁ ରେଳ ରେକ୍ ଯୋଗେ ରପ୍ତାନି କରାଯିବ। ନାସିକ୍ ରୁ ଉତ୍ତର- ପୂର୍ବାଞ୍ଚଳର ଏକାଧିକ ସ୍ଥାନକୁ ପିଆଜ ରେକ୍ ପରିବହନ ପାଇଁ ଅନୁମତି ଦେବାକୁ ବିଭାଗ ଭାରତୀୟ ରେଳବାଇକୁ ଅନୁରୋଧ କରିଛି, ଯେଉଁଥିରେ (୧) ଏନଜେପି : ନ୍ୟୁ ଜଳପାଇଗୁଡ଼ି (ସିଲିଗୁଡ଼ି), (୨) ଡିବିଆରଜି - ଡିବ୍ରୁଗଡ଼, (୩) ଏନଟିଏସକେ - ନ୍ୟୁ ତିନସୁକିଆ ଏବଂ (୪) ସିଜିଏସ୍: ଚାଙ୍ଗସାରୀ ଅନ୍ତର୍ଭୁକ୍ତ। ଏହା ଦ୍ୱାରା ଭାରତର ବିଭିନ୍ନ ଅଞ୍ଚଳରେ ପିଆଜର ବ୍ୟାପକ ଉପଲବ୍ଧତା ସୁନିଶ୍ଚିତ ହେବ ଏବଂ ଗ୍ରାହକଙ୍କୁ ଅତ୍ୟନ୍ତ ଉଚିତ ମୂଲ୍ୟରେ ଏହାର ଉପଲବ୍ଧତା ସୁନିଶ୍ଚିତ ହେବ।

# ଭାଷା ସଭ୍ୟତା ଓ ସଂସ୍କୃତିର ଆତ୍ମା

**ଭାରତ ବିଶ୍ୱକୁ ଯୁଦ୍ଧ ନୁହେଁ, ବରଂ ବୁଦ୍ଧ ଦେଇଛି**

- ଧର୍ମର ସାରାଂଶ ବୁଝିବାକୁ ପାଲି ଭାଷାରେ ଜ୍ଞାନ ଆବଶ୍ୟକ
- ଭାଷା କେବଳ ଏକ ସଞ୍ଚାରର ମାଧ୍ୟମ ନୁହେଁ

**ନୂଆଦିଲ୍ଲୀ,୧୭।୧୦:** ନୂଆଦିଲ୍ଲୀର ବିଜ୍ଞାନଭବନରେ ଆଜି ଆନ୍ତର୍ଜାତିକ ଅଭିଧମ୍ମ ଦିବସ ଏବଂ ପାଲିକୁ ଶାସ୍ତ୍ରୀୟ ଭାଷା ମାନ୍ୟତା ଉପଲକ୍ଷେ ଆୟୋଜିତ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦବୋଧନ ଦେଇଛନ୍ତି। ଭଗବାନ ବୁଦ୍ଧଙ୍କ ଦିବ୍ୟକ୍ଷେତ୍ରରୁ ଅଭିଧମ୍ମ ଶିକ୍ଷା ସ୍ମୃତିରେ ଅଭିଧମ୍ମ ଦିବସ ପାଳନ କରାଯାଇଥାଏ। ଭଗବାନ ବୁଦ୍ଧଙ୍କ ଶିକ୍ଷା ଗୁଡ଼ିକ କେବଳ ପାଲି ଭାଷାରେ ଉପଲବ୍ଧ ହୋଇଥାଏ। ନିକଟରେ ପାଲି ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରାଯାଇଥିବାରୁ ଚଳିତ ବର୍ଷର ଅଭିଧମ୍ମ ଦିବସ ଉତ୍ସବର ଗୁରୁତ୍ୱ ବୃଦ୍ଧି ପାଇଛି। ଉଦବୋଧନ ଅବସରରେ ପ୍ରଧାନମନ୍ତ୍ରୀ ଅଭିଧମ୍ମ ଦିବସରେ ଉପସ୍ଥିତ ଥିବାରୁ କୃତଜ୍ଞତା ପ୍ରକାଶ କରିଥିଲେ ଏବଂ କହିଥିଲେ, ଏହି ଅବସର ଲୋକମାନଙ୍କୁ ବିଶ୍ୱକୁ ପ୍ରେମ ଓ କରୁଣାର ଉତ୍ତମ ସ୍ଥାନ ଭାବେ ଗଢ଼ିବାକୁ ମନେ ପକାଉଛି। ଗତବର୍ଷ କୁଶୀନଗରରେ ଏକ ସମାନ ଧରଣର ଉତ୍ସବରେ ଯୋଗଦାନ ବିଷୟକୁ ପ୍ରଧାନମନ୍ତ୍ରୀ ସ୍ମରଣ କରିଥିଲେ ଏବଂ ଭଗବାନ ବୁଦ୍ଧଙ୍କ ସହ ଯାତ୍ରା ଜନ୍ମରୁ ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ଚାଲିଛି। ପ୍ରଧାନମନ୍ତ୍ରୀ କହିଥିଲେ ଗୁଜରାଟର ବଡ଼ନଗରରେ ତାଙ୍କର ଜନ୍ମ, ଯାହାକି ଏକଦା ବୌଦ୍ଧ ଧର୍ମର ବଡ଼ କେନ୍ଦ୍ର ଥିଲା। ଏହି ପ୍ରେରଣା ହିଁ ତାଙ୍କୁ ଭଗବାନ ବୁଦ୍ଧଙ୍କ ଧମ୍ମ ଓ ଶିକ୍ଷା ପ୍ରସାରରେ ଅଭିଜ୍ଞତା ଦେଇଛି। ବିଗତ ୧୦ ବର୍ଷରେ ଭାରତ ଏବଂ ବିଶ୍ୱର ଭିନ୍ନ ଭିନ୍ନ ସ୍ଥାନରେ ଭଗବାନ ବୁଦ୍ଧଙ୍କ ସମ୍ପର୍କିତ ଅନେକ ପବିତ୍ର ଉତ୍ସବରେ ସାମିଲ ହେବାର ସୌଭାଗ୍ୟ ତାଙ୍କୁ ମିଳିଥିବା ସେ କହିଥିଲେ। ଏହା ମଧ୍ୟରେ ନେପାଳରେ ଥିବା ଭଗବାନ ବୁଦ୍ଧଙ୍କ ଜନ୍ମସ୍ଥାନ ଗସ୍ତ, ମଙ୍ଗୋଲିଆରେ ଭଗବାନ ବୁଦ୍ଧଙ୍କ ପ୍ରତିମାର ଅନାବରଣ ଏବଂ ଶ୍ରୀଲଙ୍କାରେ ବୈଶାଖୀ ସମାରୋହରେ ସାମିଲ ହେବା ଅନ୍ତର୍ଭୁକ୍ତ। ପ୍ରଧାନମନ୍ତ୍ରୀ କହିଥିଲେ, ତାଙ୍କର ବିଶ୍ୱାସ ଯେ ସଂଘ ଓ ସାଧକର ଯେଉଁ ସଙ୍ଗ ତାଙ୍କୁ ମିଳିଛି ତାହା ଭଗବାନ ବୁଦ୍ଧଙ୍କ ଆଶୀର୍ବାଦ ଏବଂ ଏହି ଅବସରରେ ସେ ସମସ୍ତଙ୍କୁ ଶୁଭକାମନା ଜଣାଇଥିଲେ। ଏହା ଶରଦ ପୂର୍ଣ୍ଣିମା ଏବଂ ମହର୍ଷି ବାଲ୍ମିକୀଙ୍କ ଜନ୍ମ ବାର୍ଷିକୀର ପବିତ୍ର ଅବସର ବୋଲି ମଧ୍ୟ ସେ ଉଲ୍ଲେଖ କରିଥିଲେ। ସମସ୍ତଙ୍କୁ ପ୍ରଧାନମନ୍ତ୍ରୀ ଶୁଭେଚ୍ଛା ଜଣାଇଥିଲେ।

## ତୃତୀୟ ବଲ୍ଲଭ ନୃତ୍ୟ ଉତ୍ସବ



**ଭୁବନେଶ୍ୱର,୧୭।୧୦(ସଂଚାର ବ୍ୟୁରୋ):** ରାଜଧାନୀର ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ବଲ୍ଲଭ ପକ୍ଷରୁ ତୃତୀୟ ନୃତ୍ୟ ଉତ୍ସବ ରବିନ୍ଦ୍ର ମଣ୍ଡପର ଆଜି ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ଶାସନ ସଚିବ ଉଷାରାଣୀ ଦାସଙ୍କ ଦ୍ୱାରା ଉଦଘାଟିତ ହୋଇଛି। ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁ ଏଥିରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ।ରୁଦ୍ରାକ୍ଷ ଓ ବଲ୍ଲଭ ର ଶିଳ୍ପୀମାନଙ୍କୁ ଦ୍ୱାରା ପରିବେଷିତ ସୂର୍ଯ୍ୟ ସ୍ତୁତି, ସମ୍ବଲପୁରୀ ନୃତ୍ୟ ଦର୍ଶକମାନଙ୍କୁ ଅଭିଭୂତ କରିଥିଲା। ଶେଷରେ ଗୁରୁ ମମତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଭକ୍ତ ଭଗବାନ ଏକାକାର

# ପତିତ ପାବନଙ୍କୁ ଦର୍ଶନ କଲେ କର୍କଟ ପୀଡିତ



**ପୁରୀ,୧୭।୧୦(ସଂଚାର ବ୍ୟୁରୋ):** ଭକ୍ତ ଓ ଭଗବାନଙ୍କ ମଧ୍ୟରେ ସମ୍ପର୍କ ଅତି ନିବିଡ଼ । ଭକ୍ତ ଓ ଭଗବାନ ଯେତେବେଳେ ଏକାକାର ହୋଇଯାଆନ୍ତି ସେତେବେଳେ ସେମାନଙ୍କ ମଧ୍ୟରେ ବନ୍ଧବାଡ଼ ନ ଥାଏ। ଜୀବନର ଶେଷ ମୁହୂର୍ତ୍ତରେ କାଳିଆକୁ ଟିକେ ଦେଖିବାକୁ ଯାଜପୁରରୁ ପୁରୀକୁ ଧାଇଁ ଆସିଥିବା ଜଣେ ବୃଦ୍ଧଙ୍କୁ ଦେଖି ସମସ୍ତଙ୍କ ଆଖିରେ ଲୁହ ଜକେଇ ଯାଇଛି। ବୃଦ୍ଧଜଣକ କ୍ୟାନସରରେ ପୀଡ଼ିତ ଥିବା ବେଳେ ଜୀବନରେ ଶେଷ ଥର କାଳିଆ ଦର୍ଶନ ପାଇଁ ପୁରୀକୁ ଧାଇଁ ଆସିଛନ୍ତି। ମାତ୍ର ମନ୍ଦିର ଭିତରକୁ ଯିବା ସମ୍ଭବ ନ ହେବାରୁ ଷ୍ଟ୍ରେଚରରେ ସେ ବାହାରୁ ହିଁ ଜଗା ଦର୍ଶନ କରିଛନ୍ତି।

ଯାଜପୁର ଜିଲ୍ଲା କୁଆଖାଇ ଗ୍ରାମର ବିଜୟ କୁମାର ତରେଇ। ଦୀର୍ଘ ଦିନ ହେବ ସେ କ୍ୟାନସରରେ ପୀଡ଼ିତ ଥିବା ବେଳେ ଏବେ ଜୀବନର ଶେଷ ସୋପାନରେ ପହଞ୍ଚିଛନ୍ତି। ବିଜୟ ଏବେ ମରଣ ସହ ଲଢ଼େଇ କରୁଥିବା ବେଳେ ଡାକ୍ତରମାନେ ବି ଆଶା ଛାଡ଼ି ଦେଇଛନ୍ତି। ତେଣୁ ଜୀବନର ଶେଷ ସମୟରେ କାଳିଆ ଦର୍ଶନ କରିବାକୁ ମନ ବଳାଇଲେ ବିଜୟ। ସ୍ୱାସ୍ଥ୍ୟ ଦିନକୁ ଦିନ ଜଟିଳ ହେଉଥିବାରୁ ମୃତ୍ୟୁ ପୂର୍ବରୁ ଜଗା ଦର୍ଶନ କରିବା ନିମନ୍ତେ ପରିବାର ସଦସ୍ୟଙ୍କ ସମ୍ମୁଖରେ ଇଚ୍ଛା ବ୍ୟକ୍ତ କରିଥିଲେ। ପରିବାର ଲୋକେ ବି ବିଜୟଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ତାଙ୍କୁ ଧରି ପୁରୀ ଆସିଥିଲେ। ମାତ୍ର ସେ ମନ୍ଦିର ଭିତରକୁ ଯିବା ସମ୍ଭବ ନ ହେବାରୁ ତାଙ୍କୁ ଏକ ଷ୍ଟ୍ରେଚରରେ ଶୁଆଇ ସିଂହଦ୍ୱାର ସମ୍ମୁଖରେ ରଖିଥିଲେ ପରିବାର ଲୋକେ। ତାଙ୍କ ସହ ତାଙ୍କ ପୁଅ ଏବଂ ସାନ ଭାଇ ଥିଲେ। ସେହିଠାରୁ ହିଁ କାଳିଆ ସାଆନ୍ତଙ୍କୁ ମୁଣ୍ଡିଆ ମାରି ନିଜ ମନକଥା ଜଣାଇଛନ୍ତି ବିଜୟ । ଏପରି ଏକ ହୃଦୟ ବିଦାରକ ଦୃଶ୍ୟ ଦେଖି ଅନ୍ୟ ଭକ୍ତଙ୍କ ଆଖିରେ ଲୁହ ଆସି ଯାଇଥିଲା। ବିଜୟଙ୍କ ଆଶୁ ଆରୋଗ୍ୟ ନିମନ୍ତେ ସେମାନେ କାଳିଆ ସାଆନ୍ତଙ୍କୁ ଗୁହାରି କରିଥିଲେ।

## ଟ୍ରେନ୍ ଆଗକୁ ଡେଇଁ ଜୀବନ ହାରିଲେ ପ୍ରେମିକ

**ଭୁବନେଶ୍ୱର,୧୭।୧୦(ସଂଚାର ବ୍ୟୁରୋ):** ରାତିରେ ପ୍ରେମିକା ସହ ହୋଇଥିଲା ଝଗଡ଼ା । ଧମକ ଦେଇଥିଲେ ଗାର୍ଲଫ୍ରେଣ୍ଡଙ୍କ ମା । ଅସହ୍ୟ ହେଲା ନିର୍ଯାତନା । ଟ୍ରେନ୍ ଆଗକୁ ଡେଇଁ ଜୀବନ ହାରିଲେ ପ୍ରେମିକ । ଆଜି ସରକନ୍ତରା ବାହାଦଲପୁର ରେଲୱେ କ୍ରସିଙ୍ଗ ନିକଟରେ ମିଳିଲା ଯୁବକଙ୍କ ମୃତଦେହ। ଖଣ୍ଡବିଖଣ୍ଡିତ ମୃତଦେହ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଲା ଜିଆରପି ପୋଲିସ। ମୃତକ ହେଉଛନ୍ତି ଡୁମଡୁମା ଅଞ୍ଚଳର ନିରଞ୍ଜନ ସାହୁ ବୋଲି ଜଣାପଡ଼ିଛି । ରାଜଧାନୀ ଭୁବନେଶ୍ୱରରେ ଏଭଳି ଅଘଟଣ ଘଟିଛି ।

## ଟ୍ୱିନ୍ ସିଟି କ୍ରାଇମ୍

# ଡିଭାଇଡରରେ ପିଟିଲା ବିଏମ୍‌ଡବ୍ଲ୍ୟୁ

**ଭୁବନେଶ୍ୱର,୧୭।୧୦(ସଂଚାର ବ୍ୟୁରୋ):** ଏକ ଘରୋଇ ସ୍କୁଲରୁ ଛାତ୍ରୀଙ୍କୁ ଧରି ଆସୁଥିବା ବିଏମଡବ୍ଲ୍ୟୁ କାର୍ ଘଣ୍ଟା ପ୍ରତି ୧୦୦ କିମି ସ୍ପିଡ୍‌ରେ ଆସି ଡିଭାଇଡରକୁ ପିଟିଲା। ଗୁରୁବାର ଅପରାହ୍ଣରେ ରାଜଧାନୀ ଭୁବନେଶ୍ୱରରେ ଏପରି ଭୟଙ୍କର ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ କେହି ମୃତାହତ ହୋଇନଥିଲେ ମଧ୍ୟ ବିଳାଶପୂର୍ଣ୍ଣ କାରଟିର ଗୋଟିଏ ପାର୍ଶ୍ୱ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଦେଖାଯାଇଛି। ସୂଚନା ଯୋଗ୍ୟଯେ, ଶୈଳଶ୍ରୀ ବିହାର-ମୈତ୍ରୀ ବିହାର ରାସ୍ତାରେ ଏହି ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଏକ ପ୍ରାଇଭେଟ୍ ସ୍କୁଲରୁ ଛାତ୍ରୀଙ୍କୁ ଧରି ଆସୁଥିବା ବିଏମଡବ୍ଲ୍ୟୁ କାର ଘଣ୍ଟା ପ୍ରତି ୮୦ କିମି ସ୍ପିଡ୍‌ରେ ଆସି ଡିଭାଇର୍ଡରକୁ ପିଟିଥିଲା।

ପରେ କାର୍‌ଟି ରାସ୍ତା ପାର୍ଶ୍ୱରେ ଥିବା ଲୁହା ବାଡରେ ଘଷି ହୋଇ ୫୦ ମିଟର ପର୍ଯ୍ୟନ୍ତ ଘୁଷୁରି ହୋଇ ଯାଇଥିଲା। ଏହି ବିଳାଶପୂର୍ଣ୍ଣ କାର୍‌ର ଗୋଟିଏ ପାର୍ଶ୍ୱ ପୂରା ଚୁର୍‌ମାର ହୋଇଯାଇଛି। ହେଲେ କାର୍ ଭିତରେ ଥିବା ଛାତ୍ରୀଙ୍କ ସମେତ ୩ ଜଣ ସୁରକ୍ଷିତ ଅଛନ୍ତି। ସମସ୍ତଙ୍କୁ ସୁରକ୍ଷିତ ଉର୍ଦ୍ଧାର କରାଯାଇଛି। ରାଜଧାନୀ ଭିତରେ ଘଣ୍ଟା ପ୍ରତି ୫୦ କିମିରୁ ଅଧିକ ବେଗରେ ଗାଡି ଚଳାଇ ହେବନାହିଁ। ଏହା ସତ୍ତ୍ୱେ ୭୫ରୁ ୮୦ କିମି ବେଗରେ ବିଏମଡବ୍ଲ୍ୟୁ କାର୍‌ଟି କେମିତି ଯାଉଥିଲା ? ଏହାକୁ ନେଇ ନାନା ପ୍ରଶ୍ନ ଉଙ୍କି ମାରୁଛି।

## ବ୍ରହ୍ମପୁର ସମ୍ ହସ୍ପିଟାଲ୍‌ରେ କେମୋଥେରାପି ଚିକିତ୍ସା



**ଭୁବନେଶ୍ୱର,୧୭।୧୦(ସଂଚାର ବ୍ୟୁରୋ):** ଦକ୍ଷିଣ ଓଡ଼ିଶାରେ ଉନ୍ନତ ମାନର ଅତ୍ୟାଧୁନିକ କର୍କଟ ଚିକିତ୍ସା ନିମନ୍ତେ ବ୍ରହ୍ମପୁରର ଶୀତଳାପଲ୍ଲୀ ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ-କ୍ୟାମ୍ପସ ୩ରେ କର୍କଟ ରୋଗୀମାନଙ୍କ ନିମନ୍ତେ କେମୋଥେରାପି ଚିକିତ୍ସା ପ୍ରଦାନ ଆରମ୍ଭ କରାଯାଇଛି। ଏହି ପ୍ରୟାସ ଆରମ୍ଭ ହେବା ଦ୍ୱାରା ସମ୍ପୃକ୍ତ ଅଞ୍ଚଳର ରୋଗୀମାନଙ୍କୁ ଦୂରସ୍ଥାନକୁ ଯିବାକୁ ପଡ଼ିବ ନାହିଁ। ସେମାନଙ୍କ ପରିବାରର ଆର୍ଥିକ ବୋଝ ହ୍ରାସ ପାଇବା ସହ ସେମାନେ ନିଜ ଅଞ୍ଚଳରେ ହିଁ ଅତ୍ୟାଧୁନିକ କର୍କଟ ଚିକିତ୍ସା ପାଇପାରିବେ। ଏଠାରେ କେମୋଥେରାପି ଚିକିତ୍ସା ମିଳିବା ଦ୍ୱାରା ରୋଗୀମାନଙ୍କର ଯେ କେବଳ ସମୟ ଏବଂ ଟଙ୍କା ସଂରକ୍ଷିତ ହୋଇପାରିବ ତାହା ନୁହେଁ ବରଂ ଉପଯୁକ୍ତ ସମୟରେ ସେମାନେ ପ୍ରଭାବପୂର୍ଣ୍ଣ କର୍କଟ ଚିକିତ୍ସା ପାଇପାରିବେ। ଶୀତଳାପଲ୍ଲୀ ସ୍ଥିତ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ପ୍ରତ୍ୟେକ ଶନିବାର ଓ ରବିବାର ଦିନ ମାଗଣା କର୍କଟ ଚିକିତ୍ସାର ପରାମର୍ଶ ଦିଆଯାଉଛି। ଅଙ୍କୋଲୋଜି ମେଡିସିନ ବିଭାଗର ପରାମର୍ଶ ଶନିବାର ଆୟୋଜନ କରାଯାଉଥିବା ବେଳେ ଅଙ୍କୋଲୋଜି ସର୍ଜରୀ ବିଭାଗର ପରାମର୍ଶ ଶିବିର ରବିବାର ଦିନ ଉପଲବ୍ଧ ହେଉଛି। ରୋଗୀମାନଙ୍କୁ ଚିକିତ୍ସାର ଦିଗ, ଉପଦେଶ, ଅସ୍ତ୍ରୋପଚାର ଏବଂ କେମୋଥେରାପିର ଯୋଜନା ସମ୍ପର୍କରେ ଉପଯୁକ୍ତ ଦିଗଦର୍ଶନ ଦେବା ହିଁ ଏହି ମାଗଣା ପରାମର୍ଶ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ହସ୍ପିଟାଲ୍‌ର ନିର୍ଦ୍ଦେଶକ ଦେବପ୍ରସାଦ ଦାଶ କହିଛନ୍ତି।

# ସ୍ମୃତି ହୋଇ ରହିବେ ମନୋଜ

## କିମ୍‌ସ ଜରିଆରେ ହେଲା ଅଙ୍ଗଦାନ



**ଭୁବନେଶ୍ୱର,୧୭।୧୦(ସଂଚାର ବ୍ୟୁରୋ):** ଅଙ୍ଗଦାନ କରି ମହାନ କାର୍ଯ୍ୟ କରିଛନ୍ତି ମନୋଜଙ୍କ ପରିବାର ଲୋକେ। ଫଳରେ ୩ଜଣଙ୍କ ଜୀବନ ବଞ୍ଚାଇ ମନୋଜ ସେମାନଙ୍କଠାରେ ସ୍ମୃତି ହୋଇ ରହିବେ। ୪ ଦିନ ତଳେ ପଟିଆ ଅଞ୍ଚଳରେ ମର୍ମନ୍ତୁଦ ବାଇକ୍ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ କେନ୍ଦ୍ରାପଡ଼ା ଜିଲ୍ଲା ଅରିପଦା ଅଞ୍ଚଳର ୨୩ ବର୍ଷ ବୟସ୍କ ମନୋଜ ସାହୁ। ସଙ୍କଟାପନ୍ନ ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ କିମ୍‌ସକୁ ନେଇ ଆସିଥିଲେ। ପରେ ମନୋଜଙ୍କ ବାପା କୈଳାସ ଓ ଅନ୍ୟ ପରିବାର ଲୋକେ ମଧ୍ୟ ପହଞ୍ଚିଥିଲେ କିମ୍‌ସରେ। ଡାକ୍ତରଙ୍କ ବହୁ ଉଦ୍ୟମ ସତ୍ତ୍ୱେ ମନୋଜଙ୍କ ବ୍ରେନଡେଡ୍ ହୋଇଯାଇଥିବା ଜଣାପଡ଼ିଥିଲା। ପୁଅର ବ୍ରେନଡେଡ୍ ହୋଇଯାଇଥିବା ଜାଣି ବାପା କୈଳାସ ଭାଙ୍ଗି ପଡ଼ିଥିଲେ। ସେ ଜାଣିଥିଲେ ତାଙ୍କ ପୁଅ ଆଉ ବଞ୍ଚିବ ନାହିଁ। କିନ୍ତୁ ସେ ଏହି ପରିସ୍ଥିତିରେ ଏକ କଠିନ ନିଷ୍ପତ୍ତି ନେଇଥିଲେ। ପରିବାର ସଦସ୍ୟଙ୍କ ସହ ଆଲୋଚନା କରି ପୁଅର ଅଙ୍ଗଦାନ ପାଇଁ ନିଷ୍ପତ୍ତି ନେଲେ। କୈଳାସ ଗାଡ଼ି ଚଳାଇ ପ୍ରତିପୋଷଣ କରନ୍ତି। ପୁଅ ମନୋଜ ମଧ୍ୟ ପଟିଆ ଅଞ୍ଚଳରେ ଏକ ରେଷ୍ଟୁରାଣ୍ଟରେ କାମ କରୁଥିଲେ। ଏ ବିଷୟରେ ସେ କିମ୍‌ସ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ କିମ୍‌ସ ପକ୍ଷରୁ କୈଳାସଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇ ଆବଶ୍ୟକ ପଦକ୍ଷେପ ଓ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। କିମ୍‌ସର ମେଡ଼ିକାଲ ଅଧୀକ୍ଷକ ଡା. ଆର. ସି ଦାସ କୈଳାସଙ୍କୁ ସାଧୁବାଦ ଜଣାଇଛନ୍ତି। ସରକାରୀ ମାର୍ଗଦର୍ଶିକା ଅନୁସାରେ ସମସ୍ତ ପ୍ରକ୍ରିୟା କରାଯିବ ବୋଲି ଡା. ଦାସ କହିଛନ୍ତି। ଅପରପକ୍ଷରେ କୈଳାସ ନିଜ ପୁଅର ଅଙ୍ଗଦାନ ପାଇଁ ସ୍ୱେଚ୍ଛାକୃତ ଭାବେ ଆଗେଇ ଆସିଥିବାରୁ କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କୈଳାସଙ୍କୁ ଧନ୍ୟବାଦ ଜଣାଇଛନ୍ତି ଓ ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି। କୈଳାସଙ୍କ ଏହି ନିଷ୍ପତ୍ତି ଅନ୍ୟମାନଙ୍କଠାରେ ତାଙ୍କୁ ମହାନ କରିତୋଳିଛି।

## ଯୁବତୀଙ୍କ ଫଟୋ ଭାଇରାଲ କରି ଯୁବକ ଗିରଫ

**ଭୁବନେଶ୍ୱର,୧୭।୧୦(ସଂଚାର ବ୍ୟୁରୋ):** ବିବାହ କରିବାକୁ ମନା କରିବାରୁ ଯୁବତୀଙ୍କ ଫଟୋକୁ ଏଡିଟ୍ କରି ତାଙ୍କ ସାଙ୍ଗ ମାନଙ୍କୁ ଭାଇରାଲ କରିବା ଅଭିଯୋଗରେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲା, ଯାଜପୁର ଜିଲ୍ଲାର ପ୍ରଦୀପ କୁମାର ଦାସ। ସୂଚନା ଯୋଗ୍ୟଯେ, ପୀଡ଼ିତା ଗତ ୨୦୧୭ ମସିହାରେ ଏକ ଘରୋଇ ହସ୍ପିଟାଲ ନର୍ସିଂ ଅଫିସର ଭାବରେ କାର୍ଯ୍ୟ କରୁଥିବା ସମୟରେ ଅଭିଯୁକ୍ତ ପ୍ରଦୀପ ଓ ପୀଡ଼ିତା ଉଭୟେ ପରସ୍ପରଙ୍କର ସମ୍ପର୍କରେ ଆସିଥିଲେ।

ପରବର୍ତ୍ତୀ ସମୟରେ ଉଭୟେ ଫୋନ ମାଧ୍ୟମରେ କଥା ଆରମ୍ଭ କରିଥିବାରୁ ଉଭୟଙ୍କ ମଧ୍ୟରେ ଅନେକ ସମୟରେ ଟଙ୍କା ନେଣଦେଣ ମଧ୍ୟ ହୋଇଥିଲା। ଯେତେବେଳେ ପୀଡ଼ିତା ବିବାହ କରିବା ନେଇ ଅଭିଯୁକ୍ତକୁ ପଚାରିଥିଲେ। ହେଲେ ଅଭିଯୁକ୍ତ ପ୍ରଦୀପ ବିଭିନ୍ନ ବାହାନା କରି ତାଙ୍କୁ ଏଡାଇବାକୁ ଆରମ୍ଭ କରିଥିଲା। ଯାହାଫଳରେ ପୀଡ଼ିତାଙ୍କର ସନ୍ଦେହ ହେବାରୁ ସେ ପ୍ରଦୀପଙ୍କ ବୈବାହିକ ସ୍ଥିତି ନେଇ ତଦନ୍ତ କରିବା ବେଳେ, ଜାଣିବାକୁ ପାଇଥିଲେ ପ୍ରଦୀପ ପୂର୍ବରୁ ବିବାହିତ ଓ ତାଙ୍କର ସ୍ତ୍ରୀ ଓ ୨ଟି ଛୁଆଙ୍କ ସହିତ ଗାଁରେ ରହୁଛନ୍ତି। ଏସବୁ ଜାଣିବା ପରେ ପୀଡ଼ିତା ଅଭିଯୁକ୍ତଙ୍କ ଠାରୁ ଦୁରେଇଯାଇଥିଲେ। ଏଥିରେ ଅଭିଯୁକ୍ତ ଅତ୍ୟଧିକ ରାଗିଯାଇଥିଲେ ଓ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କର କିଛି ଏଡିଟ୍ ଫଟୋକୁ ପୀଡ଼ିତାଙ୍କର ବନ୍ଧୁ ମାନଙ୍କୁ ପଠାଇଥିଲେ। ଏନେଇ ପୀଡ଼ିତା ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଅଭିଯୁକ୍ତକୁ ଗିରଫ କରିଛି। ପରେ ତା ମୋବାଇଲ ଜବତ କରାଯିବା ସହ ମୋବାଇଲରେ ଥିବା ଫଟୋ ଗୁଡ଼ିକୁ ଡିଲିଟ୍ କରାଯାଇଥିଲା।

# ପ୍ରଥମ ଥର ପୂଜାମଣ୍ଡପରେ ରକ୍ତଦାନ ଶିବିର



**ଭୁବନେଶ୍ୱର,୧୭।୧୦(ସଂଚାର ବ୍ୟୁରୋ):** ଗଜଲକ୍ଷ୍ମୀ ସାଂସ୍କୃତିକ ସଂଘ ଓ ଜୟ ଓଡିଶାର ମିଳିତ ଆନୁକୁଲ୍ୟରେ ଆୟୋଜିତ ଚଳିତ ବର୍ଷର ଗଜଲକ୍ଷ୍ମୀ ପୂଜା, ଓଡ଼ିଶାରେ ପ୍ରଥମ ଥର ପାଇଁ ପୂଜାମଣ୍ଡପରେ ଏକ ରକ୍ତଦାନ ଶିବିର ମାଧ୍ୟମରେ ଆରମ୍ଭ ହୋଇଯାଇଛି। ରକ୍ତଦାନ ଶିବିରର ପ୍ରଥମ ଦିନରେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ ଓ ଭାରତୀୟ ଜନତା ପାର୍ଟିର ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀର ସାଙ୍ଗଠନିକ ସଂଯୋଜକ ଜଗନ୍ନାଥ ପ୍ରଧାନ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ମହତ୍ ଉଦ୍ୟମ ଯୁବସମାଜ ମଧ୍ୟରେ ରକ୍ତଦାନର ମହତ୍ତ୍ୱର ବାର୍ତ୍ତା ଦେଉଥିବାରୁ ଅନେକ ସ୍ଥାନୀୟ ବାସିନ୍ଦା ତଥା ଯୁବକ ମାନେ ସ୍ୱେଚ୍ଛାକୃତ ଭାବେ ଆସି ରକ୍ତଦାନ କରି ମା ଙ୍କ ଆଶୀର୍ବାଦ ଗ୍ରହଣ କରିଥିବାର ଦେଖା ଯାଇଥିଲା। ସାଧାରଣ ଭାବେ ପୂଜା ମଣ୍ଡପ ଠାରେ ମାଙ୍କ ଦର୍ଶନ ନିମନ୍ତେ ବହୁ ସଂଖ୍ୟକ ଲୋକ ଆସୁଥିବାରୁ ଏହି ସ୍ଥାନରେ ରକ୍ତଦାନ ଶିବିର ଆୟୋଜିତ କରିବା ଦ୍ୱାରା ଏହା ଜନସାଧାରଣଙ୍କ ମଧ୍ୟରେ ଏକ ସଚେତନତାର ବାର୍ତ୍ତା ପ୍ରସାର କରିବା ସହ ଏଥିରୁ ଅନୁପ୍ରାଣିତ ହୋଇ ଅନ୍ୟାନ୍ୟ ପୂଜାର ଆୟୋଜକ ମାନେ ମଧ୍ୟ ରକ୍ତଦାନ ଶିବିରର ବ୍ୟବସ୍ଥା କଲେ ଅନେକ ସମୟରେ ଦେଖା ଦଉଥିବା ରକ୍ତାଭାବ କିଛି ମାତ୍ରାରେ ହ୍ରାସ ପାଇବ। ଏହା ଆସନ୍ତା ୧୯, ୨୧ ଓ ୨୩ ତାରିଖରେ ଦିବା ୧୦ ଘଟିକାରୁ ୧ ଘଟିକା ପର୍ଯ୍ୟନ୍ତ ଚାଲୁ ରହିବ ତେଣୁ ଇଚ୍ଛୁକ ରକ୍ତଦାତା ମାନେ ୯୮୫୩୨୨୦୦୨୩ ନମ୍ବର ରେ ଯୋଗାଯୋଗ କରି ରକ୍ତଦାନ କରିବାପାଇଁ ସଂଘର ମୁଖ୍ୟ ଉପଦେଷ୍ଟା ଶ୍ରୀଯୁକ୍ତ ରୁଦ୍ର ନାରାୟଣ ସାମନ୍ତରାୟ କହିଛନ୍ତି।ତତସହିତ, ଏହିବର୍ଷ ପୂଜାରେ 'ନାରୀ ସଶକ୍ତିକରଣ ଓ ନାରୀ ସୁରକ୍ଷା' କୁ ମୁଖ୍ୟ ଆଧାର ଭାବେ ଗ୍ରହଣ କରି ମହିଳା ମାନଙ୍କ ଦ୍ୱାରା ଝୋଟି ପ୍ରତିଯୋଗୀତା, ଲୋକନୃତ୍ୟ, ସଙ୍ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ପ୍ରତ୍ୟେକ ଦିନ, ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭ କରି ପରିବର୍ତ୍ତନର ଉତ୍ସ ହୋଇଥିବା ମହିଳା ମାନଙ୍କୁ ସମ୍ମାନିତ ଓ ଉତ୍ସାହିତ କରାଯିବ ବୋଲି ସଂଘର ମୁଖ୍ୟ ଉପଦେଷ୍ଟା ରୁଦ୍ର ନାରାୟଣ ସାମନ୍ତରାୟ, କୋଷାଧ୍ୟକ୍ଷ ମୁରଲୀଧର ସାହୁ, ସାଧାରଣ ସମ୍ପାଦକ ଅଜୟ କୁମାର ମହାପାତ୍ର ଓ ଯୁଗ୍ମ ସମ୍ପାଦକ ଦେବାଶିଷ ପାଢ଼ୀ ବ୍ୟକ୍ତ କରିଥିଲେ।

# ଡାଲି ଉତ୍ପାଦନ ୨୦ବର୍ଷରେ ୨ଗୁଣ ହେଲାନି



**ଭୁବନେଶ୍ୱର,୧୭।୧୦:** ରାଜ୍ୟରେ ହରଡ ଡାଲି କିଲୋ ୧୭୫ ଟଙ୍କା ଟପିଥିବାବେଳେ ତାହା ସହିତ ତାଳ ଦେଇ ମୁଗ, ମସୁର, କୋଳଥ ଆଦି ଡାଲି ଦର ବଢ଼ିବାରେ ଲାଗିଛି। ଡାଲି ପାଇଁ ଓଡ଼ିଶା ସର୍ବଦା ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ ହେଉଥିବାବେଳେ ଓଡ଼ିଶାରେ ଡାଲି ଉତ୍ପାଦନ ଗତ ୨୦ବର୍ଷ ମଧ୍ୟରେ ଦୁଇଗୁଣା ବି ବଢ଼ିପାରିନାହିଁ। ସରକାରୀ ହିସାବ ଅନୁଯାୟୀ ରାଜ୍ୟରେ ଡାଲି ଜାତୀୟ ଶସ୍ୟ ଉତ୍ପାଦନ ୨୦୦୩-୦୪ ରେ ୬୨୨ ହଜାର ମେଟ୍ରିକ ଟନ୍‌ରୁ ସାମାନ୍ୟ ଅଧିକ ରହିଥିବାବେଳେ ୨୦୨୨-୨୩ ବର୍ଷରେ ଏହା ୧୦୭୪ ହଜାର ମେଟ୍ରିକ ଟନ୍‌ରୁ ସାମାନ୍ୟ ଅଧିକ ରହିଛି। କୋଡିଏ ବର୍ଷ ଭିତରେ ଡାଲି ଉତ୍ପାଦନ ରାଜ୍ୟରେ ଦୁଇଗୁଣା ବି ହୋଇପାରି ନାହିଁ। ଏହି ସୂଚନା ଅନୁଯାୟୀ ୨୦୧୨-୧୩ ବର୍ଷରେ ରାଜ୍ୟରେ ଡାଲି ଉତ୍ପାଦନ ପରିମାଣ ୧୦୩୬ ହଜାର ମେଟ୍ରିକ ଟନ୍‌କୁ ଟପିବା ସହିତ ଲଗାତାର ତିନିବର୍ଷ ଅର୍ଥାତ୍ ୨୦୧୪-୧୫ ପର୍ଯ୍ୟନ୍ତ ଏହାର ଉତ୍ପାଦନ ୧୦ଲକ୍ଷ ମେଟ୍ରିକ ଟନ୍ ଉପରେ ରହିଥିଲା। କିନ୍ତୁ ପରବର୍ତ୍ତୀ ଦୁଇ ବର୍ଷରେ ଏହାର ଉତ୍ପାଦନ ହଜାରେ ଏହା ହ୍ରାସ ପାଇଥିଲା। ୨୦୧୭-୧୮ ରୁ ୨୦୨୨-୨୩ ପର୍ଯ୍ୟନ୍ତ ରାଜ୍ୟରେ ଡାଲି ଉତ୍ପାଦନ ଏକ ପ୍ରକାର ସ୍ଥିର ରହିବା ସହିତ ଏହା ୧୦ଲକ୍ଷ ମେଟ୍ରିକ ଟନ୍‌କୁ ଟପିପାରୁ ନଥିବା ଜଣାଯାଇଛି।

ତେବେ ରାଜ୍ୟରେ ଡାଲି ଚାଷ ପାଇଁ ଅତ୍ୟନ୍ତ ଅନୁକୂଳ ପରିବେଶ ରହିଥିବା ଏବଂ ସରକାର ଡାଲି ଚାଷ ପାଇଁ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଯୋଗାଇ ଦେଉଥିବାବେଳେ ଡାଲି ଚାଷ ପ୍ରତି କିନ୍ତୁ ବିଶେଷ ଆଗ୍ରହ ପ୍ରକାଶ ପାଉନାହିଁ। ଗାଁ ଗହଳରେ ଚାଷୀମାନେ ମୁଗ, ବିରି, କୋଳଥ ଭଳି ଡାଲିଜାତୀୟ ଶସ୍ୟକୁ ପାରମ୍ପରିକ ଭାବେ ଚାଷ କରୁଥିବାବେଳେ ବହୁଳ ଭାବେ ବ୍ୟବହାର ହେଉଥିବା ହରଡ ଡାଲି ଚାଷପ୍ରତି ସେତେଟା ଆଗ୍ରହ ପ୍ରକାଶ କରୁନାହାନ୍ତି। ରାଜ୍ୟରେ ଯେଉଁ କେତେକ ଜିଲ୍ଲାରେ ବି ହରଡ ଡାଲି ଚାଷ କରାଯାଉଛି ଅମଳ ସମୟରୁ ତାହାକୁ ଅନ୍ୟ ରାଜ୍ୟର ବ୍ୟବସାୟୀମାନେ ଖରିଦ କରି ନେଉଛନ୍ତି। ରାଜ୍ୟରେ ଉନ୍ନତମାନର ଡାଲି ପ୍ରକ୍ରିୟାକରଣ କେନ୍ଦ୍ର ନଥିବାରୁ ଚାଷୀମାନେ ବାଧ୍ୟହୋଇ ଅଳ୍ପଦାମରେ ହରଡକୁ ଅନ୍ୟ ରାଜ୍ୟର ବେପାରୀଙ୍କ ହାତରେ ଟେକି ଦେଉଛନ୍ତି ଓ ସେହି ଡାଲି ସେଠାରେ ପ୍ରକ୍ରିୟାକରଣ ହୋଇ ଆସିବାପରେ ତାହାକୁ ତିନି ରୁ ଚାରିଗୁଣା ଅଧିକ ଦରରେ ଖରିଦ କରିବାକୁ ବାଧ୍ୟ ହେଉଛନ୍ତି। ତେବେ ଓଡ଼ିଶା ଭଳି କୃଷି ପ୍ରଧାନ ରାଜ୍ୟରେ ଡାଲି ଚାଷ ପ୍ରତି ସେତେଟା ଗୁରୁତ୍ୱ ଦିଆନଯିବା ଫଳରେ ଅନ୍ୟ ରାଜ୍ୟର ଡାଲି ବ୍ୟବସାୟୀମାନେ ଓଡ଼ିଶାରୁ ବର୍ଷକୁ କୋଟି କୋଟି ଟଙ୍କା ମୁନାଫା ନେଇ ଯାଉଛନ୍ତି ଓ ରାଜ୍ୟର ଖାଉଟିମାନେ ବର୍ଷସାରା ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଛନ୍ତି। ମୋଟାମୋଟି ଭାବେ ଓଡ଼ିଶାରେ ଡାଲି ଦରକୁ ଅନ୍ୟ ରାଜ୍ୟର ବ୍ୟବସାୟୀମାନେ ନିୟନ୍ତ୍ରଣ କରୁଥିବାବେଳେ ଖାଉଟି ଓ ପ୍ରଶାସନ ଏକ ପ୍ରକାର ମୂକଦର୍ଶକ ସାଜିବାକୁ ବାଧ୍ୟ ହେଉଛନ୍ତି। (ତଥ୍ୟ)

### ଜୀବନ ଅମୃତ ଅନୁଚିନ୍ତା

ଶୂନ୍ୟ-ମୋତେ ଛାଡ଼ି ତୁମେ ଯେତେ
ଯାହା ସଂଗ୍ରହ କଲେ ବି ଦିନେ
ଦେଖିବ ତାହା ସବୁ ବରଫ ଭଳି
ତରଳି ଶୂନ୍ୟ ହୋଇଯାଇଛି।

# ଲଗାମଛଡ଼ା ଦରବୃଦ୍ଧି

ଗତ ମେ' ମାସରୁ ଦେଶରେ ବିଭିନ୍ନ ଖାଦ୍ୟ ସାମଗ୍ରୀ ବିଶେଷ କରି ପନିପରିବା ଦର ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ ତାହା ସାଧାରଣ ଲୋକଙ୍କ ଆର୍ôଥକ ମେରୁଦଣ୍ଡକୁ ଭାଙ୍ଗି ଦେବାକୁ ବସିଲାଣି। ଦର ବୃଦ୍ଧି ଯୋଗୁଁ ସାଧାରଣରେ ହାହାକାର ପଡ଼ିଗଲାଣି। ସେଥିପାଇଁ ସେପ୍ଟେମ୍ବର ମାସର କୁଚୁରା ମୁଦ୍ରାସ୍ଫୀତି ହାର ୫ ପ୍ରତିଶତ ଉପରକୁ ଯାଇଛି। କେନ୍ଦ୍ର ସରକାର କର୍ମଚାରୀଙ୍କ ମହଙ୍ଗା ଭତ୍ତା ବୃଦ୍ଧି କରିଛନ୍ତି। କିନ୍ତୁ କେତେଜଣ ଏଥିରେ ଉପକୃତ ହେବ ? ଘରୋଇ ଚାକିରୀ କରିଥିବା ବ୍ୟକ୍ତି ବିଶେଷ, ଦିନ ମଜୁରିଆ ଏବଂ ଅନ୍ୟ ପେଷାରେ ଥିବା ମଧ୍ୟବିତ୍ତ ଏବଂ ନିମ୍ନ ମଧ୍ୟବିତ୍ତ ବର୍ଗ ଏଥିରେ ଘାଣ୍ଟକଟି ହୋଇଗଲେଣି। କେବଳ ପନିପରିବା ନୁହେଁ ଡାଲି, ତେଲ ଲୁଣ ସବୁ ସାମଗ୍ରୀର ଦର ଆକାଶ ଛୁଆଁ। ସର୍ବନିମ୍ନ ଆବଶ୍ୟକତା କହିଲେ ଆଳୁ, ପିଆଜ ଏବଂ ଡାଲି, ତେଲକୁ ବୁଝାଏ। ଏହା ଅମୂଳ ମୂଳ। କିଛି ମାସ ତଳେ ପଶ୍ଚିମବଙ୍ଗରୁ ଆଳୁ ନଆସିବା ଫଳରେ ରାଜ୍ୟରେ ଏହାର ଦର ଆକାଶଛୁଆଁ ହୋଇଥିଲା। ପରିସ୍ଥିତିର ମୁକାବିଲା ନିମନ୍ତେ ସରକାର ବିକଳ୍ପ ବ୍ୟବସ୍ଥା କରୁଛନ୍ତି ଏବଂ ୟୁପିରୁ ଆଳୁ ଆଣିବା ବ୍ୟବସ୍ଥା କରୁଛନ୍ତି ବୋଲି କହିଥିଲେ। କିନ୍ତୁ ଏହା ସମୁଦ୍ରକୁ ଶଙ୍ଖେ ସଦୃଶ। ତେଣୁ ଏହାର କିଛି ପ୍ରଭାବ ପଡ଼ିଲାନି। ଏବେ ବଜାରରେ ଆଳୁ କେଜି ୪୦ ଟଙ୍କା। ଅର୍ଥାତ ଗୋଟିଏ ଛୋଟ ପରିବାର ମାସକୁ କେବଳ ଆଳୁ ବାବଦରେ ହଜାରେ ଟଙ୍କା ଖର୍ଚ୍ଚ କରୁଛି। କେବଳ ଆଳୁ ନୁହେଁ, ଅନ୍ୟ ସବୁ ପନି ପରିବା ଦର ମଧ୍ୟ ଆକାଶ ଛୁଆଁ। ଫଳରେ ସାଧରଣ ଖାଉଟୀଙ୍କ ମଧ୍ୟରେ ହାହାକାର ପଡ଼ିଯାଇଛି। ଦେଶର ତଥାକଥିତ ଅର୍ଥନୈତିକ ବିକାଶ ସାଧାରଣ ଲୋକଙ୍କ ପାଇଁ ଅର୍ଥହୀନ ହୋଇଯାଇଛି। କହିବା ବାହୁଲ୍ୟ ଯେ, ଦୁଇ ବର୍ଷରୁ ଅଧିକ କାଳ ଧରି କୋଭିଡ ମହାମାରୀ ଏବଂ ଦୁଇ ଦୁଇଟି ଯୁଦ୍ଧ ସତ୍ତ୍ୱେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ବିଶ୍ୱର ଅନ୍ୟ ପ୍ରମୁଖ ବିକଶିତ ରାଷ୍ଟ୍ରଙ୍କୁ ପଛରେ ପକାଇ ଦେଇଛି। ଦେଶର ଜିଡିପି କ୍ରମାଗତ ଭାବେ ୭ ପ୍ରତିଶତ ଉପରେ ରହିଆସୁଛି। ଫୋରେକ୍ସ ରିଜର୍ଭ ଏବେ ୭୦୦ ବିଲିୟନ ଡଲାର ଉପରେ। ଦେଶରେ ନିଯୁକ୍ତି ସୁଯୋଗରେ ୬% ଅଭିବୃଦ୍ଧି ରେକର୍ଡ କରାଯାଇଛି। ବାଣିଜ୍ୟ କାରବାରରେ ମଧ୍ୟ ଆଖି ଦୃଶ୍ୟିଆ ଭାବେ ଅଗ୍ରଗତି ହୋଇଛି। ଶିଳ୍ପ ଓ କୃଷି ଉତ୍ପାଦନ ବଢ଼ିଛି। ବ୍ରିଟେନକୁ ପଛରେ ପକାଇ ଭାରତ ଏବେ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି। ଏଥିପାଇଁ ବିଶ୍ୱ ଦରବାରରେ ଭାରତର ସମ୍ମାନ ବଢ଼ିଛି। ଏହା ଆମ ପାଇଁ ଗର୍ବ ଏବଂ ଗୌରବର ବିଷୟ। ଦେଶର ଆର୍ôଥକ ପ୍ରଗତିରେ ଆମେ ସମସ୍ତେ ଖୁସି ହେବା ଉଚିତ। କିନ୍ତୁ ଆର୍ôଥକ ପ୍ରଗତିର ପରିସଂଖ୍ୟାନ ଗରୀବଙ୍କ ପେଟ ପୁରାଇବାରେ ସହାୟତା କରୁଛି କି ? ଆମ ପାଖରେ ୬୫୦ ବିଲିୟନ ଡଲାରର ବୈଦେଶିକ ମୁଦ୍ରା ଗଚ୍ଛିତ ରହିଛି। ଦେଶରେ କୃଷି ଉତ୍ପାଦନ ବୃଦ୍ଧି ପାଇଛି। କିନ୍ତୁ ଲୋକଙ୍କୁ ଶସ୍ତାରେ ଖାଦ୍ୟ ସାମଗ୍ରୀ ମିଳୁଛି କି ? ଉତ୍ତର ହେଉଛି ନା। କେନ୍ଦ୍ର ସରକାର ୮୦ କୋଟିରୁ ଅଧିକ ଲୋକଙ୍କୁ ମାଗଣା ରାସନ ଦେଉଛନ୍ତି। ମାଗଣା ଚିକିତ୍ସା ସୁବିଧା ମଧ୍ୟ ମିଳୁଛି। କିନ୍ତୁ ବଜାରେ ଅଟା, ଡାଲି, ତେଲ, ଲୁଣ, ଚାଉଳ, ଆଳୁ, ପିଆଜର ଦର ଯାହା ସେଥିରେ ଜଣେ ଗରୀବ ଲୋକ ବଜାରରୁ ଖାଦ୍ୟ ସାମଗ୍ରୀ କିଣି ଖାଇବା ସମ୍ଭବ ନୁହେଁ। ଦେଶର ଜନସଂଖ୍ୟାର ୫୬ ପ୍ରତିଶତ ହେଉଛନ୍ତି ଶ୍ରମଜୀବୀ। ପ୍ରତି ୬ ମାସରେ ଥରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ବଢ଼ୁଛି। କିନ୍ତୁ ସରକାରୀ କର୍ମଚାରୀ କେତେ ଜଣ ଅଛନ୍ତି ? ସରକାରୀ କର୍ମଚାରୀଙ୍କ ସଂଖ୍ୟା ତୁଳନାରେ ଶ୍ରମଜୀବୀ ଏବଂ ଘରୋଇ କର୍ମଚାରୀଙ୍କ ସଂଖ୍ୟା ଢେର ଅଧିକ। ତା ଛଡ଼ା କୃଷକ ଏବଂ କ୍ଷୁଦ୍ର ବ୍ୟବସାୟୀ ଅଛନ୍ତି। ଏମାନେ ଦେଶର ମୋଟ ଜନସଂଖ୍ୟାର ୮୦ ପ୍ରତିଶତ। ସେମାନଙ୍କୁ ମହଙ୍ଗା ଭତ୍ତା ମିଳୁନି। କିନ୍ନତୁ ଦରବୃଦ୍ଧିର ବୋଝ ସେମାନଙ୍କୁ ମଧ୍ୟ ବହନ କରିବାକୁ ପଡୁଛି। ଏବେ ଖୋଲା ବଜାରରେ ଡାଲି ଦର କେଜି ପିଛା ୧୮୦ ଟଙ୍କା ରହିଛି। ଖାଇବା ତେଲ ଲିଟର ୧୧୫ ଟଙ୍କା। ଚାଉଳ, ଚିନି, ଅଟା ଦର ମଧ୍ୟ ବଢ଼ିଛି। ଆଳୁ ଏବଂ ପିଆଜ ଭଳି ଏକ ଅତ୍ୟାବଶ୍ୟକ ପରିବା ଦର ଆକାଶ ଛୁଆଁ। ସାମୟିକ ଭାବେ ଏଭଳି ହୋଇଥିଲେ ଭିନ୍ନ କଥା। କିନ୍ତୁ ଦୀର୍ଘ ଦିନ ଧରି ଏହି ଅବସ୍ଥା ଲାଗି ରହିଛି। ପ୍ରତି ଥର ଠିକ ନିର୍ବାଚନ ପରେ ଏଭଳି ପରିସ୍ଥିତି କାହିଁକି ସୃଷ୍ଟି ହେଉଛି, ସରକାର କାହିଁକି ନିରବରେ ବସି ରହିଛନ୍ତି ତାହା ବିସ୍ମୟଜନକ। ଅସ୍ୱାଭାବିକ ପାଣିପାଗ ବା ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ତଥା ଅନିୟମିତ ବର୍ଷା ହେତୁ ଫସଲ ହାନି ଯୋଗୁଁ ଦରବୃଦ୍ଧି ହୋଇଥିବା କୁହାଯାଉଛି। କିନ୍ତୁ ପାଣିପାଗ ଉପରେ ନିୟନ୍ତ୍ରଣ ନାହିଁ। କେତେବେଳେ ପାଣିପାଗ ବଦଳିବ, କେତେବେଳେ ବର୍ଷା, ବନ୍ୟା ହେବ ତାହା ଆମେ ଆକଳନ କରିପାରିବ ନାହିଁ। ତେଣୁ ଏଥିପାଇଁ ଅନୁଭୂତିରୁ ଆମେ ଶିକ୍ଷା ଲାଭ କରି ପ୍ରସ୍ତୁତ ହେବା କଥା। ଗତ ବର୍ଷ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁଁ ଟମାଟୋ ଫସଲ ନଷ୍ଟ ହୋଇଥିଲା ଏବଂ ଏହାର ଦର ଆକାଶଛୁଆଁ ହୋଇଥିଲା। କିଛି ଦିନ ପରେ ହିମାଚଳ ପ୍ରଦେଶରେ ବର୍ଷା ବିପ୍ରାତ ଯୋଗୁଁ ମଧ୍ୟ ଫସଲ ହାନି ହୋଇ ଟମାଟୋ ଶହେ ଟପିଥିଲା। କିଛି ମାସ ପରେ ସ୍ଥିତି ସୁଧୁରିଥିଲା। ଏହି ପରିସ୍ଥିତିରୁ ଆମେ ଶିକ୍ଷା ଲାଭ କଲେନି। ଏଭଳି ଅସ୍ୱାଭାବିକ ପାଣିପାଗ ବାରମ୍ବାର ହେବ। ଏହାର ମୁକାବିଲା ନିମନ୍ତେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ପଡ଼ିବ। ଉତ୍ପାଦନ ବୃଦ୍ଧି ଏବଂ ଶୀତଳ ଭଣ୍ଡାରରେ କୃଷିଜାତ ସାମଗ୍ରୀ ସଂରକ୍ଷିତ କରି ରଖାଯାଇପାରିଲେ ସମସ୍ୟାର ସମାଧାନ ହୋଇପାରନ୍ତା। ଟମାଟୋ ଏକ ନିହାତି ଅତ୍ୟାବଶ୍ୟକ ସାମଗ୍ରୀ ନୁହେଁ। କିନ୍ତୁ ଏହାର ଆବଶ୍ୟକତା ମଧ୍ୟ ରହିଛି। ଭାରତରେ ଟମାଟୋ ଚାଷୀ ଶୀତଦିନେ ଗୋଡ଼ି ମାଟି ଦରରେ ଏହାକୁ ବିକ୍ରୀ କରୁଛନ୍ତି। ଯଦସି ଏହାକୁ ସଂରକ୍ଷିତ କରି ରଖାଯାଇପାରନ୍ତା ତେବେ ଉଭୟ କୃଷକ ଏବଂ ଖାଉଟୀ ଉପକୃତ ହୋଇପାରନ୍ତେ। ସେହିପରି କେଉଁ ସମୟରେ ଟମାଟୋ ଚାଷ କଲେ ଚାଷୀ ଦୁଇ ପଇସା ଲାଭ ପାଇବ ସେ ସମ୍ପର୍କରେ ଚାଷୀମାନଙ୍କୁ ବିଶେଷଜ୍ଞମାନେ ପରାମର୍ଶ ଦେବା ଉଚିତ। ଟମାଟୋ ଭଳି ଆଳୁ, ପିଆଜ ଏବଂ ଅନ୍ୟ ସବୁଜ ପରିବା ଦର ଏବେ ଆକାଶ ଛୁଆଁ। ସାଧାରଣ ଖାଉଟୀଙ୍କ ମଧ୍ୟରେ ଏଥିଲାଗି ହାହାକାର ସୃଷ୍ଟି ହୋଇଛି। ଖାଲି ପ୍ରତିକୂଳ ପାଣିପାଗ ଯୋଗୁଁ ଫସଲ ହାନୀରୁ ଦରବୃଦ୍ଧି ହୋଇଛି ସେ କଥା ନୁହେଁ। ଅସଲ କଥା ହେଲା ୧୪୦ କୋଟି ଲୋକଙ୍କ ପାଇଁ ଯେତିକି ଖାଦ୍ୟ ସାମଗ୍ରୀ ଆବଶ୍ୟକ ସେତିକି ଉତ୍ପାଦନ ହେଉନି। ପାଣି ଅଭାବରୁ ଲକ୍ଷ ଲକ୍ଷ ହେକ୍ଟର ଚାଷ ଜମି ବର୍ଷ ତମାମ ପଡ଼ିଆ ପଡୁଛି। ପନିପରିବା ଚାଷ ଲାଗି ଚାଷୀଙ୍କୁ ଉପଯୁକ୍ତ ତାଲିମ ବା ପ୍ରୋତ୍ସାହନ ନାହିଁ। ଓଡ଼ିଶା ଭଳି ଏକ କୃଷି ସମୃଦ୍ଧ ରାଜ୍ୟ ଆଳୁ ପିଆଜ ପାଇଁ ବାହାର ରାଜ୍ୟ ଉପରେ ନିର୍ଭର କରୁଛି। ଓଡ଼ିଶାରେ ଏହାର ଉତ୍ପାଦନ ନିମନ୍ତେ ଉଦ୍ୟମ ହେଉନି। ଅନ୍ତତଃ ପକ୍ଷେ ବର୍ଷକୁ ୬ ମାସ ଖାଇବା ଭଳି ଉତ୍ପାଦନ ଆମ ରାଜ୍ୟରେ ହେବା କଥା। ଏହା ସମ୍ଭବ, କେବଳ ଇଚ୍ଛା ଶକ୍ତିର ଆବଶ୍ୟକତା ରହିଛି। ସେହିପରି ପ୍ରତି ସାଧାରଣ ପରିବାର ନିଜ ନିଜ ବାଡ଼ିରେ ଏପରିକି କୁଣ୍ଡରେ କିଛି ନା କିଛି ପରିବା ଫସଲ କରିପାରିବେ। ଏହା ହୋଇପାରିଲେ ବଜାର ଉପରେ ନିର୍ଭରଶୀଳତା ହ୍ରାସ ପାଇବ। ଭାରତରେ ଏଥିପାଇଁ ଆଉ ଏକ ସବୁଜ ବିପ୍ଳବର ଆବଶ୍ୟକତା ରହିଛି। ଏଥିରେ ଦେଶର ରାଷ୍ଟ୍ରପତିଙ୍କଠାରୁ ଆରମ୍ଭ କରି ସମଜାର ସବୁଠାରୁ ତଳସ୍ତରରେ ଥିବା ବ୍ୟକ୍ତି, ଜାତି-ଧର୍ମ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତି ସାମିଲ ହେବା ଉଚିତ। ବାଡ଼ି ବଗିଚା ପରମ୍ପରାକୁ ପୁନର୍ଜୀବିତ କରିବାକୁ ପଡ଼ିବ। ଆତ୍ମନିର୍ଭର ଭାରତ ଗଠନର ଏହା ହେବ ଭିତ୍ତିଭୂମି। ପ୍ରଥମେ କୃଷି କ୍ଷେତ୍ରରେ ଆମକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ।

## ସମ୍ପାଦକଙ୍କୁ ପତ୍ର

### କଟକ ରୋଡ୍‌ରେ ଟ୍ରାଫିକ ଫେଲ୍

*ମହାଶୟ,*

ରାଜଧାନୀ ଭୁବନେଶ୍ୱରର ଏକ ପ୍ରମୁଖ ରାସ୍ତା କଲ୍ପନା ଛକରୁରସୁଲଗଡ଼ ଯାହାକୁ କଟକ ରୋଡ ବୋଲି କୁହାଯାଉଛି ଏବେ ଟ୍ରାଫିକ ଶୂନ୍ୟ ହୋଇଯାଇଛି। ଏହି ରାସ୍ତାରେ ଦିନ ରାତି ଚବିଶ ଘଣ୍ଟା ହଜାର ହଜାର ଗାଡ଼ି ମୋଟର ଚଳାଚଳ କରିଥାଏ। ରାସ୍ତାର ଉଭୟ ପାର୍ଶ୍ୱରେ ଦୋକାନ ରହିଛି। ଅନେକ ଗ୍ରାହକ ବା ବ୍ୟବସାୟୀ ଦୋକାନ ଆଗରେ ଗାଡ଼ି ରଖିବା ଫଳରେ ରାସ୍ତା ସଙ୍କୁଚିତ ହୋଇଯାଉଛି। ସେଥିପାଇଁ ସେମାନଙ୍କୁ ଦୋଷ ଦିଆଯାଇପାରିବ ନାହିଁ। କାରଣ ଏଠାରେ ଗାଡ଼ି ପାର୍କିଂ ସୁବିଧା ନାହିଁ। କିନ୍ତୁ ଏହାକୁ ସୁନିୟନ୍ତ୍ରିତ କରାଯାଇପାରିବ। କିନ୍ତୁ ପୋଲିସ ଏଥିରେ ସମ୍ପୂର୍ଣ୍ଣ ବ୍ୟର୍ଥ ହୋଇଛି। ସବୁଠାରୁ ବଡ଼ କଥା ହେଲା ଏହି ରାସ୍ତା ୱାନ ୱେ ହୋଇଥିଲେ ମଧ୍ୟ ଷ୍ଟେସନ ଛକରୁ ରସୁଲଗଡ଼ ପର୍ଯ୍ୟନ୍ତ ଅନେକ ସ୍ଥାନରେ ଗାଡ଼ି ଗୁଡ଼ିକ ବିଶେଷ କରି ଦୁଇ ଏବଂ ତିନିଚକିଆ ଯାନ ଭୁଲ ରାସ୍ତାରେ ଯାଉଛନ୍ତି। ଫଳରେ ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି। ଏହାର ପ୍ରତିକାର ବ୍ୟବସ୍ଥାରେ କମିଶନରେଟ ପୋଲିସ ସମ୍ପୂର୍ଣ୍ଣ ବିଫଳ ହୋଇଛି। ପୂଜା ବେଳେ ଏହି ରାସ୍ତାରେ ଯାନ ବାହନ ଚଳାଚଳ ଅସମ୍ଭବ ହୋଇପଡ଼ିଥିଲା। ଦୀପାବଳି ବେଳେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହେବ। କମିଶନରେଟ ପୋଲିସ ଏଥିପ୍ରତି ଦୃଷ୍ଟି ଦେବେ ବୋଲି ଆଶା।

**ହରିହର ମହାପାତ୍ର, ଲକ୍ଷ୍ମୀସାଗର**

# ଜାତିସଂଘ ସୁରକ୍ଷା ପରିଷଦର ପ୍ରାସଙ୍ଗିକତାକୁ ନେଇ ପ୍ରଶ୍ନ ?



**ଗୋପାଳ ମହାପାତ୍ର**

ଜାତିସଂଘରେ ଭାରତର ସ୍ଥାୟୀ ସଦସ୍ୟତାକୁ ନେଇ ଏବେ ବିମର୍ଷ ଚାଲିଛି। ଭାରତ ଏ ପ୍ରସଙ୍ଗରେ ନିଜର ଦାବି ଉପସ୍ଥାପନ କରିଥିବାବେଳେ ଚୀନକୁ ଛାଡି ବାକି ୪ଟି ଦେଶ ଆମେରିକା, ଫ୍ରାନ୍ସ, ଇଂଲଣ୍ଡ ଓ ଋଷ ଭାରତର ସଦସ୍ୟତା ସପକ୍ଷରେ ଅଛନ୍ତି। ଭାରତ ନିଜକୁ ସ୍ଥାୟୀ ସଦସ୍ୟ କରାଯିବା ସପକ୍ଷରେ ଯୁକ୍ତି ଦର୍ଶାଇଛି ଯେ ବର୍ତ୍ତମାନ ଜାତିସଂଘର ସୁରକ୍ଷା ପରିଷଦରେ ୫ ସ୍ଥାୟୀ ସଦସ୍ୟ ଓ ୧୦ ଅସ୍ଥାୟୀ ସଦସ୍ୟର ଯେଉଁ ବ୍ୟବସ୍ଥା ରହିଛି ତାହା ଏକବିଂଶ ଶତାବ୍ଦୀର ଆବଶ୍ୟକତାର ଅନୁରୂପ ନୁହେଁ। ଭାରତ ଅନେକ ବାର ଏକଥା କହିଲାଣି। ଅନ୍ୟ ପକ୍ଷରେ ଋଷ ୟୁକ୍ରେନ ଯୁଦ୍ଧ ପରଠାରୁ ଜାତିସଂଘ ଦୁଇଫାଳ ହୋଇଗଲା ଭଳି ଲାଗୁଛି। ବିଶ୍ୱରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ପାଇଁ ଉଦିଷ୍ଟ ଜାତିସଂଘ ଋଷ-ୟୁକ୍ରେନ ଓ ଇସ୍ରାଏଲ-ହମାସ ସଂଘର୍ଷରେ ବିଭାଜିତ ଅବସ୍ଥାକୁ ଆସିଯାଇଥିବାବେଳେ ଏହାର ପ୍ରାସଙ୍ଗିକତାକୁ ନେଇ ଚର୍ଚ୍ଚା ମଧ୍ୟ ଆରମ୍ଭ ହୋଇଗଲାଣି। ଜାତିସଂଘ ସୁରକ୍ଷା ପରିଷଦର ମୁଖ୍ୟ କାମ ହେଉଛି ସଦସ୍ୟ ରାଷ୍ଟ୍ରମାନଙ୍କରେ ଶାନ୍ତି ସ୍ଥାପନା କରିବା ଓ ସଂଘର୍ଷକୁ ବନ୍ଦ କରିବା। ଏପରିକି ସଂଘର୍ଷର ତଦନ୍ତ କରିବା ଓ ଆବଶ୍ୟକ ପଡ଼ିଲେ ପ୍ରତିବନ୍ଧ ଲଗାଇବା। ବିଶ୍ୱ ସ୍ତରରେ ସଙ୍କଟ ଏବଂ ସଂଘର୍ଷ ର ସମାଧାନ କରିବାରେ ଜାତିସଂଘର ଯେଉଁ ଭୂମିକା ରହିବା କଥା ତାହା ନାହିଁ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଯେଉଁ ଉଦେଶ୍ୟ ନେଇ ଏହାର ସୃଷ୍ଟି ହୋଇଥିଲା ସେଇ ଉଦେଶ୍ୟଠାରୁ ଏବେ ବହୁ ଦୂରରେ ଜାତିସଂଘ। ବିଗତ କିଛି ବର୍ଷ ହେବ ଯେଉଁ ଅନୁଭବ ରହିଛି ସେ ସବୁକୁ ଦେଖିଲେ ଜାତିସଂଘ ବିଶ୍ୱର ପ୍ରଗତି ପାଇଁ ଯେଉଁ ଉପଯୁକ୍ତ ଭୂମିକା ନିର୍ବାହ କରିବା କଥା ସେ କଥା କରିପାରିନାହିଁ ବୋଲି ସ୍ପଷ୍ଟ ହୋଇଯାଇଛି। ଜାତିସଂଘ ଅନେକ ବଡ଼ ବଡ଼ ସମସ୍ୟାକୁ ସମାଧାନ କରିବା ଦିଗରେ ଅସଫଳ ରହିଛି।

୧୯୫୦ ଦଶନ୍ଧିରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ କାଶ୍ମୀର ସମସ୍ୟାକୁ ଜାତିସଂଘରେ ଉପସ୍ଥାପନ କରିଥିଲେ। ନେହେରୁ ଆଶା କରିଥିଲେ ଜାତିସଂଘ କିଛି ନିଷ୍ପତ୍ତି ନେବ କିନ୍ତୁ ଏବେ ୭୫ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ କୌଣସି ସମାଧାନ ହୋଇପାରିନାହିଁ। ଏକା ଭଳି ସ୍ଥିତି ଭାରତ-ଚୀନ ସୀମା ବିବାଦକୁ ନେଇ ଘଟିଛି। ଚୀନ ଭାରତର ହଜାରେ ବର୍ଗ କିଲୋମିଟର ଭୂ-ଖଣ୍ଡକୁ ଜବର ଦଖଲ କରି ରଖିଥିଲେ ମଧ୍ୟ ଜାତିସଂଘ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତିବ୍ବତ ସମସ୍ୟା ମଧ୍ୟ ଜାତିସଂଘ ସମାଧାନ କରିପାରିନାହିଁ। ତିବତ୍‌କୁ ଚୀନ ପୁରା ଜବରଦଖଲ କରିଛି। ଏପରିକି ଏବେ ଯେଉଁ ଋଷ ୟୁକ୍ରେନ ଏବଂ ଇସ୍ରାଏଲ-ହମାସ ଯୁଦ୍ଧ ଚାଲିଛି ତାକୁ ରୋକିବା ଦିଗରେ ଜାତିସଂଘ କୌଣସି ସାର୍ଥକ ଭୂମିକା ଗ୍ରହଣ କରିପାରିନାହିଁ। ଋଷ-ୟୁକ୍ରେନ ଯୁଦ୍ଧକୁ ଏବେ ଦୁଇବର୍ଷ ପୁରିଲାଣି। ପାଲେଷ୍ଟାଇନ ଏବଂ ଇସ୍ରାଏଲ ଯୁଦ୍ଧ ମଧ୍ୟ ବର୍ଷେ ବିତିଗଲାଣି। କିନ୍ତୁ ଏହାକୁ ରୋକିବା ଦିଗରେ ଜାତିସଂଘ ଏକ ଔପଚାରିକ ପ୍ରସ୍ତାବ ଆଗତ କରି ତାର କାମ ସାରିଦେଇଛି। ଏହାର ଏକେ ବଡ଼ କାରଣ ହେଉଛି ସୁରକ୍ଷା ପରିଷଦର ୫ ସଦସ୍ୟ ଦେଶକୁ ଭିଟୋପାଓ୍ୱାର ଦିଆଯାଇଛି। ଏହାର ଅର୍ଥ ହେଉଛି ଜାତିସଂଘର କାର୍ଯ୍ୟପ୍ରଣାଳୀରେ ଗଣତାନ୍ତ୍ରିକ ପ୍ରକ୍ରିୟା ନାହିଁ। ସୁରକ୍ଷା ପରିଷଦର ସଦସ୍ୟ ରାଷ୍ଟ୍ରମାନେ ଯଦି ନିର୍ଣ୍ଣୟ ନିଅନ୍ତି ତେବେ ସେହି ନିର୍ଣ୍ଣୟ ଉପରେ ଭିଟୋ ଅଧିକାର ପ୍ରାପ୍ତ କେହି ରାଷ୍ଟ୍ର ଯଦି ଭିଟୋ ପ୍ରୟୋଗ କରନ୍ତି ତେବେ ସେହି ନିର୍ଣ୍ଣୟ କାର୍ଯ୍ୟକାରୀ ହୋଇପାରେ ନାହିଁ। ଏଭଳି ବିଶ୍ୱସ୍ତରୀୟ ସଂସ୍ଥା ଯେଉଁଠି ଗଣତନ୍ତ୍ର ନାହିଁ ସେହି ସଂସ୍ଥାସଦସ୍ୟ ଦେଶ ମାନଙ୍କର ସମସ୍ୟା କ'ଣ ସମାଧାନ କରିବ? ଭାରତ ଏବେ ନୁହେଁ ବିଗତ ତିନି ଦଶନ୍ଧିରୁ ଅଧିକ ଦିନ ହେବ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ ହେବା ପାଇଁ ଲାଳାୟିତ ଓ ପ୍ରୟାସ ମଧ୍ୟ କରୁଛି। କିନ୍ତୁ ବିଶ୍ୱର ସମ୍ପନ୍ନ ଦେଶ ମାନେ ଭାରତୀୟ ଜନତାକୁ ଶୋଷଣ କରୁଛନ୍ତି। ସମ୍ପନ୍ନ ଦେଶର ନେତାମାନେ ଭାରତ ଆସିଲେ ଭାରତ ସୁରକ୍ଷା ପରିଷଦର



ସଦସ୍ୟ ହେବା ଉଚିତ୍ ବୋଲି କହୁଛନ୍ତି ଓ ପ୍ରତିବଦଳରେ ଭାରତ ସହ ବ୍ୟବସାୟ ପାଇ ବଡ ଧରଣର ସଉଦା କରୁଛନ୍ତି। କିନ୍ତୁ ଭାରତ ଯେଉଁଠି ସେଇଠି।

ଭାରତର ସୁରକ୍ଷା ପରିଷଦରେ ସ୍ଥାୟୀ ସଦସ୍ୟତାକୁ ନେଇ ଭାରତର ଅନେକ ନେତା ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁଙ୍କୁ ଦାୟୀ କରୁଛନ୍ତି। ଆଲୋଚକଙ୍କ ତର୍କ ହେଉଛି ନେହେରୁ ଏଭଳି ସୁଯୋଗକୁ ହାତ ଛଡା କରିଛନ୍ତି। ନେହେରୁଙ୍କ ଆଲୋଚକମାନେ ସେତେବେଳେ ଓ ଏବେ ନେହେରୁ ଦେଶର ହିତକୁ ବଳିଦାନ ଦେଇଛନ୍ତି ବୋଲି କହୁଛନ୍ତି। କିନ୍ତୁ ଏକଥାକୁବୁଝିବା ପୂର୍ବରୁ ଆମକୁ ୧୯୫୦ ଦଶନ୍ଧିର ଏକ ନବ ଉଦିତ ରାଷ୍ଟ୍ର ସମକ୍ଷରେ ଉତ୍ପନ୍ନ ଆନ୍ତର୍ଯାତୀୟ ଚାଲେଞ୍ଜ ଏବଂ ଶୀତଯୁଦ୍ଧର ପ୍ରାରମ୍ଭରେ ଆମେରିକା, ସୋଭିଏତଋଷ ଏବଂ ପିପୁଲ୍ସ ରିପବ୍ଲିକ ଅଫ ଚାଇନା ସହ ଭାରତର ସମ୍ପର୍କର ପୃଷ୍ଠ ଭୂମିକୁ ବୁଝିବାକୁ ପଡ଼ିବ। ତତ୍‌କାଳୀନ ଆନ୍ତର୍ଯ୍ୟାତୀୟ ପରିସ୍ଥିତିରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଅଧିକାଂଶ ଦେଶ ଆମେରିକା ଏବଂ ଋଷର ନେତୃତ୍ୱରେ ଦୁଇ ଭାଗରେ ବିଭକ୍ତ ହୋଇ ଯାଇଥିଲେ। ନେହେରୁ ଏହି ବିଭାଜିତ ମେଣ୍ଟ/ଗୋଷ୍ଠୀକୁ ଅବାଂଛିତ ତଥା ଭୂମଣ୍ଡଳୀୟ ସହଯୋଗ ମାର୍ଗରେ ବାଧକ ବୋଲି ଭାବୁଥିଲେ। ସେହି କାରଣରୁ ସମ୍ବିଧାନ ସଭାରେ ଭାରତର ନୀତିର ଘୋଷଣା କରି ନେହେରୁ କହିଥିଲେ "ଆମେରିକା - ଋଷ ନେତୃତ୍ୱରେ ବିଭାଜିତ ଗୋଷ୍ଠୀ ମାନଙ୍କଠାରୁ ଭାରତ ଅଲଗା ରହିବ ଓ ସବୁ ଦେଶ ମାନଙ୍କ ସହ ସମାନ ସର୍ତ୍ତରେ ସହଯୋଗ କରିବ" ଏହି କାରଣରୁ ୧୯୬୧ରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ଆରମ୍ଭ ହୋଇଥିଲା ଓ ଅନେକ ଦେଶ ଏଥିରେ ସାମିଲ ହୋଇଥିଲେ। ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ର ହୋଇଥିବାରୁ ଆନ୍ତର୍ଯ୍ୟାତୀୟ ପ୍ରସଙ୍ଗରେ ଭାରତ କୌଣସି ଗୋଷ୍ଠୀ (ଆମେରିକା - ଋଷିଆ)କୁ ସମର୍ଥନ କରିନଥିଲା।

ଭାରତ କାହିଁକି ସୁରକ୍ଷା ପରିଷଦର ସଦସ୍ୟ ହେବା ପାଇଁ ଚାହୁଁଛି ? ଏ ପର୍ଯ୍ୟନ୍ତ ଜାତିସଂଘ କ'ଣ ସବୁ ନିଷ୍ପତ୍ତି ନେଇଛି ଯାହା ଭାରତର ବିରୋଧ ଅଥବା ସପକ୍ଷରେ ଯାଇଛି। ଭାରତ ସୁରକ୍ଷା ପରିଷଦ ର ସଦସ୍ୟ ହେଲେ ବି ପାକ୍ ଅଧିକୃତ କାଶ୍ମୀର ଓ ଚୀନ ପକ୍ଷରୁ ୧୯୬୨ରେ ଜବରଦଖଲ କରାଯାଇଥିବା ଭୂଖଣ୍ଡକୁ କ'ଣ ଫେରିପାଇବ? ତିବତର୍ ସ୍ୱାଧିନତା, ଋଷ-ୟୁକ୍ରେନ ଏବଂ ଇସ୍ରାଏଲ- ପାଲେଷ୍ଟାଇନ ଯୁଦ୍ଧ ଏସବୁ ସମସ୍ୟାକୁ କ'ଣ ଭାରତର ସଦସ୍ୟତା ପରେ ଭାରତ ସମାଧାନ କରି ପାରିବ? ଯେ ପର୍ଯ୍ୟନ୍ତ ସୁରକ୍ଷା ପରିଷଦରେ ଭିଟୋଅଧିକାରର ପ୍ରାବଧାନ ରହିବ ସେ ପର୍ଯ୍ୟନ୍ତ ସୁରକ୍ଷା ପରିଷଦ ବହୁ ମତରେ କୌଣସି ନିର୍ଣ୍ଣୟ କରିବାକୁ ଚାହିଁଲେ ମଧ୍ୟ ତାହା ହୋଇପାରିବ ନାହିଁ। ଉଦାହରଣ ସ୍ୱରୂପ ଯଦି ଜାତି ସଂଘରେ ଚୀନ ଜବରଦଖଲ କରିଥିବା ଭୂଖଣ୍ଡକୁ ଭାରତକୁ ଫେରାଇ ଦେଉ ବୋଲି ପ୍ରସ୍ତାବ ଗୃହୀତ ହୁଏ ତେବେ ଚୀନ କ'ଣ ରାଜିହେବ? ଚୀନ ଯଦି ଭିଟୋ ପ୍ରୟୋଗକରେ ତେବେ ଗୃହୀତ ପ୍ରସ୍ତାବ ତ କାର୍ଯ୍ୟକାରୀ ହୋଇ ପାରିବ ନାହିଁ ଏଣୁ ପ୍ରସ୍ତାବ ଗୃହୀତ ହେବାର ଅର୍ଥ କ'ଣ? ଭାରତ ପ୍ରସଙ୍ଗରେ ଜାତିସଂଘ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟତାର ପ୍ରଥମ ଅନୌପଚାରିକ ପ୍ରସ୍ତାବକୁ ଏହି ପରିପ୍ରେକ୍ଷୀରେ ଦେଖାଯିବା ଉଚିତ୍। କୋରିଆ ଯୁଦ୍ଧ ଚାଲିଥିବାବେଳେ ୧୯୫୦ ମସିହା ସେପ୍ଟେମ୍ବର ମାସରେ ଆମେରିକା ପକ୍ଷରୁ କଥିତ ଭାବେ ଭାରତକୁ ସ୍ଥାୟୀ ସଦସ୍ୟତାର ପ୍ରସ୍ତାବ ମିଳିଥିଲା। ଭୂ-ରାଜନୈତିକ କୂଟନୀତି କାରଣରୁ ତାହା କାର୍ଯ୍ୟକାରୀ ହୋଇ ପାରିନଥିଲା।

ଏବେ ସମ୍ପନ୍ନ ଦେଶ ମାନଙ୍କ ମଧ୍ୟରେ ଅସ୍ତ୍ର ଶସ୍ତ୍ର ବିକିବାର ତଥା ବ୍ୟବସାୟିକ ସମ୍ପର୍କ ବୃଦ୍ଧି କରିବାର ମାନସିକତା ବୃଦ୍ଧି ପାଇଛି, ଜାତିସଂଘ ଚାହିଁଲେ ବି ଏହାକୁ ରୋକି ପାରିବ ନାହିଁ। ବିଶ୍ୱସ୍ତରୀୟ ସଂସଦ (ଜାତିସଂଘ) ଗଣତାନ୍ତ୍ରିକ ହେବା ଆବଶ୍ୟକ, କିନ୍ତୁ ଏକଥା ମଧ୍ୟ ସମ୍ଭବ ନୁହେଁ। ଆମେରିକା, ଚୀନ ଓ ଋଷ ଭଳି କିଛି ଦେଶଙ୍କ ପାଖରେ ବିପୁଳ ଅସ୍ତ୍ରଶସ୍ତ୍ର ରହିଛି ଓ ଏମାନେ ଏହାର ଉତ୍ପାଦନ ବି କରୁଛନ୍ତି। ଯଦି ଯୁଦ୍ଧ ନହେବ ତେବେ ସେସବୁ ଅସ୍ତ୍ରଶସ୍ତ୍ରର ବ୍ୟବସାୟ ଚାଲିବ କେମିତି? ପୁଞ୍ଜିବାଦ ଏବଂ ସାମ୍ୟବାଦର ସମ୍ପନ୍ନତା ପାଇଁ ଯୁଦ୍ଧ ଅନିର୍ବାର୍ଯ୍ୟ ଜାତିସଂଘ ଦେଖିବା କଥା ଯେ କୌଣସି ଦେଶ ଯେମିତି ଦୁର୍ବଳ ନରହେ, କୌଣସି ଦେଶର ଲୋକେ ଯେମିତି ଭୋକରେ ନ ରୁହନ୍ତୁ। ଯୁଦ୍ଧର ଆବଶ୍ୟକତା କେତେବେଳେ ରହିବା ଉଚିତ ନୁହେଁ। ଯଦି ଏସବୁ ନକରି ପାରିବ ତେବେ ସେମିତି ବିଶ୍ୱସ୍ତରୀୟ ସଂଗଠନ (ଜାତିସଂଘ)ର ଆବଶ୍ୟକତା ଓ ପ୍ରାସଙ୍ଗିକତା କ'ଣ? ଭାରତ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟତା ଭଳି ମରିଚୀକା ପଛରେ ଦୌଡିବା ପରିବର୍ତ୍ତେ ଶାନ୍ତିପୂର୍ଣ୍ଣ ସଂଘର୍ଷ ଓ ଉତ୍ତେଜନା ମୁକ୍ତ ଦୁନିଆ ଗଠନ ପାଇଁ ଏକ ଗଣତାନ୍ତ୍ରିକ ବିଶ୍ୱସ୍ତରୀୟ ସଂଗଠନ ଗଠନ ଦିଗରେ ପ୍ରୟାସ କରିବା ଉଚିତ।


ରାମଚନ୍ଦ୍ର ପୁର, ରଣପୁର
ମୋବାଇଲ୍: ୯୪୩୮୪୮୫୦୯୪


# ପ୍ରେମ କଣ ଏଡ଼େ ଅନ୍ଧ



**ଦିପ୍ତିମୟୀ ନାୟକ**

କୁହାଯାଏ ପ୍ରେମର ବାଡ଼ ବତାସ ନଥାଏ ଯେତେବେଳେ ପ୍ରେମ ହୁଏ ହଠାତ ଅନ୍ଧଭଳି ଲାଗେ। ଆଖି ବୁଜି ଜଣେ ଜଣକୁ ବିଶ୍ୱାସ କରିହୋଇଯାଏ। ବେଳେବେଳେ ମନକୁ ଅନେକ ପ୍ରଶ୍ନ ଆସେ ଏହା କଣ ସତରେ ସତ ନା ଏହା ଏକ କଳ୍ପନାର କଥା। ଯଦି କଳ୍ପନା ନୁହେଁ ତେବେ କାହିଁକି ଏ ମଣିଷ ଆଖି ବୁଜି ଅନ୍ୟ ଜଣଙ୍କୁ ଅନ୍ଧଭଳି ବିଶ୍ୱାସ କରେ। ପ୍ରେମ କଣ ସତରେ ଏଡ଼େ ଅନ୍ଧ। ପ୍ରେମ ଯଦି ଅନ୍ଧ ତେବେ ଏ ପ୍ରେମ ସେହି ଅନ୍ଧାର ଦୁନିଆକୁ ଖୋଜେ କାହିଁକି। ହୁଏତ ପ୍ରେମ ଅନ୍ଧ ହୋଇପାରେ କିନ୍ତୁ ମଣିଷ ତ ଅନ୍ଧ ନୁହେଁ। ଯଦି ମଣିଷ ଅନ୍ଧ ନୁହେଁ ତାହାଲେ ସେ ଅନ୍ଧ ପ୍ରେମକୁ କାହିଁକି ବିଶ୍ୱାସ କରି ଆପଣାର କରିବାକୁ ଚାହୁଁଥାଏ।

ଥରେ ଗୋଟେ କଥା ଶୁଣିବାକୁ ପାଇଥିଲି ଜଣକର ପ୍ରେମିକା ଜଣକୁ ଧୋକା ଦେଲାପରେ ବି ତାକୁ ଆଉ ଆଉ ଚାରି ପାଞ୍ଚ ଜଣ ପୁଅ ଭଲ ପାଉଛନ୍ତି ଜାଣିଛନ୍ତି ସେ ଝିଅ ପୁଅଙ୍କ ଜୀବନ ସହ ଖେଳେ ତଥାପି ସେହି ଝିଅକୁ ଏମାନେ ଏତେ ଭଲପାଉଥିଲେ ଯେ ତାକୁ କିଏ କେମିତି ପାଇବ ବିଧିବଦ୍ଧ ଭାବରେ ଚେଷ୍ଟା ଚଳାଇଥିଲେ। ବାର ମାସର ତେର ଓଷା କରି ତାକୁ ମାଗୁଥିଲେ। ଆଉ ଏକଥା ଶୁଣିବା ପରେ ମୁଁ ଟିକେ ହସିଦେଇ କହିଦେଲି ଏ ପ୍ରେମ କଣ ଏଡ଼େ ଅନ୍ଧ ଏମାନଙ୍କୁ କଣ ଝିଅ ମିଳୁନାହାଁନ୍ତି ଏମାନେ ତାକୁ ପାଇବେ ବୋଲି ପ୍ରତିଯୋଗିତା ମୂଳକ ତା ପଛରେ ଗୋଡାଉଛନ୍ତି। କେତେବେଳେ କାନ୍ଦୁଛନ୍ତି ଆଉ କେତେବେଳେ ହସୁଛନ୍ତି। ବାଃ ବାଃରେ ଆଜିକାଲି ଦୁନିଆ କଣ ହେଇଗଲାଣି। ଯେଉଁ ଖାତାରେ ଜାଗା ନାହିଁ ଏମାନେ ସେହି ଖାତାରେ ନିଜ ନାଁ ଲେଖିବାକୁ ଚାହୁଁଛନ୍ତି ଆଉ ସାଧା ଖାତାରେ ନାଁ ଲେଖିବାକୁ ପଛ ଘୁଞ୍ଚା ଦେଉଛନ୍ତି। ସତରେ ଏ ପ୍ରେମ କଣ ଏଡ଼େ ଅନ୍ଧ। ତାପରେ ଏହାର କାରଣ ଖୋଜିଲି ଆଉ ଜାଣିବାକୁ ପାଇଲି ତା ସୌନ୍ଦର୍ଯ୍ୟତା ପାଇଁ ହିଁ ତାକୁ ଅନେକ ପସନ୍ଦ କରନ୍ତି କାହିଁକି ନା ତା ଭଳି ସୁନ୍ଦରୀ ମିଳିବା ବହୁତ କଷ୍ଟ। ଥରେ ତାକୁ ଯିଏ ଦେଖିବ ସେତାକୁ ତା ଜୀବନସାଥି କରିବାକୁ ଚାହିଁବ। କିନ୍ତୁ ଯୁବପିଢ଼ି ବୁଝନ୍ତିନି ଯେଉଁ ସୁନ୍ଦରତା ପଛରେ ଗୋଡେଇ ଏମାନେ ନିଜର ସମୟ ବର୍ବାଦ କରୁଛନ୍ତି। ବାପ ମା'ଙ୍କ କଥା ନ ମାନି ଘରେ ମିଛ କହି ପୁଳା ପୁଳା ପଇସା ଆଣି ଯେଉଁ ଝିଅଙ୍କ ପଛରେ ଉଡଉଛନ୍ତି ସେ ଝିଅ ଯେତେବେଳେ ଜଣକୁ ଛାଡିଲା ଭଳି ତମକୁ ଛାଡ଼ିଦେବ ସେତେବେଳେ ତମ ମୁଣ୍ଡରେ ପଶିବ ସଠିକ ସମୟ ଆଉ ସଠିକ ବୟସର ମାନେ କଣ। ବୟସ ଅଛି ପରିଶ୍ରମ କର ନିଜେ ରୋଜଗାର କରି ବାପ-ମା'ଙ୍କୁ ସାହାଯ୍ୟ କର। ଉଚିତ ବୟସ ହୋଇଗଲେ ନିଶ୍ଚିନ୍ତ ଭଲ ଜୀବନସାଥି ମିଳିବ ତେଣୁ ଏବେଠୁ ଏତେ ବ୍ୟସ୍ତ କାହିଁକି। ପ୍ରେମ ସରେନି କି ପ୍ରେମ ମରେନି। ଆଉ ଏହି ପ୍ରେମ ଯେତେବେଳେ ହୁଏ ନିଜ



ଦୁନିଆବି ଗୋଟେ ଅଲଗା ଦୁନିଆ ଭଳି ଲାଗେ। ଏଥିରେ ଅନ୍ଧଭଳି ଭଲପାଇବା ଥାଏ ଆଉ ନିଜ ଜୀବନସାଥିବି ହୃଦୟର ଭାଷାକୁ ପଢି ତମକୁ ସେହି ଗୁରୁତ୍ୱପୂର୍ଣ୍ଣ ମଣିଷଟା ଭାବୁଥାଏ। ଯେଉଁ ପ୍ରେମରେ ଗୁରୁତ୍ୱ ନଥାଏ ଛଳନା ଥାଏ। ସେ ପ୍ରେମକୁ କାହିଁକି ଆଜିର ଯୁବପିଢ଼ି ପାଇବାକୁ ଚାହାଁନ୍ତି କିଛି ବୁଝା ପଡ଼େନି। ସୁନ୍ଦର ଚେହେରା ହୁଏତ ଆକୃଷ୍ଟ କରିପାରେ କିନ୍ତୁ ମନର ପରିଭାଷାକୁ କେବେ ପଢି ପାରେନି। ଅନେକ କୁହନ୍ତି ଜୀବନସାଥି ଏମିତି ବାଛ ଯେମିତି ସେମାନେ ତମ ହୃଦୟର ଯନ୍ତ୍ରଣାକୁ ବୁଝି ପାରୁଥିବ। କିନ୍ତୁ ଆଜିକାଲି ସେମିତି କିଏ ଯନ୍ତ୍ରଣାକୁ ବୁଝୁଛି ଓଲଟା ଭୟ ରହୁଛି ଯାକୁ ଯଦି ମୁଁ ମୋ ମନର କଥା କହିଦେବି ଆଉ ଏ ଯଦି ତାକୁ ଗ୍ରହଣ ନକରିପାରିବ ତେବେ ମୋତେ ଛାଡି ଚାଲିଯିବ। ସତ କହିବାକୁ ଗଲେ ଆଜିକାଲି ଯାହାର ରୋଜଗାର ଯେତେ ବେଶି ତାଙ୍କ ପାଇଁ ତାଙ୍କ ପ୍ରେମ ଦେଇଥାଏ ଅନେକ ଖୁସି। ସେଥିପାଇଁ ତ ଲୋକେ କୁହନ୍ତି ଟଙ୍କା ଥିଲେ ସବୁକିଛି ମିଳେ ଆଉ ଟଙ୍କା ନଥିଲେ ପ୍ରେମ ବି ଧୋକାରେ ପରିଣତ ହୋଇଯାଏ। ମାନୁଛି ସବୁ ଝିଅ ସମାନ ନୁହଁନ୍ତି କି ସବୁ ପୁଅ ସମାନ ନୁହଁନ୍ତି। ଦିନଥିଲେ ଏ ପ୍ରେମରେ ଅନ୍ଧ ହୋଇ ଅନେକ ଯୁବକ ଯୁବତୀ ନିଜ ଘରଠାରୁ ଦୂରେଇ ଯାଇ ନିଜ ପ୍ରେମକୁ ପାଇବାକୁ ଚେଷ୍ଟା କରୁଥିଲେ କିନ୍ତୁ ଏବେ ଘର ଠାରୁ ଦୂରେଇ ଯାଇ ପ୍ରେମକୁ ସିନା ପାଇଯାଉଛନ୍ତି କିନ୍ତୁ ସ୍ୱାମୀର ପଇସା ନଥିଲେ ପୁଣି ଆଉ କାହାକୁ ପ୍ରେମ କରି ବିବାହ କରୁଛନ୍ତି। ସେତେବେଳର ପ୍ରେମ ଆଉ ଏବେକାର ପ୍ରେମ ଭିତରେ ବହୁତ ପାର୍ଥକ୍ୟ ରହିଛି। ସେତେବେଳେ ପ୍ରେମରେ ଝିଅ କହୁଥିଲା ତମର କୋଠାଘର ନଥିଲେ ମୁଁ ତମ ଚାଳଛପର ଘରେ ରହିଯିବି। କିନ୍ତୁ ଏବେକା ପ୍ରେମ ତମର ଘର ନଥିଲେ ମୁଁ ତମକୁ କେମିତି ପ୍ରେମ କରିବି। ଆଜିକାଲି ପ୍ରେମରେ ଆଉ ତ୍ୟାଗ ନାହିଁ ଆଜିକାଲି ପ୍ରେମରେ କେବଳ ଲୋଭ ଅଛି। ସେତେବେଳେ ପ୍ରେମରେ ମଧ୍ୟ ନିସ୍ୱାର୍ଥପର ଭଲପାଇବା ଥିଲା ଏହି ପ୍ରେମରେ ଅନ୍ଧ ହୋଇ ସେମାନଙ୍କୁ କେତେ ଯନ୍ତ୍ରଣା ସହିବାକୁ ପଡୁଥିଲା କିନ୍ତୁ ଏବେକାର ପ୍ରେମରେ ଆଉ ନିସ୍ୱାର୍ଥପର ଭଲପାଇବା ନାହିଁ ଜଣେ ଯଦି ପ୍ରେମରେ ଅନ୍ଧ ହେଉଛି ଆଉ ଜଣେ ଜଣକୁ ଅଣଦେଖା କରୁଛି। ସତ କୁହନ୍ତୁ ଏହାକୁ କଣ ପ୍ରେମ କୁହାଯାଏ।

ତେବେ ପ୍ରେମ କରନ୍ତୁ ମନା ନାହିଁ କିନ୍ତୁ ପ୍ରେମ ତାକୁ କରନ୍ତୁ ଯିଏ ତମ ପଦବୀକୁ ନୁହେଁ ତମକୁ ଭଲପାଉଥିବ। ଯିଏ ତମ ଟଙ୍କାକୁ ନୁହେଁ ଯିଏ ତୁମ ହୃଦୟକୁ ଚିହ୍ନି ପାରୁଥିବ। ଆଉ ଆଖି ବୁଜି ତମକୁ ସେ ସେତିକି ବିଶ୍ୱାସ କରୁଥିବ ଯେତିକି ତୁମେ ତାକୁ ବିଶ୍ୱାସ କରୁଥିବ। ପ୍ରେମ ଯଦି ସଚ୍ଚା ଥିବ ତେବେ ଏ ଦୁନିଆବି ଭାରି ରଙ୍ଗୀନ ଲାଗିବ।ସେଥିପାଇଁ ତ ଏ ପ୍ରେମର ଅନେକ ରଙ୍ଗ ଆଉ ଏହି ରଙ୍ଗ ଯାହାଠି ଥରେ ଲାଗେ ରାତିର ନିଦକୁ ହଜେଇ କେବଳ ନିଜ ମନର ମଣିଷକୁ ଆଖି ପଲକ ଭିତରେ ପାଏ।


ଅନ୍ଧାରୁଆ, ଭୁବନେଶ୍ୱର
ମୋବାଇଲ୍: ୯୦୯୦୬୬୧୫୮୬


# ବୈଦିକ ପୂଜାରେ ଦୁର୍ଗା



**ଉମା ଶଙ୍କର ପ୍ରସାଦ**

ଭାରତରେ ଆର୍ଯ୍ୟ ଓ ଅନାର୍ଯ୍ୟ ଏହି ଦୁଇ ଜାତିର ଲୋକମାନେ ପ୍ରଥମେ ବାସ କରୁଥିଲେ। ଅନାର୍ଯ୍ୟମାନଙ୍କ ମଧ୍ୟରେ ଆସୁରିକ ପ୍ରବୃତ୍ତି ଅଧିକ ରହିଥିବାରୁ ସେମାନେ ସମାଜରେ ଅସୁରମାନଙ୍କ ପରି ଅନ୍ୟାୟ, ଅତ୍ୟାଚାର ଓ ଅନୀତିରେ ଲିପ୍ତ ଥିଲେ। ମା' ଦୁର୍ଗାଙ୍କର ପୂଜାର ମୁଖ୍ୟ ଉଦ୍ଦେଶ୍ୟ ହେଲା- ସେହି ଦାନବମାନଙ୍କର ଆସୁରିକ ପ୍ରବୃତ୍ତିର ବିନାଶ ଓ ଦେବ ତଥା ମାନବର ରକ୍ଷା। ଯେପରି ଯୁଗ ଯୁଗ ଧରି ଅଧର୍ମ ଓ ଅନ୍ୟାୟ ବିରୁଦ୍ଧରେ ଅବତାରମାନେ ଏହି ପୁଣ୍ୟ ଭୂମିରେ ଜନ୍ମଗ୍ରହଣ କରି, ସଂଗ୍ରାମ କରି ନ୍ୟାୟ ଓ ଧର୍ମର ପ୍ରତିଷ୍ଠା କରିଯାଇଛନ୍ତି, ସେହିପରି ମା ଶକ୍ତିମୟୀ ଦୁର୍ଗା ସନ୍ତମାନଙ୍କୁ ଅନ୍ୟାୟ, ଅଧର୍ମ ଓ ବିପଦରୁ ଉଦ୍ଧାର କରିଅଛନ୍ତି। ଆର୍ଯ୍ୟମାନେ ଯେଉଁପୂଜା କରନ୍ତି ତାହା ସାଧାରଣତଃ ବୈଦିକ କର୍ମକାଣ୍ଡ ଉପରେ ପ୍ରତିଷ୍ଠିତ। ମା'ଦୁର୍ଗାଙ୍କର ପୂଜା ଓ ଆରାଧନା ସେହି ବେଦାନୁମୋଦିତ। ଋଗ୍‌ବେଦ ସଂହିତାର ଚତୁର୍ଥ ଅଧ୍ୟାୟର ୧୪ଟି ମନ୍ତ୍ର ରହିଅଛି। ପ୍ରତ୍ୟେକ ମନ୍ତ୍ରରେ ପ୍ରାୟ ଦୁର୍ଗାଙ୍କର ସ୍ତବ ରହିଅଛି, ତାହାର ପ୍ରଥମ ମନ୍ତ୍ରଟି ହେଲା-

'ସ୍ତୋଷ୍ୟାମି ପ୍ରୟତୋ ଦେବୀଂ ଶରଣ୍ୟା ବହୁତ ପ୍ରିୟାମ୍।
ସହସ୍ର ସମିତାଂ ଦୁର୍ଗାଂ ଜାତବେଦସେ ସୁନବାମ ସୋମମ୍।'

ଅର୍ଥାତ୍ ମୁଁ ଶାନ୍ତିଚିତ୍ତରେ ଦେବୀ ଦୁର୍ଗାଙ୍କର ସ୍ତବ କରିବି। ସେ ଋଗ୍ ବେଦର ମନ୍ତ୍ର ଶୁଣିବାକୁ ଭଲ ପାଆନ୍ତି। ସେ ସହସ୍ର ଦେବୀଙ୍କ ଶକ୍ତିରେ ବିମଣ୍ଡିତ। ଏହି ମନ୍ତ୍ର ପାଠକରି ମୁଁ ଦୁର୍ଗାଙ୍କ ଉଦ୍ଦେଶ୍ୟରେ ଅଗ୍ନିଦେବଙ୍କୁ ସୋମରସ ଆହୁତି ପ୍ରଦାନ କରିବି। ଋଗ୍‌ବେଦର ଶେଷ ମନ୍ତ୍ରଟି ହେଲା-

"ଦୁର୍ଗାଦୁର୍ଗେଷୁ ସ୍ଥାନେଷୁ ଶଂ ଯେ ଦେବୀର ଭୀଷ୍ଟୟେ
ଯଇମଂ ଦୁର୍ଗାସ୍ତବଂ ପୂଣ୍ୟଂ ରାତ୍ରୋ ରାତ୍ରୋ ସଦା ପଠେତ୍॥"

ଏହି ଦୁର୍ଗାସ୍ତବ ପ୍ରତିଦିନ ପାଠ କଲେ ଦୁର୍ଗା ତାହାର ଦୁର୍ଗମ ପଥକୁ ସୁଗମ କରନ୍ତି। ଋଗ୍ ଦେବରୁ ଆନୀତି ଦେବୀସୂକ୍ତ ଓ ରାତ୍ରସୁକ୍ତରେ ଶକ୍ତିଦେବୀଙ୍କର ପୂଜା ଓ ଆରାଧନା ସମ୍ବନ୍ଧରେ ଉଲ୍ଲେଖ ଅଛି।



"ଯେ ଦେବୀ ଆତ୍ମଶକ୍ତିର ଦ୍ୱାରା ଜଗତ୍ ପରିବ୍ୟାପ୍ତ କରିଅଛନ୍ତି, ସମସ୍ତ ଦେବତାମାନଙ୍କର ଶକ୍ତି ଯାହାଙ୍କ ମଧ୍ୟରେ ରହିଅଛି, ସମସ୍ତ ଦେବ ଓ ମହର୍ଷିମାନଙ୍କ ଦ୍ୱାରା ପୂଜିତ ସେହି ଅମ୍ବିକାଙ୍କୁ ଆମ୍ଭେମାନେ ଭକ୍ତିପୂର୍ବକ ପ୍ରଣାମ କରୁଅଛୁ, ସେ ଆମ୍ଭମାନଙ୍କର ମଙ୍ଗଳବିଧାନ କରନ୍ତୁ। ସେହି ମା' ହେଉଛନ୍ତି ଦେବମାତା, ପରାତ୍‌ପରା, ପ୍ରଣବ ସ୍ୱରୁପା। ସେ ମା' ସଚ୍ଚିଦାନନ୍ଦ ରୂପିଣୀ ସମସ୍ତ ବେଦ-ବେଦାନ୍ତ ଓ ଉପନିଷଦ ଦ୍ୱାରା ଜେ୍ଞତା। ତାଙ୍କର ମସ୍ତକରେ ତେଜ ମଣ୍ଡିତ ସ୍ୱର୍ଗ, ଲଲାଟରେ ରୁଦ୍ର, ହୃଦୟରେ ମେଘ, ଚକ୍ଷୁରେ ଚନ୍ଦ୍ର ଓ କର୍ଣ୍ଣ ଦୁଇଟିରେ ଶୁକ୍ର ଓ ବୃହସ୍ପତି, ନାସିକାରେ ଦନ୍ତପଂକ୍ତିରେ ଅଶ୍ୱିନୀକୁମାରଦ୍ୱୟ, ଅଧରରେ ସନ୍ଧ୍ୟା, ମୁଖରେ ଅଗ୍ନି, ଜିôହାରେ ସରସ୍ୱତୀ, ଗ୍ରୀବାରେ ସାଧ୍ୟଗଣ, ସ୍ତନଦ୍ୱୟରେ ଅଷ୍ଟବସୁ, ବାହୁଯୁଗଳରେ ମରୁଦ୍‌ଗଣ, ହୃଦୟରେ ପର୍ଜନ୍ୟଦେବ, ଉଦରରେ ଆକାଶ, ନାଭିରେ ଅନ୍ତରିକ୍ଷ, କଟିଦେଶରେ ଦଇ, ଜଙ୍ଘରେ ପ୍ରଜାପତି, ଉରୁରେ କୈଳାସ, କାନୁରେ ବିଶ୍ୱଦେବତା ବୃନ୍ଦ, ପାଦରେ ପିତୃଦେବଗଣ, ନିମ୍ନପାଦରେ ବନସ୍ପତି ସକଳ, ଲୋମ ସମୁହରେ ଋଷିଗଣ, ନଖରେ ମୁହୂର୍ତ୍ତଗଣ, ରକ୍ତମାଂସରେ ଋଷଋତୁ, ଆଚ୍ଛାଦନରେ ସମ୍ବତ୍ସର ରହିଅଛନ୍ତି।

ସେହି ଦେବମାତା ଶକ୍ତିରୂପୀ ମା' ଦୁର୍ଗାଙ୍କୁ ଭକ୍ତିର ପ୍ରଣତି ଜଣାଇ ବିଶ୍ୱର ମଙ୍ଗଳ ପାଇଁ ପ୍ରାର୍ଥନା କରିବା ପ୍ରୟୋଜନ।


ସ୍ତମ୍ଭକାର ତଥା ବରିଷ୍ଠ ସାମ୍ବାଦିକ
ମେନ୍ ରୋଡ଼, ଖୋର୍ଦ୍ଧା
ମୋବାଇଲ୍: ୮୮୯୫୫୪୭୪୯୦

# ନାଗରିକତା ନିୟମର ଧାରା '୬-କ' ବୈଧ



**ନୂଆଦିଲ୍ଲୀ, ୧୭।୧୦:** ନାଗରିକତା ନିୟମର ଧାରା '୬କ'କୁ ସୁପ୍ରିମ୍‌କୋର୍ଟ ବୈଧ ଘୋଷଣା କରିଛନ୍ତି। ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୁଡ଼ଙ୍କର କହିବା କଥା ହେଲା ୬କ ସେହି ଲୋକମାନ୍‌ଙ୍କୁ ନାଗରିକତା ପ୍ରଦାନ କରୁଛି ଯେଉଁମାନେ ସମ୍ବିଧାନିକ ପ୍ରାବଧାନ ଅନ୍ତର୍ଗତ ନୁହନ୍ତି।

ସୁପ୍ରିମକୋର୍ଟର ଏକ ପାଞ୍ଚ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ୪:୧ ବହୁମତ ଆଧାରରେ ଏହି ନିଷ୍ପତ୍ତି ନେଇଛନ୍ତି। ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୁଡ଼, ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଏମ୍‌ଏମ୍ ସୁନ୍ଦ୍ରେଶ, ଜେବି ପାର୍ଦିୱାଲ୍ ଏବଂ ମନୋଜ ମିଶ୍ରଙ୍କୁ ନେଇ ଏହି ଖଣ୍ଡପୀଠ ଗଠିତ ହୋଇଥିଲା। ଏହି ଖଣ୍ଡପୀଠରେ ୪ ଜଣ ଧାରା '୬କ'ର ସମର୍ଥନରେ ମତ ରଖିଥିବା ବେଳେ ଜଷ୍ଟିସ୍ ଜେବି ପାର୍ଦିୱାଲ୍ ବିରୋଧରେ ଯାଇଥିଲେ।

## ୧୯୬୬ ପୂର୍ବରୁ ଆସିଥିଲେ ନାଗରିକତା

ଗତ ବର୍ଷ ଡିସେମ୍ବର ୧୨ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟରାମଣି, ସଲିସିଟର ଜେନେରାଲ ତୁଷାର ମେହେଟ୍ଟା, ବରିଷ୍ଠ ଆଡଭୋକେଟ ଶ୍ୟାମ ଦିୱାନ୍, କପିଲ ସିବଲ ଏବଂ ଅନ୍ୟମାନଙ୍କ ଦାଖଲ ଶୁଣାଣି ପରେ ରାୟ ସଂରକ୍ଷିତ ରଖିଥିଲେ। ଏହି ମାମଲାର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ "ଯେଉଁ ବାଂଲାଦେଶୀମାନେ ଜାନୁୟାରୀ ୧୯୬୬ ମସିହା ଜାନୁଆରି ପହିଲାରୁ ନେଇ ୧୯୭୧ ମସିହା ୨୫ ତାରିଖ ପୂର୍ବରୁ ଆସାମକୁ ଆସିଥିଲେ ସେମାନେ ଧାରା ୧୮ ଅନୁଯାୟୀ ନିଜର ପଞ୍ଜିକରଣ କରିବେ। ସେ ସମୟରେ ବାଂଲାଦେଶୀମାନଙ୍କୁ ନାଗରିକତା ପ୍ରଦାନ ପାଇଁ ୧୯୭୧ ମସିହା ମାର୍ଚ୍ଚ ୨୫କୁ ଶେଷ ତାରିଖ ଘୋଷଣା କରାଯାଇଥିଲା।

ତେବେ ଗୁରୁବାର ସର୍ବୋଚ୍ଚ ନ୍ୟାୟାଳୟ ଏହା ଶୁଣାଣି କରିଛନ୍ତି ଯେ '୬କ' ସେହି ଲୋକମାନଙ୍କୁ ନାଗରିକତା ପ୍ରଦାନ କରିବ ଯେଉଁମାନେ କି ୧୯୬୬ ମସିହା ଜାନୁଆରି ପହିଲା ପୂର୍ବରୁ ପ୍ରବାସିତ ହୋଇଥିଲେ। ଏହିପ୍ରକାର ଏହା ସେହି ଲୋକମାନଙ୍କୁ ନାଗରିକତା ପ୍ରଦାନ କରିବ ଯେଉଁମାନେ ଅନୁଚ୍ଛେଧ ୬ ଓ ୭ ଅଧୀନରେ ନାହାନ୍ତି।



# ନାଏବ ସିଂହ ସୈନିଙ୍କ ଦ୍ୱିତୀୟ ଇନିଂସ ଆରମ୍ଭ

**ଚଣ୍ଡିଗଡ଼, ୧୭।୧୦:** ହରିୟାଣା ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ନାଏବ ସିଂହ ସୈନି। କ୍ରମାଗତ ଦ୍ୱିତୀୟ ଥର ପାଇଁ ସେ ରାଜ୍ୟ ମୁଖିଆ ଭାବେ ଶପଥ ନେଇଛନ୍ତି। ଏଥିସହ ବିଜେପି ଲଗାତାର ତୃତୀୟ ଥର ପାଇଁ ରାଜ୍ୟରେ ସରକାର ଗଠନ କରିଛି। ହରିୟାଣା ରାଜ୍ୟପାଳ ବନ୍ଦରୁ ଦତ୍ତାତ୍ରେୟ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ତାଙ୍କ ସହ କ୍ୟାବିନେଟ ମନ୍ତ୍ରୀ ଭାବେ ଅନିଲ ବିଜ୍ ମଧ୍ୟ ଶପଥ ନେଇଛନ୍ତି।

ପଞ୍ଚକୁଲାସ୍ଥିତ ସେକ୍ଟର ୫ ପରେଡ୍ ଗ୍ରାଉଣ୍ଡରେ ଶପଥ ଉତ୍ସବର ଭବ୍ୟ ଆୟୋଜନ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଗୃହମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ଉପସ୍ଥିତ ଥିଲେ। ଏଥିସହ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଏବଂ ଏନଡିଏ ମେଣ୍ଟର ସଦସ୍ୟ ଦଳ ମୁଖିଆମାନେ ମଧ୍ୟ ଯୋଗ ଦେଇଛନ୍ତି। ଓଡିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ମଧ୍ୟ ସୈନିଙ୍କ ଶପଥ ଉତ୍ସବରେ ଯୋଗ ଦେଇଛନ୍ତି। ଅକ୍ଟୋବର ୫ରେ ହରିୟାଣା ନିର୍ବାଚନ ପରେ ୮ରେ ଭୋଟ୍ ଗଣତି ହୋଇଥିଲା। ସମସ୍ତ ଏଗଜିଟ୍ ପୋଲର ଆକଳନକୁ ଭୁଲ୍ ପ୍ରମାଣିତ କରି ବିଜେପି ଲଗାତାର ତୃତୀୟ ଥର ପାଇଁ ଐତିହାସିକ ବିଜୟ ହାସଲ କରିଥିଲା। ରାଜ୍ୟର ମୋଟ ୯୦ ଆସନରୁ ବିଜେପିକୁ ୪୮ଟି ଆସନ ମିଳି ଥିବାବେଳେ କଂଗ୍ରେସ ମାତ୍ର ୧୧ରେ ସୀମିତ ରହିଥିଲା।

ଫଳରେ ବହୁମତ ସହ ଦଳ ଲଗାତାର ତୃତୀୟ ଥର ପାଇଁ ରାଜ୍ୟରେ ସରକାର ଗଠନ କରିବାକୁ ଯାଉଛି। ମୁଖ୍ୟମନ୍ତ୍ରୀ ସୈନି କୁରୁକ୍ଷେତ୍ର ଜିଲ୍ଲାର ଲଦୱା ଆସନରୁ ବିଜୟୀ ହୋଇଛନ୍ତି।

ସେପଟେ, ଆଜି ମୁଖ୍ୟମନ୍ତ୍ରୀଙ୍କ ଶପଥ ଉତ୍ସବ ପରେ ଏନ୍‌ଡିଏର ସଦସ୍ୟ ଦଳକୁ ନେଇ ଜରୁରୀ ବୈଠକ କରିବ ବିଜେପି। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହରିୟାଣାରେ ହିଁ ଏହି ବୈଠକ ବସିବ। ଏଥିରେ ଦଳର ବରିଷ୍ଠ ନେତା, ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଏବଂ ଏନ୍‌ଡିଏ ସଦସ୍ୟ ଦଳର ମୁଖିଆମାନେ ସାମିଲ ରହିବେ।

# ନିଜ୍ଜାର ହତ୍ୟା ମାମଲାରେ ବଦଳିଲା ଜଷ୍ଟିନ ଟ୍ରୁଡୋଙ୍କ ସ୍ୱର

**ଓଟାୱା, ୧୭।୧୦:** ଭାରତ ସରକାର କାନାଡାର ୬ ଜଣ ହାଇକମିଶନରଙ୍କୁ ବହିଷ୍କାର କରିବା ପରେ ବଦଳିଛି ଜଷ୍ଟିନ ଟ୍ରୁଡୋଙ୍କ ଆଭିମୁଖ୍ୟ। ବାରମ୍ବାର ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂହ ନିଜ୍ଜାରର ହତ୍ୟା ମାମଲାରେ ଭାରତର ସମ୍ପୃକ୍ତି ଥିବା ଦାବି କରି ଆସୁଥିବା ଟ୍ରୁଡୋଙ୍କ ସ୍ୱର ଶିଥୀଳ ହୋଇଯାଇଛି।

ନିଜ୍ଜାର ହତ୍ୟାରେ ଭାରତର ସମ୍ପୃକ୍ତି ବାବଦରେ ତାଙ୍କ ପାଖରେ କୌଣସି ଠୋସ୍ ପ୍ରମାଣ ନାହିଁ, ସେ କେବଳ ଗୁପ୍ତଚର ସୂଚନାକୁ ଆଧାର କରି ଅଭିଯୋଗ କରିଥିବା କହିଛନ୍ତି। ଟ୍ରୁଡୋଙ୍କ ଏପରି ବିବୃତ୍ତି ପରେ କଡ଼ା ଜବାବ ଦେଇଛି ଭାରତ। ଭାରତ ପୂର୍ବରୁ ଯାହା କହି ଆସୁଥିଲା ତାହା ପ୍ରମାଣିତ ହୋଇଛି ବୋଲି ଭାରତ ସରକାର କହିଛନ୍ତି। ଭାରତର ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ, ଆମେ ଆଜି ଯାହା ଶୁଣୁଛୁ ତାହା ଆମେ କହିଆସୁଥିବା ଦାବିକୁ ପ୍ରମାଣ କରୁଛି। କାନାଡା ସରକାର ବିନା କୌଣସି ଠୋସ୍ ପ୍ରମାଣରେ ନିଜ୍ଜାର ହତ୍ୟାକୁ ନେଇ ଭାରତ ଉପରେ ଅଭିଯୋଗ କରିଆସୁଥିବା ନିଜେ ସ୍ୱୀକାର କରିଛନ୍ତି। ଆମେ ଏହି ଅଭିଯୋଗକୁ ବାରମ୍ବାର ଖଣ୍ଡନ କରିଆସିଛୁ,



ଶେଷରେ କାନାଡା ପ୍ରଧାନମନ୍ତ୍ରୀ ଲଗାଇଥିବା ଅଭିଯୋଗ ପ୍ରମାଣ ବିହୀନ ବୋଲି ନିଜେ ମାନିଛନ୍ତି।

ପ୍ରକାଶ ଥାଉକି, ଗତ ବର୍ଷ କାନାଡାରେ ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂହ ନିଜ୍ଜାରର ହତ୍ୟା ହୋଇଥିଲା। କିଛି ଦିନର ବିରତି ପରେ ହଠାତ୍ କାନାଡା ଏହି ହତ୍ୟାକାଣ୍ଡରେ ଭାରତର ସମ୍ପୃକ୍ତି ଥିବା ଅଭିଯୋଗ ଆଣିଥିଲେ। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ତିକ୍ତତା ବଢ଼ିଥିଲା। କାରଣ ଭାରତ ସରକାର ଏପରି ଅଭିଯୋଗକୁ ଖଣ୍ଡନ କରିବା ସହ କଡ଼ା ଆଭିମୁଖ୍ୟ ପୋଷଣ କରିଥିଲେ। ନିକଟରେ ମଧ୍ୟ ଲାଓସରେ ଅନୁଷ୍ଠିତ ଆସିଆନ ଶିଖର ସମ୍ମିଳନୀରେ ଦୁଇ ରାଷ୍ଟ୍ରନେତା ବନ୍ଧୁତପୂର୍ଣ୍ଣ ବ୍ୟବହାର କରିନଥିଲେ। ପ୍ରଧାନମନ୍ତ୍ରୀ ଲାଓସରୁ ଫେରିବା ପରେ ପରେ ଭାରତ ସରକାର କାନାଡାରେ ଥିବା ଭାରତର ହାଇକମିଶନରଙ୍କୁ ଫେରାଇ ଆଣିବା ସହ 6 ଜଣ କାନାଡା ହାଇକମିଶନରଙ୍କୁ ବହିଷ୍କାର କରିଥିଲେ।

ଏହାର କିଛି ଘଣ୍ଟା ପରେ ପୁଣି ନିଜ୍ଜାର ହତ୍ୟାକୁ ନେଇ ଭାରତ ଉପରେ ଦୋଷ ଲଦିଥିଲେ ଜଷ୍ଟିନ ଟ୍ରୁଡୋ। ଏପରି ଗ୍ୟାଙ୍ଗଷ୍ଟର୍ ଲରେନ୍ସ ବିଷ୍ଣୋଇ ସହ ମିଶି ଭାରତୀୟ ଏଜେଣ୍ଟ କାମ କରୁଥିବା ସେ ଅଭିଯୋଗ କରିଥିଲେ। ମାତ୍ର ଏସବୁ ଅଭିଯୋଗ ମଧ୍ୟରେ ନିଜ ସ୍ୱର ବଦଳାଇଛନ୍ତି ଜଷ୍ଟିନ ଟ୍ରୁଡୋ। ସେ କୌଣସି ଠୋସ୍ ପ୍ରମାଣ ବିନା ନିଜ୍ଜାର ହତ୍ୟାରେ ଭାରତର ସମ୍ପୃକ୍ତି ଥିବା ଅଭିଯୋଗ କରିଥିବା ସ୍ୱୀକାର କରିଛନ୍ତି।

# ବିହାର ମଦମୃତ୍ୟୁ ୨୮କୁ ବୃଦ୍ଧି

**ପାଟନା, ୧୭।୧୦:** ପୁଣି ବିହାରରେ ବିଷାକ୍ତ ମଦ ହାହାକାର ସୃଷ୍ଟି କରିଛି। ରାଜ୍ୟରେ ବିଷାକ୍ତ ମଦ ପିଇ ୨୮ ଜଣଙ୍କ ମୃତ୍ୟୁ ଘଟିଲାଣି। ଏଥିସହ ଏକାଧିକ ଲୋକ ଆସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୃତକମାନେ ସିୱାନ ଏବଂ ଛପରା ଜିଲ୍ଲାର ହୋଇଥିବା ସୂଚନା ମିଳିଛି। ପୁଲିସ ସୂଚନା ଅନୁସାରେ, ଏହି ଦୁଇ ଜିଲ୍ଲାରେ ଅନେକ ଲୋକ ବିଷାକ୍ତ ମଦ ପିଇବା ପରେ ଅସୁସ୍ଥ ହୋଇ ପଡିଥିଲେ। ସେମାନଙ୍କ ମଧ୍ୟରୁ ୨୮ ଜଣଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ମଧ୍ୟରୁ ସିବାନ ଜିଲ୍ଲାର ୨୦ ଜଣ ଥିବାବେଳେ ଛପରାରେ ୮ ଜଣ ଅଛନ୍ତି। ଏବେ ମଧ୍ୟ ଜଣଙ୍କ ପରେ ଜଣେ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହେଉଛନ୍ତି। ଫଳରେ ମୃତ୍ୟୁସଂଖ୍ୟା ବଢ଼ିବା ନେଇ ଆଶଙ୍କା କରାଯାଉଛି। ବିହାରରେ ବିଷାକ୍ତ ମଦ ପିଇ ଏକକାଳୀନ ଏତେ ସଂଖ୍ୟକ ଲୋକଙ୍କ ମୃତ୍ୟୁ ଘଟିବା ଏହା ପ୍ରଥମ ଘଟଣା ନୁହେଁ। ପୂର୍ବରୁ ଏପରି ଅନେକ ଘଟଣା ସାମ୍ନାକୁ ଆସିଛି। ଏହାକୁ ଦୃଷ୍ଟିରେ ୨୦୧୬ରେ ତତ୍କାଳୀନ ସରକାର ରାଜ୍ୟରେ ମଦ ବିକ୍ରି ଏବଂ ମଦ ସେବନ ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଇଥିଲେ। ମାତ୍ର ରାଜ୍ୟରେ ମଦମୃତ୍ୟୁର କରୁଣ ଦୃଶ୍ୟକୁ ରୋକାଯାଇ ପାରୁନାହିଁ। ସେପଟେ ଏପରି ଦୁଃଖଦ ସମୟରେ ରାଜ୍ୟ ସରାକରର ମନ୍ତ୍ରୀ ଥିବା ରତ୍ନେଶ ସାଦାଙ୍କ ଏକ ଅଜବ ବିବୃତ୍ତି ସାମ୍ନାକୁ ଆସିଛି। ଏତେ ସଂଖ୍ୟକ ଲୋକଙ୍କ ମୃତ୍ୟୁ ପରେ ମଧ୍ୟ ଏହା ପ୍ରଶାସନିକ ବିଫଳତା ନୁହେଁ ବୋଲି ସେ କହିଛନ୍ତି। ଏହାକୁ ନେଇ ବିପକ୍ଷ ଆରଜେଡି ଶାସକ ଜେଡିୟୁ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ସରକାର ରାଜ୍ୟରେ ମଦମୃତ୍ୟୁକୁ ରୋକିବାରେ ବିଫଳ ହୋଇଥିବା ବିରୋଧୀ ଅଭିଯୋଗ ଆଣିଛନ୍ତି।

# ଚୋଟ ମାରିଥିବା ସାପକୁ ଧରି ହସ୍ପିଟାଲ୍‌ରେ ହାଜର

**ପାଟନା, ୧୭।୧୦:** ବିହାରର ଜଣେ ବ୍ୟକ୍ତି ଏପରି ହରକତ କରିଛନ୍ତି, ଯାହା ସମସ୍ତଙ୍କୁ ଥରହର କରିଦେଇଛି। ଲୁଙ୍ଗି ଓ ଗଞ୍ଜି ପିନ୍ଧିଥିବା ବ୍ୟକ୍ତିଙ୍କ ବେକରେ ବୁଢ଼ା ସାପକୁ ଦେଖି ଡାକ୍ତରଖାନାରେ ରୋଗୀଙ୍କଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟକର୍ମୀ ସମସ୍ତେ ଭୟଭୀତ ହୋଇ ପଡ଼ିଥିଲେ। କାରଣ ସେ କେବଳ ସାପକୁ ବେକରେ ଗୋଡାଇ ନଥିଲେ, ଯନ୍ତ୍ରଣା ଜର୍ଜରିତ ଅବସ୍ଥାରେ ଯେଉଁପରି ଭାବେ ସାପକୁ ଜାବୁଡ଼ି ଧରିଥିଲେ ତାହା ଭୟଙ୍କର ଥିଲା। ବ୍ୟକ୍ତି ଜଣକ ତା'ଠୁ ଆହୁରି ଭୟଙ୍କର ହରକତ ମଧ୍ୟ କରିଛନ୍ତି। ଅତ୍ୟଧିକ ଯନ୍ତ୍ରଣା ହେବାରୁ ସାପକୁ ବେକରୁ ବାହାର ନିଜେ ହସ୍ପିଟାଲ ଚଟାଣରେ ଶୋଇପଡ଼ିବା ସହ ସାପ ମୁଣ୍ଡକୁ ଯୋରରେ ଚାପି ଧରିଥିଲେ। ତାଙ୍କର ଏପରି ହରକତ ଦେଖି ଉପସ୍ଥିତ ଲୋକେ ଭୟଭୀତ ହୋଇ ପଡ଼ିଥିଲେ। କିଛି ଲୋକ ଏହି ସମୟର ଦୃଶ୍ୟକୁ ସୋଶାଲ ମିଡିଆରେ ପୋଷ୍ଟ କରିଛନ୍ତି, ଯାହା ଖୁବ୍ ଭାଇରାଲ୍ ହେଉଛି। ସୂଚନା ଅନୁସାରେ, ବିହାରର ଏହି ବ୍ୟକ୍ତି ଜଣକ (ପ୍ରକାଶ ମଣ୍ଡଳ) କିଛି କାମ କରୁ ଥିବାବେଳେ ତାଙ୍କୁ ସାପଟି କାମୁଡ଼ି ଦେଇଥିଲା। ଏହାପରେ ସେ ସେହି କ୍ଷଣି ହିଁ ସାପକୁ ଧରି ପକାଇଥିଲେ। କେବଳ ସାପକୁ ଧରି ନଥିଲେ ବେକରେ ଗୁଡ଼ାଇ ଡାକ୍ତରଖାନାରେ ପହଞ୍ଚିଥିଲେ ପ୍ରକାଶ। ଡାକ୍ତରଖାନାରେ ତାଙ୍କର ଏପରି ବେଶକୁ ଦେଖି ସମସ୍ତେ ଭୟଭୀତ ହୋଇ ପଡ଼ିବାରୁ ସାପକୁ ଛାଡିବାକୁ କହିଥିଲେ ଡାକ୍ତର। ସାପକୁ ଛାଡ଼ିବା ପରେ ଡାକ୍ତର ତାଙ୍କ ଚିକିତ୍ସା ଆରମ୍ଭ କରିଥିଲେ। ବର୍ତ୍ତମାନ ତାଙ୍କ ଚିକିତ୍ସା ଚାଲିଥିବା କୁହାଯାଉଛି। ମାତ୍ର ସ୍ୱାସ୍ଥ୍ୟାବସ୍ଥା କିପରି ଅଛି, ତାହା ଜଣାପଡ଼ିନାହିଁ।

# ଝାଡ଼ଖଣ୍ଡରେ 'ଆପ୍' ପ୍ରାର୍ଥୀ ଦେବନି

**ନୂଆଦିଲ୍ଲୀ,୧୭।୧୦:** ୨ରାଜ୍ୟର ବିଧାନସଭା ନିର୍ବାଚନ ଘୋଷଣା ହୋଇଛି। ଆଗକୁ ଝାଡଖଣ୍ଡ ଓ ମହାରାଷ୍ଟ୍ରରେବିଧାନସଭା ନିର୍ବାଚନ ହେବାକୁ ଯାଉଛି। ବିଭିନ୍ନ ଦଳମାନେ ଏନେଇ କମର କଷି ସାରିଲେଣି। ଏହାରି ଭିତରେ ବଡ଼ ସୂଚନା ମିଳିଛି କି, ଆମ ଆଦମୀ ପାର୍ଟି ଝାଡଖଣ୍ଡ ବିଧାନସଭାରେ ପ୍ରାର୍ଥୀ ଦେବନାହିଁ। କୁହାଯାଉଛି ଯେ, ଆପ୍ ଯୋଜନା କରୁଛି ଯେ, ଆପ୍ ମହାରାଷ୍ଟ୍ରରେ ଇଣ୍ଡିଆ ମେଣ୍ଟକୁ ସୁଦୃଢ଼ କରିବା ପାଇଁ ଚେଷ୍ଟା କରୁବାକୁ ଚାହୁଁଛି। ସେଥିପାଇଁ ସେଠାରେ ଧ୍ୟାନ ଦେବାକୁ ଚେଷ୍ଟା କରୁଛି। ସୂଚନାଥାଉ କି, ଲୋକ ସଭା ନିର୍ବାଚନ ପରେ ପ୍ରଥମ ଥର ପାଇଁ ଭାଜପା ଓ କଂଗ୍ରେସ ନୁହେଁ , ଏନଡିଏ ଓ ଇଣ୍ଡିଆ ମେଣ୍ଟ ସିଧା ଲଢେଇ ହେବାକୁ ଯାଉଛି। ମହାରାଷ୍ଟ୍ରରେ ଭାଜପାର ସହଯୋଗୀ ପାର୍ଟି ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ, ଅଜିତ ପାୱାରଙ୍କ ପାର୍ଟି ସାମିଲ୍ ଅଛନ୍ତି। ସେପଟେ କଂଗ୍ରେସ ସହିତ ଉଦ୍ଧବ ଠାକରେ ଓ ଶରଦ ପାୱାରଙ୍କ ମେଣ୍ଟ ସରକାର ରହିଛି।

# ଶେଖ ହାସିନାଙ୍କୁ କୋର୍ଟରେ ହାଜର ନିର୍ଦ୍ଦେଶ



**ଢାକା,୧୭।୧୦:** ବାଂଲାଦେଶ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ବିରୋଧରେ ଗୁରୁବାର ବାଂଲାଦେଶ କୋର୍ଟ ଗିରଫ ୱାରେଣ୍ଟ ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଗଷ୍ଟରେ କ୍ଷମତାରୁ ହଟାଯିବା ପରେ ଶେଖ ହସିନା ଭାରତକୁ ପଳାଇଥିଲେ। ବାଂଲାଦେଶର ଅନ୍ତର୍ଜାତୀୟ ଆପରାଧିକ ଟ୍ରିବ୍ୟୁନାଲର ମୁଖ୍ୟ ଓକିଲ ମହମ୍ମଦ ତାଜୁଲ ଇସଲାମ କହିଛନ୍ତି, ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଗିରଫ କରିବା ଏବଂ ନଭେମ୍ବର ୧୮ରେ ତାଙ୍କୁ କୋର୍ଟରେ ହାଜର ହେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲର ସଭାପତି ଜଷ୍ଟିସ ମହମ୍ମଦ ଗୁଲାମ ମୋର୍ତ୍ତେଜା ମଜୁମଦାର ସକାଳ ୧୧.୩୦ ପରେ ଟ୍ରିବ୍ୟୁନାଲ ପ୍ରକ୍ରିୟା ଆରମ୍ଭ କରିଥିଲେ। ପ୍ରଥମ ଦିନରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ଏବଂ ଅନ୍ୟ ୫୦ ଜଣଙ୍କ ବିରୋଧରେ ଗିରଫ ୱାରେଣ୍ଟ ଦାବି କରିଥିଲେ। ନିଖୋଜ ଏବଂ ହତ୍ୟା ସହ ଜଡିତ ୬୦ରୁ ଅଧିକ ମାମଲା ଆୱାମୀ ଲିଗ ଦଳର ନେତା ଶେଖ ହସିନା, ଦେଶର ପୂର୍ବତନ ଆଇନଜୀବୀ ତଥା ସାମ୍ବାଦିକଙ୍କ ବିରୋଧରେ ଅନ୍ତର୍ଜାତୀୟ ଅପରାଧିକ ଟ୍ରିବ୍ୟୁନାଲରେ ପଞ୍ଜୀକୃତ ହୋଇଛି।

ଅକ୍ଟୋବର ୧୩ରେ ମୁଖ୍ୟ ଓକିଲ ଆଡଭୋକେଟ ତାଜୁଲ ଇସଲାମ କହିଥିଲେ, ଏହି ସପ୍ତାହ ମଧ୍ୟରେ ଜୁଲାଇରେ ଦେଶରେ ହୋଇଥିବା ଦଙ୍ଗା ଏବଂ ଅଶାନ୍ତିରେ ଯୋଗ ଦେଇଥିବା ବ୍ୟକ୍ତିଙ୍କ ବିରୋଧରେ ଗିରଫ ୱାରେଣ୍ଟ ଜାରି କରାଯିବ। ଏଥିପାଇଁ ଦେଶ ଛାଡି ପଳାଇଥିବା ସମସ୍ତଙ୍କ ବିରୋଧରେ ଇଣ୍ଟରପୋଲର ସହାୟତା ନିଆଯିବ। ମହମ୍ମଦ ତାଜୁଲ ଇସଲାମ କହିଛନ୍ତି, ହସିନାଙ୍କ ୧୫ ବର୍ଷର ଶାସନ କାଳରେ ମାନବିକ ଅଧିକାରରେ ଉଲ୍ଲଂଘନ ଏକ ବଡ଼ ଧରଣର ହୋଇଥିଲା। ସେ ରାଜନୈତିକ ବିରୋଧୀଙ୍କୁ ଜେଲକୁ ପଠାଇଥିଲେ। ଜୁଲାଇରୁ ଅଗଷ୍ଟ ମଧ୍ୟରେ ଦେଶରେ ଘଟିଥିବା ହତ୍ୟାକାଣ୍ଡ ଏବଂ ହତ୍ୟା ଭଳି ଅପରାଧ ପଛରେ ଶେଖ ହସିନା ରହିଥିଲେ। ବାଂଲାଦେଶ ଯିବା ପରଠାରୁ ୭୭ ବର୍ଷୀୟ ହାସିନା ସର୍ବସାଧାରଣରେ ଦେଖା ଦେଇନାହାଁନ୍ତି। ଭାରତରେ ତାଙ୍କ ଉପସ୍ଥିତିକୁ ନେଇ ବାଂଲାଦେଶ ସରକାର ଆପତ୍ତି ଉଠାଇ ହାସିନାଙ୍କ କୂଟନୈତିକ ପାସପୋର୍ଟକୁ ବାତିଲ କରିଛନ୍ତି।

# ପାକିସ୍ତାନରେ ଜୟଶଙ୍କରଙ୍କ ମର୍ଣ୍ଣିଂ ୱାକ୍

**ଇସଲାମାବାଦ, ୧୭।୧୦:** ସାଂଘାଇ ସହଯୋଗ ସଂଗଠନ ସମ୍ମିଳନୀ (ଏସ୍‌ସିଓ)ରେ ଯୋଗଦେବା ପାଇଁ ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଆଜିକାଲି ପାକିସ୍ତାନ ଗସ୍ତରେ ଅଛନ୍ତି। ବିଭିନ୍ନ ଦେଶର ପ୍ରତିନିଧୀଙ୍କ ସହ ସରକାରୀ ବୈଠକ ବ୍ୟତୀତ ଜୟଶଙ୍କର ସେଠାରେ ତାଙ୍କର ଖାଲି ସମୟ ଉପଭୋଗ କରୁଛନ୍ତି। ବୁଧବାର ସକାଳେ ଜୟଶଙ୍କର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପାକିସ୍ତାନ ଗସ୍ତର ଫଟୋ ଶେୟାର କରି ଲେଖିଛନ୍ତି, ଆମ ହାଇ କମିଶନ ପରିସରରେ ଭାରତ-ପାକିସ୍ତାନ ଦଳର ସହକର୍ମୀଙ୍କ ସହ ମର୍ଣ୍ଣିଂ ୱାକ। ଏସ୍‌ସିଓ ସମ୍ମିଳନୀ ୨୦୨୪ର ଦ୍ୱିତୀୟ ଦିନରେ ଅର୍ଥାତ୍ ଆଜି ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ଷରିଫ ପାକିସ୍ତାନର ଜିନ୍ନା ସମ୍ମିଳନୀ କେନ୍ଦ୍ରରେ ସ୍ୱାଗତ ଭାଷଣ ପ୍ରଦାନ କରିବେ ଏବଂ ପ୍ରତ୍ୟେକ ନେତାଙ୍କୁ ସ୍ୱାଗତ କରିବେ। ଏହି ସମ୍ମିଳନୀରେ ଭାରତ, ଚାଇନା, ଋଷିଆ, ବେଲାରୁଷ, କାଜାଖସ୍ତାନ, କିର୍ଗିଜସ୍ଥାନ, ତାଜିକିସ୍ତାନ ଏବଂ ଉଜବେକିସ୍ତାନର ପ୍ରତିନିଧୀମାନେ ଅଂଶଗ୍ରହଣ କରିଛନ୍ତି। ପାକିସ୍ତାନର ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ ଆଜିର ଅଧିବେଶନରେ ହୋଇଥିବା ଆଲୋଚନାରେ ଆର୍ଥିକ ସହଯୋଗ, ବାଣିଜ୍ୟ, ପରିବେଶ ସମସ୍ୟା ଏବଂ ସାମାଜିକ-ସାଂସ୍କୃତିକ ସମ୍ପର୍କ ଉପରେ ଗୁରୁତ୍ୱ ଦିଆଯିବ। ଆଶା କରାଯାଉଛି ଯେ, ନେତାମାନେ ଏସସିଓ ସଦସ୍ୟଙ୍କ ମଧ୍ୟରେ ସହଯୋଗ ବୃଦ୍ଧି ତଥା ସଂଗଠନର ବଜେଟକୁ ଅନୁମୋଦନ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ।

# ପାକିସ୍ତାନ ଗଣମାଧ୍ୟମର ମିଛ ପ୍ରଚାର



**ନୂଆଦିଲ୍ଲୀ,୧୭।୧୦:** ଭାରତର ବୈଦେଶିକ ମନ୍ତ୍ରୀ ଏସ୍.ଜୟଶଙ୍କର ଏସ୍‌ସିଓ ସମ୍ମିଳନୀ ଲାଗି ପାକିସ୍ତାନ ଗସ୍ତରେ ଅଛନ୍ତି। ହେଲେ ଏହି ଗସ୍ତକୁ ନେଇ ପାକିସ୍ତାନୀ ଗଣମାଧ୍ୟମ ପକ୍ଷରୁ ବଡ଼ ମିଛ କୁହାଯାଉଛି। ଇସଲାମାବାଦରେ ସେ ପାକିସ୍ତାନ ବୈଦେଶିକ ମନ୍ତ୍ରୀଙ୍କ ସହ କ୍ରିକେଟ୍ ଡିପ୍ଲୋମାସି ଉପରେ ଆଲୋଚନା କରିଥିବା ଗଣମାଧ୍ୟମରେ ଦେଖାଯାଇଛି। ହେଲେ ଭାରତୀୟ ମିଡିଆ ଏହି କଥାକୁ ଖଣ୍ଡନ କରିଛି। ଆତଙ୍କବାଦୀ କାର୍ଯ୍ୟକଳାପ ଏବଂ ପଡୋଶୀ ଦେଶ ସହ ତିକ୍ତତାକୁ ନେଇ ଭାରତ ସରକାର ପ୍ରାୟ ୧୭ ବର୍ଷ ଧରି ଟିମ୍ ଇଣ୍ଡିଆକୁ ପାକିସ୍ତାନ ଯିବାକୁ ଅନୁମତି ଦେଇନାହିଁ। ଏହା ସେଠାରେ ହେବାକୁ ଥିବା ଚାମ୍ପିୟନ୍ସ ଟ୍ରଫି ରାସ୍ତାରେ କଣ୍ଟା ସାଜିଛି।

୨୦୧୭ ପରେ ପ୍ରଥମ ଥର ପାଇଁ କରାଯାଉଥିବା ଆଇସିସି ଟୁର୍ନାମେଣ୍ଟ ଚାମ୍ପିୟନ୍ସ ଟ୍ରଫିର ଆୟୋଜନ ଆସନ୍ତା ବର୍ଷ ପାକିସ୍ତାନରେ ହେବାକୁ ଯାଉଛି। ହେଲେ ଟିମ୍ ଇଣ୍ଡିଆ ସେଥିରେ ଭାଗ ନେବ କି ନାହିଁ ତାହାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏସବୁ ମଧ୍ୟରେ ପାକିସ୍ତାନୀ ଗଣମାଧ୍ୟମରେ ଉଭୟ ଦେଶର ବୈଦେଶିକ ମନ୍ତ୍ରୀଙ୍କ ମଧ୍ୟରେ କ୍ରିକେଟକୁ ନେଇ ଚର୍ଚ୍ଚା ହୋଇଥିବା ଦେଖାଯାଇଥିଲା। ଏହାକୁ ଭାରତୀୟ ଗଣମାଧ୍ୟମ ଖଣ୍ଡନ କରିଛି।

# ବାଲକୋନିରୁ ପଡ଼ି ଲିଆମ ପାଇନଙ୍କ ମୃତ୍ୟୁ

**ବଏନସ୍ ଏରିସ, ୧୭।୧୦:** ୱାନ ଡିରେକ୍ସନର ପୂର୍ବତନ ଗାୟକ ଲିଆମ ପାଇନଙ୍କ ମୃତ୍ୟୁ। ମାତ୍ର ୩୧ ବର୍ଷ ବୟସରେ ତାଙ୍କର ମୃତ୍ୟୁ ଘଟିଥିବା ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ଆର୍ଜେଣ୍ଟିନାର ଏକ ହୋଟେଲ ବାଲକୋନିରୁ ପଡ଼ି ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି।

ସୂଚନା ଅନୁସାରେ, ଗତକାଲି ଲିଆମ ଆର୍ଜେଣ୍ଟିନାର ରାଜଧାନୀ ବଏନସ୍ ଏରିସର ଏକ ହୋଟେଲରେ ଥିଲେ। ସେ ନିୟମିତ ଭାବେ ଏହି ହୋଟେଲକୁ ଆସୁଥିବା କୁହାଯାଉଛି। ଗତକାଲି ମଧ୍ୟ ହୋଟେଲରେ ଥିବାବେଳେ ବାଲକୋନିରେ ବୁଲାବୁଲି କରୁଥିଲେ। ଏହି ସମୟରେ ହଠାତ୍ ବାଲକୋନିରୁ ପଡ଼ି ଯାଇଥିଲେ। ହୋଟେଲ କର୍ମଚାରୀ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ୍ୟ ତାଙ୍କର ମୃତ୍ୟୁ ଘଟିଛି।



ପୁଲିସର କହିବା ଅନୁସାରେ, ହୋଟେଲର ପାଖ ବିଲ୍ଡିଂରେ ରହୁଥିବା ସ୍ଥାନୀୟ ଲୋକେ ବାଲକୋନିରେ ଜଣ ବ୍ୟକ୍ତିଙ୍କୁ ଅତ୍ୟଧିକ ମଦ୍ୟପାନ ଏବଂ ଡ୍ରଗ୍ସ ସେବନ ପରେ ଉତ୍ତେଜିତ ଅବସ୍ଥାରେ ଦେଖିଥିଲେ। ଏହାର କିଛି ସମୟ ମଧ୍ୟରେ ହୋଟେଲ କର୍ମଚାରୀ ଜୋରରେ ଚିତ୍କାର ଶୁଭିଥିଲା। ଫଳରେ ସେ ହୋଟେଲ ବାହାରେ ଯାଇ ଦେଖନ୍ତି ତ, ଜଣେ ବ୍ୟକ୍ତି ତଳେ ପଡ଼ିଛନ୍ତି। ପରବର୍ତ୍ତୀ ସମୟରେ ସେ ଲିଆମ ପାଇନ ବୋଲି ଜଣାପଡିଥିଲା। ପ୍ରବଳ ନିଶା କାରଣରୁ ସେ ଭାରସାମ୍ୟ ହରାଇ ତିନି ମହଲା କୋଠାର ବାଲକୋନିରୁ ପଡ଼ି ଯାଇଥିବା ପୁଲିସ ସନ୍ଦେହ କରୁଛି।

ପ୍ରକାଶ ଥାଉକି, ୱାନ୍ ଡିରେକ୍ସନ ହେଉଛି ଲଣ୍ଡନର ଏକ ପପ୍ ବ୍ୟାଣ୍ଡ। ଲିଆମ ପାଇନ ମଧ୍ୟ ଜଣେ ବ୍ରିଟିଶ ନାଗରିକ। ସେ ପୂର୍ବରୁ ଏହି ବ୍ୟାଣ୍ଡର ଗାୟକ ଥିଲେ। ଏହି ବ୍ୟାଣ୍ଡ ୨୦୧୦ରୁ ୨୦୧୬ ପର୍ଯ୍ୟନ୍ତ ସକ୍ରିୟ ଥିଲା। ବର୍ତ୍ତମାନ ଏହା ବନ୍ଦ ରହିଛି।

# ସେନା ଦମ୍ପତିଙ୍କ ଆତ୍ମହତ୍ୟା

**ହାତରେ ହାତ ଛନ୍ଦି ସଂସ୍କାର ଲାଗି ନିବେଦନ**

**ଆଗ୍ରା, ୧୭।୧୦:** ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଥିଲା ନିଚ୍ଛକ ଭଲ ପାଇବା। କେହି କାହାକୁ ଛାଡ଼ିବାକୁ ପ୍ରସ୍ତୁତ ହେଉ ନଥିଲେ। ମୃତ୍ୟୁ ପରେ ମଧ୍ୟ ସେମାନେ ଏକାଠି ରହିବେ ବୋଲି ପରସ୍ପରକୁ କଥା ଦେଇଥିଲେ। ହେଲେ ହଠାତ୍ ଏମିତି କ'ଣ ହେଲା ସୁନାର ସଂସାର ଉଜୁଡ଼ି ଯାଇଛି। ପରସ୍ପର ଠାରୁ ୨୪୦ କିମି ଦୂରରେ ଜୀବନ ହାରିଛନ୍ତି ଦମ୍ପତି। ଜୀବନ ହାରିଥିଲେ ମଧ୍ୟ ସେମାନେ ଏକାଠି ରହିବାକୁ ଚାହିଁଛନ୍ତି। ପତ୍ନୀଙ୍କ ପାଖକୁ ମିଳିଥିବା ସୁଇସାଇଟ ନୋଟରେ ସେ ସ୍ୱାମୀଙ୍କ ସହ ତାଙ୍କ ଶବକୁ ଗୋଟିଏ ସ୍ଥାନରେ ସଂସ୍କାର କରିବାକୁ ଅନୁରୋଧ କରିଛନ୍ତି। ଏକାଠି ସଂସ୍କାର କରିବା ବେଳେ ହାତରେ ହାତ ଛନ୍ଦିବାକୁ ମଧ୍ୟ ସେ କହିଛନ୍ତି।

ପୂରା ଘଟଣା ଏମିତି। ଭାରତୀୟ ବାୟୁ ସେନାର ଜଣେ ଫ୍ଲାଇଟ ଲେଫ୍ଟନାଣ୍ଟ ଆଗ୍ରା ଠାରେ ଆତ୍ମହତ୍ୟା କରିଥିଲେ। ଏହି ଖବର ସ୍ଥଳ ସେନାରେ କାମ କରୁଥିବା ତାଙ୍କ ପତ୍ନୀଙ୍କ ପାଖରେ ପହଞ୍ଚିଥିଲା। ସ୍ୱାମୀଙ୍କୁ ହରାଇବାର ଦୁଃଖ ସହି ନପାରି ସେନା ଅଧିକାରୀ ଜଣଙ୍କ ମଧ୍ୟ ଦିଲ୍ଲୀ କ୍ୟାଣ୍ଟନମେଣ୍ଟରେ ଥିବା ଗୋଟିଏ ଗେଷ୍ଟ ହାଉସରେ ନିଜ ବେକରେ କପଡ଼ା ବାନ୍ଧି ଝୁଲି ପଡ଼ିଥିଲେ। ପୁଲିସ୍ ଗେଷ୍ଟ ହାଉସ ଭିତରୁ ମହିଳା ସେନା ଅଧିକାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧା କରିଛି। ଏଥିସହ ଗୋଟିଏ ସୁଇସାଇଡ ନୋଟ ମଧ୍ୟ ପୁଲିସ୍ ଠାବ କରିଛି। ଏଥିରେ ମହିଳା ଜଣଙ୍କ ସ୍ୱାମୀଙ୍କ ପ୍ରତି ଥିବା ଭଲ ପାଇବାକୁ ଦର୍ଶାଇଛନ୍ତି। ସ୍ୱାମୀ ଦୀନଦୟାଲ ଦୀପଙ୍କ ହାତରେ ହାତ ଛନ୍ଦି ଦୁଇ ଜଣଙ୍କ ଶବକୁ ଏକାଠି ସଂସ୍କାର କରିବାକୁ ସେ ଚିଠିରେ ଅନୁରୋଧ କରିଛନ୍ତି। ବିହାରର ମୂଳବାସିନ୍ଦା ଦୀପ ଆଗ୍ରାରେ ଥିବା ବାୟୁସେନା ଷ୍ଟେସନରେ ନିଯୁକ୍ତି ପାଇଥିଲେ। ତାଙ୍କ ପତ୍ନୀ ରେଣୁ ତନୱର ଦିଲ୍ଲୀ କ୍ୟାଣ୍ଟନମେଣ୍ଟରେ ଥିବା ଗରୌତା ଅଫିସର୍ସ ଗେଷ୍ଟ ହାଉସରେ ରୁହନ୍ତି। ୨୦୨୨ରେ ଉଭୟ ପ୍ରେମ ବିବାହ କରିଥିଲେ। ଦୀପ ଓ ରେଣୁ ଆତ୍ମହତ୍ୟା କରିଥିବାର ଖବର ବୁଧବାର ପୁଲିସ୍‌କୁ ମିଳିଥିଲା। ପୁଲିସ୍‌ର ସୂଚନା ଅନୁଯାୟୀ, ଦୀପ ସୋମବାର ରାତିରେ ଜୀବନ ହାରିଥିବା ବେଳେ ମଙ୍ଗଳର ବାର ରେଣୁ ଆତ୍ମହତ୍ୟା କରିଥିଲେ। ମଙ୍ଗଳବାର ରାତିରେ ପୁଲିସ୍ ରେଣୁଙ୍କ ଝୁଲନ୍ତା ମୃତଦେହ ଗେଷ୍ଟ ହାଉସରୁ ଉଦ୍ଧାର କରିଥିଲା। ତେବେ ଦୀପ କେଉଁ କାରଣ ପାଇଁ ଏପରି ଚରମ ପଦକ୍ଷେପ ନେଲେ, ସେକଥା ଜଣାପଡ଼ିନି।

ଭାରତର ନୈରାଶ୍ୟଜନକ ପ୍ରଦର୍ଶନ

# କିୱି କବ୍‌ଜାରେ ଦ୍ୱିତୀୟ ଦିନ




୧୯୬୯ରେ ହାଇଦ୍ରାବାଦରେ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ତୃତୀୟ ଟେଷ୍ଟ ମ୍ୟାଚ ଖେଳାଯାଉଥିଲା। ଏହି ମ୍ୟାଚର ପ୍ରଥମ ଇନିଂସରେ ନ୍ୟୁଜିଲାଣ୍ଡର ବୋଲରମାନେ ୬ ଜଣ ଭାରତୀୟ ବ୍ୟାଟ୍ସମ୍ୟାନ ୨୭ ରନରେ ପାଭିଲିୟନକୁ ପଠାଇଥିଲେ। ଯେଉଁଥିରେ ତିନିଜଣ ବ୍ୟାଟ୍ସମ୍ୟାନ ଶୂନ୍ୟରେ ଆଉଟ୍ ହୋଇଥିଲେ ଏବଂ ଅବଶିଷ୍ଟ ତିନିଜଣ ବ୍ୟାଟ୍ସମ୍ୟାନ ୧୦ ରନ ସ୍କୋର ମଧ୍ୟ ପାର ହୋଇପାରି ନ ଥିଲେ। ଏହି ମ୍ୟାଚ ଡ୍ର ହୋଇଥିଲା।

୨୦୨୦ରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ ଡିସେମ୍ବର ୧୭ରେ ଆଡିଲେଡରେ ଆରମ୍ଭ ହୋଇଥିଲା। ଏହି ମ୍ୟାଚର ଦ୍ୱିତୀୟ ଇନିଂସରେ ଅଷ୍ଟ୍ରେଲିଆ ଭାରତୀୟ ଦଳକୁ ପରାସ୍ତ କରିଥିଲା। ସେହି ଇନିଂସରେ ଅଷ୍ଟ୍ରେଲିଆ ୬ଟି ଭାରତୀୟ ବ୍ୟାଟ୍ସମ୍ୟାନ ୧୯ ରନ ପାଇଁ ପାଭିଲିୟନକୁ ପଠାଇଥିଲା। ତା'ପରେ ସେହି ଇନିଂସରେ ୨୧.୨ ଓଭରରେ ଭାରତ ୨୨ ରନ ସଂଗ୍ରହ କରିଥିଲା। ଅଷ୍ଟ୍ରେଲିଆ ଏହି ମ୍ୟାଚକୁ ୮ ଉଇକେଟରେ ଜିତିଥିଲା।

**ନୂଆଦିଲ୍ଲୀ, ୧୭।୧୦:** ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳ ଯାଉଥିବା ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିନର ଖେଳ ନ୍ୟୁଜିଲାଣ୍ଡ କବ୍‌ଜାରେ ରହିଛି। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଘରୋଇ ମାଟିରେ ସର୍ବନିମ୍ନ ୪୬ ରନ କରି ଅଲଆଉଟ୍ ହୋଇଛି। ଜବାବରେ କିୱି ଦଳ ଶେଷ ସୁଦ୍ଧା ୩ ୱିକେଟ୍ ହରାଇ ୧୮୦ ରନ କରି ଦୃଢ଼ ସ୍ଥିତିରେ ରହିଛି। ରଚିନ ରବୀନ୍ଦ୍ର ୨୨ ରନ ଓ ଡାରିଲ ମିଚେଲ୍ ୧୪ ରନ କରି କ୍ରିଜରେ ଅଛନ୍ତି। ନ୍ୟୁଜିଲାଣ୍ଡ ହାତରେ ଆଉ ୭ ୱିକେଟ୍ ଥାଇ ୧୩୪ ରନର ଅଗ୍ରଣୀ ହାସଲ କରିଛି। ଭ୍ରମଣକାରୀ ଦଳ ପକ୍ଷରୁ ଡେଭନ କନୱେ ୯୧ ରନର ଦମଦାର ଇନିଂସ ଖେଳି ଆଉଟ୍ ହୋଇଛନ୍ତି। ଏବେ ବ୍ୟାକଫୁଟ୍‌ରେ ରହିଛି ଭାରତୀୟ ଦଳ। ଭାରତ ପ୍ରଥମ ଇନିଂସରେ ୪୬ ରନରେ ଅଲଆଉଟ୍ ହେବା ପରେ ନ୍ୟୁଜିଲାଣ୍ଡ ଦୃଢ଼ତାର ସହ ବ୍ୟାଟିଂ ଆରମ୍ଭ କରିଥିଲା। ଦୁଇ ଓପନର ଟମ୍ ଲାଥମ ଓ ଡେଭନ କନୱେ ପ୍ରଥମ ୱିକେଟ୍‌ରେ ୬୭ ରନ ଯୋଡ଼ିଥିଲେ। ଟମ ଲାଥମ(୧୫)ଙ୍କୁ ଆଉଟ୍ କରି କୁଲଦୀପ ଯାଦବ ଭାରତକୁ ପ୍ରଥମ ସଫଳତା ଦେଇଥିଲେ। ଅନ୍ୟପଟେ ଡେଭନ କନୱେ ଦିନିକିଆ ଷ୍ଟାଇଲରେ ବ୍ୟାଟିଂ କରି ଅର୍ଦ୍ଧଶତକ ପୂରଣ କରିଥିଲେ। ସେ ଏବଂ ୱିଲ ୟଙ୍ଗ ଦ୍ୱିତୀୟ୍ ୱିକେଟ୍ ପାଇଁ ୭୫ ରନ ଯୋଡ଼ି ଦଳର ସ୍ଥିତି ମଜବୁତ କରିଥିଲେ। ୱିଲ ୟଙ୍ଗ ୩୩ ରନ କରି ପାଭିଲିୟନ ଫେରିଥିଲେ। ଡେଭନ କନୱେ ବ୍ୟାଟିଂ କରି ୧୦୫ ବଲ୍‌ରୁ ୯୧ ରନ କରିଥିଲେ। ସେ ୧୧ ଚୌକା ଓ ୩ ଛକା ବଳରେ ଏହି ରନ କରିଥିଲେ ହେଁ ଶତକରୁ ବଞ୍ଚିତ ହୋଇଥିଲେ। ଏହା ପରେ ରଚିନ ରବୀନ୍ଦ୍ର ଓ ଡାରିଲ ମିଚେଲ୍ ଦଳର ଆଉ କୌଣସି କ୍ଷତି ହେବାକୁ ଦେଇ ନ ଥିଲେ। ଶେଷ ସୁଦ୍ଧା ନ୍ୟୁଜିଲାଣ୍ଡ ୩ ୱିକେଟ୍ ହରାଇ ୧୮୦ ରନ କରିଛି। ଭାରତ ପକ୍ଷରୁ କୁଲଦୀପ ଯାଦବ, ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡ଼େଜା ପ୍ରତ୍ୟେକ ଗୋଟିଏ ଲେଖାଏଁ ୱିକେଟ୍ ନେଇଛନ୍ତି।

# ଅକ୍ଷର ପଟେଲ୍ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ହେବେ




**ନୂଆଦିଲ୍ଲୀ, ୧୭।୧୦:** ଭାରତୀୟ କ୍ରିକେଟ୍ ଦଳର ଷ୍ଟାର ୱିକେଟକିପର ଋଷଭ ପନ୍ତ ଏବେ ଚର୍ଚ୍ଚାରେ । ଆଗକୁ ଆଇପିଏଲ-୨୦୨୫ର ନିଲାମି ଆରମ୍ଭ ହେବାକୁ ଯାଉଥିବା ବେଳେ କେଉଁ ଦଳ କେଉଁ ଖେଳାଳିଙ୍କୁ କିଣିବ, ଅଧିନାୟକ ବଦଳିବେ କି ନାହିଁ ବା କେଉଁ ଦଳ କେଉଁ ଖେଳାଳିଙ୍କୁ ଦଳରୁ ବାଦ୍ ଦେବ, ଏହା ଉପରେ ସମସ୍ତଙ୍କ ନଜର ରହିଛି। ଏମଧ୍ୟରେ ଖବର ମିଳୁଛି ଯେ, ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ତଥା ଷ୍ଟାର କ୍ରିକେଟର ଋଷଭ ପନ୍ତଙ୍କୁ ଦଳ ପୁଣି ଥରେ ଅଧିନାୟକ କରିବ ନାହିଁ।

ପନ୍ତ ବଡ଼ ଦୁର୍ଘଟଣାର ଶିକାର ହେବା ପରେ ପ୍ରାୟ ବର୍ଷେ ପର୍ଯ୍ୟନ୍ତ ଚିକିତ୍ସାଧୀନ ରହି ସୁସ୍ଥ ହୋଇଥିଲେ ଏବଂ ଖେଳିବା ଆରମ୍ଭ କରିଥିଲେ। ତାଙ୍କ ଅନୁପସ୍ଥିତିରେ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକତ୍ୱ କରିଥିଲେ ଅକ୍ଷର ପଟେଲ। ପରେ ପନ୍ତ ସୁସ୍ଥ ହୋଇ ଫେରିବାରୁ ତାଙ୍କୁ ଅଧିନାୟକ କରିଥିଲା ଦିଲ୍ଲୀ। ହେଲେ ୨୦୨୫ ପାଇଁ ଦଳ ପନ୍ତଙ୍କୁ ଅଧିନାୟକତ୍ୱର ଚାପ ନଦେଇ ଅକ୍ଷରଙ୍କୁ ହିଁ ଦଳର ଅଧିନାୟକ କରିବ ବୋଲି ଜଣାଯାଇଛି। ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି ଯେ, ଦଳ ପୁଣି ଅକ୍ଷରଙ୍କୁ ଅଧିନାୟକ କରିବ ବୋଲି ଚିନ୍ତା କରୁଛି। ହେଲେ ପନ୍ତ ଦଳର ନଂ୧ ଖେଳାଳି ଭାବେ ଖେଳିବେ। ଅଧିନାୟକତ୍ୱର ଚାପ ନଥିଲେ ପନ୍ତ ଭଲ ଖେଳିବେ ବୋଲି ଦଳ ବିଶ୍ୱାସ କରୁଛି। ତେବେ ଦଳର ଶେଷ ନିଷ୍ପତ୍ତି କ'ଣ ହେବ ତାହା ନିଲାମି ସମୟରେ ହିଁ ଜଣାପଡ଼ିବ। ଏହା ପୂର୍ବରୁ ପନ୍ତଙ୍କ ଏକ ଏକ୍ସ ପୋଷ୍ଟ ଖୁବ ଭାଇରାଲ ହୋଇଥିଲା। ସେ ଲେଖିଥିଲେ, "ଯଦି ମୁଁ ମୋର ନାମ ନିଲାମରେ ରଖେ, ତେବେ ମୋତେ କୌଣସି ଦଳ କିଣିବେ ନା ମୁଁ ବିକ୍ରି ନହୋଇ ରହିଯିବି? ଯଦି ମୋତେ କୌଣସି ଦଳ କିଣିବ ତେବେ ମୁଁ ନିଲାମରେ କେତେ ଟଙ୍କା ପାଇବି।" ତାଙ୍କର ଏହି ପୋଷ୍ଟ ଖୁବ ଭାଇରାଲ ହୋଇଥିଲା।



# 'ରାଜମାତା ଜୀଜାବାଈ ଟ୍ରଫି' ପାଇଁ ଓଡ଼ିଶା ଦଳ

**କଟକ, ୧୭।୧୦:** ୨୯ତମ ଜାତୀୟ ମହିଳା ଫୁଟ୍‌ବଲ ପ୍ରତିଯୋଗିତା 'ରାଜମାତା ଜୀଜାବାଈ ଟ୍ରଫି' ପାଇଁ ୨୨ ଜଣିଆ ଓଡ଼ିଶା ଦଳ ଘୋଷିତ ହୋଇଛି। ଏଥିପାଇଁ ଦଳ ବୁଧବାର ଆନ୍ଧ୍ରପ୍ରଦେଶ ଗସ୍ତ କରିଛି। ଓଡ଼ିଶା ଫୁଟ୍‌ବଲ୍ ସଂଘ (ଫାଓ) ପକ୍ଷରୁ ଘୋଷିତ ଦଳରେ ସୁସ୍ମିତା ପୁନ୍, ମଞ୍ଜୁ ଗଞ୍ଜୁ, ରାଣୀ ବାଗ୍, ପ୍ରଜ୍ଞା କିଶାନ, ଅମ୍ବୃତା ନାୟକ, ସୁଲେଖା କହଁର, ସୁବାସିନୀ ସାହା, ଜାହ୍ନବୀ କିଶାନ, ଶ୍ରଦ୍ଧାଞ୍ଜଳି ପଣ୍ଡା, ଶିବାନୀ ମୁଣ୍ଡାରି, ପ୍ରିୟାଶା ସରକାର, ଇପ୍ସିତା ରାଉତ, ମୁନିକା ମିଞ୍ଜ୍, ଦୀପା ନାୟକ, ଲକ୍ଷ୍ମୀପ୍ରିୟା ଲେଙ୍କା, ସୁଭଦ୍ରା ସାହୁ, ସତ୍ୟବତୀ ଖଡ଼ିଆ, ମାଳତୀ ମୁଣ୍ଡା, ମନୀଷା ନାୟକ, ପ୍ୟାରୀ ଖାଖା, ପ୍ରତିମା ଓରାମ୍, ରୁପଶ୍ରୀ ମୁଣ୍ଡା ସ୍ଥାନ ପାଇଛନ୍ତି। ପ୍ରଶିକ୍ଷକ ଗୀତାଞ୍ଜଳି ଖୁଣ୍ଟିଆ, ସହକାରୀ ପ୍ରଶିକ୍ଷକ ଗାୟତ୍ରୀ ମଲ୍ଲିକ, ଫିଜିଓ ଲୋପାମୁଦ୍ରା ମହାରାଜ ଦଳ ସହ ହାଇଦ୍ରାବାଦ୍ ଯାତ୍ରା କରିଛନ୍ତି। ଏହି ପ୍ରତିଯୋଗିତା ଆନ୍ଧ୍ରପ୍ରଦେଶର ଅନନ୍ତପୁରଠାରେ ଆସନ୍ତା ୧୯ତାରିଖରୁ ଆରମ୍ଭ ହେବ। ଓଡ଼ିଶା ଉଦ୍‌ଘାଟନୀ ଦିବସରେ ଲାଦାଖକୁ, ୨୧ରେ ଅରୁଣାଞ୍ଚଳ, ୨୩ରେ ମଧ୍ୟପ୍ରଦେଶକୁ ଭେଟିବ। ଫାଓ ସଭାପତି ତଥା ପୂର୍ବତନ ମନ୍ତ୍ରୀ ସମୀର ଦେ ଓ ସଂପାଦକ ଆଶୀର୍ବାଦ ବେହେରା ଓଡ଼ିଶା ଦଳର ସଫଳତା କାମନା କରିଛନ୍ତି।

ଜାତୀୟ ଭିନ୍ନକ୍ଷମ ଟ୍ୱେଣ୍ଟି-୨୦ କ୍ରିକେଟ୍

# ଓଡ଼ିଶାର ବିଜୟ ଅଭିଯାନ




**ଭୁବନେଶ୍ୱର, ୧୭।୧୦:** ରାଜସ୍ଥାନର ଉଦୟପୁରରେ ଚାଲିଥିବା ଚତୁର୍ଥ ଜାତୀୟ ଭିନ୍ନକ୍ଷମ ଟ୍ୱେଣ୍ଟି-୨୦ରେ ଓଡ଼ିଶା ବିଜୟରୁ ଅଭିଯାନ ଆରମ୍ଭ କରିଛି। ବୁଧବାର ନିଜର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୬ ୱିକେଟ୍‌ରେ ଚଣ୍ଡିଗଡ଼କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଚଣ୍ଡିଗଡ଼ ୮ ୱିକେଟ୍ ହରାଇ ୧୧୯ ରନ୍ କରିଥିଲା। ନୀରଜ ଶର୍ମା ୪୪ ରନ୍ କରିଥିଲା ବେଳେ ଅଭିଷେକ ଶୁକ୍ଳା ଓ ମହମ୍ମଦ ସୋହେଲ ଖାନ ୨ ଲେଖାଏଁ ୱିକେଟ୍ ନେଇଥିଲେ। ଜବାବରେ ଓଡ଼ିଶା ୧୮.୪ ଓଭରରେ ୪ ୱିକେଟ୍ ବିନିମୟରେ ମ୍ୟାଚ୍ ଜିତି ନେଇଥିଲା। ବଳରାମ ବସ୍ତିଆ ୩୦ ଓ ଅକ୍ଷୟ ସାହୁ ୨୮ ରନ୍ କରିଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଜଗଜିତ ମହାନ୍ତି (୯ ବଲ୍‌ରୁ ୧୭* ରନ୍ ଓ ୧/୨୩) ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ୧୧,୦୦୦ ଟଙ୍କାର ପୁରସ୍କାର ରାଶି ପାଇଥିଲେ। ଓଡ଼ିଶା କ୍ରିକେଟ୍ ଫର୍ ଫିଜିକାଲି ଚ୍ୟାଲେଞ୍ଜଡ୍ ସଂଘ ସଭାପତି ତନୁଜା ମହାନ୍ତି, ସମ୍ପାଦିକା ବେଲା ଜୟସ୍ୱାଲ, ଉପସଭାପତି ମଣ୍ଟୁ ଦାସ, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ମିଶ୍ର ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

# ଏଚ୍‌ଆଇଏଲ୍‌ର ଲେଉଟାଣି: ଆକର୍ଷଣରେ ଓଡ଼ିଶା ଦଳ







**ଭୁବନେଶ୍ୱର, ୧୭।୧୦:** ସାତ ବର୍ଷର ବ୍ୟବଧାନ ପରେ ଫେରିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଖେଳାଳି ନିଲାମ ଶେଷ ହୋଇଛି। ଏବେ ଦଳୀୟ ସନ୍ତୁଳନ, ରଣନୀତି ପ୍ରସ୍ତୁତି ଓ ତାଳମେଳ ଉପରେ ଅଧିକାରୀ, ପ୍ରଶିକ୍ଷକ ଓ ବିଶେଷଜ୍ଞଙ୍କ ଧ୍ୟାନ କେନ୍ଦ୍ରୀଭୂତ ହୋଇଛି। ଲିଗ୍‌ର ପୁରୁଷ ବର୍ଗରେ ଖେଳିବାକୁ ଥିବା ୮ଟି ଦଳ ମଧ୍ୟରୁ କଳିଙ୍ଗ ଲାନ୍‌ସର୍ସ ରୂପରେ ଗୋଟିଏ ଓଡ଼ିଶା ଭିତ୍ତିକ ଦଳ ଥିଲା ବେଳେ ଓଡ଼ିଆ ବ୍ୟବସାୟୀ ତାରିଣୀ ପ୍ରସାଦ ମହାନ୍ତିଙ୍କ ମାଲିକାନାରେ 'ଟିମ୍ ଗୋନାସିକା' ନାମକ ଆଉ ଏକ ଦଳ ପ୍ରଥମ ଥର ପାଇଁ ଏଚ୍‌ଆଇଏଲ୍‌ରେ ଆଗାମୀ ସଂସ୍କରଣରେ ଭାଗ ନେବାକୁ ଯାଉଛି। ତେବେ ଏହି ଦଳର ଘରୋଇ ସହର ବିଶାଖାପାଟଣା ରହିଛି। ଅର୍ଥାତ୍ ଏହି ଦଳ ବିଶାଖାପାଟଣାର ଏକ ହକି ଷ୍ଟାଡିୟମ୍‌କୁ ନିଜ ଘରୋଇ ପଡ଼ିଆ କରିବାକୁ ଯାଉଛି। ଅନ୍ୟପକ୍ଷରେ ଚାରିଟି ଦଳକୁ ନେଇ ଖେଳା ଯିବାକୁ ଥିବା ମହିଳା ବର୍ଗରେ ଓଡ଼ିଶାର ଅନ୍ୟତମ ହକି ପେଣ୍ଠସ୍ଥଳ ଭାବେ ପରିଚିତ ରାଉରକେଲା ଭିତ୍ତିକ ଦଳ 'ଓଡ଼ିଶା ୱାରିୟର୍ସ' ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଛି। ଏହି ଦଳର ମାଲିକାନା ଅବଶ୍ୟ ନଭୋୟମ୍ ସ୍ପୋର୍ଟସ ଭେଞ୍ଚର୍ସ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ କଂପାନି ହାତରେ ରହିଛି। ଯାହାର ଅଧ୍ୟକ୍ଷ ଅଛନ୍ତି ସଂଜୀବ ଶ୍ରୀବାସ୍ତବ।

୨୦୧୪ରୁ ୨୦୧୭ ପର୍ଯ୍ୟନ୍ତ ଚାରିଟି ଋତୁରେ ଖେଳି ଥରେ ଲେଖାଏଁ ବିଜେତା ଓ ଉପବିଜେତା ହୋଇଥିବା କଳିଙ୍ଗ ଲାନ୍‌ସର୍ସର ମାଲିକାନା ଓଡ଼ିଶା ସରକାରଙ୍କ ହାତରୁ ବେଦାନ୍ତ କଂପାନିକୁ ଯାଇଛି। ଏହି ଦଳକୁ ବେଦାନ୍ତ କିଣିବା ପରେ ହକି ଇଣ୍ଡିଆ ଲିଗ୍ ମଧ୍ୟ ସଂପୂର୍ଣ୍ଣ ଭାବେ ଘରୋଇ ମାଲିକାନାରେ ଆୟୋଜିତ ହେବାକୁ ଯାଉଛି। ତେବେ ଲିଗ୍‌ର ସର୍ବମୋଟ ୧୨ଟି ଦଳ (ପୁରୁଷ ଓ ମହିଳାକୁ ମିଶାଇ) ମଧ୍ୟ ଓଡ଼ିଶା ଭିତ୍ତିକ କିମ୍ବା ଓଡ଼ିଆ ବ୍ୟବସାୟୀଙ୍କ ମାଲିକାନାରେ ଥିବା ତିନିଟି ଦଳ କଳିଙ୍ଗ ଲାନ୍‌ସର୍ସ, ଟିମ୍ ଗୋନାସିକା ଓ ଓଡ଼ିଶା ୱାରିୟର୍ସ ସବୁଠୁ ଅଧିକ ଚର୍ଚ୍ଚାରେ ରହିଛନ୍ତି। କଳିଙ୍ଗ ଲାନ୍‌ସର୍ସ ରାଜଧାନୀ ଭୁବନେଶ୍ୱରର ଚର୍ଚ୍ଚିତ ବିଶ୍ୱସ୍ତରୀୟ ଷ୍ଟାଡିୟମ୍ 'କଳିଙ୍ଗ ଷ୍ଟାଡିୟମ୍'କୁ ନିଜ ଘରୋଇ ପଡ଼ିଆ କରିଛି। ଅନ୍ୟପକ୍ଷରେ ଓଡ଼ିଶା ୱାରିୟର୍ସ ଦର୍ଶକଙ୍କ ପାଇଁ ବିଛା ଯାଇଥିବା ଆସନ କ୍ଷମତାରେ ବିଶ୍ୱର ସର୍ବବୃହତ୍ ହକି ଷ୍ଟାଡିୟମ୍‌ର ମାନ୍ୟତା ଲାଭ କରିଥିବା ରାଉରକେଲାର ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌କୁ ନିଜ ଘରୋଇ ପଡ଼ିଆ କରିବା ସେଠାକାର ହକିପ୍ରେମୀଙ୍କୁ ଉତ୍ସାହିତ କରିଛି। ଆସନ୍ତୁ ଏହି ତିନିଟି ଦଳରେ ଥିବା ଖେଳାଳି ଏବଂ ଏହାର ପ୍ରଶିକ୍ଷକ ମଣ୍ଡଳି ଉପରେ ନଜର ପକାଇବା:-

କଳିଙ୍ଗ ଲାନ୍‌ସର୍ସ: କ୍ରିଷ୍ଟନ୍ ବାହାଦୁର ପାଠକ, ସାହିଲ କୁମାର ନାୟକ, ତୋବିଆସ୍ ରେନୋଲ୍ଟ-କୋଟେରିଲ, ଆଲେଜାଣ୍ଡାର ହେଣ୍ଡ୍ରିକ୍ସ, ଆଣ୍ଟୋନି କିନା, ଆର୍ଥର ଭାନ୍ ଡୋରେନ୍, ମନଦୀପ ମୋର, ପ୍ରତାପ ଲାକ୍ରା, ରୋହିତ କୁଲୁ, ସଂଜୟ ରଣା, ସୁଶୀଲ ଧନୱାର, ଆରନ ଜଲେସ୍କି, ଏନ୍‌ରିକ ଗୋଞ୍ଜାଲେଜ୍, ମୁକେଶ ଟପ୍ପୋ, ନିକ ବନ୍ଧୁରକ୍, ରବିଚନ୍ଦ୍ର ସିଂହ ମୋଇରାଙ୍ଗଥେମ୍, ରୋଶନ କୁଜୁର, ଅଙ୍ଗଦ ବୀର ସିଂହ, ବବି ସିଂହ ଧାମି, ଦୀପକ ପ୍ରଧାନ, ଦିଲପ୍ରୀତ ସିଂହ, ଗୁରସାହିବଜିତ ସିଂହ, ରୋଶନ ମିଞ୍ଜ୍, ଥିଏରି ବ୍ରିଙ୍କମ୍ୟାନ୍। ରଣନୀତି ନିର୍ଦ୍ଦେଶକ-ଜନ୍ ଡେଭିଡ୍, ପ୍ରବନ୍ଧକ- ଏବି ସୁବାୟା।

ଟିମ୍ ଗୋନାସିକା: ମନଦୀପ ସିଂହ, ମନପ୍ରୀତ ସିଂହ, ଅଲିଭର୍ ପାଇନ୍, ସୂରଜ କର୍କେରା, ଜେରୋନ ହର୍ଜବର୍ଗର, ଅରାଇଜିତ ସିଂହ ହୁଣ୍ଡାଲ, ନୀଲମ ସଂଜୀବ ଖେସ୍, ଅମିର ଅଲୀ, ବୀରେନ୍ଦ୍ର ଲାକ୍ରା, ଯୋଗେମ୍ବର ରାୱତ, ବିଷ୍ଣୁକାନ୍ତ ସିଂହ, ଟମ୍ ବୁନ୍, ତିମୋଥି ହୋୱାର୍ଡ, ଲି' ମୋର୍ଟନ, ଜ୍ୟାକ୍ ୱାଲର, ଦୀପସାନ୍ ତିର୍କି, ଅନମୋଲ ଏକ୍କା, ଜ୍ୟାକବ ଡ୍ରାପର, ମୁସ୍ତାଫା କାସିମ, କମଲବୀର ସିଂହ, ନିକିନ ଥିମାୟା, ଉଥାପ୍ପା ସାନୁଭନ୍ଦା, ୟଶଦୀପ ସିଂହ।

ଓଡ଼ିଶା ୱାରିୟର୍ସ: ଆଞ୍ଜେଲ ହର୍ଷରାଣୀ ମିଞ୍ଜ୍, ଜସଲିନ ବାର୍‌ଟ୍ରମ, ମାଧୁରୀ କିଣ୍ଡୋ, ଅଞ୍ଜଳି ବର୍‌ୱା, ଚାର୍ଲି କଲୱିଲ୍, ଦୀପଗ୍ରେସ୍ ଏକ୍କା, ନିକ୍କି ପ୍ରଧାନ, ଜ୍ୟୋତି ଛତ୍ରୀ, କୈଟିନ ନବ୍ସ, ବଲଜିତ କୌର, ଲିଲି ଷ୍ଟୋଫେଲସ୍ମା, ନେହା ଗୋଏଲ, ନିଶା ୱାର୍‌ସୀ, ସୋନିକା ତାଣ୍ଡି, ଭିକ୍ଟୋରିଆ ସୌଜ, ୟବି ୟାନସେନ, ଅନୁ, ଫ୍ରିକ୍ ମୋଏସ୍, ଗାଲୁଜା ନନ୍ଦିନୀ, କନିକା ସିୱାଚ, ମିଚେଲ ଫିଲେଟ, ଋତୁଜା ଦାଦାସୋ ପିସାଲ, ସାଧନା ସେନଗର, ସାକ୍ଷୀ ରାଣା। ପ୍ରଶିକ୍ଷକ-ଜାନେକ ସପମ୍ୟାନ୍।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସନ୍ୟାସୀଙ୍କ ନାଁରେ...

ହୋଇଗଲାଣି ତାହା ଆଗାମୀ ଦିନରେ ବିଜେଡି ରାଜନୀତିରେ କେବଳ ରୋଚକ ଦୃଶ୍ୟ ସୃଷ୍ଟିକରିବ ନାହିଁ ଦଳକୁ ଧିରେ ଧିରେ ପଙ୍ଗୁ କରିଦେବ ବୋଲି କିଛି ବିଜେଡି ପ୍ରେମୀ ବି କହିବା ଆରମ୍ଭ କରିଦେଲେଣି । ପ୍ରଶାସନରୁ ରାଜନେତା ଓ ପରେ ସନ୍ୟାସୀ ସାଜିଥିବା ଜଣେ ଲୋକ ପାଇଁ ଯେଭଳି ଭାବେ ବିଜେଡିର ନେତାମାନେ ଓକିଲାତି କରୁଛନ୍ତି ସେତିକି ଓକିଲାତି ଯଦି ନିର୍ବାଚନ ପୂର୍ବରୁ ନବୀନଙ୍କ ପାଇଁ କରିଥାନ୍ତେ ତେବେ ଆଜି ଦଳକୁ ଏଭଳି ଦଶା ଦେଖିବାକୁ ପଡିନଥାନ୍ତା।

ଇତି ମଧ୍ୟରେ ସନ୍ୟାସୀଙ୍କୁ କାଠଗଡାରେ ଛିଡାକରି ପ୍ରଥମେ ପ୍ରକାଶ ବେହେରା ଓ ପରେ ପରେ ବିଜେଡି ପ୍ରତିଷ୍ଠାତା ସଦସ୍ୟ ଅମର ପ୍ରସାଦ ଶତପଥୀ ଦଳ ଛାଡି ଥିବାବେଳେ ଆଗକୁ କେଉଁମାନେ ଏହି ତାଲିକାରେ ଯୋଡି ହେଉଛନ୍ତି ତାହା ଉପରେ ଏବେ ସମସ୍ତଙ୍କ ନଜର । ଏହା ପୂର୍ବରୁ ବିଜେଡିର ଦୁଇ ଦୁଇ ଜଣ ସାଂସଦ ରାଜ୍ୟସଭାକୁ ଇସ୍ତଫା ଦେଇ ବିଜେପିରେ ଯୋଗ ଦେଇଥିବାବେଳେ ଆଉ କିଛି ବିଜେଡି ସାଂସଦ ଦଳ ଚାଡିବେ ବୋଲି ବିଜେପି ନେତାମାନେ କହି ବୁଲୁଛନ୍ତି । ଏଭଳି ସ୍ଥିତିରେ ଦଳକୁ ମଜବୁତ କରିବା ବଦଳରେ ସନ୍ୟାସୀଙ୍କ ପାଇଁ ଯେଭଳି ଦୁଇଫାଳ ହୋଇ ଲଢିବା ଆରମ୍ଭ କରିଛନ୍ତି ତାହା ବିଜେଡି ପାଇଁ ବିପଦ ଡାକି ଆଣୁଛି ବୋଲି ଖୋଦ ଦଳୀୟ କର୍ମୀମାନେ କହୁଛନ୍ତି।

### ଏବେ ନାହିଁ ...

ଦିଗକୁ ଗତି କରି ୨୪ ତାରିଖରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ୨୩ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି। ୨୪ ତାରିଖରେ ଅଧିକ ବର୍ଷା ହୋଇପାରେ। ନିୟମିତ ମନିଟର କରାଯାଉଛି। ପରବର୍ତ୍ତୀ ସମୟରେ ଅପ୍‌ଡେଟ୍ ଦିଆଯିବ। ବାତ୍ୟା ନେଇ କିଛି ଆକଳନ କରାଯାଇନି। ଅବପାତ ନେଇ ପୂର୍ବାନୁମାନ ହୋଇଛି।

ଅକ୍ଟୋବର ମାସରେ ରାଜ୍ୟରେ ଅଧିକାଂଶ ବାତ୍ୟା ମାଡ଼ ହୋଇଛି। ୧୯୯୯ ଅକ୍ଟୋବର ୨୯ ତାରିଖରେ ମହାବାତ୍ୟା, ୨୦୧୩ ଅକ୍ଟୋବରରେ ଫାଇଲିନ, ୨୦୧୪ ଅକ୍ଟୋବରରେ ହୁଡହୁଡ୍ ଓ ୨୦୧୮ ଅକ୍ଟୋବରରେ ତିତଲିର ତାଣ୍ଡବକୁ ସାମ୍ନା କରିଥିଲେ ଓଡ଼ିଶାବାସୀ।

ବରିଷ୍ଠ ପାଣିପାଗ ବିଜ୍ଞାନୀଙ୍କ ମତରେ ଏବେ ବାତ୍ୟା ପାଇଁ ଅନୁକୂଳ ପରିବେଶ ରହିଛି। ବାତ୍ୟା ସାଧାରଣତଃ ମୌସୁମୀ ଆଗମନ ଓ ପ୍ରତ୍ୟାବର୍ତ୍ତନ ସମୟରେ ହୋଇଥାଏ। ସେହିଭଳି ସମୁଦ୍ରର ତାପମାତ୍ର ମଧ୍ୟ ବାତ୍ୟା ଅନୁକୂଳ ରହିଛି। ଅନୁକୂଳ ପରିବେଶ ଓ ପରିସ୍ଥିତି ସାଙ୍ଗକୁ ଅଧିକାଂଶ ମଡେଲର ଇଣ୍ଡିକେସନ ବାତ୍ୟା ଆଡ଼କୁ ଯାଉଥିଲେ ମଧ୍ୟ ଆସନ୍ତା ୨୨ ଓ ୨୩ ତାରିଖ ବେଳକୁ ଚିତ୍ର ସ୍ପଷ୍ଟ ହେବ ବୋଲି ପାଣିପାଗବିଜ୍ଞାନୀ ମତ ରଖିଛନ୍ତି।

### ଜଷ୍ଟିସ ସଞ୍ଜୀବ...

ବିଚାରପତି ଜଷ୍ଟିସ ଚନ୍ଦ୍ରଚୂଡ଼। ନଭେମ୍ବର ୧୦ରେ ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ଼ ଅବସର ନେବେ। ଏହାପରେ ଜଷ୍ଟିସ ସଞ୍ଜୀବ ଖାନ୍ନା ନଭେମ୍ବର ୧୧ରେ ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ନେବେ। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଭାବେ ତାଙ୍କ କାର୍ଯ୍ୟକାଳ ୬ ମାସ ରହିବ। ଜଷ୍ଟିସ ଖାନ୍ନାଙ୍କ କାର୍ଯ୍ୟକାଳ ଆସନ୍ତା ବର୍ଷ ମେ ୧୩ରେ ଶେଷ ହେବ। ୧୯୮୩ରେ ଦିଲ୍ଲୀ ବାର୍ କାଉନସିଲରେ ପଞ୍ଜୀକରଣ ସହ ଆଇନଜୀବୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ ଜଷ୍ଟିସ ଖାନ୍ନା। ପ୍ରଥମେ ସେ ହଜାରି କମ୍ପ୍ଲେକ୍ସ ଜିଲ୍ଲାକୋର୍ଟରେ ଓକିଲାତି ଆରମ୍ଭ କରି ବିଭିନ୍ନ ହାଇକୋର୍ଟରେ ଓକିଲାତି କରିବା ସହ ସହକାରୀ ସରକାରୀ ଓକିଲ ଭାବେ ଦିଲ୍ଲୀ ହାଇକୋର୍ଟରେ କାର୍ଯ୍ୟ କରିଥିଲେ। ପରେ ଆମିକସ କ୍ୟୁରି ଭାବେ ନିଯୁକ୍ତି ପାଇଥିଲେ।

୨୦୦୫ରେ ଦିଲ୍ଲୀ ହାଇକୋର୍ଟର ଆଡିସନାଲ ଜଜ୍ ହୋଇଥିଲେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା। ୨୦୦୬ରେ ତାଙ୍କୁ ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ମିଳିଥିଲା। ୨୦୧୯ରୁ ସୁପ୍ରିମକୋର୍ଟର ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ। ସେବେଠାରୁ ସେ ସୁପ୍ରିମକୋର୍ଟ ବିଚାରପତି ଭାବେ କାର୍ଯ୍ୟ କରିଆସୁଛନ୍ତି।

### ପ୍ରଭାତ ସାମନ୍ତରାୟଙ୍କ...

ଜନତାଦଳରୁ ଆରମ୍ଭ କରିଥିଲେ। ପରେ ବିଜୁ ଜନତା ଦଳରେ ଯୋଗଦେଇ କେନ୍ଦ୍ରାପଡ଼ା ଲୋକସଭା ନିର୍ବାଚନମଣ୍ଡଳୀରୁ ସାଂସଦ ଭାବେ ଦୁଇ ଥର ନିର୍ବାଚିତ ହୋଇଥିଲେ। ପ୍ରଥମଥର ୧୯୯୮ରୁ ୧୯୯୯ ପର୍ଯ୍ୟନ୍ତ ସାଂସଦ ଥିବାବେଳେ ଦ୍ୱିତୀୟ ଥର ୧୯୯୯ରୁ ୨୦୦୪ ପର୍ଯ୍ୟନ୍ତ ସାଂସଦ ଥିଲେ। ଶ୍ରୀକାନ୍ତ ଜେନାଙ୍କ ପରେ ପ୍ରଭାତ ୧୯୯୮ରୁ ୨୦୦୪ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ସାଂସଦ ଥିଲେ। ତାଙ୍କ ପରେ ଅର୍ଚ୍ଚନା ନାୟକ କେନ୍ଦ୍ରାପଡ଼ାରୁ ବିଜୟୀ ହୋଇଥିଲେ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଶୋକ ବାର୍ତ୍ତାରେ କହିଛନ୍ତି ଯେ ସ୍ୱର୍ଗତ ସାମନ୍ତରାୟ ଜଣେ ଦକ୍ଷ ରାଜନେତା ତଥା ସମାଜସେବୀ ଭାବରେ ସୁନାମ ଅର୍ଜନ କରିଥିଲେ। ସାଂସଦ ଭାବେ ସେ କେନ୍ଦ୍ରାପଡା ତଥା ରାଜ୍ୟର ସମସ୍ୟାକୁ ସଂସଦରେ ଦକ୍ଷତାର ସହ ଉପସ୍ଥାପନ କରିଥିଲେ। ସ୍ୱର୍ଗତ ସାମନ୍ତରାୟଙ୍କ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ଗଭୀର ସମବେଦନା ଜଣାଇବା ସହିତ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

### ଜାତୀୟ ଶିକ୍ଷା...

କରାଯାଇଛି। ଟିଚର୍ସ ଏଡୁକେସନ ଆଣ୍ଡ ଏସସିଇଆର୍‌ଟି ନିର୍ଦ୍ଦେଶକଙ୍କୁ ଏହାର ନୋଡାଲ ଅଫିସର ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବଙ୍କୁ ଆବାହକ ସଦସ୍ୟ ଭାବେ ସାମିଲ କରାଯାଇଛି। ଟାସ୍କଫୋର୍ସରେ ଏକ୍ସପର୍ଟ ସଦସ୍ୟ ଭାବେ ୟୁନିସେଫ, ସେଂଟ୍ରାଲ ସ୍କୋୟାର ଫାଉଣ୍ଡେସନ, ଅକ୍ଷର ଫାଉଣ୍ଡେସନ, ଲାଙ୍ଗୁଏଜ୍ ଲର୍ଣ୍ଣିଂ ଫାଉଣ୍ଡେସନ, ପ୍ରଥମର ପ୍ରତିନିଧିଙ୍କ ସମେତ ଉଚ୍ଚଶିକ୍ଷା ବିଭାଗର ମନୋନୀତ ସଦସ୍ୟ ମଧ୍ୟ ରହିବେ।

ଜାତୀୟ ଶିକ୍ଷାନୀତି-୨୦୨୦ର ବିଭିନ୍ନ ଉପାଦାନକୁ ଅନୁଧ୍ୟାନ ପାଇଁ ୬ଟି ଥିମେଟିକ୍ ସବକମିଟି ଗଠନ କରାଯାଇଛି। ଏଥିରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ବିଭିନ୍ନ ନିର୍ଦ୍ଦେଶାଳୟର ମୁଖ୍ୟଙ୍କ ସମେତ ଶିକ୍ଷା କ୍ଷେତ୍ରର ବିଶେଷଜ୍ଞ ଓ ଶିକ୍ଷାବିତମାନଙ୍କୁ ଗ୍ରହଣ କରାଯାଇଛି। ସୂଚନାଯୋଗ୍ୟ, ବିଜେଡି ସରକାର ଜାତୀୟ ଶିକ୍ଷା ନୀତିକୁ ଓଡ଼ିଶାରେ ଲାଗୁ କରିବାକୁ ଟାଳଟୁଳ ନୀତି ଅବଲମ୍ବନ କରୁଥିଲେ। ବିଜେପି କ୍ଷମତାକୁ ଆସିବା ପରେ ଜାତୀୟ ଶିକ୍ଷା ନୀତି-୨୦୨୦କୁ ଖୁବଶୀଘ୍ର ଲାଗୁ କରାଯିବାକୁ ନେଇ ସରକାର ସ୍ପଷ୍ଟ କରିଥିଲେ।

### ହମାସ୍ ମୁଖ୍ୟ...

ସେଠାରେ କୌଣସି ସାଧାରଣ ଲୋକ କିମ୍ବା ପଣବନ୍ଦୀଙ୍କ ଉପସ୍ଥିତି ସମ୍ପର୍କରେ ଜଣାପଡୁନାହିଁ। ଅନ୍ୟପକ୍ଷରେ ଏୟାର ଷ୍ଟ୍ରାଇକରେ ସିନୱାର ପ୍ରାଣ ହରାଇଥିବା ବିଭିନ୍ନ ଗଣମାଧ୍ୟମରେ ଦାବି କରାଯାଇଛି। ପୂର୍ବରୁ ଇସ୍ରାଏଲ ସେନା ଇରାନରେ ପଶି ହମାସର ମୁଖ୍ୟ ଇସମାଇଲ ହାନିୟେଙ୍କୁ ହତ୍ୟା କରିଥିଲା। ଏହାପରେ ସିନୱାର ହମାସ ମୁଖ୍ୟ ହୋଇଥିଲା।

### ଠିକା କର୍ମଚାରୀଙ୍କ...

କ'ଣ ପାଇଁ ଏହି ସଂସ୍ଥାଟି ଠିକାରେ ଚାଲିଛି ତାହାର ଉତ୍ତର କାହାରି ପାଖରେ ନାହିଁ । ଏପରିକି ଚିଲିକା ଉପରେ ଭାଷଣବାଜି କରୁଥିବା ନେତା, ମନ୍ତ୍ରୀ ଓ ଅଧିକାରୀମାନେ ବି ଥରୁଟିଏ ହେଲେ ଏ ବାବଦରେ ମୁହଁ ଖୋଲୁ ନାହାନ୍ତି । ଯେଉଁ ଜଣେ ଅଧେ ଚିଲିକା ପ୍ରେମୀ କର୍ମଚାରୀଙ୍କ ପାଇଁ ଓକିଲାତି କରୁଥିଲେ ସେମାନଙ୍କ ସ୍ୱରକୁ ପୂର୍ବ ସରକାର ଚାପି ଦେଇଥିଲେ । ଏବେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିଥିବାରୁ କାଳେ ସେମାନଙ୍କ ଉପରେ ସରକାରଙ୍କର କୃପାଦୃଷ୍ଟି ପଡିବ ସେହି ଅପେକ୍ଷାରେ ଏବେ ଶତାଧିକ ଠିକା କର୍ମଚାରୀ ଭାଗ୍ୟକୁ ଆଦରି ଅପେକ୍ଷା କରିଛନ୍ତି।

## ଟ୍ରେଣ୍ଡିଂ ନ୍ୟୁଜ୍

- ଧନତେରସ ପୂର୍ବରୁ ରେକର୍ଡ ଭାଙ୍ଗିଲା ସୁନା। ଦିଲ୍ଲୀରେ ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ପ୍ରତି ୨୫୦ ଟଙ୍କା ବୃଦ୍ଧି ପାଇ ୭୮,୫୦୦ ଟଙ୍କା ରେକର୍ଡ ସ୍ତରରେ ପହଞ୍ଚିଛି। ରୁପା ଦର ଏକ ହଜାର ଟଙ୍କା ବୃଦ୍ଧି ପାଇ କିଲୋଗ୍ରାମ ପିଛା ୯୩,୫୦୦ ଟଙ୍କା ହୋଇଛି।
- ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବିରୋଧରେ ଗିରଫ ପରୱାନା ଜାରି। ନଭେମ୍ବର ୧୮ ସୁଦ୍ଧା କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ।
- ଜର୍ମାନୀର ଫ୍ରାଙ୍କଫର୍ଟରୁ ମୁମ୍ବାଇକୁ ଆସୁଥିବା ଭିସ୍ତାରା ବିମାନ (ବୋଇଙ୍ଗ- ୭୮୭)କୁ ଗୁରୁବାର ବୋମା ଧମକ ମିଳିବା ପରେ ଏହା ମୁମ୍ବାଇର ଛତ୍ରପତି ଶିବାଜୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ କରିଛି। ଉକ୍ତ ବିମାନରେ ୧୩୪ ଜଣ ଯାତ୍ରୀ ଓ ୧୩ କ୍ରୁ ସଦସ୍ୟ ଥିଲେ।
- ବଲିଉଡର ବବଲି ଅଭିନେତ୍ରୀ ସାରା ଅଲି ଖାନ ଏବଂ ତାଙ୍କ ମାଆ ଅମ୍ରିତା ସିଂ ମୁମ୍ବାଇର ଅନ୍ଧେରି ୱେଷ୍ଟରେ ୨୨.୨୬ କୋଟିରେ ଦୁଇ ଅଫିସ କିଣିଲେ।
- ବିହାରର ସିୱାନ ଏବଂ ଛପଡ଼ା ଜିଲ୍ଲାର ବିଷାକ୍ତ ମଦ ପିଇ ୨୮ ଜଣଙ୍କ ମୃତ୍ୟୁ ଘଟିଛି ଏବଂ ଅନେକ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।
- ବାହ୍ରିଚ୍ ଦଙ୍ଗାରେ ସଂପୃକ୍ତ ୨ ଅଭିଯୁକ୍ତ ସର୍‌ଫରାଜ୍ ଓ ତାଲିବ ନେପାଳ ଖସିଯିବା ବେଳେ ୟୁପି ପୋଲିସର ଏନ୍‌କାଉଣ୍ଟର। ଉଭୟ ମୁଖ୍ୟ ଅଭିଯୁକ୍ତ ଅବଦୁଲ୍ ହମିଦର ପୁଅ।
- ବାରମ୍ବାର ଅନୁରୋଧ ସତ୍ତ୍ୱେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗକୁ ଗିରଫ କରିବାରେ କାନାଡ଼ା ଟାଳଟୁଳ ନୀତି ଅବଲମ୍ବନ କରୁଥିବା ବୈଦେଶିକ ମନ୍ତ୍ରଣାଳୟର ଅଭିଯୋଗ।



## କଣାସରେ ଗଜଲକ୍ଷ୍ମୀ ପୂଜା

**କଣାସ, ୧୭।୧୦ (ସଂଚାର ବ୍ୟୁରୋ):** ସାରା ରାଜ୍ୟରେ କୁମାର ଉତ୍ସବ ଓ ଗଜଲକ୍ଷ୍ମୀ ପୂଜା ପାଳିତ ହେଉଥିବାବେଳେ କଣାସ ବ୍ଲକର ପୁରପଲ୍ଲୀରେ କୁମାରଉତ୍ସବ ମହାସମାରୋହରେ ପାଳିତ ହେବା ସହିତ ବିଭିନ୍ନ ବଜାରରେ ଗଜଲକ୍ଷ୍ମୀ ପୂଜା ପାଳିତ ହେଉଛି। କଣାସ ଗୋଲାବଜାରରେ ଫ୍ରେଣ୍ଡସ କ୍ଲବ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ହେଉଥିବା ବେଳେ କଣାସ ବସଷ୍ଟାଣ୍ଡ ବ୍ୟବସାୟ ସଂଘ ପକ୍ଷରୁ ମଧ୍ୟ ଗଜଲକ୍ଷ୍ମୀ ପୂଜା ହେଉଛି। ସାତ ଦିନ ଧରି ସାଂସ୍କୃତିକ ଉତ୍ସବ ଚାଲିବ। ସେହିପରି କଣାସ ଦଶହରା ପଡ଼ିଆରେ ଜନମଙ୍ଗଳ କ୍ଲବ ପକ୍ଷରୁ ଗଜଲକ୍ଷ୍ମୀ ପୂଜା ହେଉଛି। ଜଙ୍କିଆ ବଜାର, ବିଜିପୁର, ଗୋପୀନାଥପୁର, କରମଳା, ଗଡ଼ିଶାଗୋଦା, ଜାଗୁଲାଇପଦର, ଗଡ଼ଖୀରଦ, ବାଲିପଡ଼ା, ମନ୍ଦାରବସ୍ତ, ବକୁ, ଜଙ୍ଘାର ବଜାରରେ ଗଜଲକ୍ଷ୍ମୀ ପୂଜା ଚାଲିଛି।

# ଅକ୍ଟୋବରରେ ଆସେ ପ୍ରାକୃତିକ ବିପର୍ଯ୍ୟୟ



**କାକଟପୁର/ଅସ୍ତରଙ୍ଗ,୧୭।୧୦(ସଂଚାର ବ୍ୟୁରୋ):** ପ୍ରାକୃତିକ ବିପର୍ଯ୍ୟୟକୁ ସାଥିରେ ନେଇ ଆସେ ଅକ୍ଟୋବର ମାସ। ୧୯୯୯ ମହାବାତ୍ୟା ଠାରୁ ବିଗତ ୨୫ ବର୍ଷ ହେଲା ଲୋକଙ୍କ ମନରେ ଭୟ ଲାଗି ରହୁଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳବାସୀ ପୂର୍ବରୁ ଅକ୍ଟୋବର ମାସରେ ବହୁ ବାତ୍ୟା ଓ ବନ୍ୟାକୁ ସାମ୍ନା କରିଛନ୍ତି। ତେଣୁ ଅକ୍ଟୋବର ମାସ ଆସିଲେ ପ୍ରଶାସନ ଠାରୁ ସାଧାରଣ ଲୋକେ ସମସ୍ତେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଚିନ୍ତାରେ ପଡିଥାନ୍ତି।

ଉପକୂଳବର୍ତ୍ତୀ ପୁରୀ ଜିଲ୍ଲାର ଅସ୍ତରଙ୍ଗ ସମୁଦ୍ର ନିକଟବର୍ତ୍ତୀ ଏହା ସହ ବଙ୍ଗୋପସାଗର ସୃଷ୍ଟି ହେଉଥିବା ବାତ୍ୟା ଲୋକଙ୍କ ଆଖିରୁ ନିଦ ହଜାଇ ଦିଏ। ୧୫ଟି ପଂଚାୟତକୁ ନେଇ ଗଠିତ ଏହି ବ୍ଲକରେ ବନ୍ୟାରେ ଅନେକ ତଳିଆ ଗ୍ରାମ ଜଳମଗ୍ନ ହେଉଥିବା ବେଳେ ବାତ୍ୟା ହେଲେ ୧୫ ପଞ୍ଚାୟତବାସୀ ଚିନ୍ତିତ ହୋଇ ପଡନ୍ତି।

ଗତ ୨୦୨୨ ଅକ୍ଟୋବର ୫ ଓ ନଭେମ୍ବର ୨୧ରେ ହୋଇଥିବା ବନ୍ୟାରେ ତଳିଆ ଅଂଚଳ



ଗାଁ ପାଣି ଘେରରେ ରହିଥିଲା। ସେହିଭଳି ୨୦୨୦ ଅକ୍ଟୋବର ୮ରେ ହୋଇଥିବା ବାତ୍ୟା 'ଅମ୍ଫାନ' ଉପକୂଳ ଅଞ୍ଚଳରେ ତାଣ୍ଡବ ରଚିଥିଲା। ସମୁଦ୍ରର ଉଚ୍ଚ ଜୁଆର ଗାଁ ଭିତରକୁ ପଶିବା ଫଳରେ ଅନେକ ଲୋକଙ୍କ ଘରେ ପାଣି ପଶିବାରୁ ଲୋକେ ବାସହରା ହୋଇ ନାହିଁ ନଥିବା ସମସ୍ୟା ଭୋଗିଥିଲେ। ଏହାଛଡା ୨୦୧୮ ଅକ୍ଟୋବର ୧୨ ଓ ୨୦୧୯ ଅକ୍ଟୋବର ୨୫ରେ ହୋଇଥିବା ଲଘୁଚାପ ଜନିତ ଲଗାତାର ବର୍ଷାରେ ସାରା ଅସ୍ତରଙ୍ଗ ଅଞ୍ଚଳ ଜଳାର୍ଣ୍ଣବ ହୋଇଥିଲା।

୨୦୧୬ ଅକ୍ଟୋବର ୨୬ର ବାତ୍ୟା ଓ ୨୦୧୪ ଅକ୍ଟୋବର ୧୨ର ବାତ୍ୟା 'ହୁଡୁହୁଡୁ'କୁ ଅସ୍ତରଙ୍ଗ ଅଞ୍ଚଳବାସୀଙ୍କୁ ସାମ୍ନା କରିବାକୁ ପଡିଥିଲା। ପ୍ରାୟ ସବୁବର୍ଷ ମହାନଦୀ ଶାଖା ନଦୀ ଦେବୀ ନଦୀରେ ଜଳସ୍ତର ବୃଦ୍ଧି ପାଇ ତଳିଆ ଗାଁ ଗୁଡିକ ବୁଡୁଥିବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତକୁ ସାମୁଦ୍ରିକ ବାତ୍ୟା ମଧ୍ୟ ପିଛା ଛାଡେନି। ବାତ୍ୟା କଥା ଶୁଣିଲେ ଅସ୍ତରଙ୍ଗ ବ୍ଲକର ତଣ୍ଡାହାର, ଉଦୟକଣି, କଳମକଣି, ଛେନୁ, ସହନ, ଡ଼ାଲୁଅକଣି, ଛୁରିଆନା, କାଳିଆକଣ, କେଉଟଜଙ୍ଘା,ବାଲିଡିଆ, ନଗର, ଆଳସାହି, ତାଳଦା, ପାଟସୁନ୍ଦରପୁର, ନୂଆଗଡ, ଝାଡ଼ଲିଙ୍ଗି ଆଦି ଉପକୂଳିଆ ଅଂଚଳର ଲୋକଙ୍କ ଭୋକଶୋଷ ମରିଯାଏ। ସେହିଭଳି ବନ୍ୟା ସମୟ ହେଲେ ତଣ୍ଡାହାର, ଉଦୟକଣି, ଶିଶୁଅ, କୋରଣା, ନଗର, ଛୁରିଆନା,କେଉଟଜଙ୍ଘା ଆଳସାହି, ନଈଗୁଆଁ ଆଦି ପଞ୍ଚାୟତର ନଦୀକୂଳିଆ ତଳିଆ ଅଞ୍ଚଳର ଲୋକମାନେ ଗାଈଗୋରୁ, ଛୁଆ ପିଲାଙ୍କୁ ଧରି ଅନ୍ୟତ୍ର ପଳାଇଯିବାକୁ ଚେଷ୍ଟା କରନ୍ତି। ଏଭଳି ବିପର୍ଯ୍ୟୟରେ ଚାଷ ଜମି ସହିତ ପାନ ବରଜ, ଝାଉଁ ଜଙ୍ଗଲ ବ୍ୟାପକ କ୍ଷୟକ୍ଷତି ହୁଏ। ତେବେ ଅକ୍ଟୋବର ମାସରେ ଅଧିକ ପ୍ରାକୃତିକ ବିପର୍ଯ୍ୟୟ ଆଶଙ୍କା କରି ସମସ୍ତେ ଅଧିକ ଭୟଭୀତ ଥାଆନ୍ତି। କେବେ ଏହି ମାସ ଶେଷ ହେବ ଓ ବିପର୍ଯ୍ୟୟ ପିଛା ଛାଡିବ ସେହି ଚିନ୍ତାରେ ଦିନ ବିତାଇଥାନ୍ତି ଅଞ୍ଚଳବାସୀ।

## ଧରାପୃଷ୍ଠରେ ଧନଦାତ୍ରୀ



**କୋଣାର୍କ, ୧୭।୧୦ (ସଂଚାର ବ୍ୟୁରୋ):** ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର କୋଣାର୍କ ସ୍ଥିତ ନିୟୁ ମାର୍କେଟ କମ୍ପ୍ଲେକ୍ସ ପରିସରରେ 'ମା ଲକ୍ଷ୍ମୀ ପୂଜା କମିଟି' ଆନୁକୁଲ୍ୟରେ ୫ ଦିବସୀୟ ଧନଦାତ୍ରୀ ମହାଲକ୍ଷ୍ମୀଙ୍କ ପୂଜା ଧାର୍ମିକ ରୀତିନୀତି ଓ ପରମ୍ପରା ଅନୁଯାୟୀ ଆରମ୍ଭ ହୋଇଛି। ଆଜି ଧରାବତାରଣ କରିଛନ୍ତି ଧନଦାତ୍ରୀ ମା'ମହାଲକ୍ଷ୍ମୀ। ଧରାପୃଷ୍ଠରେ ଧନଦାତ୍ରୀ ମା' ଲକ୍ଷ୍ମୀ ଆଜିଠାରୁ ମୃଣ୍ମୟୀ ମୂର୍ତ୍ତିରେ ୫ ଦିନ ପୂଜା ପାଇବେ ।

ମଙ୍ଗଳବାର ସନ୍ଧ୍ୟାରେ କୋଣାର୍କ ମା ଲକ୍ଷ୍ମୀ ପୂଜା କମିଟି ସଭାପତି ସୁରେନ୍ଦ୍ର ସାହୁଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା, କର୍ତ୍ତା ଓ କର୍ତ୍ତୀମାନେ ଘଣ୍ଟ ଘଣ୍ଟାର ତାଳେ ତାଳେ ଏକ ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ଶୋଭାଯାତ୍ରାରେ ଯାଇ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ସ୍ଥିତ ତୀର୍ଥ ପୁଷ୍କରିଣୀ ଠାରେ ପୂଜାର୍ଚ୍ଚନା କରିବା ପରେ କଳସ ଶୋଭାଯାତ୍ରାରେ ପାଣି ଆଣିବା ପରେ ଅଧିବାସ ଓ ଅଙ୍କୁରାରୋପଣ କାର୍ଯ୍ୟ ସଂପାଦିତ ହୋଇଥିଲା। ପବିତ୍ର ଆଶ୍ୱିନ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥି ଅବସରରେ କୋଣାର୍କ ନିୟୁ ମାର୍କେଟ କମ୍ପ୍ଲେକ୍ସ ପରିସରରେ ଧନଦାତ୍ରୀ ମହାଲକ୍ଷ୍ମୀଙ୍କ ପୂଜା ଧାର୍ମିକ ରୀତିନୀତି ଅନୁଯାୟୀ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ମା ମହାଲକ୍ଷ୍ମୀଙ୍କ ବିଗ୍ରହ ପ୍ରତିଷ୍ଠା କରାଯିବା ପରେ ପୂଜାର୍ଚ୍ଚନା କାର୍ଯ୍ୟ ଆରମ୍ଭ ହୋଇଛି। ପରେ ପରେ କମିଟିର କର୍ମକର୍ତ୍ତା ଓ ଶ୍ରଦ୍ଧାଳୁ ଭକ୍ତମାନେ ମା'ଙ୍କ ନିକଟରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଏହି ପୂଜାରେ କର୍ତ୍ତା ରୂପେ ସୁଶାନ୍ତ କୁମାର ଚିନରା ଓ କର୍ତ୍ତୀ ରୂପେ ଧର୍ମପତ୍ନୀ ମିନତୀ ସାହୁ ଦାୟିତ୍ୱ ନିର୍ବାହ କରୁଛନ୍ତି। ଧନଦାତ୍ରୀ ମହାଲକ୍ଷ୍ମୀଙ୍କ ପୂଜା କାର୍ଯ୍ୟରେ ପୂଜକ ଭାବେ ପପୁ ଭାଇନା ଧାର୍ମିକ ରୀତିନୀତି ଅନୁଯାୟୀ କାର୍ଯ୍ୟ ସଂପାଦନ କରୁଛନ୍ତି।

ଏହି ୫ ଦିବସୀୟ ଧନଦାତ୍ରୀ ମହାଲକ୍ଷ୍ମୀଙ୍କ ପୂଜା ଆସନ୍ତା ୨୦ ତାରିଖରେ ସଂପନ୍ନ ହେବାକୁ ଥିବା ବେଳେ ସେହି ଦିନ ଶ୍ରଦ୍ଧାଳୁ ଭକ୍ତମାନଙ୍କ ନିମନ୍ତେ ପ୍ରସାଦ ସେବନର ସୁବ୍ୟବସ୍ଥା କରାଯାଇଛି। ଏହି ପୂଜା କାର୍ଯ୍ୟକୁ ମା ଲକ୍ଷ୍ମୀ ପୂଜା କମିଟିର ଉପସଭାପତି ଗଣେଶ ପ୍ରସାଦ ଜେନା, ସଂପାଦକ ମନୋଜ ସେଠ, ସହସଂପାଦକ ରୁଦ୍ର ପ୍ରସାଦ ବେଉରା, କୋଷାଧ୍ୟକ୍ଷ ସ୍ୱାଧୀନ ନାୟକ, ଶିବରାମ ରାୟ, ଗୌରାଙ୍ଗ ବିଶ୍ୱାଳ ଓ ମହେଶ୍ୱର ଖୁଣ୍ଟିଆ ସମେତ ସମସ୍ତ କର୍ମକର୍ତ୍ତା ମାନେ ପରିଚାଳନା କରୁଛନ୍ତି।

## ସ୍ୱର୍ଗତ ପ୍ରଫୁଲ୍ଲ ତ୍ରିପାଠୀ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ

**ଭୁବନେଶ୍ୱର, ୧୭।୧୦ (ସଂଚାର ବ୍ୟୁରୋ):** ବରିଷ୍ଠ ସାମ୍ବାଦିକ, ସମ୍ବାଦ ଉଦଘୋଷକ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ବିଭାଗର ଉପ-ମହାନିର୍ଦ୍ଦେଶକ, ବରିଷ୍ଠ ସମାଜସେବୀ ସ୍ୱର୍ଗତ ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କ ନବମ ଶ୍ରାଦ୍ଧ ବାର୍ଷିକ ଓ ସ୍ମୃତିଚାରଣ ସଭା ସ୍ଥାନୀୟ ଖଣ୍ଡଗିରିସ୍ଥିତ ସତ୍ୟ ମହିମା ଆଶ୍ରମ ପରିସରରେ ଉତ୍କଳ ବୁଲେଟିନ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମହିମା ସାଧୁ ମଧୁସୂଦନ ଦାସଙ୍କ ସଭାପତିତ୍ୱ ଓ ସମ୍ପାଦକ ଅରବିନ୍ଦ ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ସୁକାନ୍ତି ପଣ୍ଡା, ମୁଖ୍ୟ ବକ୍ତା ଭାବେ ମୁଗୁପୁର ସମାଚାର ସମ୍ପାଦକ ମଦନ ମୋହନ ପାଢ଼ୀ, ସମ୍ମାନିତ ଅତିଥି ଭାବେ ଅଧିବକ୍ତା ସବିତା ରାଣୀ ଜେନା, ପଦ୍ମ ଚରଣ ବେହେରା ଉପସ୍ଥିତ ରହିବା ସହ ଅସହାୟ, ଅଭାବୀ ମହିଳାଙ୍କୁ ଅନ୍ନ ଓ ବସ୍ତ୍ର ବଣ୍ଟନ କରିଥିଲେ।

ସ୍ୱର୍ଗତ ତ୍ରିପାଠୀ ସାମ୍ବାଦିକତା ଓ ସମାଜସେବାର ମୂର୍ତ୍ତିମନ୍ତ ପ୍ରତୀକ ଓ ଜାମୁ କାଶ୍ମୀରରେ ଶାନ୍ତି ପ୍ରତିଷ୍ଠା ପାଇଁ ତାଙ୍କ ଉଦ୍ୟମ ବେଶ ପ୍ରଶଂସନୀୟ ଥିଲା ବୋଲି ମତବ୍ୟକ୍ତ କରିଥିଲେ। ଜଣେ




ସରଳ, ନିଷ୍ଠାପର ବ୍ୟକ୍ତି ଭାବେ ତାଙ୍କ ବ୍ୟକ୍ତିତ୍ୱ ଥିଲା ମହାନ। ରାଷ୍ଟ୍ରପତିଙ୍କ ସହିତ ବିଦେଶ ଗସ୍ତ କରି ଭାରତର ନାମକୁ ଆଗକୁ ନେଇ ଥିଲେ। ଆଜିର ଯୁବପିଢ଼ି ତାଙ୍କ ସାମ୍ବାଦିକତା, ସମାଜସେବା କାର୍ଯ୍ୟ ଓ ବହୁମୁଖୀ ପ୍ରତିଭାକୁ ଆଗକୁ ନେଇ କାମ କରନ୍ତୁ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ସମାଜସେବୀ ନାରାୟଣ ଖୁଣ୍ଟିଆ, ସାମ୍ବାଦିକା ରୀନା ମହାନ୍ତି ପରିଚାଳନା କରିଥିଲେ।

## ଗଡ଼ବାନ୍ଧଗୋଡ଼ାର ନିଆରା ହିନ୍ଦୁ-ମୁସଲିମ୍ ଦଶହରା
## ଶିବେନ୍ଦ୍ର ହେଲେ ବିଜେତା

**ଆନନ୍ଦପୁର, ୧୭।୧୦ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ ଗଡବାନ୍ଧଗୋଡାର ହିନ୍ଦୁ ମୁସଲିମଙ୍କ ଭାଇଚାରା ପର୍ବ ଦଶହରା ଚଳିତ ବର୍ଷ ବହୁ ଆଡମ୍ବର ସହକାରେ ସମାପନ ହୋଇଯାଇଅଛି। ପ୍ରତ୍ୟୁଷରେ ଗ୍ରାମର ଗଡ଼ନାୟକ ପ୍ରତାପ ଚକ୍ରଙ୍କ ସଂଯୋଜନାରେ ନୀତିବିଧି ନିୟମ ଅନୁଯାୟୀ କାର୍ଯ୍ୟକ୍ରମ ଶୁଭାରମ୍ଭ ପରେ ହିନ୍ଦୁ-ମୁସଲିମଙ୍କ ମଧ୍ୟରେ ଖଣ୍ଡା ବାଡ଼ି ଖେଳ ଅନୁଷ୍ଠିତ ହୋଇଥିଲା। ପରେ ପରେ ସନ୍ଧ୍ୟା ପୂର୍ବରୁ ବି ଗାଁର ପୂଜକ ଅମରେଶ ମିଶ୍ରଙ୍କ ପୌରହିତ୍ୟରେ ପୂଜାପାଠ ପରେ ଦଶହରା ପଡିଆରେ ପାଇକ ମେଳି ଆଉ ସର୍ଦ୍ଦାରଙ୍କ ଉପସ୍ଥିତିରେ ଲାଖ ବିନ୍ଧା ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା । ଏଥିରେ ଶତାଧିକ ପ୍ରତିଯୋଗୀ ଭାଗ ନେଇଥିଲେ ।

ଏଥିର ନିଜର ଲକ୍ଷ୍ୟ ଭେଦ କରି କେନ୍ଦୁଝର ସାଂସଦଙ୍କ ପ୍ରତିନିଧି ଶୀବେନ୍ଦ୍ର ଚକ୍ର ବିଜୟର ଟିକା ପିନ୍ଧି ଥିଲେ। ଏହାପରେ ତାଙ୍କୁ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ପ୍ରଥମେ ଗ୍ରାମର ଗଡ଼ନାୟକ ପ୍ରତାପ ଚକ୍ରଙ୍କ ଘରକୁ ନିଆଯାଇ ସମ୍ମାନର ସହ ସେଦିନର ଅତିଥି ତଥା ଗାଁର କୁଳପୂଜକ ଅମରେଶ ମିଶ୍ରଙ୍କ ଦ୍ୱାରା ମୁକୁଟ ଓ ପଗଡ଼ି ପରିଧାନ କରାଯାଇଥିଲା । ଆଇନଜୀବୀ ବିଚିତ୍ର କୁମାର ଚକ୍ରଙ୍କ ସମେତ ପୂର୍ବତନ ଯବାନ ତଥା ଭିଏଚପି ନେତା କର୍ତିକେଶ୍ୱର୍ ଚକ୍ର, ସମାଜ ସେବୀ ଅଜୟ କୁମାର ନାୟକ, ସ୍ୱୟଂ ସେବକ ପ୍ରଶାନ୍ତ ଚକ୍ର, ଦିଲ୍ଲୀପ ଚକ୍ର, ପ୍ରିୟବ୍ରତ ପାତ୍ର, ଉଦ୍ୟୋଗୀ ବିକାଶ ଚକ୍ର ପ୍ରମୋଦ ପରିଡ଼ା, ବିଶିକେଶନ୍ ଜେନା, ରମେଶ ବାରିକ, ବସନ୍ତ ବଳ, ଶ୍ରୀଧର ନାୟକ, ତରଣି ସେନ ନାୟକ,



ବରିଷ୍ଠ ନାଗରିକ ଅଲେଖ ବିଶ୍ୱାଳ, ନନ୍ଦ କିଶୋର ନାୟକ, ସେକ ସୋବନ୍ ଖାଁ, ନିସରୁଦିନ ଅଲ୍ଲୀ, ଦିଲ୍ଲୀପ ବିଶ୍ୱାଳ, ଯୁବ ସମାଜସେବୀ ଅମରେଶ ଚକ୍ର, ପ୍ରକାଶ ଚକ୍ର, ପାଇକ ପୁଅ ବିଜୟ ଚକ୍ର, ପ୍ରବୋଧ ଚକ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ବନ ବିଭାଗ-କାଠ ମାଫିଆ ମଧୁଚନ୍ଦ୍ରିକା

**ବାଲିଅନ୍ତା, ୧୭।୧୦ (ସଂଚାର ବ୍ୟୁରୋ):** ବାଲିପାଟଣା ବନାଞ୍ଚଳ କାର୍ଯ୍ୟାଳୟ ସୀମା ପରିସରଭୁକ୍ତ ଭିଙ୍ଗାରପୁର ପଞ୍ଚାୟତ ଅଧୀନ ଇଚ୍ଛାଦେଇପାଟଣା, ବାଲିଅନ୍ତା ଥାନା ଠାରୁ ମାତ୍ର ଅଳ୍ପ କେଇ ମିଟର ଦୂର ଥାନାଞ୍ଚଳ ଏବଂ ବାଳକାଟି ଜାଗେଶ୍ୱରୀ କଲୋନି ଜନବସତି ଅଞ୍ଚଳରେ ବର୍ଷ ବର୍ଷ ଧରି ୩ଟି ଚୋରା କରତ କଳ ଦିନ ରାତି ୨୪ ଘଣ୍ଟା ଚାଲିଛି । ହେଲେ ବନାଞ୍ଚଳ ଅଧିକାରୀ ଚୋରା କରତ କଳ ଉଚ୍ଛେଦ ନେଇ କିଛି କାର୍ଯ୍ୟାନୁଷ୍ଠାଜ ଗ୍ରହଣ କରୁନଥିବା ଅଭିଯୋଗ ହେଉଛି । ସତେ ଯେମିତି ହାତ ଟେକି ଦେଇଛନ୍ତି। ଫଳରେ ଏ ଅଞ୍ଚଳରେ ଥିବା ଗ୍ରାମ୍ୟ ଜଙ୍ଗଲ ଏବଂ ମୁଖ୍ୟ ରାସ୍ତା କଡ଼ରୁ କସି, ଆକାଶିଆ, ଶାଗୁଆନ ଆଦି କିସମର ବୃକ୍ଷ ଛେଦନ ବୃଦ୍ଧି ପାଇଛି । କାଠ ମାଫିଆ ଜଙ୍ଗଲି ଗଛ କାଟି ସହମିଲରେ ପେଡୁଥିବା ଲକ୍ଷ୍ୟ କରାଯାଉଛି ।



ବଡ଼ କଥା ହେଉଛି ଅଧିକାଂଶ ସମୟ କାର୍ଯ୍ୟାଳୟ ଫାଟକରେ ତାଲା ଝୁଲୁଥିବା ଲକ୍ଷ୍ୟ କରାଯାଉଛି । ଅବାଧ ବୃକ୍ଷ ଛେଦନ ଯୋଗୁ ତାପମାତ୍ରା ବୃଦ୍ଧି ପାଉଛି। ହେଲେ ବନ ବିଭାଗ ଚୋରା କରତ କଳ ମାଲିକ ଏବଂ କାଠ ମାଫିଆଙ୍କ ସହ ସଲାସୁତୁରା କରି ହାତ ଚିକ୍କଣ କରୁଥିବା ଅଭିଯୋଗ ହେଉଛି। ବନ ବିଭାଗ ଭିଜିଲାନ୍ସ ସେଲରେ ଅଭିଯୋଗ କରାଯିବା ସତ୍ତ୍ୱେ କିଛି ସୁଫଳ ମିଳୁନି। ସେହିପରି ବାଲିପାଟଣା - ବାଲିଅନ୍ତା ଅଞ୍ଚଳରେ ବେଆଇନ ଭାବେ ଶତାଧିକ କାଠ ଡିପୋ ଚାଲିଥିବା ଜଣାଯାଇଛି। ଏସବୁ ଡିପୋରେ ମଧ୍ୟ ଚଢ଼ାଉ କରାଯାଇ ଛାନଭିନ କରାଯାଉ ନାହିଁ । ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ନିକଟକୁ ଏସମ୍ପର୍କିତ ବାର୍ତ୍ତା ପଠାଯାଇଛି। କେବେ କାର୍ଯ୍ୟାନୁଷ୍ଠାନ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅଧିକାରୀଙ୍କ ଭୂମିକାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି ।

## ବାପ ମା'ଙ୍କୁ ଆକ୍ରମଣ କରିବା ଅଭିଯୋଗରେ ପୁଅ ଗିରଫ

**ବାଲିଅନ୍ତା, ୧୭।୧୦ (ସଂଚାର ବ୍ୟୁରୋ):** ଆଜି ବାଲିଅନ୍ତା ଥାନା ପୁଲିସ ଅଭିଯୋଗକାରୀ ବାଲକଟି ଫାଣ୍ଡି ଅନ୍ତର୍ଗତ ରଥିଜମା, ତିରିଶି ଘର ସାହିର ଦୀନବନ୍ଧୁ ସାହୁଙ୍କ ଅଭିଯୋଗ ଭିତ୍ତିରେ ମାମଲାର ତଦନ୍ତ କରିବା ସହିତ ଅଭିଯୁକ୍ତ ପୁତ୍ର ମନୋଜ କୁମାର ସାହୁ (୨୬)କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନା ଯୋଗ୍ୟ ଯେ ଅଭିଯୁକ୍ତ ମନୋଜ ଅଭିଯୋଗକାରୀଙ୍କ ବଡ ପୁଅ ଅଟନ୍ତି। ମନୋଜ ସ୍ଥାନୀୟ ଅଞ୍ଚଳରେ ରାଜମିସ୍ତ୍ରୀ ଭାବରେ କାର୍ଯ୍ୟ କରିବା ସହ ମଜୁରିର ସମସ୍ତ ଟଙ୍କାରେ ମଦ୍ୟପାନ କରି ମଧ୍ୟ ରାତ୍ରିରେ ଘରକୁ ଫେରନ୍ତି ଏବଂ ପରିବାର ସଦସ୍ୟଙ୍କ ସହିତ ଝଗଡା କରନ୍ତି । ଅଭିଯୁକ୍ତଙ୍କର ଏହି କାର୍ଯ୍ୟକଳାପକୁ ନେଇ ପରିବାର ସଦସ୍ୟଙ୍କ ମଧ୍ୟରେ ବିଶୃଙ୍ଖଳା ଦେଖା ଦେଇଥିଲା । ଗତ ୧୫ ତାରିଖରେ ତାଙ୍କ ବାପାଙ୍କୁ ଗାଳି ଗୁଲଜ କରିବା ସହ ଘରେ ଥିବା କଟୁରୀରେ ଆକ୍ରମଣ କରିଥିଲେ।

## ୬ ଶିଶୁ ଶ୍ରମିକ ଉଦ୍ଧାର



**ଯାଜପୁର, ୧୭।୧୦ (ସଂଚାର ବ୍ୟୁରୋ):** ବିଭିନ୍ନ ସମୟରେ ଶିଶୁ ଶ୍ରମିକମାନଙ୍କୁ ବିଭିନ୍ନ କାମରେ ନିଯୋଜିତ କରାଯାଉଥିବା ଦେଖିବାକୁ ମିଳିଛି । ତେବେ ଆଜି ଯାଜପୁର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, ଚାଇଲ୍ଡ ଲାଇନ ଓ ସୁକିନ୍ଦା ପୁଲିସର ସହାୟତାରେ ସୁକିନ୍ଦା ବ୍ଲକର କିଛି ସ୍ଥାନରେ ଚଢ଼ାଉ କରାଯାଇ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ୬ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩ଜଣ ବିନା ପାରିଶ୍ରମିକରେ ଶ୍ରମଦାନ କରୁଥିବା ବେଳେ ସେମାନଙ୍କୁ କାର୍ଯ୍ୟରେ ଲଗାଇଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି। ସମସ୍ତ ନାବାଳକ ୧୩ ରୁ ୧୪ ବର୍ଷ ବୟସର ହୋଇଥିବା ବେଳେ ସେମାନେ ଛେଳି ଚରାଇବା, ହୋଟେଲ ଏବଂ ଦୋକାନରେ ବିଭିନ୍ନ କାର୍ଯ୍ୟ କରୁଥିଲେ। ସୁକିନ୍ଦା ଅଞ୍ଚଳର ଜଣେ ସମାଜିକ କର୍ମୀଙ୍କ ଅଭିଯୋଗ କ୍ରମେ ଜିଲ୍ଲାପାଳ ଚଢ଼ାଉ ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଶିଶୁ ସୁରକ୍ଷା ଅଧିକାରୀ ନିରଂଜନ କରଙ୍କ ପରାମର୍ଶ କ୍ରମେ ଏହି ଚଢ଼ାଉରେ ଚାଇଲ୍ଡ ଲାଇନର କୋଅର୍ଡିନେଟର ବରେନ୍ଦ୍ର କୃଷ୍ଣ ଦାଶ,ରଜତ କୁମାର ସାହୁ, ସ୍ୱେଚ୍ଛାସେବୀ ତପନ ପଣ୍ଡା, ସୁକିନ୍ଦା ରାଜସ୍ୱ ନୀରିକ୍ଷକ ଶୁଭ୍ରଜିତ ପଟ୍ଟନାୟକ, ପବିତ୍ର ମୋହନ ସାହୁ ଓ ସୁକିନ୍ଦା ପୁଲିସର କର୍ମଚାରୀ ସାମିଲ ହୋଇଥିଲେ। ଉଦ୍ଧାର ନାବାଳକମାନଙ୍କୁ ଡିବ୍ଲୁସିରେ ହାଜର କରାଯିବା ପରେ ବାଳାଶ୍ରମରେ ରଖାଯାଇ ଘଟଣାର ତଦନ୍ତ ଜାରି ରହିଛି। ଏହି ପୁରା ଚଢ଼ାଉରେ ଆନ୍ତର୍ଜାତୀୟ ନ୍ୟାୟ ମିଶନ ସହଯୋଗ କରିଥିଲା।

## ବିଜେଡି କାର୍ଯ୍ୟାଳୟରେ ରକ୍ତଦାନ ଶିବିର, ୧୦୭ ୟୁନିଟ ସଂଗ୍ରହ

**ନୟାଗଡ଼, ୧୭।୧୦ (ସଂଚାର ବ୍ୟୁରୋ):** ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜନନାୟକ ନବୀନ ପଟ୍ଟନାୟକ ୭୯ ବର୍ଷରେ ପାଦ ଥାପିଛନ୍ତି । ତାଙ୍କ ଜନ୍ମଦିନରେ ବିଜେଡି ରାଜ୍ୟର ବିଭିନ୍ନ ସ୍ଥାନରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ ମାଧ୍ୟମରେ ରକ୍ତଦାନ ଶିବିର ଆୟୋଜନ କରିଛି । ନୟାଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟ ପରିସରରେ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ



ପରାମର୍ଶ କ୍ରମେ ଜୀବନ ବିନ୍ଦୁ ମାଧ୍ୟମରେ ଆୟୋଜିତ ରକ୍ତଦାନ ଶିବିରରେ ୧୦୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ଯୁବ, ଛାତ୍ର, ମହିଳାଙ୍କଠାରୁ ଆରମ୍ଭ କରି ସବୁ ବର୍ଗର ଲୋକ ରକ୍ତଦାନ କରିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ବିଜେଡି ପ୍ରବକ୍ତା ଇରାନୀ ରାୟ, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଜୀବନ ବିନ୍ଦୁର ଜିଲ୍ଲା ସଂଯୋଜକ ଗୁରୁପ୍ରସାଦ ଜେନା, ଯୁବ ବିଜେଡି ସଭାପତି ଦୁର୍ଯ୍ୟୋଧନ ବେହେରା, ଛାତ୍ର ବିଜେଡି ସଭାପତି ନୀଳମାଧବ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ ।

# ପ୍ରଥମ ସିମିନଇ ଲୋକକଳା ମହୋତ୍ସବ ଉଦ୍‌ଯାପିତ

**ଢେଙ୍କାନାଳ, ୧୭।୧୦ (ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲ୍ଲା ଓଡାପଡ଼ା ବ୍ଲକ ସିମିନଇ ବଜାର ଯାତ୍ରା ପଡ଼ିଆରେ ଓଡ଼ିଶା ସରକାରଙ୍କର ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଶ୍ରୀଶ୍ରୀ ସିଦ୍ଧ କାମେଶ୍ୱରୀ ପାଇକ ଆଖଡା ଯୁବକ ସଂଘ ଦ୍ୱାରା ଆୟୋଜିତ ପ୍ରଥମ ଲୋକକଳା ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟିର ଅଧ୍ୟକ୍ଷା ଇତିଶ୍ରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଂସ୍କୃତିକ ସଂଧ୍ୟାରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ସରକାରଙ୍କର ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୂଖ୍ୟ ଅତିଥି ଭାବରେ ଯୋଗ ଦେଇ କଳା ସାହିତ୍ୟ ସଂସ୍କୃତି ସଭ୍ୟତାର ମାପକାଠି ବୋଲି ପ୍ରକାଶ କରିବା ସହିତ ଏଭଳି ମହୋତ୍ସବର ଆୟୋଜନ ପାଇଁ ଆୟୋଜକଙ୍କୁ ଧନ୍ୟବାଦ ଜଣାଇଥିଲେ।

ସମ୍ମାନୀତ ଅତିଥି ଭାବରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଓଡାପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲ୍ଲୀପ କୁମାର ଷଡଙ୍ଗୀ, ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ନାଟ୍ୟକାର ତଥା ନିର୍ଦ୍ଦେଶକ ଦିନେଶ ଦାସ, ବରିଷ୍ଠ ଆଇନଜିବୀ ତଥା ବିଜେପି ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର ଅତିଥି ଭାବେ ଯୋଗ ଦେଇ କଳା ସାହିତ୍ୟ ସଂସ୍କୃତିକୁ ଭବିଷ୍ୟତ




ଆଡକୁ ବୋହି ନେବା ପାଇଁ ଏଭଳି ମହୋତ୍ସବର ଆୟୋଜନ ଖୁବ୍ ଗୁରୁତ୍ୱପୁର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଶ୍ରୀ ଶ୍ରୀ ସିଦ୍ଧ କାମେଶ୍ୱରୀ ପାଇକ ଆଖଡା ଯୁବକ ସଂଘ ର ସଭାପତି କୈଳାଶ ଚନ୍ଦ୍ର ରାଉତ ଅନୁଷ୍ଠାନର ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ ଲେଖିକା କିର୍ତୀମଞ୍ଜରୀ ସାହୁଙ୍କୁ ଶ୍ରୀ ଶ୍ରୀ ସିଦ୍ଧ କାମେଶ୍ୱରୀ ସାହିତ୍ୟ ସମ୍ମାନ, ଅବସରପ୍ରାପ୍ତ ପ୍ରଶାସକ ନିତ୍ୟାନନ୍ଦ ରଥ ଏବଂ ସେବତୀ ସାହୁଙ୍କୁ ଶ୍ରୀ ଶ୍ରୀ ସିଦ୍ଧ କାମେଶ୍ୱରୀ ସେବା ସମ୍ମାନ, ଦୈତାରୀ ସାହୁଙ୍କୁ ଶ୍ରୀ ଶ୍ରୀ ସିଦ୍ଧ କାମେଶ୍ୱରୀ କ୍ରୀଡା ସମ୍ମାନ ଏବଂ ବାଲୁକା ଶିଳ୍ପୀ ସୁବ୍ରତ ମହାରଣାଙ୍କୁ ଶ୍ରୀ ଶ୍ରୀ ସିଦ୍ଧ କାମେଶ୍ୱରୀ କଳା ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଶତାୟୁ ପୁରୁଷ ତଥା ସ୍ଥାନୀୟ ଅଞ୍ଚଳର ଜଣେ ବଦାନ୍ୟ ବ୍ୟକ୍ତି ଚକ୍ରଧର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ରବିବାର ଦିନ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଏହି ଦୁଇ ଦିନିଆ ଲୋକକଳା ମହୋତ୍ସବକୁ ଉଦ୍‌ଘାଟନ କରି କହିଲେ ଯେ, ଗ୍ରାମାଞ୍ଚଳରେ ଏଭଳି ମହୋତ୍ସବ ଦ୍ୱାରା ଲୋକକଳା ଗୁଡିକ ଉଦ୍‌ଜିବିତ ହୋଇ ପାରିବ ଏବଂ ପିଢି ପରେ ପିଢି ଆମ ମାନଙ୍କୁ ସାଂସ୍କୃତିକ ଏବଂ ସାମାଜିକ ସମୃଦ୍ଧିରେ ଉଦ୍‌ବୁଦ୍ଧ କରିବ। ସେହିପରି ପରଜଙ୍ଗ ବିଧାୟକ ବୁଭୁତି ଭୁଷଣ ପ୍ରଧାନ ମୂଖ୍ୟ ଅତିଥି ଭାବରେ ଯୋଗ ଦେଇ କହିଲେ ଯେ, ପଲ୍ଲୀ ଅଞ୍ଚଳରେ କଳା, ସାହିତ୍ୟ ଓ ସଂସ୍କୃତିର ବିକାଶ ସହିତ ତାହାକୁ ଉଦ୍‌ଜିବୀତ କରି ରଖିବାରେ ଏହି ମହୋତ୍ସବର ଭୁମିକା ଖୁବ୍ ଗୁରୁତ୍ୱପୁର୍ଣ୍ଣ। ବିଶିଷ୍ଟ ଅତିଥି ଭାବରେ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଜିଲାପରିଷଦ ସଭ୍ୟ ବାଳକୃଷ୍ଣ ସାହୁ, ସିମିନଇ ସରପଞ୍ଚ ଅଜିତ ସିଂହ, ଶ୍ରୀ ଶ୍ରୀ ସିଦ୍ଧ କାମେଶ୍ୱରୀ ପାଇକଆଖଡା ଯୁବକ ସଂଘର ସମ୍ପାଦକ ରାସବିହାରୀ ମହାନ୍ତି, ସୁନୀଲ ଶର୍ମା, ସହଦେବ ପୃଷ୍ଟି, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇ ଏଭଳି ଲୋକକଳା ମହୋତ୍ସବର ଆୟୋଜନ ପାଇଁ ଆୟୋଜକଙ୍କୁ ସାଧୁବାଦ ଜଣାଇଥିଲେ।

ଉଭୟ ସଂଧ୍ୟାରେ ସ୍ଥାନୀୟ କଳାକାର ମାନଙ୍କ ସମେତ ବଲାଙ୍ଗୀରର ବଜାଶାଲ, ମୟୁରଭଞ୍ଜର ଛଉ ନୃତ୍ୟ ଏବଂ ସମ୍ବଲପୁରୀ ଲୋକନୃତ୍ୟ ଦଳ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉଭୟ ଦିନର କାର୍ଯ୍ୟକ୍ରମକୁ ବିଜ୍ଞାନ ମହାନ୍ତି ସଂଯୋଜନା କରିଥିଲେ। ମହୋତ୍ସବ କମିଟିର ଅଧ୍ୟକ୍ଷା ଇତିଶ୍ରୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମକୁ ଶ୍ରୀ ଶ୍ରୀ ସିଦ୍ଧ କାମେଶ୍ୱରୀ ପାଇକଆଖଡା ଯୁବକ ସଂଘର ସଦସ୍ୟ, ସିମିନଇ ଗ୍ରାମବାସୀ ଏବଂ ପୂଜା କମିଟିର ସଦସ୍ୟ ମାନେ ପରିଚାଳନା କରିଥିବା ବେଳେ ଜୟନ୍ତୀ ପ୍ରଧାନ ଏବଂ ସ୍ୱର୍ଣ୍ଣଲତା ରାଉତ ସହଯୋଗ କରିଥିଲେ।

## ଗର୍ଭଣା ସଂକ୍ରାନ୍ତିରେ ହରିନାମରେ ପ୍ରକମ୍ପିତ ହେଲା ନବଗ୍ରହ ପୀଠ

**କୋଣାର୍କ, ୧୭।୧୦ (ସଂଚାର ବ୍ୟୁରୋ):** ଶ୍ରୀ ଜଗନ୍ନାଥ ସଂସ୍କୃତି ସେବା ବିକାଶ ପରିଷଦ କୋଣାର୍କ ଶାଖା ପକ୍ଷରୁ ପବିତ୍ର ଗର୍ଭଣା ସଂକ୍ରାନ୍ତି ଉପଲକ୍ଷେ ସୂର୍ଯ୍ୟ ମନ୍ଦିର ନବଗ୍ରହ ପୀଠରେ ବିଶାଳ ସଙ୍କୀର୍ତ୍ତନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇବାକୁ ଯାଇ କେଉଁ କାଳରୁ ଚାଲି ଆସୁଥିବା ଏହି ଉତ୍ସବକୁ ଅନୁଷ୍ଠାନ ପକ୍ଷରୁ ବ୍ୟାପକ କରାଯାଇଛି। ଗୋପ, କାକଟପୁର ବ୍ଲକର ୧୫ ପଞ୍ଚାୟତ ଓ କୋଣାର୍କ ଏନଏସିର ସମୁଦାୟ ୫୩ଟି ମହିଳା ଓ ପୁରୁଷ ସଂକୀର୍ତ୍ତନ ଦଳ ଏଥିରେ ଯୋଗଦେଇ ସାମୁହିକ ଭାବେ ହରିନାମ ରସମୃତ ପାନ କରିଥିଲେ। ଯାହା ଫଳରେ ସାରା ନବଗ୍ରହ ପୀଠ ହରିନାମରେ ପ୍ରକମ୍ପିତ ହୋଇଥିଲା। ପରିବେଶରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିବା ବେଳେ ଭକ୍ତ ମନେ ନୃତ୍ୟ ପରିବେଷଣ କରିଥିଲେ। ସୂର୍ଯ୍ୟ ମନ୍ଦିର ବୁଲି ଆସିଥିବା ଦେଶୀ ବିଦେଶୀ ପର୍ଯ୍ୟଟକ ମାନେ ମଧ୍ୟ ଏହାର ଆନନ୍ଦ ନେଇଥିଲେ। ଓଡ଼ିଆ ସଂସ୍କୃତି ଓ ଅସ୍ମିତା ବଞ୍ଚାଇବା ପାଇଁ ଅନୁଷ୍ଠାନ ପକ୍ଷରୁ ଏହି କାର୍ଯ୍ୟକ୍ରମ ପ୍ରତି ବର୍ଷ ଏପରି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। କୌଣସି ବଦାନ୍ୟ ବ୍ୟକ୍ତିଙ୍କ କିମ୍ବା ସରକାରୀ ସହଯୋଗ ମିଳୁନି। ରାଜ୍ୟ ସରକାର ସହଯୋଗ କଲେ ଆଗକୁ ଉନ୍ନତ ଧରଣରେ କରିବାକୁ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଏହି ଉତ୍ସବକୁ ଶାଖା ସଭାପତି ଦୁଃଖୀଶ୍ୟାମ ପ୍ରଧାନ, ସମ୍ପାଦକ ବନମାଳୀ ପ୍ରଧାନ, ଉପଦେଷ୍ଟା ପ୍ରଭାକର ଜେନା, ସୁବାସ ପ୍ରଧାନ, ଏକାଦଶୀ ସ୍ୱାଇଁ, ଗୌରାଙ୍ଗ ଖଟୋଇ, ଗଦାଧର ଓଝା, କାଳନ୍ଦୀ ସାହୁ ଓ ନରି ଖାଟୋଇ ପ୍ରମୁଖ ପରିଚାଳନା କରିଥିଲେ।



ଫେକ୍ କଲ୍ ସେଣ୍ଟର ମାମଲା

## କୋଲକାତାରେ ତଦନ୍ତ କରିବ ସ୍ୱତନ୍ତ୍ର ଟିମ୍

**ଭୁବନେଶ୍ୱର,୧୭।୧୦ (ସଂଚାର ବ୍ୟୁରୋ):** ସୁନ୍ଦରପଦାରେ ଫେକ୍ କଲ୍ ସେଣ୍ଟର ଠାବ ମାମଲାରେ କୋଲକାତା ଯିବ କମିଶନରେଟ୍ ପୁଲିସ୍। ଏଥିରେ ଜଡ଼ିତ ୬ ଅଭିଯୁକ୍ତଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିବା ପାଇଁ ଆବେଦନ ହୋଇଛି। ଅନୁମତି ମିଳିବା ପରେ କୋଲକାତାକୁ ସ୍ୱତନ୍ତ୍ର ପୁଲିସ୍ ଟିମ୍ ପହଞ୍ଚି ତଦନ୍ତ କରିବ। ଏନେଇ ପୁଲିସ୍ ସଜବାଜ ଆରମ୍ଭ କଲାଣି। ସାରା ଦେଶରେ ଏମାନେ ଠକେଇ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଅଧିକ ତଦନ୍ତ ପାଇଁ ଏକ ସ୍ପେଶାଲ ଟିମ୍ ଗଠନ କରିଛି ପୁଲିସ୍।ସଫ୍ଟୱେର ପ୍ରଡକ୍ଟ ବା ଆଣ୍ଟି ଭାଇରସ ଅପଲୋଡ୍ କରିବାକୁ କହି ଆମେରିକାର କିଛି ଲୋକଙ୍କୁ ମଧ୍ୟ ଏମାନେ ଚୁନ ଲଗାଇଛନ୍ତି। ଅଭିଯୁକ୍ତମାନେ ଉଚ୍ଚ ଶିକ୍ଷିତ। କେତେକଙ୍କ ସଫ୍ଟୱେର ଟେକ୍ନିସିଆନ୍ ଓ ଆଉ କିଛି ଅଭିଯୁକ୍ତ ସ୍ନାତକ ହୋଇଥିବା ସୂଚନା ମିଳିଛି। ଏମାନେ କେତେ ଠକିଛନ୍ତି ଜାଣିବା ପାଇଁ ସେମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଯାଞ୍ଚ ଚାଲିଛି। ସୂଚନା ମୁତାବକ ୬ ଅଭିଯୁକ୍ତ ପଶ୍ଚିମବଙ୍ଗରୁ ଆସି ସୁନ୍ଦରପଦାର କାଞ୍ଚନ ଆପାର୍ଟମେଣ୍ଟର ଦ୍ୱିତୀୟ ମହଲାରେ ଏକ ଫ୍ଲାଟ ନେଇ ଫେକ୍ କଲ ସେଣ୍ଟର ଚଳାଇଥିଲେ।

# ଆରମ୍ଭରୁ ବିଭ୍ରାଟ ; ହବିଷ୍ୟାଳିଙ୍କ ଆନ୍ଦୋଳନ

**ପୁରୀ,୧୭।୧୦ (ସଂଚାର ବ୍ୟୁରୋ):** କାର୍ତ୍ତିକ ମାସ ପାଇଁ ପୁରୀ ଚଳଚଞ୍ଚଳ ହୋଇଉଠିଛି। କାର୍ତ୍ତିକ ବ୍ରତ ପାଇଁ ହବିଷ୍ୟାଳି ପହଞ୍ଚିଛନ୍ତି। ପବିତ୍ର କାର୍ତ୍ତିକ ମାସରେ ସବୁଦିନ କାଳିଆକୁ ଦର୍ଶନ କରିବା ପାଇଁ ରାଜ୍ୟର କୋଣ ଅନୁକୋଣରୁ ପୁରୀକୁ ଧାଇଁ ଆସିଛନ୍ତି ଶହ ଶହ ହବିଷ୍ୟାଳି।

ମାତ୍ର ପୁରୀରେ ପାଦ ଦେଉ ଦେଉ ସେମାନଙ୍କୁ ମିଳିଛି ନିରାଶା। ମୁଣ୍ଡ ଗୁଞ୍ଜିବାକୁ ମିଳୁନି ଜାଗା। ଫଳରେ ଅସହ୍ୟ ଖରାରେ ସେମାନେ ରାସ୍ତା ଉପରେ କଲବଲ ହେଉଥିବା ବେଳେ ସେମାନଙ୍କ ଦୁଃଖ କେହି ବୁଝୁ ନ ଥିବା ଅଭିଯୋଗ କରିଛନ୍ତି। ଏପରି କିଛି ଦୃଶ୍ୟ ଗୁରୁବାର ସକାଳେ ପୁରୀ ବୃନ୍ଦାବନ ଆଶ୍ରମ ସମ୍ମୁଖରେ ଦେଖିବାକୁ ମିଳିଛି। ପଞ୍ଜୀକୃତ ହୋଇ ପାରି ନ ଥିବା ହବିଷ୍ୟାଳି ଆଶ୍ରୟ ନ ପାଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ହବିଷ୍ୟାଳିମାନେ ରହଣି ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।



କାର୍ତ୍ତିକ ମାସରେ ହବିଷ୍ୟାଳିଙ୍କ ରହଣି ସମେତ ସମସ୍ତ ପ୍ରକାର ସୁବିଧା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ଘୋଷଣା ହୋଇଥିଲା। ଏଥିନିମନ୍ତେ ନିଜ ନାମ ଅନଲାଇନ୍‌ରେ ପଞ୍ଜୀକରଣ କରିବାକୁ ଗତ ୬ ତାରିଖରେ ସୂଚନା ଦିଆଯାଇ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କୁହାଯାଇଥିଲା। ମାତ୍ର ଗୋଟିଏ ଦିନ ପରେ ଅର୍ଥାତ ୭ ତାରିଖରେ ପୋର୍ଟାଲକୁ ବନ୍ଦ କରି ଦିଆଗଲା। ଫଳରେ ବହୁ ହବିଷ୍ୟାଳି ପଞ୍ଜୀକରଣ କରିବାରୁ ବଞ୍ଚିତ ହୋଇଛନ୍ତି। ଏପରି ସ୍ଥିତିରେ ସେମାନେ ଆଜି ପୁରୀରେ ପହଞ୍ଚିଥିବା ବେଳେ ସେମାନଙ୍କୁ ରହିବାକୁ ଜାଗା ଖଣ୍ଡେ ମିଳୁନି।

ଖବର ପାଇ ପୁରୀ ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ପହଞ୍ଚି ହବିଷ୍ୟାଳିଙ୍କୁ ବୁଝାସୁଝା କରିଛନ୍ତି । ପ୍ରଥମେ ପଞ୍ଜୀକୃତ ହବିଷ୍ୟାଳିଙ୍କ ଲାଗି ବ୍ୟବସ୍ଥା କରାଯିବ। ଏହା ପରେ ସ୍ଥାନ ଫାଙ୍କା ରହିଲେ ଅଣପଞ୍ଜୀକୃତ ହବିଷ୍ୟାଳିଙ୍କୁ ରହିବା ପାଇଁ ଦିଆଯିବ ବୋଲି ପୁରୀ ପ୍ରଶାସନ ପକ୍ଷରୁ କୁହାଯାଇଛି। ତଥାପି ଆନ୍ଦୋଳନ ପ୍ରଶମିତ ହୋଇ ନ ଥିବା ଜଣାଯାଇଛି। ଅନ୍ୟପକ୍ଷରେ ସ୍ଥାନାଭାବରୁ କିଛି ହବିଷ୍ୟାଳି ଯେକୌଣସି ପରିସ୍ଥିତିରେ ବି ପୁରୀରେ ରହିବେ ବୋଲି କହୁଥିବା ବେଳେ ଆଉ କିଛି ନିରାଶ ହୋଇ ଫେରିଛନ୍ତି।

ଅନ୍ୟପକ୍ଷରେ ପୁରୀ ପ୍ରଶାସନ ପକ୍ଷରୁ କରାଯାଇଥିବା ୪ କେନ୍ଦ୍ରରେ ହବିଷିଆଳିଙ୍କ ରହଣି, ଶ୍ରୀଜିଉଙ୍କୁ ଦର୍ଶନ, ମହାପ୍ରସାଦ ସେବନ ଓ ଆଧ୍ୟାତ୍ମିକ ଆଲୋଚନା ପାଇଁ ବ୍ୟବସ୍ଥା କରାଯାଇଛି। ହବିଷିଆଳିମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ଯତ୍ନବାନ ହେବାକୁ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦିଆଯାଇଛି। ରହଣି ସ୍ଥଳରେ ପୋଲିସ ପକ୍ଷରୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ ନରେନ୍ଦ୍ରକୋଣ ବୃନ୍ଦାବତୀ ନିବାସ, ବଡ଼ଦାଣ୍ଡ ଅକ୍ଷୟପାତ୍ର ଫାଉଣ୍ଡେସନ୍ ଗୃହ, ବଗଲା ଧର୍ମଶାଳା ଓ ମୋଚିସାହି କଲ୍ୟାଣମଣ୍ଡପରେ ହବିଷିଆଳିଙ୍କ ରହିବା ବ୍ୟବସ୍ଥା କରାଯାଇଛି

## ୨୧ ଓ ୨୮ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର,୧୭।୧୦ (ସଂଚାର ବ୍ୟୁରୋ):** ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଚଳିତ ଅକ୍ଟୋବର ୨୧ ତାରିଖ (ସୋମବାର) ଓ ଅକ୍ଟୋବର ୨୮ ତାରିଖ (ସୋମବାର)ରେ ଦିବା ୧୧ ଘଟିକା ସମୟରୁ ୟୁନିଟ-୫, ଭୁବନେଶ୍ୱର ଲିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଦୁଇ ଦିନ ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଅକ୍ଟୋବର ୧୮ ତାରିଖ ଦିବା ୧୧ ଘଟିକା ଠାରୁ ଆରମ୍ଭ ହେବ ଏବଂ ପ୍ରତ୍ୟେକ ଅଭିଯୋଗ ଶୁଣାଣି ଦିବସ ନିମନ୍ତେ ସର୍ବାଧିକ ୧୦୫୦ ଜଣ ପଞ୍ଜୀକରଣ କରିପାରିବେ, ଯେଉଁମାନେ କି ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ସେମାନଙ୍କର ଅଭିଯୋଗ ଜଣାଇପାରିବେ । ଏଥି ନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ଚତଶୁଣାଣି ମୋବାଇଲ ଆପ୍ଲିକେଶନ ଜରିଆରେ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବେ । ଏ ସଂପର୍କରେ ଆଜି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି ।

## ସ୍ତ୍ରୀର ମୁଣ୍ଡକୁ ଇଟାରେ ଛେଚି ସ୍ୱାମୀ ଗିରଫ

**ଭୁବନେଶ୍ୱର,୧୭।୧୦ (ସଂଚାର ବ୍ୟୁରୋ):** ଘରେ ରୋଷେଇ କରିବା ସମୟରେ ସ୍ତ୍ରୀର ମୁଣ୍ଡକୁ ଏକ ଇଟାରେ ଛେଚି ହତ୍ୟା ଉଦ୍ୟମ। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ଆଜି ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା, ଲିଙ୍ଗରାଜ ଥାନା ଅଧିନ ନାଗେଶ୍ୱର ଟାଙ୍ଗୀରେ ରହୁଥିବା ଅମୁଲ୍ୟ କୁମାର ସେଠୀ। ଆଜି ତାକୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଯୋଗ୍ୟଯେ, ଅଭିଯୋଗକାରିଣୀ ଓ ଅଭିଯୁକ୍ତ ପରସ୍ପର ସ୍ୱାମୀ ସ୍ତ୍ରୀ ଅଟନ୍ତି। ଗତ ମାସ ୧୬ ତାରିଖ ମଧ୍ୟାହ୍ନ ପ୍ରାୟ ୧.୩୦ ସମୟରେ ଅଭିଯୋଗକାରିଣୀ ଘରେ ରୋଷେଇ କରୁଥିବା ସମୟରେ ଅଭିଯୁକ୍ତ ସ୍ୱାମୀ ଏକ ଇଟା ସାହାର୍ଯ୍ୟରେ ତାଙ୍କ ମୁଣ୍ଡକୁ ଛେଚି ମରଣାନ୍ତକ ଆକ୍ରମଣ କରିଥିଲା। ଆକ୍ରମଣ ଫଳରେ ପୀଡ଼ିତାଙ୍କ ମୁଣ୍ଡଫାଟି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ପରେ ଏନେଇ ଅଭିଯୋଗକାରିଣୀ ଲିଙ୍ଗରାଜ ଥାନାରେ ଅଭିଯୋଗ କରିଥିଲେ।

# ରାଜଧାନୀରେ ୨୪ ଘଣ୍ଟା ଜଳ ଯୋଗାଣ ବନ୍ଦ

**ଭୁବନେଶ୍ୱର,୧୭।୧୦ (ସଂଚାର ବ୍ୟୁରୋ):** ମୁଖ୍ୟ ଜଳ ଯୋଗାଣ ପାଇପ୍ ମରାମତି ଯୋଗୁ ମୁଣ୍ଡଳିରୁ ଜଳ ଯୋଗାଣ ବନ୍ଦ କରାଯାଉଥିବାରୁ ଶୁକ୍ରବାର ଅପରାହ୍ଣ ୨ଟାରୁ ଶନିବାର ଅପରାହ୍ଣ ୨ଟା ଯାଏଁ ଭୁବନେଶ୍ୱରର ଅଧିକାଂଶ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ବନ୍ଦ ରହିବ। ତେଣୁ ଜଳ ସଞ୍ଚୟ କରି ରଖିବା ପାଇଁ ୱାଟ୍‌କୋ-୧ ମହାପ୍ରବନ୍ଧକ ରାଜଧାନୀବାସୀଙ୍କୁ ଅନୁରୋଧ କରିଛନ୍ତି।



ଘାଟିକିଆ, ପୋଖରୀପୁଟ, ହାଇ ଲେଭେଲ୍ ଟ୍ୟାଙ୍କ, ନୟାପଲ୍ଲୀ ଅଞ୍ଚଳ, ଚନ୍ଦ୍ରଶେଖରପୁର ଆଦି ଅଞ୍ଚଳରେ ଜଳଯୋଗାଣ ବନ୍ଦ ରହିବ। ଏଥିପାଇଁ ରାଜଧାନୀବାସୀ ସହଯୋଗ କରିବାକୁ ପ୍ରେସ୍ ରିଲିଜ୍ ଜାରି କରି ୱାଟ୍‌କୋ-୧ ମହାପ୍ରବନ୍ଧକ ନିବେଦନ କରିଛନ୍ତି।

ଘାଟିକିଆ ଅଞ୍ଚଳର କଳିଙ୍ଗନଗର, ପାତ୍ରପଡ଼ା, ଭରତପୁର, ଶାମପୁର, ଘାଟିକିଆ, ଖଣ୍ଡଗିରିବାରି, ଖଣ୍ଡଗିରି ବିହାର, କୋଳଥିଆ, ଆଇଗିଣିଆ, ବରମୁଣ୍ଡା, ଜଗନ୍ନାଥ ବିହାର, ରେଷ୍ଟାଲ କଲୋନୀ, ସିଆର୍‌ପିଫ୍ ଅଞ୍ଚଳ, ଏକମ୍ର ଭିଲ୍ଲା, ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଅଞ୍ଚଳ, ତପୋବନ, ଏମ୍ସନଗର, ଏମ୍‌ସ ହସ୍ପିଟାଲ୍‌ରେ ଜଳ ଯୋଗାଣ ବନ୍ଦ ରହିବ। ଏଥିପାଇଁ ମ୍ୟାନେଜର ଘଟିକିଆ ମୋ ନଂ-୯୮୬୧୦୬୨୪୧୧ଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

ପୋଖରୀପୁଟ ଅଞ୍ଚଳର ଯଦୁପୁର, ଡୁମ୍‌ଡୁମା ଗାଁ, ଡୁମ୍‌ଡୁମା ହାଉସିଂ ବୋର୍ଡ କଲୋନୀ, ଜାଗମରା, ଜଗମୋହନ ନଗର, ଧର୍ମ ବିହାର, ଗଣ୍ଡମୁଣ୍ଡା, ଭକ୍ତମଧୁ ନଗର, ଅନନ୍ତ ବିହାର, ଲିଙ୍ଗରାଜ ବିହାର, କାରଗିଲ ବସ୍ତି, କପିଳ ପ୍ରସାଦ ଗାଁ, କପିଳ ପ୍ରସାଦ ବିଡିଏ କଲୋନୀ, ସୁନ୍ଦରପଦା, ବରମୁଣ୍ଡା ଗାଁ, କ୍ରିଷ୍ଣା ଗାର୍ଡେନ୍, ମଲ୍ଲିକ କମ୍ପ୍ଲେକ୍ସ, ସିଦ୍ଧି ବିହାର, ସୌଭାଗ୍ୟ ନଗର, ଶତାବ୍ଦୀ ନଗରରେ ଜଳ ଯୋଗାଣ ବନ୍ଦ ରହିବ। ଅଧିକ ସୂଚନା ପାଇଁ ମ୍ୟାନେଜର ପୋଖରୀପୁଟ ମୋ-୯୮୬୧୦୬୨୪୧୧ରେ ଯୋଗାଯୋଗ କରିବାକୁ କୁହାଯାଇଛି।

ହାଇ ଲେଭେଲ୍ ଟ୍ୟାଙ୍କ ଅଞ୍ଚଳ ଅନ୍ତର୍ଗତ ଏରୋଡ୍ରମ୍ ଏରିଆ, ଭିମ୍‌ପୁର, ପଳାସପଲ୍ଲୀ, ଫରେଷ୍ଟପାର୍କ, ଶିରିପୁର, ଗଙ୍ଗନଗର, ୟୁନିଟ୍-୧୦ାରୁ ୮(ଆଂଶିକ)ରେ ଜଳ ଯୋଗାଣ ବନ୍ଦ ରହିବ। ଏ ସଂକ୍ରାନ୍ତରେ ସୂଚନା ପାଇଁ ମ୍ୟାନେଜର, ହାଇଲେଭେଲ ଟ୍ୟାଙ୍କ ମୋ- ୯୪୩୭୨୭୯୦୫୬ ସହିତ ଯୋଗାଯୋଗ କରିବା କୁହାଯାଇଛି।

ନୟାପଲ୍ଲୀ ଅଞ୍ଚଳ ଅନ୍ତର୍ଗତ ଆଇଆର୍‌ସି ଭିଲେଜ, ଏନ୍-୧ରୁ ଏନ୍ ୬, ନୟାପଲ୍ଲୀ ଗାଁ, କାବେରୀ ବସ୍ତି, ଗଡସାହି ବସ୍ତି, ନୀଳକଣ୍ଠ ନଗର, ବାଲିପଦା ସାହି, ଆନନ୍ଦ ବିହାର, ସୀତାପୁର ବସ୍ତି, ଶାସ୍ତ୍ରୀ ନଗରରେ ଜଳଯୋଗାଣ ପ୍ରଭାବିତ ହେବ। ଅଧିକ ବିବରଣୀ ପାଇଁ ମ୍ୟାନେଜର ନୟାପଲ୍ଲୀ ମୋ-୮୪୫୬୦୨୦୭୧୧ରେ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

ସେହିପରି ଚନ୍ଦ୍ରଶେଖରପୁର ଅଞ୍ଚଳ ଅନ୍ତର୍ଗତ ନୀଳାଦ୍ରିବିହାର, ସାଲିଆ ସାହି ଓ ମୈତ୍ରୀ ବିହାର ଜଳ ଯୋଗାଣ ବନ୍ଦ ରହିବ। ଅଧିକ ବିବରଣୀ ପାଇଁ ମ୍ୟାନେଜର ଚନ୍ଦ୍ରଶେଖରପୁର ମୋ-୯୩୪୮୦୩୯୨୦୬ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

ଏସବୁ ଅଞ୍ଚଳରେ ୨୪ ଘଣ୍ଟା ପାନୀୟ ଜଳ ଯୋଗାଣ ବନ୍ଦ ରହିବ। ଅସୁବିଧା ପାଇଁ ଆମେ ଦୁଃଖିତ ବୋଲି ପ୍ରେସ୍ ରିଲିଜ୍ ଜାରି କରି ଦୁଃଖ ପ୍ରକାଶ କରିଛନ୍ତି ୱାଟ୍‌କୋ-୧ ମହାପ୍ରବନ୍ଧକ।

## ପରିବର୍ତ୍ତନର ସଜ୍ଞା କହିଲେ ଆଇନ ମନ୍ତ୍ରୀ

**ଭୁବନେଶ୍ୱର,୧୭।୧୦ (ସଂଚାର ବ୍ୟୁରୋ):** ପୂର୍ବତନ ବିଜେଡି ସରକାରରେ ମନ୍ତ୍ରୀ ଓ ବାବୁମାନେ ବିମାନରେ ବୁଲୁଥିଲେ। ହେଲେ ଏବେକାର ସରକାରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଧାରଣ ଭାବେ ଯାତ୍ରା କରୁଛନ୍ତି। ଚାଟାର୍ଡ ଫ୍ଲାଇଟ ବଦଳରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସାଧାରଣ ବିମାନରେ ସାଧାରଣ ଯାତ୍ରୀଙ୍କ ସହ ଯାଉଛନ୍ତି। ଏହା ହିଁ ପରିବର୍ତ୍ତନ ବୋଲି ମନ୍ତବ୍ୟ ଦେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପୂର୍ବତନ ନବୀନ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ପୂର୍ବ ସରକାରରେ ମନ୍ତ୍ରୀ ଓ ବାବୁମାନେ ବିମାନ ବୁଲାରେ ବହୁ ଅର୍ଥ ଖର୍ଚ୍ଚ କରିଛନ୍ତି। ଏପରିକି ଦଳୀୟ ମିଟିଂ ପାଇଁ ହେଲିକପ୍ଟର ଓ ପ୍ଲେନରେ ଯାଉଥିଲେ। କିନ୍ତୁ ଏବେକାର ସରକାର ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସାଧାରଣ ଭାବେ ଚଳିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯେପରି ସାଧାରଣ ଲୋକେ ବଞ୍ଚନ୍ତି ସେପରି ମୁଖ୍ୟମନ୍ତ୍ରୀ ଓ ପୂରା ସରକାର ସେମିତି ଚଳୁଛନ୍ତି। ସୂଚନାଯୋଗ୍ୟ, ନିର୍ବାଚନ ପୂର୍ବରୁ ପାଣ୍ଡିଆନ ହେଲିକପ୍ଟର ଯୋଗେ ବିଭିନ୍ନ ଜିଲା ଗସ୍ତ କରିଥିଲେ। ଏଥିଲାଗି ଅନେକ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ହେଲେ ସୂଚନା ଅଧିକାର କର୍ମୀ ଏନେଇ କେତେ ଅର୍ଥ ଖର୍ଚ୍ଚ ହୋଇଛି ବୋଲି ଆର୍‌ଟିଆଇ ଜରିଆରେ ତଥ୍ୟ ମାଗିବାରୁ ତାର ହିସାବ ଚାଲିଥିବା ସରକାର ଉତ୍ତର ରଖିଛନ୍ତି, ଯାହାକୁ ନେଇ ଏବେ ରାଜନୀତି ଜୋର୍ ଧରିବାରେ ଲାଗିଛି। ନିକଟରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଧ୍ୟ ଏହି ଘଟଣାରେ ତଦନ୍ତ ଚାଲିଛି, କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଥିଲେ।




ପ୍ରଧାନମନ୍ତ୍ରୀଙ୍କୁ ସେବାୟତଙ୍କ ଚିଠି

## ଖାଣ୍ଟି ଗୁଆ ଘିଅରେ ପ୍ରସ୍ତୁତ ହେଉ ମହାପ୍ରସାଦ

**ପୁରୀ, ୧୭।୧୦ (ସଂଚାର ବ୍ୟୁରୋ):** ଶ୍ରୀମନ୍ଦିରରେ ଓମ୍‌ଫେଡ୍ ବଦଳରେ ଗୁଆ ଘିଅରେ ମହାପ୍ରସାଦ ପ୍ରସ୍ତୁତି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଚିଠି ଲେଖିଲେ ସୁଆର ମହାସୁଆର ନିଯୋଗର ସଦସ୍ୟ । ଓମଫେଡ୍ ପରିବର୍ତ୍ତେ ଶୁଦ୍ଧ ଗୁଆ ଘିଅରେ ମହାପ୍ରସାଦ ପ୍ରସ୍ତୁତ ପାଇଁ ସେବାୟତ ଚିଠି ଲେଖିଛନ୍ତି। ଶୁଦ୍ଧ ଦେଶୀ ଗାଈ ଘିଅ, କ୍ଷୀର, ଲହୁଣୀ ଓ ଦହିର ଉତ୍ପାଦନ ଲାଗି ଶ୍ରୀମନ୍ଦିର ପ୍ରଶାସନ ତରଫରୁ ମହାପ୍ରଭୁଙ୍କ ଅମୃତ ମଣୋହି ଜମିରେ ଏକ ଗାଈ ଫାର୍ମ ନିର୍ମାଣ କରିବାକୁ ପ୍ରଧାନମନ୍ତ୍ରୀଙ୍କୁ ସେବାୟତ ଚିଠି ଲେଖିଛନ୍ତି । ମହାପ୍ରଭୁଙ୍କ ନାମରେ ଗଚ୍ଛିତ ରହିଥିବା ଅର୍ଥରେ ଗୋଶାଳା ବା ଡାଏରୀ ଫାର୍ମ ପରିଚାଳନା କରିବାକୁ ଚିଠିରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜଗନ୍ନାଥ ମନ୍ଦିରରେ ମହାପ୍ରସାଦ ପ୍ରସ୍ତୁତ ଏବଂ ଦୀପରେ ମଧ୍ୟ ଓମ୍‌ଫେଡ୍ ଘିଅ ବ୍ୟବହାର କରିବାକୁ ନିଷ୍ପତ୍ତି ହୋଇଥିଲା। ମୁଖ୍ୟ ପ୍ରଶାସକ ଶ୍ରୀମନ୍ଦିରରେ ଓମ୍‌ଫେଡ ଘିଅରୁ ମହାପ୍ରସାଦ ପ୍ରସ୍ତୁତି ନେଇ ଚିଠି ଲେଖିଥିଲେ। ଆବଶ୍ୟକତା ଦୃଷ୍ଟିରୁ ସ୍ୱତନ୍ତ୍ର ଡିପୋ ବ୍ୟବସ୍ଥା ପାଇଁ ଓମ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକଙ୍କୁ ସେ ଚିଠିରେ ଉଲ୍ଲେଖ କରିଥିଲେ। ମହାପ୍ରସାଦ ପ୍ରସ୍ତୁତି ଓ ଦୀପରେ କେବଳ ଓମ୍‌ଫେଡ୍ ଘିଅ ବ୍ୟବହାର କରାଯିବ। ଘିଅ ଦାମ ହ୍ରାସ ପାଇଁ ନିଯୋଗ ଅନୁରୋଧ କରିଥିବା ଜଣାଇଥିଲେ। ଶ୍ରୀମନ୍ଦିର ଭିତରକୁ ଅନ୍ୟ ଘିଅ ନେଲେ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦିଆଯାଇଥିଲା। ଏହା ପରେ ସୁଆର ମହାସୁଆର ନିଯୋଗ ସମିତି ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଏଭଳି ଚିଠି ଲେଖାଯାଇଛି।

ବିଜେଡିରେ ସ୍ଥିତି ଅଣାୟତ୍ତ

# ଆଗକୁ ବହୁ ଏମ୍‌ପି ଦଳ ଛାଡ଼ିବେ

**ଭୁବନେଶ୍ୱର,୧୭।୧୦ (ସଂଚାର ବ୍ୟୁରୋ):** ତେଜୁଛି ବିଜେଡି କଳି। କେତେବେଳେ ଗଞ୍ଜାମ ତ କେତେବେଳେ ଭୁବନେଶ୍ୱର। ବିଜେଡି ନେତାଙ୍କ ବୟାନବାଜିକୁ ନେଇ ସରଗରମ ହେଲାଣି ରାଜ୍ୟ ରାଜନୀତି। ବିଜେଡି ପରାଜୟକୁ ନେଇ ପ୍ରଶ୍ନ କରିଥିବା ବରିଷ୍ଠ ନେତା ଅମର ଶତପଥୀ ଦଳ ପାଇଁ ବଡ଼ ଭବିଷ୍ୟବାଣୀ କରିଛନ୍ତି। ଆଗକୁ ବିଜେଡିରେ ଅନେକ କିଛି ଘଟିବାକୁ ଯାଉଛି। ବହୁ ନେତା ବିଜେଡି ଛାଡିବେ।

ସେ କହିଛନ୍ତି, ବିଜେଡି ଛାଡ଼ିପାରନ୍ତି ଆଉ କିଛି ରାଜ୍ୟସଭା ଏମପି ।ଆଉ କିଛି ଏମ୍‌ପି ଦଳ ଛାଡ଼ିପାରନ୍ତି ।ଦଳରେ ପୂର୍ବରୁ ଅସନ୍ତୋଷ ଥିଲା, କିନ୍ତୁ କେହି ମୁହଁ ଖୋଲୁ ନ ଥିଲେ । ମୁଁ କହିବା ଆରମ୍ଭ କରିବାରୁ ଅନେକ ମୁହଁ ଖୋଲୁଛନ୍ତି। ଦଳରେ ଅସନ୍ତୋଷ ଅଛି, ଏଥିରେ ଦ୍ୱିମତ ନାହିଁ । ୨ ଜଣ ରାଜ୍ୟସଭା ଏମପିଙ୍କ ପରେ ଆଉ କିଛି ସାଂସଦ ବି ଦଳ ଛାଡ଼ିପାରନ୍ତି । ମୋ ମୂଳ ପ୍ରଶ୍ନ ଉତ୍ତର କେହି ଦେଲେନି, ସଭାପତି ମୁହଁ ଖୋଲୁନାହାନ୍ତି। ଯେଉଁମାନେ ବୟାନବାଜି କରୁଛନ୍ତି, ସେମାନେ ଦଳର କ୍ଷତି ଘଟାଉଛନ୍ତି ବୋଲି ଅମର କହିଛନ୍ତି। ବରିଷ୍ଠ ନେତା ଶ୍ରୀ ଶତପଥୀ ଆଗକୁ ବିଜେଡିରେ ଅନେକ କିଛି ଘଟିବାକୁ ଯାଉଥିବା କହିଛନ୍ତି । ନେତାମାନେ ଅରୁଚିକର ଓ ଅପରିପକ୍ୱ ମନ୍ତବ୍ୟ ଦେଉଛନ୍ତି, ତାଙ୍କ ପ୍ରତି ଦୟା ଆସୁଛି। ଯେଉଁମାନେ ବିଜେଡି ଗଠନରେ ନ ଥିଲେ, ଇତିହାସ ଜାଣିନାହାନ୍ତି, ସେମାନେ କ୍ୟାମେରା ସାମନାରେ ବହୁତ କଥା କହୁଛନ୍ତି। ବାସ୍ତବତା ଓ ବୟାନବାଜି ଭିତରେ ଦୂରତା ବଢିଗଲାଣି। ପୁଞ୍ଜିଭୂତ ଅସନ୍ତୋଷ ରହିଛି, ଅନେକ କହୁନାହାନ୍ତି । ବ୍ୟକ୍ତିଗତ ଭାବେ ତାଙ୍କ ସହ ଯୋଗାଯୋଗ ଥିବା ନେତାଙ୍କ ଭିତରେ ଅସନ୍ତୋଷ ରହିଛି। ଦଳରେ ଅସନ୍ତୋଷ ରହିଛି, ଏଥିରେ ଦ୍ୱିମତ ନାହିଁ। ଦୁଇ ରାଜ୍ୟସଭା ସାଂସଦଙ୍କ ପରେ ଅନେକ ଦଳ ଛାଡି ପାରନ୍ତି। ଏ ଅବସ୍ଥା ପାଇଁ କିଏ ଦାୟୀ, ସେନେଇ ରାଜ୍ୟ ସଭାପତି କହିବା ଉଚିତ ବୋଲି ଅମର କହିଛନ୍ତି।



ଅମରଙ୍କ ବୟାନକୁ ନେଇ ଗତ କିଛି ଦିନ ହେଲା କଥା କଟାକଟି ଚାଲିଛି। ଅମର ଚାହିଁଲେ ଦଳ ଛାଡି ଯାଇପାରିବେ ବୋଲି କହିଥିଲେ ବିଜେଡି ମୁଖପାତ୍ର ଲେନିନ ମହାନ୍ତି । ଜବାବରେ ଦଳରେ ନଥିବା କହିଥିଲେ ଅମର । ଏବେ ପୁଣି ଅମର ଭବିଷ୍ୟବାଣୀ କରିଛନ୍ତି। କେବଳ ଅମର ଶତପଥୀ ନୁହନ୍ତି, ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଛି ବିଜେଡିର ଅନ୍ତକନ୍ଦଳ। ପୂର୍ବତନ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ସିଧାସଳଖ ଆସିକା ଲୋକସଭା ପ୍ରାର୍ଥୀ ରଞ୍ଜିତା ସାହୁଙ୍କୁ ଟାର୍ଗେଟ୍ କରିଥିଲେ ତ ଭୁବନେଶ୍ୱର ବିଜେଡି କଳି ଥାନାରେ ପହଞ୍ଚିଥିଲା । ବାରବାଟୀ-କଟକ ବିଜେଡିରେ ବି ଅନ୍ତକନ୍ଦଳ । ନବୀନଙ୍କ ଜନ୍ମଦିନ ପାଳନ କାର୍ଯ୍ୟକ୍ରମରେ କଟକ ମେୟର ସୁବାସ ସିଂ ଓ ତାଙ୍କ ସମର୍ଥକ କର୍ପୋରେଟର ସାମିଲ ନହେବା ଦଳ ଭିତର ଅନ୍ତକନ୍ଦଳକୁ ପଦାରେ ପକାଇଛି । ପୂର୍ବରୁ ଦଳ ବିରୋଧରେ ପଦେ କହିବାକୁ ଡରୁଥିବା ନେତା ଏବେ ଖୋଲାଖୋଲି ବିଷ ଓଗାଳୁଛନ୍ତି। ଯିଏ ଦଳ ଛାଡିଲେ ବି କିଛି ଫରକ ପଡିବନି ବୋଲି ଦେବାଶିଷ ସାମନ୍ତରାୟ ଯେତେ ଦମ୍ଭରେ କହିଲେ ବି, ସତ ଭିନ୍ନ । ଦଳର ପ୍ରତିଷ୍ଠାତା ସଦସ୍ୟ ରହିଥିବା ବରିଷ୍ଠ ନେତା ବିଜେଡି ବିରୋଧରେ କହିବା ହେଉ କି ଦଳର ନେତ୍ରୀ ଅନ୍ୟ ଜଣେ ନେତ୍ରୀଙ୍କୁ ବିଭୀଷଣ କହିବା ହେଉ, ଏସବୁ ପ୍ରମାଣିତ କରୁଛି ବିଜେଡିରେ ସବୁକିଛି ଠିକ୍ ନାହିଁ । ବିଜେଡିରେ ବୟାନବାଜିରେ ଲଗାମ ଲଗାଇବା ସହ ନେତାଙ୍କୁ ଏକାଠି କରିବା ଏବେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ । ଦଳ ଭିତରେ କଳି ତୁଟାଇ ନେତାଙ୍କ ଅସନ୍ତୋଷ ନେଇ ସିଧାସଳଖ କଥା ହୁଅନ୍ତୁ ନବୀନ । କାରଣ ଏମିତି ନହେଲେ ଅମର ଶତପଥୀଙ୍କ ଭବିଷ୍ୟବାଣୀ ସତ ହେବାର ଆଶଙ୍କା ରହିଛି।

# ସାତକୋଶିଆକୁ ଆସିବେ ୧୪ ମହାବଳ

**ଭୁବନେଶ୍ୱର,୧୭।୧୦ (ସଂଚାର ବ୍ୟୁରୋ):** ବାଘଶୂନ୍ୟ ହୋଇପଡ଼ିଥିବା ସାତକୋଶିଆ ଅଭୟାରଣ୍ୟରେ ବିଚରଣ କରିବେ ମହାବଳ। ଖୁବ୍ ଶୀଘ୍ର ସାତକୋଶିଆକୁ ଆସିବେ ୧୨ରୁ ୧୪ ମହାବଳ ବାଘ । ଏହା ପୂର୍ବରୁ ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟକୁ ପାଟ୍ରୋଲିଂ ପାଇଁ ୧୨ ଅତ୍ୟାଧୁନିକ ଭ୍ୟାନ ଯୋଗାଇ ଦିଆଯାଇଛି।

ବନ୍ୟପ୍ରାଣୀ ପିସିସିଏଫ ସୁଶାନ୍ତ ନନ୍ଦ କହିଛନ୍ତି, ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ)ଙ୍କ ଟାଇଗର ରିକଭରି ଯୋଜନାକୁ ୫ ବର୍ଷ ଭିତରେ କାର୍ଯ୍ୟକାରୀ କରାଯିବ। ୨୦୦୭ ମସିହାରେ ସାତକୋଶିଆରେ ୧୩ରୁ ୧୫ ବାଘ ଥିବା ବେଳେ ଏବେ ଏହା ବାଘଶୂନ୍ୟ ହୋଇଯାଇଛି । ତେଣୁ ଟାଇଗର ରିକଭରି ପ୍ଲାନ ଅନୁଯାୟୀ ବାଘ ଆଣିବାକୁ ଯୋଜନା ଅଛି ବୋଲି କହିଛନ୍ତି ପିସିସିଏଫ୍।

ଏହି ଯୋଜନା କେବଳ ସ୍ଥାନୀୟ ଲୋକଙ୍କ ସହାୟତାରେ ହିଁ ସଫଳ ହୋଇପାରିବ ବୋଲି ସେ କହିଛନ୍ତି। ସାତକୋଶିଆର କୋର ଏରିଆ ଏବେ ଖାଲି ହୋଇଗଲାଣି । ଅଭୟାରଣ୍ୟର ଅନ୍ୟ ଅଞ୍ଚଳରୁ ଲୋକେ ସ୍ୱଇଚ୍ଛାରେ ସ୍ଥାନାନ୍ତର ହେବା ପରେ ପ୍ରକଳ୍ପ ଆରମ୍ଭ ହୋଇପାରିବ। ଏଥିପାଇଁ ସ୍ଥାନୀୟ ଲୋକ ଓ ଲୋକପ୍ରତିନିଧିଙ୍କ ସହାୟତା ଆବଶ୍ୟକ। ଯୋଜନା କାର୍ଯ୍ୟକାରୀ କରାଯିବାର ପ୍ରଥମ ପଦକ୍ଷେପ ସ୍ୱରୂପ ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟକୁ ମିଳିଛି ୧୨ଟି ଅତ୍ୟାଧୁନିକ ପାଟ୍ରୋଲିଂ ଭ୍ୟାନ । ଏହାସହ ବାଲୁଖଣ୍ଡ ଅଭୟାରଣ୍ୟ ଓ କପିଳାସ ଅଭୟାରଣ୍ୟକୁ ମଧ୍ୟ କେତେକ ପାଟ୍ରୋଲିଂ ଗାଡ଼ି ପ୍ରଦାନ କରାଯାଇଛି। ଅଭୟାରଣ୍ୟର ରେଞ୍ଜ ଅଫିସ ଦକ୍ଷତା ବଢ଼ାଇବା ପାଇଁ ଦିଆଯାଇଛି ଏସବୁ ଅତ୍ୟାଧୁନିକ ପାଟ୍ରୋଲିଂ ଗାଡ଼ି। ଜୀବଜନ୍ତୁଙ୍କ ସୁରକ୍ଷାରେ ଏସବୁ ପାଟ୍ରୋଲିଂ ଭ୍ୟାନ ନିୟୋଜିତ ହେବ।

୫ ବର୍ଷରେ କାର୍ଯ୍ୟକାରୀ ହେବ ଟାଇଗର ରିକଭରି ଯୋଜନା



ଭ୍ୟାନରେ ଜିପିଏସ୍ ନେଭିଗେସନ ସହ ବନ୍ୟପ୍ରାଣୀଙ୍କ ଉଦ୍ଧାର ପାଇଁ ମଧ୍ୟ ବ୍ୟବସ୍ଥା ରହିଛି। ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସମ୍ବଲପୁରସ୍ଥିତ ଡେବ୍ରିଗଡ଼ ଅଭୟରଣ୍ୟରେ ମଧ୍ୟ ଏଭଳି ଅତ୍ୟାଧୁନିକ ପେଟ୍ରୋଲିଂ ଭ୍ୟାନ୍ ଯୋଗାଇ ଦିଆଯିବ ନେଇ ବିଚାର ବିମର୍ଷ ଚାଲିଛି।

ଏହାସହିତ ଭୁବନେଶ୍ୱରସ୍ଥିତ ଭରତପୁର ଅଭୟାରଣ୍ୟ ନିକଟରେ ଏହି ପାଟ୍ରୋଲିଂ ଗାଡ଼ିର ଶୁଭାରମ୍ଭ କରିଛନ୍ତି ଜଙ୍ଗଲ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏବଂ ପିସିସିଏଫ୍ ସୁଶାନ୍ତ ନନ୍ଦ।

## ଚଣ୍ଡୀ ମନ୍ଦିରରେ ପଲିଥିନ କଟକଣାକୁ ଫୁଁ



**କଟକ,୧୭।୧୦ (ସଂଚାର ବ୍ୟୁରୋ):** ସରକାରୀ ନିର୍ଦ୍ଦେଶକୁ ଅବମାନନା କରି ପ୍ରସିଦ୍ଧ କଟକ ଚଣ୍ଡୀ ମନ୍ଦିରରେ ପଲିଥିନ ବ୍ୟବହାର କରାଯାଉଛି। ପ୍ରଶାସନ ଜାଣୁଥିଲେ ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ପଲିଥିନ ବ୍ୟବହାର ବୃଦ୍ଧି ପାଉଛି। ମନ୍ଦିରରେ କଟକଣାକୁ ବେଖାତିର କରି ଭୋଗ ପଲିଥିନରେ ଭକ୍ତଙ୍କୁ ବିକ୍ରୀ କରାଯାଉଥିବା ବେଳେ କଟକ ମହାନଗର ନିଗମ, ଦେବୋତ୍ତର ବିଭାଗ ନୀରବଦ୍ରଷ୍ଟା ସାଜୁଛି।

# ଅନିଶ୍ଚିତତାରେ ଝୁଲୁଛନ୍ତି ଛଅ ଶହ କର୍ମଚାରୀ

**ଭୁବନେଶ୍ୱର, ୧୭।୧୦ :** ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧିନରେ ଥିବା ପୌରସଂସ୍ଥା ଓ ବିଭିନ୍ନ ପ୍ରକଳ୍ପରେ କାର୍ଯ୍ୟରତ ୬୦୦ରୁ ଅଧିକ ଠିକା କର୍ମଚାରୀ (ପ୍ରଫେସନାଲ) ଏବେ ଅନିଶ୍ଚିତତାରେ ଝୁଲି ରହିଛନ୍ତି। ଦୁଇ ମାସ ଧରି ପାଉଣା ପାଉନଥିବାବେଳେ କାମ କିନ୍ତୁ ନିୟମିତ ଭାବେ ଜାରି ରଖିଛନ୍ତି। ଏହି କର୍ମଚାରୀମାନେ ବିନା ପାଉଣାରେ କେତେ ଦିନ କାମ କରିବେ ଓ ଅଗାମୀ ଦିନରେ ଏମାନେ କାର୍ଯ୍ୟ କରିବେ କି ନାହିଁ ତାହା ଏବେ ବଡ ପ୍ରଶ୍ନ ହେଲାଣି।




ରାଜ୍ୟର ବିଭିନ୍ନ ପୌରସଂସ୍ଥାରେ ଚଳାଯାଉଥିବା ଉନ୍ନୟନମୂଳକ କାର୍ଯ୍ୟର ସମ୍ପାଦନ ଓ ତଦାରଖ ପାଇଁ ୬୦୦ରୁ ଅଧିକ କର୍ମଚାରୀ ନିଯୁକ୍ତି ହେଇଛନ୍ତି। ଏମାନେ ବିଭିନ୍ନ ସଂସ୍ଥା ଜରିଆରେ ନିଯୁକ୍ତ ହୋଇଥିବାବେଳେ ସମ୍ପୃକ୍ତ ସଂସ୍ଥାଗୁଡିକ ଏଥିପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସହିତ ରାଜିନାମା କରିଥିଲେ। ତେବେ ଏହି ରାଜିନାମା ୨୦୨୩ ସେପ୍ଟେମ୍ବର ମାସରୁ ସରିଥିବାବେଳେ କାର୍ଯ୍ୟର ଗୁରୁତ୍ୱକୁ ଉପଲବ୍ଧି କରି ସରକାର ୬ମାସ କରି ଦୁଇ ପର୍ଯ୍ୟାୟରେ ଚୁକ୍ତି ଅବଧି ବୃଦ୍ଧି କରିଥିଲେ। ତଦନୁଯାୟୀ ଚଳିତବର୍ଷ ସେପ୍ଟେମ୍ବର ୩୦ ତାରିଖରେ ସମ୍ପ୍ରସାରିତ ଚୁକ୍ତି ଅବଧି ଶେଷ ହୋଇଛି।

ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିଥିବା ଏହି ଠିକା କର୍ମଚାରୀମାନେ ଅକ୍ଟୋବର ପ୍ରଥମରେ ସେମାନଙ୍କର ପାଉଣା ପାଇବାକଥା। ହେଲେ ଏମାନଙ୍କର ନିଯୁକ୍ତିଦାତା ଦୁଇଟି ସଂସ୍ଥା ସିଇଡି ଓ ଭେଞ୍ଚର ସେମାନଙ୍କୁ ପାଉଣା ନଦେଇ ବିଭିନ୍ନ ପ୍ରକାର ହିସାବ ମାଗିଥିବା ଜଣାଯାଇଛି। ଏଣେ କିନ୍ତୁ ଏହି ଛଅଶହ କର୍ମଚାରୀ ବିନା ପାଉଣାରେ ଏବେ ବି ପୌରସଂସ୍ଥାଗୁଡିକରେ ପୂର୍ବଭଳି ସେମାନଙ୍କର କାର୍ଯ୍ୟ ଜାରି ରଖିଛନ୍ତି। ତେବେ ଏହା କେତେଦିନ ଜାରି ରହିବ ତାହା ପ୍ରଶ୍ନବାଚୀ ହେଲାଣି। କାରଣ ସହରାଞ୍ଚଳରେ ଘରଭଡା ନେଇ ପିଲାଛୁଆଙ୍କୁ ଧରି ରହୁଥିବା ଏହି ସ୍ୱଳ୍ପ ବେତନଭୋଗୀ କର୍ମଚାରୀମାନେ ବିନା ପାଉଣାରେ କେତେଦିନ ଚଳିବେ ତାହା କହିବା କଷ୍ଟକର।

ଏଣେ କିନ୍ତୁ ମାଗଣାରେ ଖଟୁଥିବା ଏହି କର୍ମଚାରୀମାନେ ଚାକିରି ଛାଡିଦେଲେ ପୌରାଞ୍ଚଳରେ ବିଭିନ୍ନ ପ୍ରକଳ୍ପ ଅଧାରେ ଅଟକିବା ସହିତ ଅଚଳ ହୋଇଯିବ ବୋଲି କେତେ ପୌରସଂସ୍ଥା ନଗର ଉନ୍ନୟନ ବିଭାଗକୁ ଅବଗତ କରିସାରିଲେଣି। ଉଲ୍ଲେଖନୀୟ ଯେ ବିଭିନ୍ନ ପୌରସଂସ୍ଥାରେ ମୁକ୍ତା ସହିତ ଆହାର ଓ ବିଜୁଳି ଏବଂ ଅନେକ ଦାରିଦ୍ର୍ୟ ଦୂରୀକରଣ ଯୋଜନା କାର୍ଯ୍ୟକାରୀ ହେଉଛି। ଏଥିରେ ଅନେକ ଯୋଜନା ଦୀର୍ଘମିଆଦୀ ଭିତ୍ତିରେ ସରକାର ଚଳାଉଛନ୍ତି। ଏହିସବୁ କାର୍ଯ୍ୟର ଦାୟିତ୍ୱ ପ୍ରଫେସନାଲମାନଙ୍କ ଉପରେ ରହିଛି।

ପୌରାଞ୍ଚଳର ବିକାଶ ପାଇଁ ବ୍ୟୟ ହେଉଥିବା ଅର୍ଥର ସିଂହଭାଗ କେନ୍ଦ୍ର ସରକାର ଜାତୀୟ ସହରାଞ୍ଚଳ ଜୀବିକା ମିଶନ (ଏନୟୁଏଲଏମ) ଯୋଜନା ଜରିଆରେ ଯୋଗାଇଥାନ୍ତି। ବର୍ତ୍ତମାନ ଏହି ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ବିଭିନ୍ନ ରାଜ୍ୟକୁ ମଞ୍ଜୁରୀ ହେବ। ତେବେ ଓଡ଼ିଶାକୁ ଏ ସଂକ୍ରାନ୍ତୀୟ ଅନୁମତି ପହଞ୍ଚିନଥିବାରୁ ସରକାର ଏକ ପ୍ରକାର ହାତଟେକି ଦେଇଛନ୍ତି। ତେବେ ପୂର୍ବରୁ ଏଭଳି ସ୍ଥିତିରେ ବିଭାଗର ଦକ୍ଷ ଅଧିକାରୀମାନେ କୌଣସି ପ୍ରକାରେ କାମ ଚଳାଇ ନେଉଥିବାବେଳେ ଏବେ କିନ୍ତୁ ବିଚିତ୍ର ସ୍ଥିତି ଉପୁଜିଛି। ଗୋଟିଏ ପଟେ ଛଅଶହ କର୍ମଚାରୀ ବିନା ପାଉଣାରେ ଖଟୁଥିବାବେଳେ ଅନ୍ୟପଟେ ଏହି ପ୍ରକଳ୍ପଗୁଡିକ ସହ ଜଡିତ ଅଧିକାରୀମାନେ କୌଣସି ନିଷ୍ପତ୍ତି ନେଇପାରୁ ନାହାନ୍ତି। ତେଣେ କାମ କରିଥିବା ଦିନର ପାଉଣା ଏହି କର୍ମଚାରୀମାନେ କିଭଳି ପାଇବେ ସେ ନେଇ ମଧ୍ୟ ବିଭାଗ କୌଣସି ପଦକ୍ଷେପ ଗ୍ରହଣ ନକରିବା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। (ତଥ୍ୟ)

**CHANGE OF NAME**

I Bidulata Tripathy, aged about 74, W/o: Balaram Mishra, Resident of Plot No. 1051, Badagada, Nuasahi, Po: BJB Nagar, Ps.: Badagada, Bhubaneswar-751018, Dist: Khordha, Aadhar No. 459626291487 do here by solemnly affirm and state as my name in the landed property document of mouza: Shyampur, Khata No. 233/681 written as Bidulata Mishra. But in my Adhar char, PAN card & Voter Card written as Bidulata Tripathy. That Bidulata Tripathy & Bidulata Mishra is one and same person i.e. myself. Affidavit dt.15.10.2024 Notary by Nihar Ranjan Mohapatra, Advocate, BBSR for all purpose.

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର

# ବର୍ଦ୍ଧିତ ମୂଲ୍ୟରେ କିଣାହେବ ଖରିଫ ଧାନ



**ରାଉରକେଲା, ୧୭।୧୦:** ରାଜ୍ୟ ସରକାର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) କ୍ୱିଣ୍ଟାଲ ପ୍ରତି ୩୧୦୦ ଟଙ୍କାରେ ଚାଷୀଙ୍କଠୁ ଖରିଫ ଧାନ କିଣିବାକୁ ଯାଉଛନ୍ତି । କେନ୍ଦ୍ରର ଧାର୍ଯ୍ୟ ଏମ୍ଏସ୍‌ପିଠୁ ରାଜ୍ୟ ସରକାର ଏଥର କ୍ୱିଣ୍ଟାଲ ପ୍ରତି ଅଧିକ ୮୦୦ ଟଙ୍କା ଦେବାକୁ ଥିବାରୁ ସେଥିରେ ନିଜ ପକେଟ୍ ଗରମ କରିବାକୁ ଦଲାଲ୍‌ମାନେ ଏବେଠୁ ସକ୍ରିୟ ହେଲେଣି। ବର୍ଦ୍ଧିତ ଟଙ୍କାକୁ ଆତ୍ମସାତ୍ କରିବାକୁ ସେମାନେ ଗଳାବାଟ ତିଆରି କରୁଥିବା ଅଭିଯୋଗ ହେଉଛି। ପଡ଼ୋଶୀ ଝାଡ଼ଖଣ୍ଡରେ ଧାନର କ୍ୱିଣ୍ଟାଲ ପ୍ରତି ଦର ଓଡ଼ିଶାଠୁ କମ୍ ଥିବାରୁ ଦଲାଲ ଓ ମିଲର୍ସମାନେ ସେଠୁ ବହୁ ପରିମାଣର ଧାନ କିଣି ନିଜ ଗୋଦାମ ଗଚ୍ଛିତ କଲେଣି। ଏସବୁ ଧାନକୁ ସ୍ଥାନୀୟ ଚାଷୀଙ୍କ ସହ ଭିତିରି ସଲାସୁତୁରା କରି ଲ୍ୟାମ୍ପସ୍‌ରେ ବିକ୍ରି କରିଦେବାକୁ ଚକ୍ରାନ୍ତ ଚଳାଇଛନ୍ତି।

ପ୍ରତିବର୍ଷ ଦଲାଲ ଓ ମିଲର୍ସମାନେ ପଡ଼ୋଶୀ ରାଜ୍ୟରୁ ଶହଶହ କ୍ୱିଣ୍ଟାଲ ଧାନ ସ୍ଥାନୀୟ ଚାଷୀଙ୍କ ଜରିଆରେ ବିକ୍ରି କରିଥାନ୍ତି। ଦଲାଲ ଓ ମିଲର୍ସମାନେ ଚାଷୀଙ୍କୁ କ୍ୱିଣ୍ଟାଲ ପ୍ରତି କମିସନ୍ ଦେଇ ଟୋକନ ହାତେଇଥାନ୍ତି। ସେହି ଟୋକନ୍‌କୁ ବ୍ୟବହାର କରି ଲ୍ୟାମ୍ପସ୍‌ରେ ଧାନ ବିକ୍ରି କରିଥାନ୍ତି। ଦଲାଲ, ମିଲର୍ସ ଓ ଚାଷୀଙ୍କ ସହ ଭିତିରି ବୁଝାମଣା କରିଥିବାରୁ ଲ୍ୟାମ୍ପସ ଅଧିକାରୀମାନେ ଏହି ବେଆଇନ୍ କାର୍ଯ୍ୟକୁ ଅଟକାନ୍ତି ନାହିଁ। ଯାହାର ଭରପୂର ଫାଇଦା ଉଠାଇଥାନ୍ତି ଅସାଧୁ ବ୍ୟକ୍ତିବିଶେଷ।

ଅବଶ୍ୟ ବିଗତ ଦିନରେ ଲ୍ୟାମ୍ପସଗୁଡ଼ିକ ପକ୍ଷରୁ ଗଠିତ ଏନ୍‌ଫୋର୍ସମେଣ୍ଟ ଟିମ୍ ବିଭିନ୍ନ ଦଲାଲ ଓ ମିଲ୍‌ର ଗୋଦାମ ଉପରେ ଚଢ଼ଉ କରି ଶହଶହ କ୍ୱିଣ୍ଟାଲ ଧାନ ଜବତ କରିଥିଲେ। ତଥାପି ଏହି ଅନୀତି କମୁନି। ଏଥର ନୂଆ କରି ଆସିଥିବା ସରକାର ବର୍ଷବର୍ଷ ଧରି ଲ୍ୟାମ୍ପସଗୁଡ଼ିକରେ ଚାଲିଥିବା ଅନିୟମିତା ରୋକିବାକୁ କେତେଦୂର ସଫଳ ହୋଇପାରୁଛି, ତାହା ବି କହିବା ମୁସ୍କିଲ। ଜିଲ୍ଲାରେ ୧୩୫ଟି ମଣ୍ଡି (ପିସିସି) ଜରିଆରେ ମୋଟ ୨୩ ଲକ୍ଷ କ୍ୱିଣ୍ଟାଲ ଖରିଫ ଧାନ କିଣିବାକୁ ଲକ୍ଷ୍ୟ ରହିଛି। ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ମୋଟ ୫୪ ହଜାର ୪୧୦ ଚାଷୀ

## ଏବେଠୁ ସକ୍ରିୟ ହେଲେଣି ଦଲାଲ

୪୪ଟି ଲ୍ୟାମ୍ପସରେ ପଞ୍ଜିକୃତ ହୋଇସାରିଛନ୍ତି। ଗତ ବର୍ଷ ଜିଲ୍ଲାରେ ପଞ୍ଜିକୃତ ଚାଷୀ ସଂଖ୍ୟା ୫୩ ଲକ୍ଷ ୭୪୦ ଥିବାବେଳେ ଏଥର ତାହା ବୃଦ୍ଧି ପାଇଛି। ଜିଲ୍ଲାସ୍ତରୀୟ ଧାନକିଣା କମିଟିର ନିଷ୍ପତ୍ତି ଅନୁଯାୟୀ ଡିସେମ୍ବର ଦ୍ୱିତୀୟ ସପ୍ତାହରୁ ଚାଷୀମାନଙ୍କୁ ଟୋକନ୍ ଦିଆଯିବ।

ସୁନ୍ଦରଗଡ଼ ସମବାୟ ସମିତିର ଉପନିବନ୍ଧକ ଉମାଶଙ୍କର ଦାସ କହିଛନ୍ତି, ମଙ୍ଗଳବାର ସରକାର ଚାଷୀଙ୍କଠୁ ଖରିଫ ଧାନକିଣାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୀମାନ୍ତ ଝାଡ଼ଖଣ୍ଡ ଓ ଛତିଶଗଡ଼ ଲ୍ୟାମ୍ପସଗୁଡ଼ିକ ଉପରେ ଏନ୍‌ଫୋର୍ସମେଣ୍ଟ ଟିମ୍ କଡ଼ା ନଜର ରଖିବ। ମଣ୍ଡିଗୁଡ଼ିକରେ ସିସି କ୍ୟାମେରା ବ୍ୟବସ୍ଥା କରାଯାଇଛି। ମଣ୍ଡିଗୁଡ଼ିକରେ ଚାଷୀଙ୍କ ଧାନ ସୁରକ୍ଷିତ ରଖିବାକୁ ସମସ୍ତ ଲ୍ୟାମ୍ପକୁ ନିର୍ଦ୍ଦେଶ ଦିଆଯାଇଛି।




# ବିକ୍ରି ହୋଇପାରେ ହଳଦୀରାମ !

**ନୂଆଦିଲ୍ଲୀ, ୧୭।୧୦:** ଗତ କିଛି ଦିନ ହେବ ହଳଦୀରାମ ସ୍ନାକ୍ସ ଫୁଡ୍ ପ୍ରାଇଭେଟ ଲିମିଟେଡର କିଛି ସେୟାର ବିକ୍ରି ହେବାର ଖବର ଆସୁଥିଲା। ରିପୋର୍ଟରେ କୁହାଯାଇଥିଲା ଯେ ହଳଦୀରାମ ଏହାର ୫୧ ପ୍ରତିଶତ ଅଂଶଧନ ବିକ୍ରି କରୁଛନ୍ତି। କିନ୍ତୁ ସର୍ବଶେଷ ସୂଚନା ଅନୁଯାୟୀ, ସେୟାର ବିକ୍ରୟ ନିଷ୍ପତ୍ତିରେ କମ୍ପାନୀ କିଛି ସଂଶୋଧନ କରିଛି। ବର୍ତ୍ତମାନ କମ୍ପାନୀ କେବଳ ୧୦-୧୫ ପ୍ରତିଶତ ସେୟାର ବିକ୍ରି କରିପାରିବ ଏବଂ ୫୧ ପ୍ରତିଶତ ବିକ୍ରି କରିବ ନାହିଁ। କମ୍ପାନୀ କହିଛି ଯେ ବ୍ୟବସାୟରେ କୌଣସି କ୍ଷତି ହେଉନାହିଁ, ତେଣୁ ଏହାର ଅଧା ଅଂଶ ବିକ୍ରି କରିବାକୁ ପଡିବା ଭଳି ସ୍ଥିତି ଆସିନାହିଁ । ଭାରତରେ ହଳଦୀରାମର ଉତ୍ପାଦ ବହୁତ ଲୋକପ୍ରିୟ। ଏହାକୁ କିଣିବା ପାଇଁ ଅନେକ କମ୍ପାନୀ ଲାଇନରେ ଥିଲେ। ପ୍ରଥମେ ଖବର ଆସିଲା ଯେ ହଳଦୀରାମ ଏହାର ୫୧ ପ୍ରତିଶତ ଅଂଶ ବିକ୍ରି କରିବାକୁ ଚାହୁଁଛନ୍ତି। କିନ୍ତୁ ସମ୍ପ୍ରତି ସୂତ୍ରରୁ ପ୍ରକାଶ ଯେ କମ୍ପାନୀ କେବଳ ୧୦-୧୫ ପ୍ରତିଶତ ଅଂଶଧନ ବିକ୍ରି କରିବ। ଏହାପୂର୍ବରୁ ହଳଦୀରାମଙ୍କ ପ୍ରମୋଟର ୫୧ ପ୍ରତିଶତ ଅଂଶଧନ ବିକ୍ରି କରିବାକୁ ଯୋଜନା କରିଥିଲେ। ଏହାକୁ କିଣିବାକୁ ଆଗ୍ରହ ଦେଖାଉଥିବା କମ୍ପାନୀଗୁଡିକ ମଧ୍ୟରେ ଫାର୍ମ ୱାନ କ୍ୟାପିଟାଲ୍, ବ୍ଲାକ୍‌ଷ୍ଟୋନ୍ ଏବଂ ଟେମାସେକ ହୋଲ୍ଡିଂ ପ୍ରମୁଖ ଥିଲେ।

ସୂଚନାନୁସାରେ, ଯଦି କମ୍ପାନୀ ଚାହୁଁଥିବା ମୂଲ୍ୟ ପାଇବ ନାହିଁ ତେବେ ତାହା ବିକ୍ରୟ କରିବ ନାହିଁ। କାରଣ ହଳଦୀରାମର ବ୍ୟବସାୟ ଲାଭରେ ଚାଲିଛି। କମ୍ପାନୀ ୨୦୩୨ ସୁଦ୍ଧା ଭାରତରେ ଏହାର ସ୍ନାକ୍ସ ବଜାରକୁ ଦ୍ୱିଗୁଣିତ କରି ୯୫୫୨୧.୮ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ହଳଦୀରାମ ସ୍ନାକ୍ସ ଫୁଡ୍ସ ପ୍ରାଇଭେଟ ଲିମିଟେଡ ୧୯୩୭ରେ ଗଙ୍ଗା ବିସନ ଅଗ୍ରୱାଲଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଆଜି ଏହି କମ୍ପାନୀ ୧୦୦ ରୁ ଅଧିକ ଦେଶରେ ନିଜର ବ୍ୟବସାୟ ଜାରି ରଖିଥିବାବେଳେ କମ୍ପାନୀରେ ୪୦୦ ରୁ ଅଧିକ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଏ।

# ପୁଣି ଛଟେଇ କରିବ ମେଟା

## ଇନଷ୍ଟାଗ୍ରାମ, ହ୍ୱାଟସ୍ ଆପ୍ କର୍ମଚାରୀ ସାମିଲ

**ନୂଆଦିଲ୍ଲୀ,୧୭।୧୦:** ଭବିଷ୍ୟତକୁ ଦୃଷ୍ଟିରେ ରଖି ଛଟେଇ କରିବାକୁ ଯାଉଛି ମେଟା। ଇନଷ୍ଟାଗ୍ରାମ, ହ୍ୱାଟସ୍ ଆପ୍ ଏବଂ ରିଅଲିଟି ଲ୍ୟାବ୍ ସମେତ ୟୁନିଟ୍ ଗୁଡିକରେ କର୍ମଚାରୀଙ୍କୁ ଛଟେଇ କରୁଛି ବୋଲି ଜଣାପଡିଛି। କମ୍ପନିର ମୁଖପାତ୍ର ଏକ ବିବୃତ୍ତିରେ କହିଛନ୍ତି ଯେ ଏହାର କିଛି ଦଳ ସେମାନଙ୍କର ଦୀର୍ଘମିଆଦୀ ରଣନୀତିକ ଲକ୍ଷ୍ୟ ଏବଂ ଲୋକେସନ ଷ୍ଟ୍ରାଟେଜି ସହିତ ସମାନ ହେବା ପାଇଁ ପରିବର୍ତ୍ତନ କରୁଛନ୍ତି। ମୁଖପାତ୍ର କହିଛନ୍ତି, "ଏହି ପ୍ରକ୍ରିୟାରେ କେତେକ ଟିମ୍‌କୁ ବିଭିନ୍ନ ସ୍ଥାନକୁ ସ୍ଥାନାନ୍ତରିତ କରିବା ଏବଂ କିଛି କର୍ମଚାରୀଙ୍କୁ ଅନ୍ୟାନ୍ୟ କିଛି ଭୂମିକାରେ ସାମିଲ କରାଯିବ। ଏହି ପରି ପରିସ୍ଥିତିରେ ଯେତେବେଳେ ଏକ କାର୍ଯ୍ୟ ସରିଯାଏ, ଆମେ ପ୍ରଭାବିତ କର୍ମଚାରୀଙ୍କ ପାଇଁ ଅନ୍ୟ ସୁଯୋଗ ଖୋଜିବା ପାଇଁ କଠିନ ପରିଶ୍ରମ କରିଥାଉ।"

ତେବେ ରିପୋର୍ଟ ଅନୁଯାୟୀ, ଏହି ଛଟେଇ ପ୍ରକ୍ରିୟାରେ ପ୍ରକୃତ ସଂଖ୍ୟା ଜଣାପଡି ନାହିଁ କିନ୍ତୁ ଛୋଟ ପ୍ରକ୍ରିୟା ବୋଲି କୁହାଯାଉଛି। ଏହି ସଂଖ୍ୟା ଉପରେ ମେଟା ମଧ୍ୟ କୌଣସି ପ୍ରତିକ୍ରିୟା ଦେଇନାହିଁ। ସିଇଓ ମାର୍କ ଜୁକରବର୍ଗଙ୍କ ୨୦୨୩ କୁ "ଦକ୍ଷତାର ବର୍ଷ" ବୋଲି କହିବା ସହିତ ନଭେମ୍ବର ୨୦୨୨ ଠାରୁ ମେଟା ପ୍ରାୟ ୨୧,୦୦୦ ଚାକିରି ହ୍ରାସ କରିଛି। ଏହି ବର୍ଷ ମେଟା ସେୟାରଗୁଡିକ ୬୦% ରୁ ଅଧିକ ବୃଦ୍ଧି ପାଇଛି। ଏହାର ସଦ୍ୟତମ ଦ୍ୱିତୀୟ ତ୍ରୈମାସିକ ଫଳାଫଳରେ, ମେଟା ସମସ୍ତ ବଜାର ଆକଳନକୁ ପଛରେ ପକାଇ ଏକ ଅଶ୍ୱଜନକ ବିକ୍ରୟ ପୂର୍ବାନୁମାନ ଜାରି କରିଛି ଏବଂ ଏହା ସଙ୍କେତ ଦେଇଛି ଯେ ଏହାର ସୋସିଆଲ୍ ମିଡିଆ ପ୍ଲାଟଫର୍ମରେ ଦୃଢ଼ ଡିଜିଟାଲ୍ ବିଜ୍ଞାପନ ଖର୍ଚ୍ଚ ଏହାର ଆର୍ଟିଫିସିଆଲ-ଇଣ୍ଟେଲିଜେନ୍ସି ବିନିଯୋଗର ଖର୍ଚ୍ଚ ବହନ କରିପାରିବ।



# ଆସନ୍ତା ମାସରେ ଇଲେକ୍ଟ୍ରିକ ବାଇକ ଲଞ୍ଚ କରିପାରେ ରୟାଲ ଏନଫିଲଡ

**ନୂଆଦିଲ୍ଲୀ, ୧୭।୧୦:** ଇଲେକ୍ଟ୍ରିକ୍ ଦୁଇ ଚକିଆ ଯାନ ପାଇଁ ସର୍ବାଧିକ ଚାହିଦା ଭାରତରେ ଦେଖାଯାଉଛି। ଇଲେକ୍ଟ୍ରିକ୍ ସ୍କୁଟର ସେଗମେଣ୍ଟରେ ଅନେକ ବିକଳ୍ପ ଦେଖାଯାଉଥିବାବେଳେ ନୂତନ କମ୍ପାନୀମାନେ ମଧ୍ୟ ଇଲେକ୍ଟ୍ରିକ୍ ବାଇକ୍ ସେଗମେଣ୍ଟରେ ଆସିବା ଆରମ୍ଭ କରିଛନ୍ତି। ଏହି ସମୟରେ ରୟାଲ ଏନଫିଲ୍ଡ ମଧ୍ୟ ଭାରତରେ ଏହାର ପ୍ରଥମ ବୈଦ୍ୟୁତିକ ବାଇକ ଲଞ୍ଚ କରିବାକୁ ଯାଉଛି। କମ୍ପାନୀ କିଛି ଦିନ ଧରି ଏହା ଉପରେ କାର୍ଯ୍ୟ କରିଆସୁଛି। ତେବେ, ଭାରୀ ଇଞ୍ଜିନ୍ ସେଗମେଣ୍ଟରେ କମ୍ପାନୀର ଅନେକ ବାଇକ୍ ଅଛି। କିନ୍ତୁ ବର୍ତ୍ତମାନ କମ୍ପାନୀ ଇଭି ସେଗମେଣ୍ଟରେ ମଧ୍ୟ ନିଜକୁ ମଜବୁତ କରିବାକୁ ଚାହୁଁଛି। ତେବେ ନିଜର ନୂଆ ଇଲେକ୍ଟ୍ରିକ ବାଇକର ଝଲକ ଦେଖାଇଛି ଏହି କମ୍ପାନୀ। ସୋସିଆଲ ମିଡିଆରେ ରୟାଲ ଏନଫିଲ୍ଡର ନୂଆ ଟିଜର ଭାଇରାଲ ହୋଇଛି। ମିଳିଥିବା ସୂଚନା ମୁତାବକ ରୟାଲ୍ ଏନ୍ଫିଲ୍ଡ ଏହାର ପ୍ରଥମ ଇଲେକ୍ଟ୍ରିକ୍ ବାଇକ୍ ଲଞ୍ଚ କରିବାକୁ ପ୍ରସ୍ତୁତ ହେଉଛି। ରୟାଲ୍ ଏନ୍ଫିଲ୍ଡରେ ବର୍ତ୍ତମାନ ଇଞ୍ଜିନ୍ କ୍ଷମତା ୩୫୦ସିସି ରୁ ୬୫୦ସିସି ପର୍ଯ୍ୟନ୍ତ ପେଟ୍ରୋଲ୍ ବାଇକ୍ ଅଛି ଏବଂ ବର୍ତ୍ତମାନ କମ୍ପାନୀ ଇଭି ସେଗମେଣ୍ଟ ଉପରେ ପ୍ରାଧାନ୍ୟ ଦେବାକୁ ଲକ୍ଷ୍ୟ ରଖିଛି। ଲଞ୍ଚ ପୂର୍ବରୁ କମ୍ପାନୀ ସୋସିଆଲ ମିଡିଆରେ ଏହାର ପ୍ରଥମ ଟିଜର ମଧ୍ୟ ପ୍ରକାଶ କରିଛି ଯାହା ଭାଇରାଲ ହୋଇଛି। ଟିଜରରେ ଦିଆଯାଇଥିବା ସୂଚନା ଅନୁଯାୟୀ, ବାଇକଟି ନଭେମ୍ବର ୪, ୨୦୨୪ ରେ ଲଞ୍ଚ ହେବ। ଏହି ୧୯ ସେକେଣ୍ଡର ଭିଡିଓରେ, ଦେଖିବାକୁ ମିଳିଛି ଯେ ପାରାଚ୍ୟୁଟ୍ ସହିତ ବନ୍ଧା ହୋଇଥିବା ଏକ ବାଇକ୍ ପୃଥିବୀ ଆଡକୁ ଆସୁଛି। କେବଳ ଏତିକି ନୁହେଁ, କମ୍ପାନୀର ୱେବସାଇଟରେ ମଧ୍ୟ ଏହି ସୂଚନା ଦିଆଯାଇଛି। ଇଲେକ୍ଟ୍ରିକ୍ ବାଇକ୍ ବିଷୟରେ ସୂଚନା ଦେବା ସହିତ ରୟାଲ୍ ଏନ୍ଫିଲ୍ଡ ଏହା ମଧ୍ୟ କହିଛି ଯେ ଏହି ବାଇକ୍ ଦୈନନ୍ଦିନ ବ୍ୟବହାରକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି।

# ଅକ୍ଟୋବରରେ ବଢ଼ିଲା ଏଫ୍‌ଡି ମୂଲ୍ୟ




**ନୂଆଦିଲ୍ଲୀ,୧୭।୧୦:** କ୍ରମାଗତ ଭାବେ ବ୍ୟାଙ୍କର ନଗଦ ରାଶି ହ୍ରାସ ପାଇବା ସହିତ ବ୍ୟାଙ୍କ କାରବାରରେ ମଧ୍ୟ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି ଉଭୟ ବ୍ୟାଙ୍କ ଓ ଗ୍ରାହକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଜାରି ରହିଛି। ଏପରିକି ବ୍ୟାଙ୍କର ଜମା ରାଶି ବୃଦ୍ଧି ପାଇଁ ଉଭୟ ଘରୋଇ ଓ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ବିଭିନ୍ନ ଯୋଜନା ଉପରେ ଆକର୍ଷଣୀୟ ଅଫର ଓ ସୁବିଧା ଯୋଗାଇ ଦେଉଛନ୍ତି। ଫଳରେ ଗତ କିଛି ମାସ ହେବ ବ୍ୟାଙ୍କର ବିଭିନ୍ନ ଯୋଜନାରେ ଗ୍ରାହକଙ୍କ ଭାଗୀଦାରି ପୂର୍ବାପେକ୍ଷା ବୃଦ୍ଧି ପାଇଛି। ଅପରପକ୍ଷରେ ୨୦୨୪ ଅକ୍ଟୋବର ମାସରେ ଉଭୟ ଘରୋଇ ଓ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ପକ୍ଷରୁ ଫିକ୍ସଡ ଡିପୋଜିଟ (ଏଫ୍‌ଡି) ଉପରେ ଆକର୍ଷଣୀୟ ଅଫର ସାଙ୍ଗକୁ ସୁଧ ହାର ବୃଦ୍ଧି କରିଛନ୍ତି। ଏପରିକି ୧୦ଟି ବ୍ୟାଙ୍କ ୭.୫%ରୁ ଅଧିକ ସୁଧହାର ପ୍ରଦାନ କରୁଥିବାବେଳେ ୩ ବର୍ଷିଆ ଅବଧି ଅଫର ପ୍ରଦାନ କରୁଛନ୍ତି। ସେହିଭଳି ବ୍ୟାଙ୍କଗୁଡିକର ଅନ୍ୟାନ୍ୟ ଯୋଜନାରେ ମଧ୍ୟ ସୁଧ ହାର ସାଙ୍ଗକୁ ଅନ୍ୟାନ୍ୟ ସୁବିଧା ସବୁ ବର୍ଗର ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି। ଦେଶର ଉଭୟ ଘରୋଇ ଓ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଏଫ୍‌ଡି ଉପରେ ୭% ରୁ ୯% ପର୍ଯ୍ୟନ୍ତ ସୁଧହାର ପ୍ରଦାନ କରୁଛନ୍ତି। ଏପରିକି ସ୍ୱଳ୍ପ ଅବଧି ଯୋଜନାରେ ମଧ୍ୟ ଆକର୍ଷଣୀୟ ଅଫର ଓ ଅନ୍ୟାନ୍ୟ ସୁବିଧା ଗ୍ରାହକମାନଙ୍କୁ ଯୋଗାଇ ଦେଉଛନ୍ତି। ବିଶେଷକରି ଭାରତୀୟ ଷ୍ଟେଟ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଏଫ୍‌ଡି ଉପରେ ୭ ରୁ ୭.୫% ସୁଧହାର ପ୍ରଦାନ କରୁଥିବାବେଳେ ଆକ୍ସିସ ବ୍ୟାଙ୍କ ,ଡିସିବି ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ,ଆଇସିଆଇସିଆଇ ବ୍ୟାଙ୍କ, ୟେସ୍ ବ୍ୟାଙ୍କ ଏବଂ ବନ୍ଧନ ବ୍ୟାଙ୍କ ଭଳି ୧୦ରୁ ଅଧିକ ଘରୋଇ ବ୍ୟାଙ୍କ ୭ରୁ ୯% ପର୍ଯ୍ୟନ୍ତ ସୁଧ ହାର ପ୍ରଦାନ କରୁଛନ୍ତି। ଉଲ୍ଲେଖଯୋଗ୍ୟ ଚଳିତ ପାର୍ବଣରେ ଉଭୟ ଘରୋଇ ଓ ରାଷ୍ଟ୍ରାୟତ ବ୍ୟାଙ୍କ ଗୁଡ଼ିକରେ ଏଫ୍‌ଡି ସଂଖ୍ୟା ପୂର୍ବମାସ ଅପେକ୍ଷା ୧୨% ଅଧିକ ବୃଦ୍ଧି ପାଇଛି।

# ନିଲାମ ହେବନି ସ୍ପେକ୍ଟ୍ରମ, ମସ୍କ ଖୁସି

**ନୂଆଦିଲ୍ଲୀ, ୧୭।୧୦:** ଭାରତରେ ସାଟେଲାଇଟ୍ କମ୍ୟୁନିକେସନ (ସାଟ୍‌କମ୍) ପାଇଁ ଦିଆଯିବାକୁ ଥିବା ସ୍ପେକ୍ଟ୍ରମର ନିଲାମ ହେବନାହିଁ। ଦେଶର ପ୍ରମୁଖ ଟେଲିକମ୍ ଉଦ୍ୟୋଗୀ ଜିଓର ମୁକେଶ ଅମ୍ବାନି ଏବଂ ଏୟାରଟେଲ୍‌ର ସୁନୀଲ ଭାରତୀ ମିତ୍ତଲ ସ୍ପେକ୍ଟ୍ରମ ନିଲାମ ପାଇଁ ମତ ଦେଇ ଆସୁଥିଲେ। କିନ୍ତୁ ଆମେରିକାର ବିଶିଷ୍ଟ ଉଦ୍ୟୋଗୀ ତଥା ଷ୍ଟାରଲିଙ୍କ୍‌ର ସିଇଓ ଏଲନ୍ ମସ୍କ ଏହାକୁ ବିରୋଧ କରୁଥିଲେ। ତାଙ୍କ ମତରେ ବିଶ୍ୱରେ ପ୍ରଶାସନିକ ଢାଞ୍ଚାରେ ଏହି ସ୍ପେକ୍ଟ୍ରମ ବଣ୍ଟନ କରାଯାଉଛି। ତେଣୁ ଭାରତରେ ମଧ୍ୟ ସେହି ପଦ୍ଧତି ଅନୁସରଣ କରାଯାଉ। ଏଭଳି ସ୍ଥିତିରେ ଭାରତ ସରକାର ମଧ୍ୟ ପ୍ରଶାସନିକ ଢାଞ୍ଚାରେ ସ୍ପେକ୍ଟ୍ରମ ବଣ୍ଟନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସାଟେଲାଇଟ୍ ସ୍ପେକ୍ଟ୍ରମ ନିଲାମ ହେବ ନାହିଁ ବୋଲି ମନ୍ତ୍ରୀ ଘୋଷଣା କରିବା ପରେ ମସ୍କ ଖୁସିବ୍ୟକ୍ତ କରିଛନ୍ତି। ଏ ନେଇ ସେ ଏକ ଟ୍ୱିଟ୍ କରିଛନ୍ତି। ସେଥିରେ ସେ ଲେଖିଛନ୍ତି ଅତ୍ୟନ୍ତ ପ୍ରଶଂସାଯୋଗ୍ୟ। ଭାରତର ଲୋକଙ୍କୁ ଷ୍ଟାରଲିଙ୍କ୍ ଜରିଆରେ ସେବା ପ୍ରଦାନ ପାଇଁ ଆମେ ସର୍ବୋତ୍କୃଷ୍ଟ କାର୍ଯ୍ୟ କରିବୁ ବୋଲି ସେ କହିଛନ୍ତି।



ଉଲ୍ଲେଖଯୋଗ୍ୟ, ବିଶ୍ୱର ପ୍ରମୁଖ ଧନୀ ବ୍ୟବସାୟୀ ଏଲନ୍ ମସ୍କ ତାଙ୍କ ଷ୍ଟାରଲିଙ୍କ୍ କମ୍ପାନି ଜରିଆରେ ଭାରତର ଟେଲିକମ୍ ବ୍ୟବସାୟରେ ପ୍ରବେଶ ଯୋଜନା ରଖିଛନ୍ତି। କିନ୍ତୁ ସେ ସ୍ପେକ୍ଟ୍ରମ ନିଲାମର ଜଣେ ବଡ଼ ସମାଲୋଚକ। ଷ୍ଟାରଲିଙ୍କ୍ ସମେତ ଆମାଜନ୍ ମଧ୍ୟ ଏଭଳି ସ୍ପେକ୍ଟ୍ରମ ନିଲାମ ସପକ୍ଷରେ ନାହିଁ। ମସ୍କ କହିଥିଲେ ଜାତିସଂଘର ଏଜେନ୍ସି ଅନ୍ତର୍ଜାତୀୟ ଟେଲିଯୋଗାଯୋଗ ସଂଘ (ଆଇଟିୟୁ) ସାଟେଲାଇଟ୍ ସ୍ପେକ୍ଟ୍ରମକୁ ଆବଣ୍ଟନ କରିଥାଏ। ଭାରତ ଆଇଟିୟୁର ସଦସ୍ୟ ରହିଛି। ତେଣୁ ଭାରତରେ ମଧ୍ୟ ଏହାର ନିଲାମ ହେବା ଉଚିତ ନୁହେଁ। ଭାରତରେ ସାଟେଲାଇଟ୍ ସ୍ପେକ୍ଟ୍ରମର ନିଲାମ ପାଇଁ ହେଉଥିବା ଦାବିକୁ ସେ ଖୋଲାଖୋଲି ପ୍ରଶ୍ନ କରିଥିଲେ। ଯଦିଓ ପ୍ରଶାସନିକ ଉପାୟରେ ସାଟେଲାଇଟ୍ ସ୍ପେକ୍ଟ୍ରମ ନିଲାମ ହେବ କିନ୍ତୁ ଏହାର ଦର ଭାରତୀୟ ଟେଲିକମ୍ ନିୟାମକ (ଟ୍ରାଇ) ଧାର୍ଯ୍ୟ କରିବ। ଭାରତରେ ସାଟେଲାଇଟ୍ ବ୍ରଡବ୍ୟାଣ୍ଡ୍ ବଜାର ଦ୍ରୁତଗତିରେ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ୨୦୩୦ ସୁଦ୍ଧାଏହା ୧.୯ ବିଲିଅନ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଉଛି।

# ରତନ ଟାଟାଙ୍କୁ ମୁକେଶ ଅମ୍ବାନି ପରିବାରର ଶ୍ରଦ୍ଧାଞ୍ଜଳି

**ମୁମ୍ବାଇ, ୧୭।୧୦:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ବାର୍ଷିକ ଦୀପାବଳି ନୈଶ ଭୋଜିରେ ବିଶିଷ୍ଟ ଉଦ୍ୟୋଗପତି ସ୍ୱର୍ଗତଃ ରତନ ଟାଟାଙ୍କୁ କମ୍ପାନିର ଅଧ୍ୟକ୍ଷ ମୁକେଶ ଅମ୍ବାନିଙ୍କ ପରିବାର ସମେତ କର୍ମଚାରୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏଥିରେ ମୁକେଶ ଅମ୍ବାନି, ନୀତା ଅମ୍ବାନିଙ୍କ ସମେତ ପରିବାରର ଅନ୍ୟ ସଦସ୍ୟ ଏବଂ ରିଲାଏନ୍ସର ହଜାର ହଜାର କର୍ମଚାରୀ ଯୋଗଦେଇଥିଲେ। ନୀତା ଅମ୍ବାନି ତାଙ୍କ ଭାଷଣରେ ରତନ ଟାଟାଙ୍କୁ ଭାରତର ମହାନ ସନ୍ତାନ ବୋଲି ବର୍ଣ୍ଣନା କରିଥିଲେ। ୪ ଦିନ ପୂର୍ବେ ଆମେ ଭାରତର ଏକ ମହାନ ସନ୍ତାନଙ୍କୁ ହରାଇଛେ। ରତନ ଟାଟାଙ୍କ ପରଲୋକ ଆମକୁ ଦୁଃଖ ଦେଇଛି। ମୋ ଶ୍ୱଶୁର, ମୁକେଶ ଏବଂ ଆମ ପରିବାରର ପ୍ରିୟ ବନ୍ଧୁ ରତନ ଟାଟା ଥିଲେ। ଆକାଶର ମଧ୍ୟ ପରାମର୍ଶଦାତା ରହିଥିଲେ। ସେ ଜଣେ ଦୂରଦୃଷ୍ଟିସଂପନ୍ନ ଶିଳ୍ପପତି ଏବଂ ମାନବହିତୈଷୀ ବ୍ୟକ୍ତି ଥିଲେ ଯିଏ କି ସବୁବେଳେ ସମାଜର ଭଲ ପାଇଁ କାର୍ଯ୍ୟ କରୁଥିଲେ ବୋଲି ନୀତା କହିଥିଲେ। ଉପସ୍ଥିତ ବ୍ୟକ୍ତିମାନେ ରତନ ଟାଟାଙ୍କ ଆତ୍ମାର ସଦ୍‌ଗତି ପାଇଁ ୧ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ।

# କ୍ରୋକୋଡାଇଲ ଷ୍ଟୋରର ବାର୍ଷିକ ଉତ୍ସବ




**ଭୁବନେଶ୍ୱର,୧୭।୧୦:** ଦେଶର ପ୍ରମୁଖ ପ୍ରିମିୟମ ପୋଷାକ ବ୍ରାଣ୍ଡ୍ ତଥା ଅଗ୍ରଣୀ ରିଟେଲ ଚେନ୍ 'କ୍ରୋକୋଡାଇଲ'ର ଏକ୍ସକ୍ଲୁସିଭ ଷ୍ଟୋର (କ୍ରୋକୋଡାଇଲ ସିମ୍ଫୋନି ମଲ୍ ପାହାଳ ଷ୍ଟୋର) ର ୪ର୍ଥ ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଏ ପରିପ୍ରେକ୍ଷୀରେ ବ୍ରାଣ୍ଡ୍ ଷ୍ଟୋର ପକ୍ଷରୁ ଆକର୍ଷଣୀୟ ଅଫରର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଗ୍ରାହକମାନେ ପ୍ରାୟ ୪୦୦୦ ଟଙ୍କାର କିଣାକିଣି ଉପରେ ୫୦୦ଟଙ୍କାର କ୍ୟାଶ୍‌ବ୍ୟାକ୍ ପାଇବେ। ସେହିଭଳି ଗ୍ରାହକମାନେ ପ୍ରାୟ ୭୦୦୦ ଟଙ୍କାର କିଣାକିଣି ଉପରେ ୧୦୦୦ଟଙ୍କାର କ୍ୟାଶ୍‌ବ୍ୟାକ୍ ଏବଂ ୧୨,୦୦୦ ଟଙ୍କାର କିଣାକିଣି ଉପରେ ୨୦୦୦ ଟଙ୍କାର କ୍ୟାଶ୍‌ବ୍ୟାକ୍ ଦିଆଯାଉଛି। ଏପରିକି ୧୫,୦୦୦ ଟଙ୍କାର କିଣାକିଣି ଉପରେ ଗ୍ରାହକ ୩୦୦୦ ଟଙ୍କାର କ୍ୟାଶ୍‌ବ୍ୟାକ୍ ପାଇବେ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଷ୍ଟୋରର ପ୍ରୋପ୍ରାଇଟର ଜ୍ୟୋତି ମହାନ୍ତି କହିଥିଲେ, ଆମେ ଆମ ଷ୍ଟୋରର ୪ର୍ଥ ପୂର୍ତ୍ତି ଉତ୍ସବ ପାଳନକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ଉପଲକ୍ଷେ ଆକର୍ଷଣୀୟ କ୍ୟାଶ୍‌ବ୍ୟାକ୍ ଅଫର ଘୋଷଣାକରି ଗ୍ରାହକଙ୍କ ଖୁସିରେ ସାମିଲ ହେବାକୁ ପ୍ରୟାସ କରିଛୁ।

# ଭାରତ ଦ୍ୱିତୀୟ ବଡ଼ ୫ଜି ବଜାର

**ନୂଆଦିଲ୍ଲୀ, ୧୭।୧୦:** ଟେଲି ଯୋଗାଯୋଗ କ୍ଷେତ୍ରରେ ଭାରତ ହାସଲ କରିଥିବା ଉପଲବ୍ଧି ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଦୁଇ ବର୍ଷ ପୂର୍ବେ ଭାରତୀୟ ମୋବାଇଲ୍ କଂଗ୍ରେସରେ ୫ଜି ସେବା ଆରମ୍ଭ ହୋଇଥିଲା। ଏବେ ଦେଶର ପ୍ରତିଟି ଜିଲ୍ଲାରେ ଏହି ସେବା ପହଞ୍ଚିଛି। ଭାରତ ହେଉଛି ବିଶ୍ୱର ଦ୍ୱିତୀୟ ବୃହତ୍ ୫ଜି ବଜାର। ଏବେ ୬ଜି ପ୍ରଯୁକ୍ତି ଉପରେ କାମ ଚାଲିଛି ବୋଲି ସେ କହିଛନ୍ତି।

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଅନୁଷ୍ଠିତ ଭାରତୀୟ ମୋବାଇଲ୍ କଂଗ୍ରେସ ୨୦୨୪କୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ୧୦ ବର୍ଷ ଭିତରେ ଭାରତ ଯେତିକି ଅପ୍ଟିକାଲ୍ ଫାଇବର୍ ବିଛାଇଛି ତାହା ହେଉଛି ଭାରତ ଓ ଚନ୍ଦ୍ର ମଧ୍ୟରେ ଥିବା ଦୂରତାର ଆଠ ଗୁଣରୁ ଅଧିକ। ପ୍ରଯୁକ୍ତିର ନୈତିକ ବ୍ୟବହାର ଲାଗି ବିଶ୍ୱବ୍ୟାପୀ ଏକ ବ୍ୟାପକ ନିୟମ କାର୍ଯ୍ୟକାରୀ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ସେ କହିଛନ୍ତି ଯେ ବିମାନ ଚଳାଚଳ କ୍ଷେତ୍ରରେ ଯେଭଳି ବିଶ୍ୱବ୍ୟାପୀ ନିୟମ ରହିଛି, ପ୍ରଯୁକ୍ତି ଦୁନିଆ ଲାଗି ସେଭଳି ନିୟମ ଆବଶ୍ୟକ। ବିଶେଷ କରି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ)ର ନୈତିକ ବ୍ୟବହାର ଉପରେ ସେ ଜୋର୍ ଦେଇଛନ୍ତି। ପ୍ରଯୁକ୍ତି ସମ୍ପର୍କରେ କ'ଣ କରାଯିବ ଓ କ'ଣ ନ କରାଯିବ ତାହାର ଏକ ସ୍ପଷ୍ଟ ନିୟମ ରହିବା ଦରକାର ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଟେଲିକମ୍ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି ଯେ ୫ଜିରେ ଆମେ ଦୁନିଆ ସହ ଆଗକୁ ବଢ଼ିଥିଲୁ। କିନ୍ତୁ ୬ଜିରେ ଆମେ ଆଗରେ ରହିବାକୁ ଚାହୁଁଛୁ। ୫ଜି ପାଇଁ ୨୦୪୦ ସୁଦ୍ଧା ଅର୍ଥନୀତିକୁ ୪୫,୦୦୦ କୋଟି ଡଲାରର ଫାଇଦା ମିଳିବ ବୋଲି



ସେ କହିଛନ୍ତି। ଏହି ଅବସରରେ ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ଅଧ୍ୟକ୍ଷ ଆକାଶ ଅମ୍ବାନି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ୨ଜି ସ୍ପିଡ୍ ପାଇଁ ସଂଘର୍ଷ କରୁଥିବା ଏକ ଦେଶରୁ ବିଶ୍ୱର ବୃହତ୍ତମ ଡାଟା ବଜାରରେ ପରିଣତ ହୋଇଛି। ବିକଶିତ ଭାରତ ଗଠନ ଲାଗି ଏଆଇକୁ ପରିବର୍ତ୍ତନକାରୀ ଉପକରଣ ଭାବେ ବ୍ୟବହାର କରିବା ଓ ଭାରତୀୟ ଡାଟାକୁ ଦେଶ ଭିତରେ ରଖିବା ଲାଗି ଡାଟା ସେଣ୍ଟର ନୀତିରେ ବିକାଶ ଆଣିବା ଲାଗି ସେ ନିବେଦନ କରିଛନ୍ତି। ସେହିପରି ଭାରତୀ ଏୟାରଟେଲ୍‌ର ମୁଖ୍ୟ ସୁନୀଲ ଭାରତୀ ମିତ୍ତଲ କହିଛନ୍ତି ଯେ ଆଗାମୀ ୧୨ରୁ ୧୮ ମାସ ଭିତରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବ୍ୟାପକ ୫ଜି ସେବା ସହ ଏହି ପ୍ରଯୁକ୍ତିରେ ଭାରତ ନେତୃତ୍ୱ ନେବାକୁ ଯାଉଛି। ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଧ୍ୟକ୍ଷ କୁମାର ମଙ୍ଗଳମ୍ ବିର୍ଲା ୫ଜି, ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍‌ସ, ଏଆଇ ଓ କ୍ଲାଉଡ୍ ସେବା ଉପରେ ଜୋର ଦେଇଥିଲେ।

# ତେଲ, ଘିଅ, ଚାହା ପତି ପରେ ଏବେ ଅପମିଶ୍ରିତ ଆଇସକ୍ରିମ୍



ରାଉରକେଲା,୧୭।୧୦(ସଂଚାର ବ୍ୟୁରୋ): ଷ୍ଟିଲ୍ ସିଟି ରାଉରକେଲାରେ ଠାବ ହୋଇଛି ଏମିତି ଏକ ଆଇସକ୍ରିମ୍ ଫ୍ୟାକ୍ଟ୍ରି। ମହାନଗର ନିଗମ ଓ ଫୁଡ୍ ସେଫ୍ଟି ବିଭାଗ ମିଳିତ ଭାବେ ଆଜି ଚଢ଼ଉ କରି ପ୍ରାୟ ଦେଢ଼ କ୍ୱିଣ୍ଟାଲ ଆଇସକ୍ରିମ୍ ନଷ୍ଟ କରିଛି। ଏଥିସହ ସମ୍ପୃକ୍ତ ଆଇସକ୍ରିମ୍ ଫ୍ୟାକ୍ଟ୍ରିକୁ ସିଲ୍ କରାଯାଇଛି। ଅଭିଯୋଗରୁ ପ୍ରକାଶ, ରାଉରକେଲା ଟାଉନ୍‌ରେ ରହିଛି ଗେନ୍‌ସୋ ଆଇସକ୍ରିମ୍ ଫ୍ୟାକ୍ଟ୍ରି। ଏଠାରେ ବିଭିନ୍ନ ଫ୍ଲେଭରର ଆଇସକ୍ରିମ୍ ତିଆରି ହୋଇଥାଏ। ଖରାପ ପାଣିରେ ଆଇସକ୍ରିମ୍ ତିଆରି ହେଉଛି। ସେଠାକାର ପରିବେଶ ଅତି ଦୟନୀୟ। ଏଥିସହ ଆଇସକ୍ରିମ୍‌ରେ ପ୍ରସ୍ତୁତି ଓ ସମୟ ଅତିକ୍ରାନ୍ତ ତାରିଖ ରହୁନଥିଲା। ଏପରିକି ବ୍ୟାଚ୍ ନମ୍ବର ମଧ୍ୟ ରହୁନଥିଲା। ଏନେଇ ଅଭିଯୋଗ ହେବା ପରେ ପ୍ରାୟ ଦେଢ଼ ବର୍ଷ ତଳେ ମହାନଗର ନିଗମ ଓ ଫୁଡ୍ ସେଫ୍ଟି ବିଭାଗ ମିଳିତ ଚଢ଼ଉ କରି ତାଗିଦ୍ କରିଥିଲେ। ଏଥିସହ ଆଇସକ୍ରିମ୍‌ରେ ପ୍ରସ୍ତୁତି, ସମୟ ଅତିକ୍ରାନ୍ତ ତାରିଖ ଓ ଲାଇସେନ୍ସ କରିବା ପାଇଁ କୁହାଯାଇଥିଲା। ହେଲେ ଫ୍ୟାକ୍ଟ୍ରି କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଉନଥିଲେ। ଆଜି ମଧ୍ୟାହ୍ନରେ ମହାନଗର ନିଗମ ଓ ଫୁଡ୍ ସେଫ୍ଟି ବିଭାଗ ମିଳିତ ଭାବେ ଫ୍ୟାକ୍ଟ୍ରିରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ଫ୍ୟାକ୍ଟ୍ରିର ଅବସ୍ଥା ଅତି ଦୟନୀୟ ହୋଇଥିବା ଦେଖିବାକୁ ମିଳିଥିଲା। ଅତି ଖରାପ ପରିବେଶରେ ଆଇସକ୍ରିମ୍ ତିଆରି ହେଉଥିବା ଦେଖିବାକୁ ମିଳିଥିଲା। ଏଥିସହ ଆଇସକ୍ରିମ୍‌ର ପ୍ରସ୍ତୁତି ଓ ସମୟ ଅତିକ୍ରାନ୍ତ ତାରିଖ ନଥିଲା। ତେଣୁ ଉକ୍ତ ଆଇସକ୍ରିମ୍ ଫ୍ୟାକ୍ଟ୍ରିକୁ ସିଲ୍ କରିଛି ମହାନଗର ନଗର। ଆର୍‌ଏମ୍‌ସି ଫୁଡ୍ ଅଫିସର ସ୍ୱାଗତିକା ଭେରେରା କହିଛନ୍ତି, ଏଠାରେ ତିଆରି ହେଉଥିବା ଆଇସକ୍ରିମ୍‌ର ପ୍ରସ୍ତୁତି, ଏକ୍ସପାଏରୀ ତାରିଖ ଓ ବ୍ୟାଚ ନମ୍ବର ରହୁନଥିଲା। ଯେଉଁ ଲାଇସେନ୍ସ ନମ୍ବର ରହିଛି, ତାହା ସମ୍ପୂର୍ଣ୍ଣ ଫେକ୍। ପ୍ରାୟ ଦେଢ଼ ବର୍ଷ ତଳେ ତାଙ୍କୁ ଲାଇସେନ୍ସ କରିବା ପାଇଁ ସୁଯୋଗ ଦିଆଯାଇଥିଲା। କିନ୍ତୁ ସେ ଲାଇସେନ୍ସ କରିନଥିଲେ। ତେଣୁ ନିୟମ ଅନୁସାରେ ଆଜି ସେହି ଆଇସକ୍ରିମ୍ ଫ୍ୟାକ୍ଟ୍ରିକୁ ସିଲ୍ କରାଯାଇଛି ବୋଲି ଫୁଡ୍ ଅଫିସର କହିଛନ୍ତି। ଆଗକୁ ଅନ୍ୟ ଆଇକ୍ରିମ୍ ଫ୍ୟାକ୍ଟ୍ରିରେ ଚଢ଼ଉ ହେବ ବୋଲି ସେ କହିଛନ୍ତି।

## ୧୯ରେ ପ୍ରଭୁ ବୁଢାରଜାଙ୍କ ପ୍ରସିଦ୍ଧ 'ଦଶରା'ଯାତ୍ରା



କଳାହାଣ୍ଡି ,୧୭।୧୦(ସଂଚାର ବ୍ୟୁରୋ): ଅଭିରାଳ ତନ୍ତ୍ର ଧାରାର ଏକ ବଳିଷ୍ଠ ଦେବତା ହେଉଛନ୍ତି ପ୍ରଭୁ ବୁଢ଼ାରଜା । ସମସ୍ତ ଦେବଦେବୀ ମାନଙ୍କ ମାମୁଁ ରୂପରେ ସୁପରିଚିତ କଳାହାଣ୍ଡିର ଆରାଧ୍ୟ ଦେବତା ପ୍ରଭୁ ବୁଢ଼ାରଜାଙ୍କ ବାର୍ଷିକ ଦଶରା ପର୍ବ ଅକ୍ଟୋବର ୧୯ ତାରିଖ ଶନିବାର ଦିନ ମହାଆଡ଼ମ୍ବରରେ ପାଳିତ ହେବାକୁ ଯାଉଛି। ରାଜା ରାଜୁଡ଼ା ଅମଳରୁ ସ୍ଥାପିତ ହୋଇଥିବା ଏହି ପୀଠ ଶହ ଶହ ବର୍ଷ ଧରି ଅବହେଳିତ ହୋଇ ପଡ଼ି ରହିଥିଲା। ତେବେ ପୂର୍ବତନ ନବିନ ସରକାର ଓଡ଼ିଶା ଓ '୫-ଟି' ଅଧ୍ୟକ୍ଷ ଭିକେ ପାଣ୍ଡିଆନ '୫-ଟି' ସଚିବ ଥିବା ସମୟରେ ଆମପାଣି ବୁଢ଼ାରଜା ପୀଠରେ ପହଞ୍ଚି ଥିଲେ। ଏହି ପୀଠର ଉନ୍ନତିକରଣ ପାଇଁ ଅଞ୍ଚଳବାସୀ ତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ଶ୍ରୀପାଣ୍ଡିଆନ ବୁଢ଼ାରଜା ପୀଠର ଉନ୍ନତି କରଣ ପାଇଁ ପର୍ଯ୍ୟାପ୍ତ ପରିମାଣର ଅନୁଦାନ ଯୋଗାଇ ଦେଇଛନ୍ତି । ବୁଢ଼ାରଜାଙ୍କ ପୀଠର ନବକଳେବର ହେଉଥିବାରୁ ପୂର୍ବାପେକ୍ଷା ଚଳିତବର୍ଷ ଶ୍ରଦ୍ଧାଳୁ ମାନଙ୍କ ମଧ୍ୟରେ ଦଶରା ଯାତ୍ରାକୁ ନେଇ ପ୍ରବଳ ଉତ୍ସାହ ଉଦ୍ଦୀପନା ଦେଖିବାକୁ ମିଳୁଛି । ଚଳିତ ବର୍ଷ ପ୍ରଭୁ ବୁଢ଼ାରଜାଙ୍କ ଦଶରା ପାଇଁ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଦଶରା ଯାତ୍ରାରେ ଲାଠିଯାତ୍ରା ଓ ଲାଖବିନ୍ଧା କାର୍ଯ୍ୟକ୍ରମରେ ଲକ୍ଷାଧିକ ଲୋକଙ୍କ ସମାଗମ ହେବା ନେଇ ଆକଳନ କରାଯାଇଛି। କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲା ସୀମାନ୍ତ ଆମପାଣି ଘାଟି ମୁଣ୍ଡରେ କେଉଁ ଏକ ଆବହମାନ କାଳରୁ ପ୍ରଭୁ ବୁଢ଼ାରଜା ଦେବ ପୂଜା ପାଇ ଆସୁଛନ୍ତି । ଏହି ରାସ୍ତାଦେଇ ଘାଟି ଚଢ଼ିବା ଆଗରୁ ବୁଢ଼ାରଜା ଦେବଙ୍କ ଠାରେ ଯାତ୍ରୀ ଶୁଭ ମନାସି ମୁଣ୍ଡିଆ ମାରି ଯିବା ପରମ୍ପରା ରହିଛି। କୁହାଯାଏ' ବର୍ତ୍ତମାନ ବୁଢ଼ାରଜାଙ୍କ ପୀଠ ନିକଟରେ ପୂର୍ବରୁ ଘଞ୍ଚ ଜଙ୍ଗଲ ପରିପୂର୍ଣ୍ଣ ରହିଥିଲା । ସେହି ସମୟରେ ସ୍ଥାନୀୟ ଜଣେ ଆଦିବାସୀ ଯୁବକ ପ୍ରତ୍ୟେକ ଦିନ ଗାଈ ଗୋଠ କରୁଥିଲେ। ତେବେ ସେଠାକାର ଏକ ନିର୍ଦ୍ଦିଷ୍ଟ ସ୍ଥାନ ସବୁବେଳେ ସଫା ରହୁଥିବାବେଳେ ଦିନେ ହଠାତ୍ ପଥରର ଲିଙ୍ଗ ଆବିର୍ଭାବ ହେଇଥିଲା । ଗୋବର ସଂଗ୍ରହକାରୀ ସବୁବେଳେ ଏହି ପଥରକୁ ଫୋପାଡ଼ି ଦେଉଥିଲେ।

## ମଣିଷ ଖପୁରୀ ଓ ହାଡ଼ ଉଦ୍ଧାର, ଦୁଇ ଭାଇ ଅଟକ



ଭଦ୍ରକ,୧୭।୧୦(ସଂଚାର ବ୍ୟୁରୋ): ଜିଲ୍ଲା ବାସୁଦେବବପୁରରେ ଏକ ନାଳି ପାଖରୁ ଉଦ୍ଧାର ହେଲା ମଣିଷ ଖପୁରୀ । ଖପୁରୀ ସହ ଦାନ୍ତ ଓ ହାଡ଼ ବି ଉଦ୍ଧାର ହୋଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ପ୍ରାୟ ୧୫ ଦିନ ହେବ ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ଓ ତାଙ୍କ ମା' ନିଖୋଜ ଥିବା ବେଳେ ଏହା ସେମାନଙ୍କ ଶରୀରର ଅବଶିଷ୍ଟାଂଶ ବୋଲି ଚର୍ଚ୍ଚା ହେଉଛି। ଏହି ଘଟଣାରେ ପୁଲିସ୍ ମୃତା ମହିଳାଙ୍କ ସ୍ୱାମୀ ଓ ଦିଅରଙ୍କୁ ଅଟକ ରଖି ପଚରାଉଚରା କରୁଛି। ଗତକାଲି ସନ୍ଧ୍ୟା ସମୟରେ ସମୁଦ୍ର ପାଖ ଏକ ନାଳୀ ବନ୍ଧ ନିକଟ ଅଞ୍ଚଳ ଦୁର୍ଗନ୍ଧରେ ଫାଟି ପଡୁଥିଲା। କୁକୁର ମାନେ କିଛି ମାଂସ ଧରି ଦୌଡୁଥିବାର ସ୍ଥାନୀୟ ଲୋକ ଦେଖିବାକୁ ପାଇ ପୁଲିସ୍‌କୁ ଖବର ଦେଇଥିଲେ।

## ଘରେ ପଶି ଲହୁଲୁହାଣ କଲା ବାର୍‌ହା

ଅନୁଗୁଳ,୧୭।୧୦(ସଂଚାର ବ୍ୟୁରୋ): ସକାଳୁ ସକାଳୁ ଘରେ ପଶିଲା ବାରହା। ଆଉ କଲା ଅତର୍କିତ ଆକ୍ରମଣ। ବାରହା ଆକ୍ରମଣରେ ଦୁଇ ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କ ମଧ୍ୟରେ ଜଣେ ବୃଦ୍ଧା ଓ ଜଣେ ନାବାଳକ ଅଛନ୍ତି। ଏପରି ଏକ ଅଘଟଣ ଆଜି ସକାଳେ ଅନୁଗୁଳ ଜିଲ୍ଲା ତାଳଚେରରେ ଘଟିଛି ଅଘଟଣ।। ଗୁରୁତରଦ୍ୱୟ ହେଲେ ୬୦ ବର୍ଷୀୟା ଚତୁରୀ ନାଏକ ଓ ୧୦ ବର୍ଷୀୟ ରାଜା ନାଏକ। ଉଭୟ ପଡ଼ୋଶୀ ବୋଲି ଜଣାଯାଇଛି। ଆଜି ସକାଳେ ଚତୁରୀ ଘରେ ନିଜ କାମ କରୁଥିବା ବେଳେ ହଠାତ୍ ଏକ ବାରହା ତାଙ୍କ ଘରେ ପଶି ଯାଇଥିଲା। ଏହାପରେ ବାରହାଟି ତାଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଥିଲା। ଚତୁରୀଙ୍କ ଚିତ୍କାର ଶୁଣି ପରିବାର ଲୋକେ ଦୌଡ଼ି ଆସିବାରୁ ବାରହାଟି ନିକଟରେ ଥିବା ରାଜା ନାଏକଙ୍କ ଘରେ ପଶି ତାଙ୍କୁ କାମୁଡ଼ି ଦେଇଥିଲା।

## ହରିଶଙ୍କରକୁ ଟୁରିଷ୍ଟ ବସ୍ ଚଳାଚଳ ଦାବି



ପାଟଣାଗଡ,୧୭।୧୦(ସଂଚାର ବ୍ୟୁରୋ): ପଶ୍ଚିମ ଓଡିଶା ବଲାଙ୍ଗିର ଜିଲ୍ଲା ର ହରିଶଙ୍କର ଏକ ବିଶ୍ୱ ପ୍ରଶିଦ୍ଧ ତୀର୍ଥ କ୍ଷେତ୍ର ଅଟେ । ପ୍ରତ୍ୟହ ହଜାର ହଜାର ସଂଖ୍ୟା ରେ ଭକ୍ତ ମାନେ ଆସି ଦେବଦେବ ମହାଦେବ ଙ୍କୁ ଦର୍ଶନ କରିବା ସହିତ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଏହି ହରିଶଙ୍କର ପୀଠ ର ପରିବେଶ କୁ ମନଭରି ଉପଭୋଗ କରିଥାନ୍ତି । ଦୁଃଖ ର ବିଷୟ ଭକ୍ତ ମାନଙ୍କ ପାଇଁ ହରିଶଙ୍କର ପିଠ କୁ ଗମନା ଗମନ ର ସୁବିଧା ନାହିଁ ହେଲେ ଦୋକାନ, ଭୋଗ, ମୋଟର ଯାନ ଷ୍ଟେଣ୍ଡ, ଚେକଗେଟ ରୁ କୋଟି ଟଙ୍କା ଆଦାୟ ହେଉଛି । ସରକାର ଙ୍କ ତରଫରୁ ହରିଶଙ୍କର ପୀଠର ସୌନ୍ଦର୍ଯ୍ୟ କରଣ ପାଇଁ କୋଟି ଟଙ୍କା ଯୋଗାଇ ଦେଉଛନ୍ତି । ଏହି ତୀର୍ଥ ସ୍ଥଳି କୁ ଭକ୍ତ ମାନଙ୍କ ଯିବାଆସିବା ପାଇଁ କୌଣସି ସୁବିଧା କରୁନାହାନ୍ତି । ବାହାର ରାଜ୍ୟରୁ କିମ୍ବା ଓଡିଶା ର ବିଭିନ୍ନ ଜିଲ୍ଲା ରୁ ଭକ୍ତ ମାନେ ହରିଶଙ୍କର ଆସିବା ସକାସେ ବହୁ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ଓଡିଶା ର ଅନ୍ୟ ଜିଲ୍ଲା ମାନଙ୍କରେ ଥିବା ତୀର୍ଥ କ୍ଷେତ୍ର ମାନଙ୍କୁ ଟୁରିଷ୍ଟ ବସ ଚଲା ଚଳ କରୁଛି ହେଲେ ବଲାଙ୍ଗିର ଜିଲ୍ଲା ହରିଶଙ୍କର ତୀର୍ଥ କ୍ଷେତ୍ର ପାଇଁ ଟୁରିଷ୍ଟ ବସ ଚଲା ଚଳ କରୁନାହିଁ । ଏହି ତୀର୍ଥ କ୍ଷେତ୍ର ପ୍ରତି ବୈମାତୃକ ମନୋଭାବ ପୋଷଣ କଲାଭଳି ମନେହୁଏ । ବିଭିନ୍ନ ପର୍ବ ପର୍ବାଣୀ ମାନଙ୍କରେ ଭକ୍ତ ଙ୍କ ସମାଗମ ବହୁ ପରିମାଣ ରେ ବୃଦ୍ଧି ପାଇଥାଏ । ଭକ୍ତ ମାନଙ୍କ ସୁବିଧା କୁ ଦୃଷ୍ଟିରେ ରଖି ବଲାଙ୍ଗିର, ପାଟଣାଗଡ, ହରିଶଙ୍କରର ରୋଡ ରୁ ଟୁରିଷ୍ଟ ବସ ହରିଶଙ୍କର କୁ ଚଲା ଚଳ ହେଲେ ଭକ୍ତ ମାନେ ସୁବିଧାରେ ଝରଣା ଜଳରେ ସ୍ନାନ କରି ମହାଦେବ ଙ୍କ ଦର୍ଶନ କରିବା ପ୍ରାକୃତିକ ସୌନ୍ଦର୍ଯ୍ୟ ମନଭରି ଉପଭୋଗ କରିପାରନ୍ତେ । ସରକାର ଙ୍କ ଆୟ ବଢିବାସହିତ, ମନ୍ଦିର ଆୟ ମଧ୍ୟ ବଢ଼ି ପାରନ୍ତା। ଯଥାଶୀଘ୍ର ଟୁରିଷ୍ଟ ବସ ହରିଶଙ୍କର କୁ ଚଲା ଚଳ କରିବାକୁ ସରକାର ଙ୍କ ନିକଟରେ ଦାବି ହେଉଛି ।

## ଜିଲ୍ଲାସ୍ତରୀୟ ପୋଷଣ ମାସ ପାଳନ

ସୁବର୍ଣ୍ଣପୁର,୧୭।୧୦(ସଂଚାର ବ୍ୟୁରୋ): ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଓ ଜିଲ୍ଲା ପ୍ରଶାସନ ସୁବର୍ଣ୍ଣପୁର ତରଫରୁ ଜିଲ୍ଲା ସ୍ତରୀୟ ପୋଷଣ ମାସ ଉତ୍ସବ ପାଳନ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଅବସରରେ ମୁଖ୍ୟଅଥିତି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର କୁମାର ମାଝୀ ଯୋଗଦାନ କରିଥିବାବେଳେ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଉପଜିଲ୍ଲାପାଳ ସୋନପୁର ସୌମ୍ୟାରୂପା ରଥ, ସି ଡି ଏମ ଓ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ । ଅତିଥି ବୃନ୍ଦ ପୋଷଣ ମାସ ପାଳନ ର ଉଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅନୁପମା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ କାର୍ଯ୍ୟକ୍ରମ ଅଧିକାରୀ ଅନିତା ଗୁରୁ ପୋଷଣମାସ ପାଳନ ତଥା କାର୍ଯ୍ୟକ୍ରମର ବିଷୟବସ୍ତୁ ଉପରେ ପୁଙ୍ଖାନୁପୁଙ୍ଖ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କିଶୋର କିଶୋରୀଙ୍କୁ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟର କାର୍ଯ୍ୟକାରିତାକୁ ଜାଣିବା ବୁଝିବା ପାଇଁ ବ୍ୟବସ୍ଥିତ ପରିବହନ ଗାଡିକୁ ଅତିଥିବୃନ୍ଦ ସବୁଜ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିଥିଲେ। ପରେ ପରେ ସୁସ୍ଥ ଓ ସ୍ୱାସ୍ଥ୍ୟବାନ ଶିଶୁ, ମାଁ ଏବଂ ଶ୍ରେଷ୍ଠ ଅଙ୍ଗନବାଡି କେନ୍ଦ୍ର ତଥା କର୍ମୀଙ୍କୁ ଅତିଥି ମାନେ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରି ଉତ୍ସାହିତ କରିଥିଲେ ।

## କୁମାର ପୂର୍ଣ୍ଣିମାରେ କୁମାରୀ ବିବାହ



କାକଟପୁର,୧୭।୧୦(ସଂଚାର ବ୍ୟୁରୋ): କୁମାର ପୂର୍ଣ୍ଣିମା ରେ କୁମାରୀ ବିବାହ ଅନୁଷ୍ଠିତ ହୋଇଯାଇଛି। କୁମାର ପୂର୍ଣ୍ଣିମା ରେ ଗତ ୧୪ବର୍ଷରୁ ଉର୍ଦ୍ଧ ହେବ ଅଭିନବ ଉପାୟରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ମଧୁପୁର ଗ୍ରାମର ଝିଅ ମାନଙ୍କ ମଧ୍ୟରେ ବର ଓ କନ୍ୟା ହୋଇ ବିବାହ ଅନୁଷ୍ଠିତ ହେଉଛି। ଯେଉଁ ଭଳି ଭାବରେ ଦୁଇ ଝିଅ ବର କନ୍ୟା ବେଶରେ ସଜାଇ ହୋଇଥାନ୍ତି, ଉଭୟ ଙ୍କ ବିବାହ ଦେଖିବା ପାଇଁ ଆଖ ପାଖ ଅଂଚଳ ରୁ ସ୍ଥାନୀୟ ଲୋକଙ୍କ ସୁଅ ଛୁଟିଥାଏ । ଖୁବ ଧୁମ ଧାମ ରେ ଏହି ବାହାଘର ଆୟୋଜନ କରାଯାଇଥିଲା। ପୂରା ଗାଁ ଏହି ବାହାଘର ରେ ମଉଜ କରିଥିଲେ। ବର ବେଶରେ ପୁନମ ବେହେରା ଓ କନ୍ୟା ବେଶରେ ଜ୍ୟୋତ୍ରୀମୟୀ ବେହେରା ସଜାଇ ହୋଇଥିଲେ। ବର ଘରୁ ବରଯାତ୍ରୀ ମଧ୍ୟ ପ୍ରୋସେସନ କରି ନାଚ ଗୀତ କରି ଆସିଥିଲେ। ବିବାହ ରୀତିନୀତି ଅନୁଯାୟୀ ବାଡୁଅ ପାଣି ଗାଧୁଆ ଠାରୁ ଆରମ୍ଭ କରି ଦିଅଁ ମଙ୍ଗୁଳା, କାରରେ ବରର ପ୍ରୋସେସନ, ବର ଯାତ୍ରୀ ଙ୍କ ନାଚ ସାଙ୍ଗକୁ ବ୍ରାହ୍ମଣ ମନ୍ତ୍ର ପାଠ ସହ ରୀତିନୀତି ଅନୁସାରେ ଏହି ୨ଝିଅ ଙ୍କ ବିବାହ ସମ୍ପୂର୍ଣ୍ଣ ହୋଇଥିଲା। ବର ବେଶରେ ପୁନମ ବେହେରା ଝିଅ ଘରକୁ ଆସି ବେଦୀରେ ହୋମ ନିଆଁକୁ ସାକ୍ଷୀ ରଖି ଝିଅ ଜ୍ୟୋତ୍ରୀ ମୟୀ ବେହେରା ଙ୍କୁ ବିବାହ କରିଥିବା ବେଳେ ବ୍ରାହ୍ମଣ ବେଶରେ ମନୋରମା ସେନାପତି ବିବାହ କାର୍ଯ୍ୟ କରିଥିଲେ। ବାଜା, ବାଣ, ରୋଷଣୀ ରେ ପୂରା ଗାଁ ଉତ୍ସବ ମୁଖର ହୋଇଥିଲା।ବର ଯାତ୍ରୀ ଙ୍କ ବ୍ୟାଣ୍ଡ ବାଜା ବରାତ ରେ ବର ଆସିଥିଲା କନିଆଁ ଘର ଏବଂ ଯେଉଁ ଭଳି ଭାବରେ କନିଆଁ ଘର ବାହାଘର ସମ୍ପୂର୍ଣ୍ଣ ପରେ ଚାଉଳ ଆଞ୍ଜୁଳି ଦେଇ ଝିଅ କୁ ବିଦା କରାଯାଏ।ପିଠା, ମିଠା ଖିରି ଖାଇ କୁନି ବର କନ୍ୟା ଙ୍କୁ ଆଶୀର୍ବାଦ ଦେଇଥିଲେ ବରଯାତ୍ରୀ। କୁମାରୀ ବିବାହ ପାଇଁ ଗାଁରେ ସମସ୍ତେ ସହଯୋଗ କରିଥିଲେ।କୁମାରୀ ଝିଅ ମାନଙ୍କ ମଧ୍ୟରେ ଏକତାର ସୂତ୍ର ବାନ୍ଧିବାକୁ ପ୍ରତିବର୍ଷ ଏହି ବିବାହ ଉତ୍ସବ ଆୟୋଜନ ହେଉଛି।

## ମାଡ଼ିଗଲା ଟ୍ୟାଙ୍କର, ଧୂଳିସାତ ହେଲା ଶନି ମନ୍ଦିର



ବଲାଙ୍ଗୀର,୧୭।୧୦(ସଂଚାର ବ୍ୟୁରୋ): ଜିଲ୍ଲା ଗାନ୍ଧିନଗରରେ ଆଜି ଭୋରରୁ ଏକ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତା ପାର୍ଶ୍ୱରେ ଥିବା ଶନି ମନ୍ଦିର ଉପରକୁ ମାଡ଼ିଗଲା ଟ୍ୟାଙ୍କର। ଏହି ଦୁର୍ଘଟଣା ଫଳରେ ମନ୍ଦିରଟି ସମ୍ପୂର୍ଣ୍ଣ ଧୂଳିସାତ୍ ହୋଇ ଯାଇଥିବା ବେଳେ ଡ୍ରାଇଭରଜଣକ ଗୁରୁତର ହୋଇଛନ୍ତି। ଦୀର୍ଘ ଦିନ ହେବ ବଲାଙ୍ଗିର ବାଇପାସ୍ କାମ ଚାଲିଥିବା ବେଳେ ଭାରିଯାନ ବଜାର ମଧ୍ୟ ଦେଇ ଯାତାୟତ କରୁଛି। ରାତି ୧୨ଟାରୁ ଭୋର ୫ଟା ପର୍ଯ୍ୟନ୍ତ ଗାନ୍ଧିନଗର ସହର ମଧ୍ୟରେ ଭାରିଯାନ ଚଳାଚଳ କରିଥାଏ। ଆଜି ଭୋର ସମୟରେ ଟ୍ୟାଙ୍କରଟି ବଜାର ମଧ୍ୟରେ ଯାଉଥିବା ବେଳେ କୌଣସି କାରଣବଶତଃ ଡ୍ରାଇଭରଜଣକ ଭାରସାମ୍ୟ ହରାଇ ବସିଥିଲେ। ଏହାପରେ ଦ୍ରୁତ ଗତିରେ ଥିବା ଗାଡ଼ିଟି ନିକଟରେ ଥିବା ଶନି ମନ୍ଦିର ଉପରେ ଚଢ଼ି ଯାଇଥିଲା। ଫଳରେ ମନ୍ଦିର ସମେତ ବିଗ୍ରହ ବି ମାଟିରେ ମିଶି ଯାଇଛି। ଏହି ଦୁର୍ଘଟଣା ପରେ ଡ୍ରାଇଭରଜଣକ ଗାଡ଼ି ଭିତରେ ଫସି ରହିଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ବହୁ ପରିଶ୍ରମ ପରେ ତାଙ୍କୁ ଗାଡ଼ି ଭିତରୁ ବାହର କରିଥିଲେ। ଏହାପରେ ଗୁରୁତର ଅବସ୍ଥାରେ ତୁରନ୍ତ ତାଙ୍କୁ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି। ଏହି ଦୁର୍ଘଟଣାରେ ଶନି ମନ୍ଦିର ଭାଙ୍ଗିରୁଜି ଯାଇଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ଦେଖାଦେଇଛି।

## ୩୦ ଲକ୍ଷର ପୋଲରେ ଫାଟ



ବାଲେଶ୍ୱର,୧୭।୧୦(ସଂଚାର ବ୍ୟୁରୋ): ନିର୍ମାଣର ବର୍ଷେ ନପୁରୁଣୁ ଭୁଶୁଡିବାକୁ ବସିଲାଣି ୩୦ ଲକ୍ଷର ପୋଲ । ଯାତାୟତ କରିବାକୁ ଭୟ କରୁଛନ୍ତି ଲୋକେ । ଦୀର୍ଘ ଦିନର ଦାବି ପରେ ୬ ଖଣ୍ଡ ଗ୍ରାମର ଲୋକଙ୍କ ଯାତାୟତ ପାଇଁ ନିର୍ମାଣ ହୋଇଥିଲା ପୋଲ । ନିମ୍ନମାନର କାର୍ଯ୍ୟ ଯୋଗୁଁ ଅଳ୍ପ ଦିନରେ ଦୁର୍ବଳ ହୋଇପଡ଼ିଥିବା ଅଭିଯୋଗ ହୋଇଛି ।

ବାଲେଶ୍ୱର ବସ୍ତା ବ୍ଲକ ବରୁଣଗଡ଼ିଆ ପଞ୍ଚାୟତ ମୁଣ୍ଡିମାରି ଗାଁକୁ ସଂଯୋଗ କରୁଥିବା ରାସ୍ତାର ପେଜଗଳା ଠାରେ ଡ୍ରେନେଜ ବିଭାଗ ପକ୍ଷରୁ ପୋଲ ତିଆରି ହୋଇଛି। ୨୦୨୨ରେ ୩୦ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି। ୧୧ ମାସ ତଳେ ନିର୍ମାଣ ଶେଷ ହୋଇଥିବା ପୋଲ ଏବେ ଭଗ୍ନ ଅବସ୍ଥାରେ । ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ଯୋଗୁଁ ଅନେକ ସ୍ଥାନରେ ଫାଟ ସୃଷ୍ଟି ହୋଇଛି । ସେଫ୍ଟି ଗାର୍ଡ ସବୁ ଭାଙ୍ଗି ଗଲାଣି । ଦେଖିଲେ ଭୟ ଲାଗୁଛି । କେତେବେଳେ ପୋଲଟି ଭୁଶୁଡି ପଡିବ, ଏହି ଆଶଙ୍କା ସ୍ଥାନୀୟ ଲୋକଙ୍କ ମନକୁ ଆସୁଛି ।

ଏହି ରାସ୍ତା ଉପରେ ୬ଟି ଗାଁର ଲୋକ ନିର୍ଭର କରନ୍ତି । ଆଗରୁ ଯାତାୟତ ପାଇଁ ରାସ୍ତା ଖଣ୍ଡିଏ ନଥିଲା । ବାରମ୍ବାର ଦାବି ପରେ ରାସ୍ତା ଓ ପୋଲ ନିର୍ମାଣ ହୋଇଥିଲା । ମାତ୍ର ବର୍ଷେ ନପୁରୁଣୁ ପୋଲର ଅବସ୍ଥା ଦେଖି, ସ୍ଥାନୀୟ ଲୋକେ ଠିକାଦାରଙ୍କୁ ଦାୟୀ କରିଛନ୍ତି । ବିଭାଗୀୟ ଅଧିକାରୀ କହିଛନ୍ତି, ପୋଲ ଉପରେ ଭାରିଯାନ ଯାତାୟତ କରିବାରୁ ଏଭଳି ଦୁର୍ବଳ ସ୍ଥିତି ସୃଷ୍ଟି ହୋଇଛି ।

## କାମରେ ଲାଗୁନାହିଁ ୧୦ କୋଟି ଟଙ୍କାର ବ୍ରିଜ୍



ଭଦ୍ରକ,୧୭।୧୦(ସଂଚାର ବ୍ୟୁରୋ): ଜିଲ୍ଲା ଧାମନଗର ଦୋବଲ କ୍ଷେତ୍ରପୁର ବୈତରଣୀ ନଦୀର ଶାଖା ନଦୀ ଗେଙ୍ଗୁଟି ନଦୀ ଉପରେ ୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ୨୦୧୮ରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ ଏହି କାର୍ଯ୍ୟ ୨୦୨୧ ରେ ସରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇ ପାରୁନାହିଁ । ବ୍ରିଜ୍ ଉଭୟ ଆପ୍ରୋଚ ରାସ୍ତା ପାଇଁ ବ୍ରିଜ୍ ଟି ଯାତାୟତ ସୁବିଧା ହୋଇ ପାରୁନାହିଁ। ସେପଟେ ଏନେଇ ସ୍ଥାନୀୟ ବାସିନ୍ଦା ବିଜେଡି ସରକାର ଓ ବିଭାଗୀୟ ଅଧିକାରୀଙ୍କୁ ଦାୟୀ କରିଛନ୍ତି। ସେପଟେ ଏନେଇ ଆମ ପ୍ରତିନିଧି ସ୍ଥାନୀୟ ବାସିନ୍ଦା ସହ ଆଲୋଚନା କରିଛନ୍ତି କ'ଣ କହୁଛନ୍ତି ଶୁଣନ୍ତୁ ସ୍ଥାନୀୟ ବାସିନ୍ଦା। ବିଜେଡି ସରକାର ବେଳେ ସରକାରୀ ଯନ୍ତ୍ରୀଙ୍କ ତରବାରୀ ନିଷ୍ପତି ପାଇଁ କାର୍ଯ୍ୟରେ ଲାଗୁନାହିଁ ୧୦ କୋଟି ଟଙ୍କା ର ବ୍ରିଜ୍। ଲୋକେ ହନ୍ତସନ୍ତ ହେଉଥିବା ଅଭିଯୋଗ କରିଛନ୍ତି।

## ମାଛ ମାରିବାକୁ ଯାଇଥିଲେ ୬ ମତ୍ସ୍ୟଜୀବୀ, ସମୁଦ୍ରରେ ବୁଡ଼ିଲା ଡଙ୍ଗା



ବାଲେଶ୍ୱର,୧୭।୧୦(ସଂଚାର ବ୍ୟୁରୋ): ମାଛ ମାରିବାକୁ ମଝି ସମୁଦ୍ରକୁ ଯାଇଥିଲେ ମତ୍ସ୍ୟଜୀବୀ। ମାତ୍ର ସମୁଦ୍ରର ଉଚ୍ଚ ଜୁଆରକୁ ସାମନା କରି ନ ପାରିବା ସହ ଅନ୍ୟ ଏକ ଡଙ୍ଗା ଧକ୍କାରେ ଅକାତ ପାଣିରେ ବୁଡ଼ିଲା ଡଙ୍ଗା। ହେଲେ ସୌଭାଗ୍ୟବଶତଃ ବର୍ତ୍ତିଗଲେ ୬ ମତ୍ସ୍ୟଜୀବୀ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଏପରି ଏକ ଘଟଣା ଆଜି ବାଲେଶ୍ୱର ଜିଲ୍ଲଶ ଜଳେଶ୍ୱର ଥାନା ଅଧୀନ ତାଳସାରୀ ମୁହାଣ ନିକଟସ୍ଥ ବଙ୍ଗପୋସାଗରେ ଘଟିଛି।

ମାଛ ମାରିବାକୁ ଆଜି ସକାଳେ ଏକ ଡଙ୍ଗାରେ ୬ ମତ୍ସ୍ୟଜୀବୀ ସମୁଦ୍ରକୁ ଯାଇଥିଲେ। ସେଠାରୁ ସେମାନେ ଇଲିସି ମାଛ ମାରି କୂଳକୁ ଫେରୁଥିଲେ। ମାତ୍ର ତାଳସାରୀ ବେଳାଭୂମି ଠାରୁ ପାଖାପାଖି ୩ କିମି ସମୁଦ୍ର ଭିତରେ ଥିବା ବେଳେ ଉଚ୍ଚ ଜୁଆର ଆସିବା ସହ ପାଖରେ ଯାଉଥିବା ଏକ ଡଙ୍ଗା ସହ ଧକ୍କା ହେବାରୁ ଡଙ୍ଗାଟି ଓଲଟି ପଡ଼ିଥିଲା। ଫଳରେ ୬ ମତ୍ସ୍ୟଜୀବୀ ସମୁଦ୍ରକୁ ଖସି ପଡ଼ିଥିଲେ। ସେମାନେ ପହଁରି ପହଁରି କୂଳରେ ଲାଗିଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଦୀଘା ମେଡିକାଲରେ ଭର୍ତ୍ତି କରାଯାଇଛି। ଅନ୍ୟମାନେ ସୁସ୍ଥ ଥିବା ଜଣାଯାଇଛି।

## ପୁଅର ଆକ୍ରମଣରେ ରକ୍ତାକ୍ତ ହେଲା ବାପା




ବୌଦ୍ଧ,୧୭।୧୦(ସଂଚାର ବ୍ୟୁରୋ): ପୁଅର ଆକ୍ରମଣରେ ରକ୍ତାକ୍ତ ହେଲା ବାପା । ପୁଅ ନାଁରେ ମାମଲା ନେଇ ଥାନାର ଦ୍ୱାରସ୍ତ । ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ବଉଳସିଂହା ଗାଁରେ ଘଟିଛି ଏଭଳି ଏକ ଅଘଟଣ । ଅହତ ବ୍ୟକ୍ତି ଜଣକ ହେଲେ ଗାଁର ୫୩ ବର୍ଷୀୟ ପଦ୍ମନାଭ କଲତା । ପଦ୍ମନାଭ ତାଙ୍କର ପ୍ରଥମ ପତ୍ନୀର ମୃତ୍ୟୁ ପରେ ଆଉ ଜଣକୁ ବିବାହ କରିଥିଲେ । ପଦ୍ମନାଭଙ୍କ ପ୍ରଥମ ପତ୍ନୀର ପୁଅ ମିଥୁନ ସହ ଦ୍ୱିତୀୟ ପତ୍ନୀ ଏବଂ ତାର ପୁଅ ଜିତୁର ସବୁବେଳେ ଝଗଡା ହେଉଥିଲା । ଏହାକୁ କେନ୍ଦ୍ର କରି ବାପାଙ୍କୁ ଆକ୍ରମଣ କରିଛି ପୁଅ ।

## ପ୍ରେମିକ ଗାଁରେ ଯୁବତୀଙ୍କ ଆତ୍ମହତ୍ୟା ଅଭିଯୋଗ, ପ୍ରେମିକ ଗିରଫ



ଭେଡେନ,୧୭।୧୦(ସଂଚାର ବ୍ୟୁରୋ): ଭେଡେନ ଥାନା ଅର୍ଜୁଣ୍ଡା ପଂଚାୟତ କଦଲି ପାଲି ର ଏକ ଚାଷ ଜମିରେ ଥିବା ଜାମୁ ଗଛରେ ଏକ ଯୁବତୀର ଝୁଲନ୍ତା ଶବ କୁ ଉଦ୍ଧାର ଘଟଣା ରେ ଭେଡେନ ପୋଲିସ ଅଭିଯୁକ୍ତ ପ୍ରେମିକ ଶମ୍ଭୁ ମଟାରୀ କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି । ଏ ନେଇ ଭେଡେନ ଥାନା ରେ ଏକ ମାମଲା କେଶ ନଂ ୨୯୮/୨୦୨୪ ରୁଜୁ ହେଇଛି । ମୃତ ଯୁବତୀ ଜଣକ ସୋହେଲା ଥାନା ମୁଜବାହାଲ ଗ୍ରାମର ନନ୍ଦିତା ବଢ଼ିଆ ୨୩ ବୋଲି ଜଣାପଡିଛି।ପୋଲିସ ଘଟଣା ସ୍ଥଳରୁ ଏକ ମୋବାଇଲ,ଝିଅର ଚପଲ ଓ କଦଲି ପାଲି ଗ୍ରାମର ପ୍ରେମିକ ଘର ସମ୍ମୁଖରୁ ଏକ ସ୍କୁଟି ଓ ଭେଣ୍ଡି ବେଗ ଜବତ୍ କରି ସାଇଣ୍ଟିପିକ ଟିମ ସହାୟତାରେ ତଦନ୍ତ ଜାରି ରଖିଛି। ଘଟଣା ସ୍ତଳକୁ ଭେଡେନ ପୋଲିସ ଓ ରକ୍ଷୁଡା ଫାଣ୍ଡି ପୋଲିସ, ଅତିରିକ୍ତ ଏସ୍‌ପି ତପନ ମହାନ୍ତି, ଏସଡିପିଓ ପଦରାବିନ୍ଦ ତ୍ରିପାଠୀ ମଧ୍ୟ ଘଟଣା ସ୍ଥଳକୁ ଆସି ତଦନ୍ତ ଚଳେଇଥିଲେ । ସୂଚନା ଅନୁସାରେ ମୃତ ଯୁବତୀ ଜଣକ ହାଇଦ୍ରାବାଦ ରେ ଏକ ହସ୍ପିଟାଲ ରେ ନର୍ସ କାମ କରି ମୋଟା ଅଙ୍କର ଦରମା ମଧ୍ୟ ପାଉଥିଲା। ୨୦୨୧ ରେ ଫେସବୁକ ରେ କଦଲି ପାଲି ଗ୍ରାମର ସମ୍ଭୁ ମଟାରୀ ୨୪ ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା ଓ ପରେ ଉଭୟ ପ୍ରେମିକ ଓ ପ୍ରେମିକ ଅନେକ ଥର ଭେଟ ମଧ୍ୟ ପଡି ଥିଲେ।ପରେ ବାହା ହେବାକୁ ନିଶ୍ପତ୍ତି ମଧ୍ୟ ନେଇଥିଲେ।ଏହି ସମୟରେ ପ୍ରେମିକାର ଏଟିଏମ୍ କାର୍ଡ ଓ କିଛି ସାର୍ଟିପିକେଟ ପ୍ରେମିକ ପାଖରେ ଥିଲା।ଏହି ଗୋଟିଏ ବର୍ଷ ହେଲା ଆସାମ ରାଇଫଲ ରେ ପ୍ରେମିକ ଚାକିରୀ ପାଇଲା ପରେ ପ୍ରେମିକ କୁ ଭୁଲି ଯାଇ ପ୍ରେମିକା କୁ ଧରାଛୁଆ ନଦେବା ଓ ଏଟିଏମ୍ କାର୍ଡ ଓ କାଗଜ ପତ୍ର ରହି ଯାଇଥିବାରୁ ଏବଂ ପ୍ରେମିକ ଛୁଟିରେ ଆସିଥିବାର ଜାଣି ପଚାରି ପଚାରି ମଙ୍ଗଳବାର ଦିନ ୨ ଟାରେ ଏକ ସ୍କୁଟିରେ ପ୍ରେମିକ ଘରକୁ ପହଞ୍ଚି ଶମ୍ଭୁ ବିଷୟରେ ପଚାରି ନିଜ କାଗଜପତ୍ର ଓ କାର୍ଡ ନେବି ବୋଲି କହିବା ସହ ତାଙ୍କରି ପ୍ରେମ ସମ୍ପର୍କ ରେ ପ୍ରକାଶ କରିଥିଲା। ହେଲେ ସେହି ସମୟରେ ଶମ୍ଭୁ ଘରେ ନଥିବା ଓ ମାମୁଁ ଘରକୁ ଯାଇଥିବା ଖବର ଶୁଣି ଆସିବା ପର୍ଯ୍ୟନ୍ତ ଘରେ ରହିବି ବୋଲି ପ୍ରକାଶ କରି ତାଙ୍କରି ଘରେ ହି ରହିଥିଲା। ପୋଲିସ ଘଟଣା ସ୍ତଳକୁ ଆସି ତଦନ୍ତ କଲାପରେ କଦଲି ପାଲି କୁ ଆସି ଥିବା ସେହି ଝିଅ ବୋଲି ଜଣା ପଡିଥିଲା। ଅଧିକ ତଦନ୍ତ କଲାପରେ ଝିଅର ପ୍ରକୃତ ପରିଚୟ ଜଣାପଡି ଝିଅ ପରିବାର କୁ ଖବର ଦେଇଥିଲେ।ଝିଅ ପରିବାର ଦିନ ୨ ଟାରେ ଥାନାକୁ ଆସି ଘଟଣା ବିଷୟରେ ଜାଣି ସବୁକଥା ପ୍ରକାଶ କରି ଝିଅକୁ ତାର ପ୍ରେମିକ ଓ ତାର ପରିବାର ହତ୍ୟା କରିଥିବା ଅବିଯୋଗ ଆଣିଛନ୍ତି।ସକାଳ ୫ ଟାରେ ମୃତ ଦେହ କୁ ପୋଲିସ ଦେଖିଥିଲେ ମଧ୍ୟ ସାଇନଟିପକ ଟିମ ଆସିବା ବିଳମ୍ବ ହେବାରୁ ସନ୍ଧ୍ୟା ୬ ଟାରେ ସାଇଣ୍ଟି ପିକ ଟିମ ଆସିଲା ପରେ ମୃତ ଦେହ ଉଦ୍ଧାର କରାଯାଇଛି। ଅଭିଯୋଗ କୁ ଆଧାର କରି ପୋଲିସ ଗୁରୁବାର ଦିନ ଅଭିଯୁକ୍ତ ପ୍ରେମିକ କୁ ଗିରଫ କରିଛି ।

## ପରିବା ଦରକୁ ନେଇ ଚିନ୍ତାରେ ହବିଷ୍ୟାଳି

### କାର୍ତ୍ତିକ ଆରମ୍ଭରୁ ଆକାଶଛୁଆଁ ଦର



ଅସ୍ତରଙ୍ଗ,୧୭।୧୦(ସଂଚାର ବ୍ୟୁରୋ): ଶୁକ୍ରବାର ଠାରୁ କାର୍ତ୍ତିକ ବ୍ରତ ଆରମ୍ଭ। ଏହି ବ୍ରତ ଏକ ମାସ ଧରି ଚାଲିଥାଏ। ଏହି ମାସରେ ଅଧିକାଂଶ ପରିବାର ଏବଂ ହବିଷୀଆଳି ମାନେ ହବିଷ ଅନ୍ନ ଗ୍ରହଣ କରିଥାନ୍ତି। ଦୈନିକ ଭୋରୁ ଉଠି ତୀର୍ଥ ପୁଷ୍କରିଣୀ ରେ ସ୍ନାନ କରି ନିକଟ ମନ୍ଦିରରେ ଠାକୁର ଦର୍ଶନ କରିଥାନ୍ତି। ଦର୍ଶନ କରି ଘରକୁ ଫେରି ଚଉରା ମୂଳେ ରାଇ ଦାମୋଦର ପୂଜା କରନ୍ତି। ଦିନକରେ ଗୋଟିଏ ଓଳି ହବିଷ ଅନ୍ନ ଗ୍ରହଣ କରି ବ୍ରତ ପାଳିଥାନ୍ତି। ତେବେ ହବିଷ ଅନ୍ନ ଲାଗି ବିଭିନ୍ନ ପରିବା ଆବଶ୍ୟକ ହୋଇଥାଏ।ଗୋଟିଏ ପଟେ ଡିଜେଲ,ପେଟ୍ରୋଲ ଓ ରନ୍ଧନ ଗ୍ୟାସର ଦର ହୁ ହୁ ହୋଇ ବୃଦ୍ଧି ପାଉଥିବା ଯୋଗୁଁ ଲୋକେ ଚିନ୍ତାରେ ଥିବାବେଳେ ବର୍ତ୍ତମାନ ପନିପରିବାର ଆକାଶ ଛୁଆଁ ଦର ବୃଦ୍ଧି ଖାଉଟିଙ୍କ ନିମନ୍ତେ ବୋଝ ଉପରେ ନଳିତା ବାଡ଼ି ସାଜିଛି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳରେ ପନିପରିବା ର ମହଙ୍ଗା ମାଡ଼ ଖାଉଟିଙ୍କୁ ଚିନ୍ତାରେ ପକାଇଛି। ସୁଲଭ ମୂଲ୍ୟରେ ସମସ୍ତ ପ୍ରକାର ସୁସ୍ୱାଦୁ ଦେଶୀ ଟଟକା ପନିପରିବା ନିମନ୍ତେ ଜିଲ୍ଲାରେ ଅସ୍ତରଙ୍ଗ ବ୍ଲକ ଝାରିଆ, ବେଗୁନିଆବସ୍ତ ଅଞ୍ଚଳର ଏକ ସ୍ୱତନ୍ତ୍ର ପରିଚୟ ରହିଥିବା ବେଳେ ବର୍ତ୍ତମାନ ବଜାରରେ ବିକ୍ରୟ ହେଉଥିବା ପନିପରିବାର ଆକାଶ ଛୁଆଁ ଦରକୁ ଲୋକେ ମାନେ ସହଜରେ ହଜମ କରି ପାରୁନାହାନ୍ତି। ପନିପରିବାର ଏହି ଆକାଶ ଛୁଆଁ ଦରବୃଦ୍ଧି ଯୋଗୁ ଗରିବ ଖଟିଖିଆ ଓ ମଧ୍ୟବିତ୍ତ ପରିବାର ବେଶ ପ୍ରଭାବିତ ହେଉଛନ୍ତି।ବର୍ତ୍ତମାନର ସମୟରେ ଆମିଷ ଖାଦ୍ୟର ଚାହିଦା କମିଥିବା ବେଳେ ପନିପରିବା ଦର ମୂଲ୍ୟ ବୃଦ୍ଧି ସମସ୍ତଙ୍କ ପକେଟକୁ ବେଶ ବାଧୁଛି। ସାପ୍ତାହିକ ହାଟ ଉପରେ ଯଦି ନଜର ପକାଯାଏ ସମସ୍ତ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଯଥା ବାଇଗଣ କେଜିକୁ ୮୦ଟଙ୍କା , ବିଲାତି ୧୦୦, କ୍ୟାପ୍ସିକମ ୨୪୦, ଫୁଲକୋବି ୪୦, ବନ୍ଧା କୋବି ୪, ଝୁଡ଼ଙ୍ଗ ୭୦, ଭେଣ୍ଡି ୬୦, ପୋଟଳ ୮୦, କୁନ୍ଦୁରି ୬୦, ଗାଜର ୮୦, କାକୁଡି ୪୦, କନ୍ଦମୂଳ ୨୦୦, ଆଳୁ ୩୦, ପିଆଜ ୩୦, ରସୁଣ ୮୦, ଅଦା ୨୦୦, ଲାଉ ୩୦, ଖମ୍ବ ଆଳୁ ୬୦, ବିଟ ୧୦୦, ସଜନା ଚୁଇଁ ୮୦, କାଙ୍କଡ ୮୦, ଜହ୍ନି ୮୦ ଟଙ୍କା ମୂଲ୍ୟରେ ବିକ୍ରି ହେବାର ଜଣାପଡିଛି।ଯଦିଓ ପିଆଜ ରସୁଣ ବ୍ୟବହାର କାର୍ତ୍ତିକ ମାସ ରେ କମ୍ କିନ୍ତୁ ଦର ଅଧିକ ରହିଛି। ଏହି ମହଙ୍ଗା ମାଡ଼ ଯୋଗୁ ଗ୍ରାହକମାନେ ପରିବା ହାଟ ଯିବାକୁ ଭୟ କରୁଛନ୍ତି। କେବଳ ସେତିକି ନୁହଁ ଆଗରୁ ୨ ଶହ ଟଙ୍କାରେ ପରିବା କିଣି ବ୍ୟାଗ ଭରି ଯାଉଥିବା ବେଳେ ଏବେ ୫୦୦ ଟଙ୍କାରେ ମଧ୍ୟ ବ୍ୟାଗ ଭରୁନାହିଁ ବୋଲି ଗ୍ରାହକ ମାନେ କହିଛନ୍ତି। ଫଳରେ ଦୈନିକ ପରିବା ଓ ସାପ୍ତାହିକ ହାଟରେ ଗ୍ରାହକଙ୍କ ଭିଡ କ୍ରମଶଃ କମିବାକୁ ଲାଗିଲାଣି। ମହଙ୍ଗା ମାଡ଼ ଯୋଗୁ ଖୁଚୁରା ପରିବା ବେପାରୀ ମଧ୍ୟ ବହୁ କ୍ଷତି ସହୁଛନ୍ତି। ଏହି ଚଢ଼ା ଦର ସମ୍ପର୍କରେ ଆମେ କିଛି ପରିବା ବେପାରୀଙ୍କୁ ପଚାରି ବୁଝିବାରୁ ସେମାନେ କହିବା ମୁତାବକ ଏହି ଅଞ୍ଚଳରେ ପରିବା ଚାଷ କମ ପରିମାଣରେ ହେଉଛି, ଯାହାର ପରିଣାମ ସ୍ୱରୂପ ପରିବା ଉତ୍ପାଦନ କମ୍ ସହ ଶୀତଳ ଭଣ୍ଡାର ନଥିବାରୁ ଶଙ୍କଟ ଉପୁଜିଛି। ତେବେ ଆଗାମୀ ଦିନରେ ଉତ୍ପାଦନ ଅଧିକ ହେଲେ ପରିବା ଦର ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଆସିବ ବୋଲି ବ୍ୟବସାୟୀ ମାନେ କହିଛନ୍ତି।